

**ଅନିମେଷ କୁଜୁର ଶ୍ରେଷ୍ଠ କ୍ରୀଡ଼ାବିତ**

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-66 ◆SATURDAY ◆30 AUGUST 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୬୬ ◆ଶନିବାର ◆୩୦ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଉର୍ଜିତ ପଟେଲ୍ ଆଇଏମ୍ଏଫ୍ ଇଡି

■ **ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ପୂର୍ବତନ ଗଭର୍ଣ୍ଣର ଉର୍ଜିତ ପଟେଲ୍ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ନିଯୁକ୍ତି ପାଇଛନ୍ତି। ତିନି ବର୍ଷ ପାଇଁ ସେ ଏହି ପଦରେ ନିଯୁକ୍ତ ହୋଇଛନ୍ତି। ଦୀର୍ଘ ୩୦ ବର୍ଷ ପରେ ଶ୍ରୀ ପଟେଲ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିକୁ ଫେରିଛନ୍ତି। ଯାହା ଫଳରେ ସେ ପୁଣି ଥରେ ସେହିଠାରେ ପହଞ୍ଚିଛନ୍ତି, ଯେଉଁଠାରୁ ନିଜ କ୍ୟାରିଅର ଆରମ୍ଭ କରିଥିଲେ। ଆଇଏମ୍ଏଫ୍‌ରେ ଭାରତର ବର୍ତ୍ତମାନର ଇଡି କୃଷ୍ଣମୂର୍ତ୍ତି ଭି. ସୁବ୍ରମଣ୍ୟନଙ୍କ ସ୍ଥାନରେ ଶ୍ରୀ ପଟେଲ୍‌ଙ୍କୁ ଏହି ନିଯୁକ୍ତି ମିଳିଛି। ସୂଚନାଯୋଗ୍ୟ ଯେ, କାର୍ଯ୍ୟକାଳ ଶେଷ ହେବାର ପ୍ରାୟ ୬ ମାସ ପୂର୍ବରୁ ଶ୍ରୀ ସୁବ୍ରମଣ୍ୟନ ବିଦାୟ ନେଇଥିଲେ। ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ସେ ଆଇଏମଏଫରେ ଅର୍ଥନୀତିଜ୍ଞ ଭାବରେ କାର୍ଯ୍ୟ କରିଥିଲେ। ପଟେଲ ୨୦୧୬ରେ ରଘୁରାମ ରାଜନଙ୍କ ପରେ ଆର୍‌ବିଆଇର ୨୪ତମ ଗଭର୍ଣ୍ଣର ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୧୮ରେ ସେ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇଥିବା ପ୍ରଥମ ଆର୍‌ବିଆଇ ଗଭର୍ଣ୍ଣର ଥିଲେ।



**୩୦ ବର୍ଷ ପରେ ପୁଣି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିକୁ ଫେରିଲେ**



**ଟାରିଫ୍ ଯୁଦ୍ଧରେ ଟଙ୍କା ଘାଇଲା**

# ୧ ଡଲାର = ୮୮.୭୫ ଟଙ୍କା

**ଡଲାର ତୁଳନାରେ ରେକର୍ଡ ହ୍ରାସ**

■ **ନୂଆଦିଲ୍ଲୀ,୨୯।୮ (ଏଜେନ୍ସି):** ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ୫୦% ଶୁଳ୍କ ଭାରତୀୟ ଟଙ୍କାର ମେରୁଦଣ୍ଡ ଭାଙ୍ଗି ଦେଇଛି। ଏହି ଶୁଳ୍କ ଯୁଦ୍ଧରେ ଭାରତୀୟ ମୁଦ୍ରା ଘାଇଲା ହୋଇଛି। ଫଳସ୍ୱରୂପ ଟଙ୍କା ଏହାର ପର୍ଯ୍ୟନ୍ତର ସର୍ବନିମ୍ନ ସ୍ତରକୁ ଖସିଯାଇଛି। ଅଗଷ୍ଟ ୨୭ରୁ ଟ୍ରମ୍ପ୍ ଶୁଳ୍କ ଲାଗୁ ହୋଇଛି। ଶୁକ୍ରବାର କାରବାରରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୭୦ ପଇସାରୁ ଅଧିକ ହ୍ରାସ ପାଇଛି। ଡଲାର ତୁଳନାରେ ଟଙ୍କା ୮୮.୭୫ ର ରେକର୍ଡ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏହି ହ୍ରାସ ଦର୍ଶାଉଛି ଯେ ଭାରତର ବାଣିଜ୍ୟ ଏବଂ ବିକାଶ ଉପରେ ଆମେରିକାର ଭାରୀ ଶୁଳ୍କର ପ୍ରଭାବକୁ ନେଇ ନିବେଶକମାନେ ବେଶ ଚିନ୍ତିତ। ସୂଚନାଯୋଗ୍ୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଚଳିତ ବର୍ଷ ୩% ହ୍ରାସ ଘଟିଛି। ଏଥିସହ ଟଙ୍କା ଏସିଆର ସବୁଠାରୁ ଖରାପ ପ୍ରଦର୍ଶନକାରୀ ମୁଦ୍ରା ପାଲଟିଛି। ଚଳିତବର୍ଷ ଫେବୃଆରୀ ପୂର୍ବରୁ ଟଙ୍କା ମୂଲ୍ୟ ପ୍ରତି ଡଲାର ତୁଳନାରେ ୮୭.୯୫ ଟଙ୍କାର ରେକର୍ଡ ସର୍ବନିମ୍ନ ସ୍ତରରେ ରହିଥିଲା। ଶୁକ୍ରବାର, ଚୀନ୍ ୟୁଆନ ତୁଳନାରେ ଟଙ୍କା ମଧ ରେକର୍ଡ ସର୍ବନିମ୍ନ ସ୍ତରରେ ପହଞ୍ଚିଛି।

**ଚମ୍ବାରେ ଭୂସ୍ଖଳନ**

# ୧୧ ଶ୍ରଦ୍ଧାଳୁ ମୃତ

■ **ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି):** ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ପ୍ରବଳ ବର୍ଷା କାରଣରୁ ଭୂସ୍ଖଳନ ହୋଇଛି। ପ୍ରବଳ ବର୍ଷା ମଧ୍ୟରେ ମଣିମହେଶ ଯାତ୍ରାରେ ବାହାରିଥିବା ୧୧ ଶ୍ରଦ୍ଧାଳୁ ଭୂସ୍ଖଳନ କାରଣରୁ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧ୍ୟରେ ୩ ଜଣ ପଞ୍ଜାବ, ଜଣେ ଉତ୍ତରପ୍ରଦେଶ ଓ ୫ ଜଣ ଚମ୍ବାର ଅଧିବାସୀ ରହିଛନ୍ତି। ଦୁଇଜଣ ଲୋକଙ୍କର ପରିଚୟ ଏବେ ମଧ୍ୟ ମିଳିପାରିନାହିଁ। ପାହାଡ଼ ଉପରୁ ପଥର ଖସିବା ଓ ଅମ୍ଳଜାନ ଅଭାବ କାରଣରୁ ଲୋକମାନେ ପ୍ରାଣ ହରାଇଛନ୍ତି ବୋଲି ଅଧିକାରୀମାନେ କହିଛନ୍ତି। ଏହି ପ୍ରାକୃତିକ ବିପତ୍ତି କାରଣରୁ ପାଖାପାଖି ୩ ହଜାର ମଣିମହେଶ ଶ୍ରଦ୍ଧାଳୁ ଫସି ରହିଛନ୍ତି। ଏମାନଙ୍କୁ ଉଦ୍ଧାର କରିବା ପାଇଁ ଅପରେସନ ଜାରି ରହିଛି। ଗତ ସପ୍ତାହରେ ମଧ୍ୟ ଭୂସ୍ଖଳନ କାରଣରୁ ୭ ଶ୍ରଦ୍ଧାଳୁ ମୃତ୍ୟୁବରଣ କରିଥିଲେ ଓ ୯ ଜଣ ନିଖୋଜ ହୋଇଥିଲେ।



## ଉତ୍ତରାଖଣ୍ଡର ୩ ଜିଲ୍ଲାରେ ବାଦଲଫଟା ବର୍ଷାରେ ୫ ମୃତ

ଅନ୍ୟପଟେ ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ, ଚମୋଲି, ବାଗେଶ୍ୱର ଓ ତେହରୀ ଗଢ଼ୱାଲ ଜିଲ୍ଲାରେ ଗୁରୁବାର ରାତିରେ ବାଦଲ ଫଟା ବର୍ଷା କାରଣରୁ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୩ ଜଣ ନିଖୋଜ ଅଛନ୍ତି। ଭୂସ୍ଖଳନ କାରଣରୁ ପାଖାପାଖି ୩୦ରୁ ୪୦ ପରିବାର ଆବର୍ଜନା ତଳେ ଦବି ଯାଇଛନ୍ତି। ଆହୁରି କେତୋଟି ଘର କ୍ଷତିଗ୍ରସ୍ତ ହୋଇଛି। ଏନ୍‌ଡିଆରଏଫ୍, ଏସ୍‌ଡିଆରଏଫ୍, ଡିଡିଆରଏଫ୍ ଓ ପୁଲିସର ଟିମ୍ ପ୍ରଭାବିତ ଜିଲ୍ଲାରେ ଉଦ୍ଧାର କାର୍ଯ୍ୟ ପାଇଁ ବାହାରିଛନ୍ତି। ବାଗେଶ୍ୱର ଜିଲ୍ଲା ନିକଟସ୍ଥ ପୋସାରୀରେ ରାତି ସାରା ବର୍ଷା ଯୋଗୁ ଦୁଇଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ▶ପୃଷ୍ଠା-୭

**ଭାରତ-ଚୀନ୍ ବନ୍ଧୁତା**

# ସମ୍ପର୍କ ସୁଧାରିଛି 'ଗୁପ୍ତ ଚିଠି'

## 'ଟ୍ରମ୍ପ ଟାରିଫ୍' ନେଇ ରାଷ୍ଟ୍ରପତି ମୁର୍ମୁଙ୍କୁ ପତ୍ର ଲେଖି ଚିନ୍ତା ବ୍ୟକ୍ତ କରିଥିଲେ ଜିନ୍‌ପିଙ୍ଗ

■ **ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି):** ଗଲୱାନ ସଂଘର୍ଷ ପରେ ଭାରତ-ଚୀନ୍ ସମ୍ବନ୍ଧ ଖରାପ ହେବାରେ ଲାଗିଥିଲା। ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ପ୍ରାୟତଃ ଛିନ୍ନ ହୋଇ ଯାଇଥିଲା। 'ଅପରେସନ ସିନ୍ଦୂର'ରେ ପାକିସ୍ତାନକୁ ଚୀନ୍‌ର ସହାୟତା ଏହାକୁ ଅଧିକ ଜଟିଳ କରିଦେଇଥିଲା। କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ସ୍ଥିତିକୁ ବଦଳାଇ ଦେଇଥିଲା। ଜବାବୀ ଶୁଳ୍କ ଭାରତ-ଚୀନ୍ ସମ୍ବନ୍ଧକୁ ନୂଆ ଦିଗ ଦେଇଥିଲା। ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀର୍ଘ ସାତ ବର୍ଷ ପରେ ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବା ପାଇଁ ଚୀନ୍ ଗସ୍ତରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ଏହି ଘଟଣାକ୍ରମ ପଛରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଗୁପ୍ତ ଚିଠିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସେ ଲେଖିଥିବା ଏହି ଚିଠିରେ ଆମେରିକା-ଭାରତ ବ୍ୟବସାୟରେ ଚୀନ୍‌ର ହେଉଥିବା କ୍ଷତି ବିଷୟରେ ଚିନ୍ତା ପ୍ରକଟ କରିଥିଲେ। ଚୀନ୍ ବିରୋଧରେ ଆମେରିକା ରାଷ୍ଟ୍ରପତି ଶୁଳ୍କ ଯୁଦ୍ଧ ଜୋରଦାର କରିବା ସମୟରେ ଏହି ଚିଠି ଆସିଥିଲା। ଏହି ସମୟରେ ଭାରତ ସହ ସମ୍ପର୍କ ସୁଧାରିବା ପାଇଁ ଚୀନ୍ ପ୍ରୟାସ କରିଥିଲା। ଗୁପ୍ତ ଭାବେ ଭାରତ ସହ ଯୋଗାଯୋଗ କରିବା ଆରମ୍ଭ କରିଥିଲା। ଜିନପିଙ୍ଗ ଚିଠି ମାଧ୍ୟମରେ ଦୁଇ ଦେଶର ସମ୍ପର୍କ ସୁଧାରିବାର ସମ୍ଭାବନା ବିଷୟରେ ଉଲ୍ଲେଖ କରିଥିଲେ। ଏହା ପରେ ହିଁ ଦୁଇ ଦେଶର ସମ୍ପର୍କ ସ୍ୱାଭାବିକ ହେବାରେ ଲାଗିଥିଲା। ଏହାର କିଛି ମାସ ପରେ ଚୀନ୍ ଯିବା ପାଇଁ ମୋଦୀ ଯୋଜନା କରିଥିଲେ। ବ୍ଲୁମବର୍ଗ ରିପୋର୍ଟରେ ଏଭଳି ଦାବି କରାଯାଇଛି।



ଜଣେ ଭାରତୀୟ ଅଧିକାରୀଙ୍କ ସୂଚନା ଆଧାରରେ ରିପୋର୍ଟରେ କୁହାଯାଇଛି ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜିନପିଙ୍ଗ ଲେଖିଥିବା ଚିଠିକୁ ପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପାଖକୁ ପଠା ଯାଇଥିଲା। ଚିଠିରେ କୁହାଯାଇଥିଲା ଯେ ଭାରତ ଏବଂ ଆମେରିକା ମଧ୍ୟରେ ହେବାକୁ ଥିବା କୌଣସି ବାଣିଜ୍ୟ ଚୁକ୍ତି ଚୀନ୍‌ର ସ୍ୱାର୍ଥ ପ୍ରତି ଆଞ୍ଚ ଆଣିପାରେ। ଏହା ସହିତ ସମ୍ବନ୍ଧ ସୁଧାରିବା ପାଇଁ ଜଣେ ପ୍ରାଦେଶିକ ଅଧିକାରୀ ନେତୃତ୍ୱରେ ପ୍ରୟାସ କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ଜୁନ୍ ପର୍ଯ୍ୟନ୍ତ ଭାରତ ଏହି ଚିଠିର କୌଣସି ଜବାବ ଦେଇ ନ ଥିଲା। ପରେ ପରିବର୍ତ୍ତିତ ସ୍ଥିତି ଯୋଗୁଁ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ବିବାଦରେ ଫସି ଯାଇଥିଲା। ଆମେରିକାର ଦୁଇଟି ନିଷ୍ପତ୍ତି ଉପରେ ଭାରତ ବେଶୀ କ୍ଷୁବ୍ଧ ହୋଇଥିଲା। ପ୍ରଥମେ ଟ୍ରମ୍ପ ଭାରତ-ପାକିସ୍ତାନ ଅସ୍ତ୍ରବିରତି କରାଇଥିବା ଦାବି କରିଥିଲେ। କିନ୍ତୁ ଭାରତ ପକ୍ଷରୁ ଏହାକୁ ଖାରଜ କରିଦିଆଯାଇଥିଲା। ▶ପୃଷ୍ଠା-୭

## ନବୀନଙ୍କୁ ଭେଟିଲେ ଯୁବ ଓ ଛାତ୍ର ବିଜେଡ଼ି କର୍ମକର୍ତ୍ତା

# ତୃଣମୂଳରୁ ଶକ୍ତିଶାଳୀ ହେବ ତୃତୀୟ ପିଢ଼ି





■ **ଭୁବନେଶ୍ୱର, ୨୯।୮ (ସମିସ):** ଜିଲ୍ଲା ସଭାପତି ନିର୍ବାଚନ ପରେ ଦଳର ଦୁଇ ଛାମୁଆ ସଂଗଠନ ଛାତ୍ର ବିଜେଡି ଓ ଯୁବ ବିଜେଡିର କାୟା ପରିବର୍ତ୍ତନ କରିଛନ୍ତି ଦଳର ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। କେଇଦିନ ତଳେ ତୃତୀୟ ପିଢ଼ିର ଦୁଇଜଣ ଯୁବ ନେତାଙ୍କ ଉପରେ ଦୁଇ ଛାମୁଆଁ ସଂଗଠନର ଦାୟିତ୍ୱ ନ୍ୟସ୍ତ କରିବା ପରେ ଶୁକ୍ରବାର ଉଭୟଙ୍କୁ ନବୀନ ଦେଇଛନ୍ତି ରାଜନୀତିର ଗୁରୁମନ୍ତ୍ର। ଭବିଷ୍ୟତକୁ ଦୃଷ୍ଟିରେ ରଖି ନୂଆ ପିଢ଼ିକୁ ଶକ୍ତିଶାଳୀ କରିବା ଓ ରାଜ୍ୟର ତୃଣମୂଳସ୍ତରରେ ଦୁଇ ଛାମୁଆ ସଂଗଠନକୁ ଅଧିକ ସୁଦୃଢ଼ କରିବାକୁ ▶ପୃଷ୍ଠା-୭

- ▶▶ **ତୃଣମୂଳସ୍ତରରୁ ଆହୁରି ସଂଗଠିତ ହେବ ଦୁଇ ଛାମୁଆଁ ସଂଗଠନ**
- ▶▶ **ବିନମ୍ର ଓ ଶାଳୀନ ଭାବରେ ଏକାଠି କାମ କରିବାକୁ ପରାମର୍ଶ**
- ▶▶ **ସାରା ରାଜ୍ୟ ବୁଲି ସମାଧାନ କର ଯୁବ ଓ ଛାତ୍ରଙ୍କ ସମସ୍ୟା**

# ପିକ୍‌ଅପ୍-ବାଇକ୍ ମୁହାଁମୁହିଁ, ୨ ମୃତ

■ **କୁକୁଡ଼ାଖଣ୍ଡି, ୨୯।୮ (ସମିସ):** ସଦର ଥାନା ଅନ୍ତର୍ଗତ ବାଇଗଣବାଡ଼ି ଛକରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଆଜି ୨ ଜଣଙ୍କ ମୃତ୍ୟୁ ହୋଇଛି। ଏକ ପିକଅପ-ଭ୍ୟାନ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ଖଲିଙ୍ଗି ଗ୍ରାମର କର୍ଣ୍ଣ ସେଠୀ ଓ ସନାତନ ସୁଆଁସିଆ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ବ୍ରହ୍ମପୁର-ଦିଗପହଣ୍ଡି ମୁଖ୍ୟ ରାସ୍ତାକୁ ଦୀର୍ଘ ୬ ଘଣ୍ଟା ଧରି ଅବରୋଧ କରିଥିଲେ। ତେବେ ପ୍ରଶାସନର ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

**ଶବ ରଖି ୬ ଘଣ୍ଟା ରାସ୍ତା ଅବରୋଧ**

ସୂଚନାନୁସାରେ, ପାଟପୁର ଥାନା ଅନ୍ତର୍ଗତ ଖଲିଙ୍ଗି ଗ୍ରାମର କର୍ଣ୍ଣ ଓ ସନାତନ ଦିଗପହଣ୍ଡି ପଟୁ ବାଇକ୍ (ଓଡି-୦୭ଟି-୭୯୫୪)ରେ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ। ବାଇଗଣବାଡ଼ି ଛକ ନିକଟରେ ବିପରୀତ ଦିଗରୁ ଯାଉଥିବା ଏକ ପିକଅପ୍ ଭ୍ୟାନ୍ (ଓଡି-୦୨ସିକେ-୫୩୪୩) ▶ପୃଷ୍ଠା-୭

**ଏସ୍‌ସି, ଏସ୍‌ଟି କଲ୍ୟାଣ କମିଟି ଅଧ୍ୟକ୍ଷଙ୍କ ସମ୍ମିଳନୀ**

# ସମତାଭିତ୍ତିକ ସମାଜ ଓ ବିକଶିତ ଭାରତ ଗଠନ ଲକ୍ଷ୍ୟ: ଓମ୍ ବିର୍ଲା



## ଏକ ସମୃଦ୍ଧ ଭବିଷ୍ୟତର ରାସ୍ତା ନିର୍ମାଣ କରିବ ଏହି ସମ୍ମିଳନୀ: ମୋହନ

## ଏସ୍‌ସି, ଏସ୍‌ଟି ଛାତ୍ରଛାତ୍ରୀଙ୍କୁ ଲାଭାନ୍ୱିତ କରିବ ନୂଆ ଶିକ୍ଷାନୀତି: ଧର୍ମେନ୍ଦ୍ର

■ **ଭୁବନେଶ୍ୱର, ୨୯।୮ (ସମିସ):** ବାବା ସାହେବ ଆମ୍ବେଦକରଙ୍କର ବିଚାରକୁ ନେଇ ସମ୍ବିଧାନର ମୂଳ ସିଦ୍ଧାନ୍ତ ପ୍ରସ୍ତୁତ କରାଯାଇଛି। ଦୀର୍ଘ ୭୮ ବର୍ଷ ଧରି ଏହି ସିଦ୍ଧାନ୍ତକୁ ନେଇ ଦେଶ ଆଗକୁ ବଢୁଛି। ଏହି ସିଦ୍ଧାନ୍ତ ଅନୁଯାୟୀ ଅନୁସୂଚିତ ଜାତି ଓ ଜନଜାତି ତଥା ବିଭିନ୍ନ ପଛୁଆ ବର୍ଗଙ୍କୁ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ନ୍ୟାୟ ଦେବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି।

ଶୁକ୍ରବାର ଲୋକସେବା ଭବନରେ ଆୟୋଜିତ ୨ ଦିନିଆ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ ସଂକ୍ରାନ୍ତ ସଂସଦୀୟ ଏବଂ ବିଭିନ୍ନ ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳର କମିଟିର ଅଧ୍ୟକ୍ଷ ଓ ସଦସ୍ୟଙ୍କ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀ ବିର୍ଲା କହିଛନ୍ତି ଯେ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ସଦସ୍ୟ ସବୁ ସମୟରେ ଦଳମତରୁ ଊର୍ଦ୍ଧ୍ୱରେ ରହି ବର୍ଗର ଉନ୍ନତି ପାଇଁ ନିଷ୍ପତ୍ତି ନିଅନ୍ତି। ଆଜି ଦେଶରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଯାହା ବି ଉନ୍ନତି ହୋଇଛି, ତାହା ଏହି ସବୁ କମିଟିର ପ୍ରସ୍ତାବ, ଅନୁଶୀଳନ ଓ ତଦାରଖ ଯୋଗୁ ସମ୍ଭବ ହୋଇପାରିଛି। ଦଳମତ ନିର୍ବିଶେଷରେ ସଂସଦୀୟ ଓ ବିଭିନ୍ନ ରାଜ୍ୟର କମିଟି ମାନେ ଏହି ବର୍ଗର ସାମଗ୍ରିକ ଉନ୍ନତି ଉପରେ ଧ୍ୟାନଦେଇ ଆସିଛନ୍ତି ବୋଲି ଶ୍ରୀ ବିର୍ଲା କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ୨୫ ବର୍ଷ ପରେ ଏହି ସମ୍ମିଳନୀ ପ୍ରଥମ ଥର ପାଇଁ ଦିଲ୍ଲୀ ବାହାରେ ହେଉଛି। ଆମର ଆଜି ଭଲ ଅଛି, ଆଗାମୀ କାଲି ଖୁବ୍ ଭଲ ହେବ, ନିଶ୍ଚୟ ଭଲ ହେବ। ଭୁବନେଶ୍ୱରର ଏହି ସମ୍ମିଳନୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ଏକ ସମୃଦ୍ଧ ଭବିଷ୍ୟତର ରାସ୍ତା ନିର୍ମାଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ପିଏମ ଜନମନ ଏବଂ ଧରତୀଆବା ଗ୍ରାମ ଉତ୍କର୍ଷ ଯୋଜନାରେ ଆଦିବାସୀ ଗୋଷ୍ଠୀଙ୍କୁ କିପରି ଫୋକସ କରାଯାଉଛି ସେ ସମ୍ପର୍କରେ ମତ ରଖିଛନ୍ତି।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂତନ ଶିକ୍ଷା ନୀତିରେ ବଞ୍ଚିତ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ଛାତ୍ର ଛାତ୍ରୀ ▶ପୃଷ୍ଠା-୭

**ୟୁ-ଡାଇଜ୍ ରିପୋର୍ଟ**

# ଅଧାରୁ ପାଠ ଛାଡୁଛନ୍ତି ୯.୮% ଛାତ୍ରଛାତ୍ରୀ

■ **ଭୁବନେଶ୍ୱର, ୨୯।୮ (ସମିସ):** ରାଜ୍ୟରେ ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅର୍ଥାତ୍ ଡ୍ରପ୍‌ଆଉଟ୍ ହାର ବଢୁଛି। ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାରମ୍ଭିକ (ପ୍ରିପାରେଟୋରୀ), ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମଧ୍ୟମ (ମିଡିଲ୍) ଏବଂ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମାଧ୍ୟମିକ (ସେକେଣ୍ଡାରୀ) ବର୍ଗରେ ଅଧିକ ପିଲା ପାଠ ଛାଡୁଛନ୍ତି। ତନ୍ମଧ୍ୟରେ ନବମରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ଡ୍ରପ୍‌ଆଉଟ୍ ହାର ସର୍ବାଧିକ। ଡ୍ରପ୍‌ଆଉଟ୍ ରୋକିବାକୁ ସରକାର ବିଭିନ୍ନ ଯୋଜନା କରୁଥିଲେ ମଧ୍ୟ ଆଶାଜନକ ସଫଳତା ମିଳିପାରୁ ନାହିଁ। ଅପରପକ୍ଷରେ ଦେଶରେ ଡ୍ରପ୍‌ଆଉଟ୍ ହାର କମୁଥିବାବେଳେ ଓଡ଼ିଶାରେ ଡ୍ରପ୍‌ଆଉଟ୍ ହାର ବଢୁଥିବା ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ୟୁନିଫାଇଏଡ୍ ଡିଷ୍ଟ୍ରିକ୍ ଇନ୍‌ଫରମେସନ୍ ସିଷ୍ଟମ ଫର୍ ଏଜୁକେସନ୍ (ୟୁ-ଡାଇଜ୍) ତଥ୍ୟରୁ ଜଣାପଡ଼ିଛି।

୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟର ମାଧ୍ୟମିକସ୍ତର ଡ୍ରପ୍‌ଆଉଟ୍ ହାର ୯.୧ ପ୍ରତିଶତ ଥିଲା। ଅର୍ଥାତ୍ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତି ୧୦୦୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୧ ଜଣ ଅଧାରୁ ପାଠ ଛାଡ଼ି ଦେଉଥିଲେ। ଚଳିତ ବର୍ଷ ଏହା ଆହୁରି ବୃଦ୍ଧି ପାଇ ୯.୮ ପ୍ରତିଶତରେ ପହଞ୍ଚିଛି। ଅର୍ଥାତ୍ ପ୍ରତି ୧୦୦୦ ଜଣରେ ୯୮ ଜଣ ପିଲା ପାଠ ଛାଡୁଛନ୍ତି। ସେହିପରି ମାଧ୍ୟମିକ ସ୍ତର ବା ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଡ୍ରପ୍‌ଆଉଟ୍ ହାର ୨୦୨୩-୨୪ ଶିକ୍ଷାବର୍ଷରେ ୨ ପ୍ରତିଶତ ଥିବାବେଳେ ୨୦୨୪-୨୫ ଶିକ୍ଷାବର୍ଷରେ ୩.୨ ପ୍ରତିଶତକୁ ବୃଦ୍ଧି ପାଇଛି। ଅନୁରୂପ ଭାବେ ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ଡ୍ରପ୍‌ଆଉଟ୍ ହାର ମଧ୍ୟ ୦.୫ରୁ ୧.୪ ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ସମସ୍ତ ବର୍ଗରେ ଛାତ୍ରୀଙ୍କ ତୁଳନାରେ ଅଧିକ ଛାତ୍ର ପାଠ ଛାଡୁଥିବା ରେକର୍ଡ ହୋଇଛି। ଅନ୍ୟପଟେ ଜାତୀୟ ସ୍ତରରେ ଡ୍ରପ୍‌ଆଉଟ୍ ହାର କମୁଥିବା ରିପୋର୍ଟରେ ଦର୍ଶାଯାଇଛି। ୨୦୨୩-୨୪ ଶିକ୍ଷାବର୍ଷରେ ମାଧ୍ୟମିକ ସ୍ତରର ଡ୍ରପ୍‌ଆଉଟ୍ ହାର ୧୦.୯ ପ୍ରତିଶତ ଥିବାବେଳେ ୨୦୨୪-୨୫ରେ ଏହା ୮.୨ ପ୍ରତିଶତକୁ ଖସିଛି। ସେହିପରି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ଡ୍ରପ୍‌ଆଉଟ୍ ହାର ୫.୨ ରୁ ୩.୫ ପ୍ରତିଶତ ଏବଂ ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ଡ୍ରପ୍‌ଆଉଟ୍ ହାର ୩.୭ରୁ ୨.୩ ପ୍ରତିଶତକୁ ହ୍ରାସ ପାଇଛି। ▶ପୃଷ୍ଠା-୭

## ପ୍ରତି ୧୦୦୦ ପିଲାରେ ପାଠ ଛାଡୁଛନ୍ତି ୯୮ ଜଣ

## ଝିଅଙ୍କ ତୁଳନାରେ ଅଧାରୁ ପାଠ ଛାଡୁଛନ୍ତି ଅଧିକ ପୁଅ



## ପଶୁ ହେବାକୁ ଚାହୁଁଛି ମନୁଷ୍ୟ



ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି): ଏକବିଂଶ ଶତାବ୍ଦୀର ଆଧୁନିକ ମନୁଷ୍ୟ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବନାଇ ସବୁ କାର୍ଯ୍ୟକୁ ସହଜ କରିଦେଇଛି। କିନ୍ତୁ ଏପରି ସମୟରେ କିଛି ଲୋକ ପଶୁ ହେବାକୁ ପ୍ରୟାସ କରୁଛନ୍ତି। ଏଥିପାଇଁ ସାମାଜିକ ଗଣମାଧ୍ୟମରେ 'କ୍ୱାଡ୍ରୋବିକ୍ସ' ଧାରା ଆରମ୍ଭ ହୋଇଛି। ଏହା ମାଧ୍ୟମରେ ଚାରି ହାତ-ଗୋଡରେ ପଶୁ ପରି ଚାଲିବାର ପ୍ରତିଯୋଗିତା ଚାଲିଛି। ଅନେକ ଲୋକେ ମଧ୍ୟ ଏହି ଧାରାରେ ସାମିଲ ହୋଇ ନିଜେ ପଶୁ ପରି ଚାଲୁଥିବାର ଭିଡିଓ ପୋଷ୍ଟ କରୁଛନ୍ତି। ଏହାକୁ ଫିଟ୍‌ନେସ୍‌ର ନୂଆ ଧାରା କୁହାଯାଉଛି। କ୍ୱାଡ ଏବଂ ଏରୋବିକ୍ସର ମିଶ୍ରଣରୁ କ୍ୱାଡ୍ରୋବିକ୍ସ ହୋଇଛି। ଏହାର ଅର୍ଥ ହେଉଛି, ହାତ ଏବଂ ଗୋଡ଼ ଏକାସଙ୍ଗେ କାମ କରୁଥିବାଭଳି ବ୍ୟାୟାମ କରିବା। ଏଥିରେ ମନୁଷ୍ୟ ପଶୁ ପରି ଦୌଡୁଛି, ଡେଉଁଛି ଏବଂ ଗଛରେ ଚଢୁଛି। ପ୍ରଥମେ ବେଲ୍‌ଜିୟମର ପ୍ରାମାଣିକ ଚଳଚ୍ଚିତ୍ର ନିର୍ଦ୍ଦେଶକ ଏଲେକ୍ସିଆ କ୍ରାଫ୍ଟ ଏହି ଧାରା ଆରମ୍ଭ କରିଥିଲେ। ସେ ୨୦୨୧ରେ ସ୍ପେନର ଏକ ଜଙ୍ଗଲରେ ଗବେଷଣା କରୁଥିବା ସମୟରେ ଭିକ୍ଟର ମାନୁଏଲଙ୍କ ବିଷୟରେ ଶୁଣିଥିଲେ। ଏହି ବ୍ୟକ୍ତି ଜଙ୍ଗଲରେ ମୋଗଲୀ ଭଳି ରହୁଥିଲେ। ଭିକ୍ଟରଙ୍କଠାରୁ ଏଲେକ୍ସିଆ ପ୍ରଶିକ୍ଷଣ ନେଇଥିଲେ। ପରେ ଉଭୟେ ଏହାର ନାମ କ୍ୱାଡ୍ରୋବିକ୍ସ ରଖିଥିଲେ। ଏବେ ହଜାର ହଜାର ଲୋକ ଏହି ପଶୁ ହେବାର ଧାରାରେ ସାମିଲ ହେଉଛନ୍ତି।

## ୨ ଲକ୍ଷ ଦେଇ ପରିଚୟ ହଟାଉଛନ୍ତି ଲୋକେ



ଟୋକିଓ, ୨୯।୮ (ଏଜେନ୍ସି): ମନୁଷ୍ୟ ହେଉଛି ସାମାଜିକ ପ୍ରାଣୀ। ମାତ୍ର ଜାପାନରେ ଲୋକେ ସମାଜରୁ ଦୂରେଇ ଯାଉଛନ୍ତି। ପ୍ରତି ବର୍ଷ ହଜାର ହଜାର ଲୋକ ଜାଣିଶୁଣି ନିଜ ଚାକିରି, ପରିବାର ଏବଂ ବନ୍ଧୁଙ୍କୁ ଛାଡ଼ି ଗାଏବ ହେଇ ଯାଉଛନ୍ତି। ଜାପାନରେ ଚାଲିଥିବା ଏହି ଧାରାକୁ 'ଜୋହାତ୍ସୁ' କୁହାଯାଉଛି। ଏହାର ଅର୍ଥ ଗାଏବ ହୋଇଯିବା। ଜାପାନରେ ବ୍ୟକ୍ତିଗତ ବିଫଳତାକୁ ପରିବାର ପାଇଁ ଲଜ୍ଜାଜନକ ଧରାଯାଏ। ଲଜ୍ଜା, ଋଣ ଏବଂ ଘରୋଇ ହିଂସାରୁ ବର୍ତ୍ତିବା ଲାଗି ଲୋକେ ଗାଏବ ହେବାକୁ ଉଚିତ ମଣୁଛନ୍ତି। ଏହା ବ୍ୟତୀତ ଚାକିରି ହରାଇବା, ଦେବାଳିଆ ହେବା, ଛାଡ଼ପତ୍ର ଏବଂ ପଢାରେ ବିଫଳ ଏହାର ପ୍ରମୁଖ କାରଣ ପାଲଟିଛି। ରିପୋର୍ଟ ଅନୁଯାୟୀ ୨୦୨୨ରେ ୮୪, ୯୧୦ ଜଣ ଗାଏବ ହେବା ନେଇ ମାମଲା ରୁଜୁ ହୋଇଥିଲା। ଏଥିପାଇଁ ଜାପାନରେ ଏକ ସ୍ୱତନ୍ତ୍ର କମ୍ପାନୀ 'ୟୋନିଗେ-ୟା' ରହିଛି। ୩ ଲକ୍ଷ ୟେନ ଅର୍ଥାତ୍ ପ୍ରାୟ ୨ ଲକ୍ଷ ଟଙ୍କା ଦେଲେ ଏହି କମ୍ପାନୀ ରାତାରାତି ଲୋକଙ୍କୁ ଗାଏବ କରିଦେଉଛି। ଏହା ସହିତ ଲୋକଙ୍କ ପୁରୁଣା ପରିଚୟକୁ ନଷ୍ଟ କରି ନୂଆ ନାମ ଏବଂ ଠିକଣା ପ୍ରଦାନ କରୁଛି। ଜାପାନରେ ମଧ୍ୟ ଏହାକୁ ଆଇନଗତ ଅନୁମତି ମିଳିଛି। କେହି ଗାଏବ ହେଲେ ପୁଲିସ ତାହାର ଯାଞ୍ଚ କରେନି।

## ବିହାରରେ ୩ ଲକ୍ଷ ସନ୍ଦିଗ୍ଧ ଭୋଟରଙ୍କୁ ନୋଟିସ୍

ନୂଆଦିଲ୍ଲୀ, ୨୯।୮(ଏଜେନ୍ସି): ବିହାର ୩ ଲକ୍ଷ ଭୋଟରଙ୍କୁ ନିର୍ବାଚନ କମିଶନ ନୋଟିସ ଜାରି କରିଛନ୍ତି। ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସ୍‌ଆଇଆର) ସମୟରେ ବହୁ ଅନିୟମିତତା ହୋଇଥିବା କମିଶନ ଜାଣିବାକୁ ପାଇଛନ୍ତି। ୩ ଲକ୍ଷ ଭୋଟର ନିଜର ଆବଶ୍ୟକୀୟ କାଗଜପତ୍ର ଜମା କରିନାହାନ୍ତି। ଫଳରେ ଏମାନଙ୍କୁ ନିଜର ନାଗରିକତା ଦେଖାଇବାକୁ ଅର୍ଥାତ ପ୍ରମାଣ କରିବାକୁ କମିଶନ କହିଛନ୍ତି ଓ ଏଥିପାଇଁ ନୋଟିସ ଜାରି କରାଯାଇଛି ବୋଲି କୁହାଯାଇଛି। ନାଗରିକତା ନ ଦେଖାଇପାରିଲେ ମତଦାତା ସୂଚୀରୁ ସେମାନଙ୍କ ନାମ କାଟିଦିଆଯିବ। କିଶନଗଞ୍ଜ, ପୂର୍ଣ୍ଣିଆ, ଅରରିଆ, ସହରସା, ମଧୁବନୀ ଓ ଚମ୍ପାରଣ ଭୋଟରମାନଙ୍କୁ ଏହି ନୋଟିସ ଜାରି କରାଯାଇଛି। ବୁଥ୍‌ସ୍ତରର ଅଧିକାରୀମାନେ ଘରଘର ବୁଲି ସର୍ଭେକ୍ଷଣ କରିବା ଅବସରରେ ନେପାଳ, ବାଂଲାଦେଶ, ଆଫଗାନିସ୍ତାନ, ମିଆଁମାରର ନାଗରିକମାନେ ବହୁସଂଖ୍ୟାରେ ଦେଖିବାକୁ ମିଳିଥିଲେ ବୋଲି ନିର୍ବାଚନ କମିଶନର ଅଧିକାରୀମାନେ କହିଛନ୍ତି। ଏହି ବିଦେଶୀ ନାଗରିକଙ୍କ ପାଖରୁ ଆଧାର, ବାସସ୍ଥାନ ପ୍ରମାଣପତ୍ର ଓ ରାସନକାର୍ଡ ମିଳିଥିଲା। ନକଲି କାଗଜପତ୍ର ଦେଖାଇ ଏମାନେ ପରିଚୟପତ୍ର ହାସଲ କରିଛନ୍ତି। ଏଭଳି ସ୍ଥିତିରେ ପଚରାଉଚରା ପରେ ଏମାନଙ୍କୁ ନୋଟିସ ଜାରି କରାଯାଇଛି। ଆଗାମୀ ୭ ଦିନ ମଧ୍ୟରେ ଏହି ଭୋଟରମାନଙ୍କୁ ଅଧିକାରୀଙ୍କ ନିକଟରେ ଉପସ୍ଥିତ ରହି ନିଜର ରେକର୍ଡ ସ୍ପଷ୍ଟ କରିବାକୁ କୁହାଯାଇଛି। ଅଗଷ୍ଟ ୧ରୁ ୩୦ ମଧ୍ୟରେ ଯେଉଁମାନେ ଅଯୋଗ୍ୟ ବିବେଚିତ ହେବେ ସେମାନଙ୍କ ନାମ ଅନ୍ତିମ ତାଲିକାରୁ କାଟି ଦିଆଯିବ ବୋଲି କୁହାଯାଇଛି।

## ଇସ୍ରାଏଲ୍ ଆକ୍ରମଣରେ ହୁତି ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ, ସେନା ମୁଖ୍ୟ ମୃତ

ତେଲ ଅଭିଭ୍, ୨୯।୮(ଏଜେନ୍ସି): ମଧ୍ୟପ୍ରାଚ୍ୟ ଦେଶ ୟେମେନ ରାଜଧାନୀ ସନ୍ନାରେ ରହୁଥିବା ହୁତି ବିଦ୍ରୋହୀଙ୍କ ଉପରେ ଇସ୍ରାଏଲ୍ ଗୁରୁବାର ବଡ଼ ଧରଣର ଆକ୍ରମଣ କରିଛି ଓ ଏହା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଛି। ଏହି ଆକ୍ରମଣରେ ହୁତିର ସେନା ଓ ରାଜନୈତିକ ନେତୃବୃନ୍ଦ ବଡ଼ ଧରଣର କ୍ଷୟକ୍ଷତିର ସମ୍ମୁଖୀନ ହୋଇଛନ୍ତି। ଏହି ଆକ୍ରମଣରେ ହୁତି ପ୍ରଧାନମନ୍ତ୍ରୀ ଘାଲିବ ଅଲ-ରାହୱ, ପ୍ରତିରକ୍ଷା ମନ୍ତ୍ରୀ ମହମ୍ମଦ ନାସେର ଅଲ- ଅଟ୍ଟାଫି ଓ ସେନା ମୁଖ୍ୟ ପ୍ରାଣ ହରାଇଛନ୍ତି। ତେବେ ଇସ୍ରାଏଲ ତରଫରୁ ଏ ନେଇ କୌଣସି ସୂଚନା ଦିଆଯାଇନାହିଁ। ଇସ୍ରାଏଲ ୧୦ ଜଣ ହୁତି ମନ୍ତ୍ରୀଙ୍କୁ ଲକ୍ଷ୍ୟ କରି ଏହି ଆକ୍ରମଣ କରିଥିଲା। ଏହି ମନ୍ତ୍ରୀମାନେ ଏକ ରାଜଧାନୀ ବାହାରେ ଏକ ଜଣେ ଗ୍ରୁପ୍ ଲିଡରଙ୍କ ଭାଷଣ ଶୁଣିବାକୁ ଏକାଠି ହୋଇଥିଲେ।

## ପୂର୍ବତନ ବିଜେପି ବିଧାୟକ, ଆଇପିଏସଙ୍କୁ ଆଜୀବନ ଜେଲ୍

ଅହମଦାବାଦ, ୨୯।୮ (ଏଜେନ୍ସି): ସାତ ବର୍ଷ ତଳର ବିଟ୍‌କଏନ ଲୁଟ୍ ଏବଂ ଅପହରଣ ମାମଲାରେ ଅହମଦାବାଦ ସିଟି ସେସନ୍ସ କୋର୍ଟଙ୍କ ଏସିବି ଅଦାଲତ ଶୁକ୍ରବାର ବଡ଼ ରାୟ ଦେଇଛନ୍ତି। ବିଜେପିର ପୂର୍ବତନ ବିଧାୟକ ନଳିନ କୋଟଡିଆ, ଅମରେଲିର ପୂର୍ବତନ ଏସ୍‌ପି ଜଗଦୀଶ ପଟେଲ, ପୂର୍ବତନ ଇନ୍ସପେକ୍ଟର ଅନନ୍ତ ପଟେଲଙ୍କ ସମେତ ୧୪ ଅଭିଯୁକ୍ତଙ୍କ ଆଜୀବନ ଜେଲ୍‌ଦଣ୍ଡ ଶୁଣାଇଛନ୍ତି। ଏହି ମାମଲା ୨୦୧୮ ର। ସେତେବେଳେ ସୁରଟର ବିଲ୍ଡର ଶୈଳେଶ ଭଟ୍ଟ ଅଭିଯୋଗ କରିଥିଲେ ଯେ ଅମରେଲି ଜିଲ୍ଲାର କିଛି ପୁଲିସ ଅଧିକାରୀ ତାଙ୍କୁ ଅଜ୍ଞାତ ସ୍ଥାନକୁ ନେଇ ବନ୍ଦୀ ବନାଇ ଥିଲେ। ଏହା ପରେ ପୁଲିସ ଅଧିକାରୀ ଡରାଇ ଧମକାଇ ୧୨ କୋଟି ଟଙ୍କାର ବିଟ୍‌କଏନକୁ ନିଜ ଖାତାକୁ ନେଇ ଯାଇଥିଲେ। ଏହି ଷଡ଼ଯନ୍ତ୍ରରେ ବିଜେପିର ପୂର୍ବତନ ବିଧାୟକ ନଳୀନ କୋଟାଡିଆ ସାମିଲ ଥିଲେ। ପରେ ନିଜ ସହଯୋଗୀ କିରୀଟି ପଲାଡିଆ ପୁଲିସ ସହ ମିଶିଥିବା ସେ ଅଭିଯୋଗ କରିଥିଲେ। ସିଆଇଡି ଯାଞ୍ଚରୁ ମାମଲା ସତ୍ୟ ସାବ୍ୟସ୍ତ ହୋଇଥିଲା। ୨୦୧୮ରେ ଏହି ମାମଲାରେ ଏସ୍‌ପି ସମେତ ଅନେକ ପୁଲିସ ଅଧିକାରୀ ଗିରଫ ହୋଇଥିଲେ।

## ସହମତିରେ ଶାରୀରିକ ସମ୍ପର୍କ ଦୁଷ୍କର୍ମ ନୁହଁ: କୋର୍ଟ

ସୁରତ, ୨୯।୮(ଏଜେନ୍ସି): ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିବା ପରେ ବିବାହ କରିବାକୁ ମନା କରିବା ଦୁଷ୍କର୍ମ ନୁହଁ ବୋଲି ସୁରତର ଏକ ସେସନ କୋର୍ଟ କହିଛନ୍ତି। ଗୁରୁବାର ହୋଇଥିବା ଏକ ଶୁଣାଣି ଅବସରରେ କୋର୍ଟ ଏହିକ୍ରମରେ ଜଣେ ଅଭିଯୁକ୍ତଙ୍କୁ ଖଲାସ କରିଛନ୍ତି। ଏହି ମାମଲାରେ ପୀଡିତା ଜଣକ ବିନା କୌଣସି ଚାପରେ ହୋଟେଲ ଓ ରେସ୍ତୋରାଁ ନିଜର ପରିଚୟ ପତ୍ର ଦେଇଥିଲେ। ତେଣୁ ଏଥିପାଇଁ ତାଙ୍କ ଉପରେ କୌଣସି ଜୋର ଜବରଦସ୍ତି କରାଯାଇନାହିଁ। ପୁଣି ଯେତେବେଳେ ଯୁବକଙ୍କ ସହ ବିବାହ ସମ୍ଭବ ନୁହଁ ବୋଲି ଜାଣିଥିଲେ ମଧ୍ୟ ପୀଡିତାଜଣକ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ।

### ରାହୁଲଙ୍କ ଯାତ୍ରାରେ ପ୍ରଧାନମନ୍ତ୍ରୀଙ୍କ ମା'ଙ୍କୁ ଗାଳି ଅଭିଯୋଗ

# ବିଜେପି-କଂଗ୍ରେସ କର୍ମୀ ମୁହାଁମୁହିଁ; ଚାଲିଲା ଠେଙ୍ଗାବାଡ଼ି

ପାଟନା, ୨୯।୮ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ବିହାରରେ ରାଜନୈତିକ ଲଢ଼େଇ ଆରମ୍ଭ ହୋଇଛି। ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ 'ଭୋଟର ଅଧିକାର ଯାତ୍ରା' ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମା'ଙ୍କୁ ଗାଳିଦେବାକୁ ନେଇ ଲଙ୍କାକାଣ୍ଡ ଘଟିଛି। ଏହାକୁ ନେଇ ଶୁକ୍ରବାର ପାଟନାରେ ବିଜେପି ଏବଂ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ସକାଳେ ବିଜେପି କର୍ମୀ ବିକ୍ଷୋଭ ପାଇଁ କଂଗ୍ରେସ ଅଫିସ ସାମନାରେ ପହଞ୍ଚି ଥିଲେ। ଏଠାରେ ସେମାନେ ରାହୁଲଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। କିନ୍ତୁ କଂଗ୍ରେସ କର୍ମୀ ଏହାକୁ ସହ୍ୟ କରିପାରି ନ ଥିଲେ। ପରେ ସେମାନେ ମଧ୍ୟ ବିଜେପି ବିରୋଧରେ ସ୍ଲୋଗାନ ଦେଇଥିଲେ। ଦେଖୁ ଦେଖୁ ଏହି ବିକ୍ଷୋଭ ଗଣ୍ଡଗୋଳର ରୂପ ନେଇଥିଲା। ଉଭୟ ଦଳର କର୍ମୀ ବାଡିଆପିଟା ହୋଇଥିଲେ। ଠେଙ୍ଗାବାଡ଼ି ଚାଲିଥିଲା। ପରସ୍ପର ଉପରକୁ ଇଟା ପଥର ମାଡ଼ ମଧ୍ୟ କରାଯାଇଥିଲା। ଅନେକ ଗାଡ଼ିକୁ ମଧ୍ୟ ଭାଙ୍ଗି ଦେଇଥିଲେ। ଏହା ଦେଖି ପୁଲିସ ବିଜେପି କର୍ମୀଙ୍କୁ ସେଠାରୁ ହଟାଇ ଦେଇଥିଲା। କିନ୍ତୁ ଏତିକିରେ ମାମଲା ଶାନ୍ତ ପଡ଼ି ନ ଥିଲା। ଏହା ପରେ କଂଗ୍ରେସ କର୍ମୀ ରାସ୍ତା ଉପରେ ବସି ବିକ୍ଷୋଭ ଆରମ୍ଭ କରିଦେଇଥିଲେ। ଏଥିଯୋଗୁଁ ଟ୍ରାଫିକ ଜାମ୍ ହୋଇଥିଲା। ଏହା ଦେଖି ପୁଲିସ ମାତ୍ର ୩୦ ମିନିଟ ଭିତରେ କଂଗ୍ରେସ କର୍ମୀଙ୍କୁ ହଟାଇ ଦେଇଥିଲା।

ମୁଜାଫରପୁରରେ ମଧ୍ୟ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଘେରଉ କରାଯାଇଥିଲା। ଏହି ସମୟରେ କଂଗ୍ରେସ ଏବଂ ଇଣ୍ଡିଆ ମେଣ୍ଟର ନେତାଙ୍କ ବିରୋଧରେ ବିଜେପି କର୍ମୀ ସ୍ଲୋଗାନ ଦେଇଥିଲେ। ସେହିପରି ଆରାରେ ମଧ୍ୟ ବିଜେପି ଏବଂ କଂଗ୍ରେସ କର୍ମୀ ଧସ୍ତାଧସ୍ତି ହୋଇଥିଲେ। ରାହୁଲ ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି ସମୟରେ କଂଗ୍ରେସ କର୍ମୀ ପହଞ୍ଚି ଯିବାରୁ ସ୍ଥିତି ବିଗିଡି ଯାଇଥିଲା। କଂଗ୍ରେସ କର୍ମୀ ବିକ୍ଷୋଭ କରି ବିଜେପି ଏବଂ ସରକାର ବିରୋଧରେ ସ୍ଲୋଗାନ ଦେଇଥିଲେ। ଏହାକୁ ନେଇ ବିଜେପି ନେତା ନାରାୟଣ ମେହଟା ପାଟଳିପୁତ୍ର ଥାନରେ ଅଭିଯୋଗ ଦାଏର କରିଛନ୍ତି। କଂଗ୍ରେସ ପକ୍ଷରୁ ଠେଙ୍ଗାବାଡ଼ି, ଇଟାପଥର ମାଡ଼କରି ଆତ୍ମଘାତୀ ଆକ୍ରମଣ କରାଯାଇଥିବା ଅଭିଯୋଗ କରିଛନ୍ତି। ଏହି ମାମଲାକୁ

**ମୁଜାଫରପୁର, ଆରାରେ ମଧ୍ୟ ସଂଘର୍ଷ**

**ଗାଳି ଦେଇଥିବା ଅଭିଯୁକ୍ତ ଗିରଫ**



ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କଂଗ୍ରେସକୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ରାହୁଲଙ୍କ ଯାତ୍ରାରେ ପ୍ରଧାନମନ୍ତ୍ରୀଙ୍କ ମାଆଙ୍କ ପ୍ରତି ଖରାପ ଶବ୍ଦ ବ୍ୟବହାର କରି କଂଗ୍ରେସ ସବୁଠାରୁ ହୀନ କାମ କରିଛି। ରାହୁଲ ଯେଉଁ ଭଳି ରାଜନୀତି ଆରମ୍ଭ କରିଛନ୍ତି ତାହା ସାର୍ବଜନୀନ ଜୀବନକୁ ଶିଖରରେ ପହଞ୍ଚାଇବ ନାହିଁ। ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ଦିନଠାରୁ ସୋନିଆ, ରାହୁଲ, ମଣିଶଙ୍କର ଆୟର ଏଭଳି ଘୃଣିତ ମନ୍ତବ୍ୟ ଦେଇ ଚାଲିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଯେତେ ଗାଳିଦେବେ ସେତେ ପଦ୍ମ ଫୁଟିବ ବୋଲି ଶାହା କହିଛନ୍ତି। ସେହିପରି ରାହୁଲ ଗାନ୍ଧୀ କହିଛନ୍ତି ଯେ ସତ୍ୟ ଏବଂ ଅହିଂସା ଆଗରେ ହିଂସା ରହିପାରିବ ନାହିଁ। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏହାକୁ ଅଶୋଭନୀୟ କହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି।

## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ: ସୀମାରେ କାନ୍ଥ ନିର୍ମାଣ କରିବ କି

ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି): ବେଆଇନ ଅନୁପ୍ରବେଶକାରୀଙ୍କୁ ରୋକିବାକୁ ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଆମେରିକା ଭଳି ଭାରତ ସୀମାରେ କାନ୍ଥ ନିର୍ମାଣ କରିବାକୁ ଯୋଜନା କରୁଛି କି ବୋଲି ପଚାରିଛନ୍ତି। ପଶ୍ଚିମବଙ୍ଗର ମାଇଗ୍ରାଣ୍ଟ ୱେଲଫେୟାର ବୋର୍ଡର ଆବେଦନ ଉପରେ ଶୁଣାଣି କରି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ଭିପୁଲ ଏମ ପାଞ୍ଚୋଲିଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ କରିଥିଲେ। ଖଣ୍ଡପୀଠ କହିଥିଲେ ଯେ ପଶ୍ଚିମବଙ୍ଗ ଏବଂ ପଞ୍ଜାବ ଲୋକଙ୍କ ସଂସ୍କୃତି ଓ ଭାଷା ପଡ଼ୋଶୀ ଦେଶ ସହ ମିଶୁଛି। ସେମାନଙ୍କ ଭାଷା ସମାନ, କିନ୍ତୁ ସୀମା ଲୋକଙ୍କୁ ଅଲଗା କରିଦେଉଛି। ଆବେଦନରେ କୁହାଯାଇଥିଲା ଯେ ବଙ୍ଗଳା ଭାଷା କହୁଥିବା ପ୍ରବାସୀ ଶ୍ରମିକଙ୍କୁ ବେଆଇନ ଭାବେ ଗିରଫ କରାଯାଉଛି। ସରକାର ତାଙ୍କ ଉପରେ ବାଂଲାଦେଶ ଯିବାକୁ ଚାପ ପକାଉଛନ୍ତି।

ସରକାରଙ୍କ ପକ୍ଷ ରଖି ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ ବୋର୍ଡ ଦାବି ଅସ୍ପଷ୍ଟ ରହିଛି। କିଛି ରାଜ୍ୟ ସରକାର ବେଆଇନ ପ୍ରବାସୀଙ୍କ ଉପରେ ନିର୍ଭର କରୁଛନ୍ତି। ବେଆଇନ ପ୍ରବାସୀଙ୍କ ଯୋଗୁଁ ଜନସଂଖ୍ୟା ବଦଳୁଛି। ତେଣୁ ରୋହିଙ୍ଗ୍ୟା ମାମଲା ସହ ଏହାର ଶୁଣାଣି କରାଯାଉ। ଶେଷରେ ସୁପ୍ରିମକୋର୍ଟ କହିଥିଲେ ଯେ ଏହା ଏକ ଅଲଗା ମାମଲା। ହାଇକୋର୍ଟଙ୍କୁ ଏହାର ଶୁଣାଣି କରି ଉଚିତ ନିର୍ଦ୍ଦେଶ ଦେବାକୁ କୁହାଯିବ। ବେଆଇନ ପ୍ରବାସୀ ବିଶେଷ କରି ବାଂଲାଦେଶୀଙ୍କୁ ନିଜ ଦେଶକୁ ପଠାଇବା ପାଇଁ ଆପଣା ଯାଇଥିବା ଏସ୍‌ଓପି ବିଷୟରେ ଅବଗତ କରାଇବାକୁ କୋର୍ଟ କେନ୍ଦ୍ରକୁ କହିଥିଲେ। ସୁପ୍ରିମକୋର୍ଟ କହିଥିଲେ ଯେ ବେଆଇନ ପ୍ରବାସୀଙ୍କ ସଂଖ୍ୟା ବୃଦ୍ଧି ଦ୍ୱାରା ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଉଛି। ସୀମିତ ସମ୍ବଳ ଉପରେ ବେଆଇନ ପ୍ରବାସୀ ଚାପ ପକାଇପାରନ୍ତି, ତେଣୁ ଏହା ଉପରେ ନିୟନ୍ତ୍ରଣ ଜରୁରୀ। ପଶ୍ଚିମବଙ୍ଗ, ପଞ୍ଜାବର ଭାଷା ଏକା ଭଳି। ତେଣୁ ଭାଷା ଆଧାରରେ କାହାକୁ ବିଦେଶୀ ଭାବିବା ଭୁଲ। ବେଆଇନ ପ୍ରବାସୀଙ୍କ ପାଇଁ ଅଲଗା ଉପାୟ ଅବଲମ୍ବନ କରାଯିବା ଉଚିତ। କେବଳ ଗଣମାଧ୍ୟମ ରିପୋର୍ଟ କିମ୍ବା ଖାଲି ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ନ ହେବା ଉଚିତ।

### ● ଟ୍ରମ୍ପଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସଂଶୟ ବଢ଼ିଲା

## ରାଷ୍ଟ୍ରପତି ହେବାକୁ ଜେଡି ଭାନ୍ସ ପ୍ରସ୍ତୁତ

ନ୍ୟୁୟର୍କ, ୨୯।୮(ଏଜେନ୍ସି): ଶୁଳ୍କ ଧମକ ଦେଇ ସାରା ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସଂଶୟ ଲାଗି ରହିଛି। ସେ ୨୦୨୮ ପର୍ଯ୍ୟନ୍ତ ପଦରେ ରହିପାରିବେ କି ନାହିଁ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏପରି ସମୟରେ ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ଏହି ସଂଶୟକୁ ଅଧିକ ବଢ଼ାଇ ଦେଇଛନ୍ତି। ରାଷ୍ଟ୍ରପତିଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଭିନ୍ନ ଭିନ୍ନ କଥା ଶୁଣିବାକୁ ମିଳୁଛି। ଯଦି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ କିଛି ଅଘଟଣ ଘଟେ ତେବେ ଏଭଳି ସ୍ଥିତିରେ କିଏ ହେବ ରାଷ୍ଟ୍ରପତି ବୋଲି ପ୍ରଶ୍ନ ଉଠୁଛି। କିନ୍ତୁ ଟ୍ରମ୍ପଙ୍କ ଅନୁଗତ ଭାନ୍ସ ଏହାର ଉତ୍ତର ଦେଇଛନ୍ତି। ଯଦି ଟ୍ରମ୍ପଙ୍କ ସହ କୌଣସି ଅଘଟଣ ଘଟେ ତେବେ ଭାନ୍ସ ରାଷ୍ଟ୍ରପତି ପଦ ସମ୍ଭାଳିବେ। ୟୁଏସ୍ ଟୁଡେକୁ ସାକ୍ଷାତକାର ଦେଇ ନିଜେ ଭାନ୍ସ ଏହା କହିଛନ୍ତି। ସେ ଏଭଳି ସ୍ଥିତିରେ ଏହି ଗୁରୁଦାୟିତ୍ୱ ସମ୍ଭାଳିବାକୁ ପ୍ରସ୍ତୁତ ଥିବା ଉଲ୍ଲେଖ କରିଛନ୍ତି। ତେବେ ଟ୍ରମ୍ପ ନିଜ ୪ ବର୍ଷର କାର୍ଯ୍ୟକାଳ ନିର୍ବାହ କରିବାକୁ ଏବେ ସମ୍ପୂର୍ଣ୍ଣ ଭାବେ ଫିଟ୍ ଅଛନ୍ତି ବୋଲି ଭାନ୍ସ କହିଛନ୍ତି।



ଟ୍ରମ୍ପଙ୍କ ସ୍ୱାସ୍ଥ୍ୟକୁ ନେଇ ଆଲୋଚନା ଓ ଅଟକଳ ଚାଲିଥିବା ବେଳେ ଭାନ୍ସ ଏଭଳି ମନ୍ତବ୍ୟ ଦେଇ ଆଲୋଡ଼ନ ସୃଷ୍ଟି କରିଛନ୍ତି। ନିକଟରେ ଦକ୍ଷିଣ କୋରିଆର ରାଷ୍ଟ୍ରପତି ଲି ଜେ ମ୍ୟୁଙ୍ଗ୍‌ଙ୍କ ସହ ସାକ୍ଷାତ କଲା ବେଳେ ଟ୍ରମ୍ପଙ୍କ ହାତରେ ଏକ ବଡ଼ ନୀଳ କ୍ଷତ ଚିହ୍ନ ଦେଖିବାକୁ ମିଳିଥିଲା। ପ୍ରଥମେ ଜୁଲାଇରେ ଏହି କ୍ଷତି ଚିହ୍ନ ଦେଖିବାକୁ ମିଳିଥିଲା। ଏ ନେଇ ହ୍ୱାଇଟ୍ ହାଉସ୍ କିଛି ଲୁଚାଇବାକୁ ପ୍ରୟାସ କରୁଥିବାରୁ ଅନୁମାନ କରାଯାଉଛି। ଟ୍ରମ୍ପ ଗତ ଜାନୁଆରୀରେ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଥିଲେ। ସେ ୭୮ ବର୍ଷ ୭ ମାସ ବୟସରେ ଆମେରିକା ଇତିହାସର ସବୁଠାରୁ ବୟସ୍କ ରାଷ୍ଟ୍ରପତି ବିବେଚିତ ହୋଇଥିଲେ। ଟ୍ରମ୍ପ ଜନତାଙ୍କର ନେତା। ସେ ଅନ୍ୟ ଦେଶର ରାଷ୍ଟ୍ରପତିଙ୍କ ତୁଳନାରେ ଲୋକଙ୍କ ସହ ଅଧିକ ମିଳାମିଶା କରୁଛନ୍ତି ଓ ସେମାନଙ୍କ ସହ ହାତ ମିଳାଉଛନ୍ତି ବୋଲି ହ୍ୱାଇଟ୍ ହାଉସ ତରଫରୁ କୁହାଯାଇଛି। ଏହି କାରଣ ଯୋଗୁଁ ତାଙ୍କ ହାତରେ କ୍ଷତ ଚିହ୍ନ ଦେଖିବାକୁ ମିଳିଛି। କିନ୍ତୁ ଭାନ୍ସ କୌଣସି ପ୍ରକାର ଅଘଟଣକୁ ଖଣ୍ଡନ କରିଛନ୍ତି। ଟ୍ରମ୍ପ ଏବେ ମଧ୍ୟ ପୂର୍ବପରି ପୂରା ଦମ୍‌ରେ କାର୍ଯ୍ୟ କରୁଛନ୍ତି ବୋଲି ଭାନ୍ସ କହିଛନ୍ତି।

### ପ୍ରଧାନମନ୍ତ୍ରୀ ମୋଦୀ ଓ ଇସିବାଙ୍କ ଉପସ୍ଥିତିରେ ଚୁକ୍ତି ସ୍ୱାକ୍ଷର

## ଜାପାନ ରକେଟରେ ଲଞ୍ଚ ହେବ ଚନ୍ଦ୍ରଯାନ-୫



ଟୋକିଓ, ୨୯।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ଜାପାନ ଗସ୍ତରେ ଯାଇ ଶୁକ୍ରବାର ଟୋକିଓରେ ପହଞ୍ଚିଛନ୍ତି। ସେ ଏଠାରେ ଆୟୋଜିତ ଭାରତ-ଜାପାନ ସମ୍ମିଳନୀରେ ସାମିଲ ହୋଇଛନ୍ତି। ଏଥିରେ ମୋଦୀ ଏବଂ ତାଙ୍କ ଜାପାନୀ ସମକକ୍ଷ ସିଗେରୁ ଇସିବାଙ୍କ ଉପସ୍ଥିତିରେ ଚନ୍ଦ୍ରଯାନ-୫କୁ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର ହୋଇଛି। ଚନ୍ଦ୍ରଯାନ-୫ ପାଇଁ ଦୁଇ ଦେଶର ମହାକାଶ ଏଜେନ୍ସି ଭାରତର ଇସ୍ରୋ ଏବଂ ଜାପାନର ଜାକ୍ସା ମିଳିତ ଭାବେ କାର୍ଯ୍ୟ କରିବେ। ଉଭୟ ଦେଶ ଚନ୍ଦ୍ରର ଦକ୍ଷିଣ ମେରୁ ଉପରେ ଅଧ୍ୟୟନ କରିବେ। ଅନ୍ୟପକ୍ଷରେ ମୋଦୀ ଆଗାମୀ ସମ୍ମିଳନୀ ପାଇଁ ଭାରତ ଆସିବାକୁ ଇସିବାଙ୍କୁ ଆମନ୍ତ୍ରଣ କରିଛନ୍ତି। ମୋଦୀ କହିଛନ୍ତି ଯେ ଦୁଇ ଦେଶର ସମ୍ବନ୍ଧ ମୁଖ୍ୟ ଆଧାର ହେଉଛି ଭରସା। ଉଭୟ ଦେଶର ଜନସାଧାରଣ, ବିଶ୍ୱରେ ଶାନ୍ତି, ପ୍ରଗତି ଏବଂ ସମୃଦ୍ଧିର ସ୍ୱପ୍ନକୁ ନେଇ ଆଗକୁ ବଢ଼ିବେ। ଆଗାମୀ ଦଶନ୍ଧି ପାଇଁ ଆମେ ଏକ ମାର୍ଗଦର୍ଶିକା ମଧ୍ୟ ପ୍ରସ୍ତୁତ କରିଛୁ।

ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଷ୍ଟମ ଜାପାନ ଗସ୍ତ। ସେ ଟୋକିଓରେ ପହଞ୍ଚିବା ପରେ ସ୍ଥାନୀୟ କଳାକାର ଗାୟତ୍ରୀ ମନ୍ତ୍ର ଗାନ କରି ତାଙ୍କ ସ୍ୱାଗତ କରିଥିଲେ। ଏହି ସମୟରେ ମୋଦୀ ପ୍ରବାସୀ ଭାରତୀୟଙ୍କୁ ମଧ୍ୟ ଭେଟିଥିଲେ। ପରେ ଏକ ସମ୍ମିଳନୀକୁ ସମ୍ବୋଧନ କରି ଭାରତ ଉପରେ ସାରା ବିଶ୍ୱର ଭରସା ବୋଲି କହିଥିଲେ। ପରେ ଭାରତ ଏବଂ ଜାପାନ ମଧ୍ୟରେ ୭ଟି ପ୍ରମୁଖ ଚୁକ୍ତି ସ୍ୱାକ୍ଷର ହୋଇଥିଲା ଏବଂ ୧୫୦ଟି ଏମଓୟୁ ଘୋଷଣା ହୋଇଥିଲା। ଏହା ମଧ୍ୟରେ ପ୍ରତିରକ୍ଷା ଜ୍ଞାନକୌଶଳ ସେୟାର ଏବଂ ଅସ୍ତ୍ରଶସ୍ତ୍ରର ମିଳିତ ଉତ୍ପାଦନର ସମ୍ଭାବନା ଦିଗରେ କାର୍ଯ୍ୟ କରିବା, ଦୁଇ ଦେଶ ମଧ୍ୟରେ ଜାହାଜ ଚଳାଚଳ ବୃଦ୍ଧି ଏବଂ ସମୁଦ୍ରରେ ଡକାୟତଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବା ଆଦି ସାମିଲ ରହିଛି।

# ରୁଷ୍ ଆକ୍ରମଣରେ ବୁଡ଼ିଲା ୟୁକ୍ରେନର ସବୁଠୁ ବଡ଼ ଜାହାଜ

ମସ୍କୋ, ୨୯।୮(ଏଜେନ୍ସି): ରୁଷିଆ ପୁଣି ୟୁକ୍ରେନ ଉପରେ ବଡ଼ଧରଣର ଆକ୍ରମଣ କରିଛି। ରୁଷର ଡ୍ରୋନ୍ ଆକ୍ରମଣରେ ୟୁକ୍ରେନ ନୌସେନାର ସବୁଠାରୁ ବଡ଼ ଜାହାଜ 'ସିମଫେରୋପୋଲ' ବୁଡିଯାଇଛି। ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଗତ ୧୦ ବର୍ଷ ହେବ ଏହା ୟୁକ୍ରେନର ସବୁଠାରୁ ବଡ଼ ଜାହଜ ଥିଲା। ଏହା ଏକ ଲାଗୁନ କ୍ଲାସ ଅର୍ଥାତ ଉପକୂଳବର୍ତ୍ତୀ ଅଞ୍ଚଳର ଜାହାଜ ଥିଲା। ଗୁଇନ୍ଦା କାର୍ଯ୍ୟ ପାଇଁ ଏହାକୁ ନିର୍ମାଣ କରାଯାଇଥିଲା। ୟୁକ୍ରେନର ଓଡେସା ଅଞ୍ଚଳରେ ଥିବା ଡାନ୍ୟୁବ ନଦୀରେ ପ୍ରଥମଥର ପାଇଁ ରୁଷିଆ ସାମୁଦ୍ରିକ ଡ୍ରୋନ ଆକ୍ରମଣ କରି ଏହି ଜାହାଜକୁ ବୁଡାଇବାକୁ ସକ୍ଷମ ହୋଇଛି। ଏଥିସହ ଏହି ଯୁଦ୍ଧରେ ରୁଷିଆ ଏକ ବଡ଼ଧରଣର ସଫଳତା ହାସଲ କରିଛି ବୋଲି କୁହାଯାଉଛି।

୨୦୨୧ରେ ୟୁକ୍ରେନ ନୌସେନାରେ 'ସିମଫେରୋପୁଲ' ଜାହାଜକୁ ସାମିଲ କରାଯାଇଥିଲା। ୨୦୧୪ରେ ପରେ ୟୁକ୍ରେନ ଏଥିସହ ତା'ର ସର୍ବବୃହତ ଜାହଜକୁ ଲଞ୍ଚ୍ କରିଥିଲା। ଏହି ଆକ୍ରମଣରେ

**ପ୍ରଥମଥର ସାମୁଦ୍ରିକ ଡ୍ରୋନ୍‌ର ବ୍ୟବହାର**



ଜଣେ କ୍ରୁ ସଦସ୍ୟ ମୃତ୍ୟୁବରଣ କରିଥିବା ବେଳେ ଏକାଧିକ ଲୋକ ଆହତ ହୋଇଛନ୍ତି। ଜାହଜ ବୁଡି ଯାଇଥିଲେ ମଧ୍ୟ ଅଧିକାଂଶ କ୍ରୁ ମେମ୍ବର ସୁରକ୍ଷିତ ଅଛନ୍ତି ବୋଲି ୟୁକ୍ରେନ ନୌସେନାର ମୁଖପାତ୍ର ଡିମିଟ୍ରୋ ପ୍ଲେଟେନଚୁକ୍ କହିଛନ୍ତି। ତେବେ ନିଖୋଜ ହୋଇଥିବା କେତେଜଣଙ୍କୁ ଉଦ୍ଧାର କରିବାକୁ ପ୍ରୟାସ ଜାରି ରହିଛି। ଏହି ମଧ୍ୟମ ଆକାରର ଜାହାଜ ରେଡିଓ, ଇଲେକ୍‌ଟ୍ରୋନିକ, ରାଡାର ଓ ଅପଟିକାଲ ରିଜୋନାନ୍ସ ପାଇଁ ପ୍ରସ୍ତୁତ କରାଯାଇଥିଲା ବୋଲି ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ରୁଷ୍‌ର ଏହି ଆକ୍ରମଣକୁ ୟୁକ୍ରେନ ସ୍ୱୀକାର କରିଛି। ରୁଷିଆ ଗତକିଛି ମାସ ମଧ୍ୟରେ ସାମୁଦ୍ରିକ ଡ୍ରୋନ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି। ଉଲ୍ଲେଖଥାଉ କି, ୟୁକ୍ରେନ ମଧ୍ୟ ଅତୀତରେ ରୁଷିଆର ନୌ ଜାହାଜକୁ ଲକ୍ଷ୍ୟ କରି ଏକାଧିକ ଆକ୍ରମଣ କରି ସଫଳତା ହାସଲ କରିଥିଲା। ପୂର୍ବରୁ ଗୁରୁବାର ରୁଷିଆ ୟୁକ୍ରେନ ରାଜଧାନୀ କିଭ୍ ଉପରେ ବଡ଼ ଧରଣର ଆକ୍ରମଣ କରିଥିଲା। ଏଥିରେ ୧୪ ଜଣ ମୃତ୍ୟୁବରଣ କରିଥିବା ବେଳେ ୪୮ ଜଣ ଆହତ ହୋଇଥିଲେ। ଏହି ଆକ୍ରମଣରେ ରୁଷିଆ ୫୯୮ ଡ୍ରୋନ୍ ଓ ୩୧ ମିସାଇଲ ମାଡ଼ କରିଥିଲା। ୟୁକ୍ରେନର ସବୁ ଠିକଣା ଉପରେ ସଠିକ୍ ଆକ୍ରମଣ କରାଯାଇଛି ବୋଲି ରୁଷିଆ ତରଫରୁ କୁହାଯାଇଛି।

# ପାଖାପାଖି ଜଳିଲା ଜେଜେ-ନାତୁଣୀଙ୍କ ଜୁଇ

■ ସାପ କାମୁଡ଼ାରେ ନାତୁଣୀ ମୃତ
■ ଖବର ଶୁଣି ଜେଜେଙ୍କୁ ହୃଦ୍‌ଘାତ

ବାଲିଚନ୍ଦ୍ରପୁର, ୨୯।୮ (ସମିସ): ଯାଜପୁର ଜିଲ୍ଲା ତଥା ବଡ଼ଚଣା ବ୍ଲକ ଅନ୍ତର୍ଗତ ବିକ୍ରମତିରଣ ପଞ୍ଚାୟତ ଗୋବଣ୍ଡିଆ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ସାପ କାମୁଡ଼ାରେ ନାତୁଣୀର ମୃତ୍ୟୁ ଖବର ଶୁଣି ହୃଦ୍‌ଘାତରେ ଚାଲିଗଲା ଜେଜେଙ୍କ ଜୀବନ। ମୃତକଦ୍ୱୟ ହେଲେ, ଗ୍ରାମର ବାବାଜୀ ପରମାଣିକ(୭୫) ଓ ତାଙ୍କ ନାତୁଣୀ ଅଙ୍କିତା ପ୍ରିୟଦର୍ଶିନୀ(୧୫)। ଆଜି ଗାଁ ମଶାଣିରେ ପାଖାପାଖି ଦୁହିଁଙ୍କ ଜୁଇ ଜଳିଛି।

ସୂଚନା ମୁତାବକ, ଏହି ଅଙ୍କିତା ଦଶମ ଶ୍ରେଣୀରେ ପାଠ ପଢ଼େ। ଗତ ରାତିରେ ସେ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ତାକୁ କାମୁଡ଼ି ଦେଇଥିଲା। ବିଳମ୍ବିତ ରାତିରେ ଅଙ୍କିତା ଏହା ଜାଣିବା ପରେ ପରିବାରଲୋକଙ୍କୁ ଜଣାଇଥିଲା। ତାକୁ ଚିକିତ୍ସା ଲାଗି ପରିବାରଲୋକ ମାହାଙ୍ଗା ମେଡ଼ିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅଙ୍କିତାର ମୃତ୍ୟୁ ହୋଇଯାଇଥିଲା। ବ୍ୟବଚ୍ଛେଦ ପରେ ଅଙ୍କିତାଙ୍କ ଶବ ଆଜି ଗାଁକୁ ଫେରୁଥିବା ବେଳେ ଏହି ଖବର ପାଇ ଜେଜେ ବାବାଜୀ ପରମାଣିକ (୭୫)ଙ୍କ ହୃଦ୍‌ଘାତ ହୋଇଥିଲା। ତାଙ୍କୁ ଚିକିତ୍ସା ପାଇଁ ମେଡ଼ିକାଲକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ଗାଁ ମଶାଣିରେ ଉଭୟ ଜେଜେ-ନାତୁଣୀଙ୍କ ଶବକୁ ଏକାଠି ସତ୍କାର କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

# ଓଆଇଏସ୍‌ଏଲ୍ କାରଖାନାରେ ଠିକା ଶ୍ରମିକ ମୃତ

ରାଉରକେଲା,୨୯।୮ (ସମିସ): ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଜାମପାଲି ଛକରେ ଥିବା ଓଆଇଏସଏଲ କାରଖାନାର ଲାବୋରେଟରୀ ଭିତରେ ଜଣେ ଠିକା ଶ୍ରମିକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ମୃତ ଠିକା ଶ୍ରମିକଜଣଙ୍କ କୁନମୁର ପଞ୍ଚାୟତ ତେତେରକେଲା ଗ୍ରାମର ଆନନ୍ଦ ଲାକ୍ରାଙ୍କ ପୁଅ ପ୍ରଦୀପ ଲାକ୍ରା। ସେ ଓଆଇଏସଏଲ କାରଖାନାରେ ଠିକା କମ୍ପାନୀ ଆକାଶ ଏଣ୍ଟରପ୍ରାଇଜେସ୍ ଅଧୀନରେ ଲାବୋରେଟରୀରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସେ ଲାବୋରେଟରୀରେ କାର୍ଯ୍ୟରତ ଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ରାଜଗାଙ୍ଗପୁର ଗୋଷ୍ଠୀ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ପ୍ରଦୀପଙ୍କ ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ରାଜଗାଙ୍ଗପୁର ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଭାଙ୍ଗ ଖାଇ ଟ୍ରକ୍ ମଡ଼ାଇଦେଲା

## ଭାଙ୍ଗିଲା ୨ ଦୋକାନ ଘର, ଜଣେ ମୃତ

ଧରାକୋଟ,୨୯।୮ (ସମିସ): ଧରାକୋଟ ଥାନା ଅନ୍ତର୍ଗତ ଡଉଗାଁ ଛକରେ ଶୁକ୍ରବାର ସକାଳୁ ଏକ ସିରିଜ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇଟି ଦୋକାନ ଘର ଭାଙ୍ଗି ଯାଇଛି। ସୂଚନାନୁଯାୟୀ, ଦ୍ରୁତଗତିରେ ଆସୁଥିବା ଏକ ଏଲ୍‌ପିଜି ସିଲିଣ୍ଡର୍ ବୋଝେଇ ଟ୍ରକ୍ ପ୍ରଥମେ ଜଣେ ବ୍ୟକ୍ତିଙ୍କ ଉପରେ ମାଡ଼ିଯିବାରୁ ତାଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଟ୍ରକ୍‌ଟି ଫେରାର୍ ହେବା ପାଇଁ ଚେଷ୍ଟା କରି ଡଉଗାଁ ମିଲ ଛକରେ ଥିବା ଦୁଇଟି ଦୋକାନ, ଜଣେ ବ୍ୟକ୍ତିଙ୍କ ଘର, ଗୋଟିଏ ବାଇକ ଓ ସାଇକେଲ ଉପରେ ମାଡ଼ି ଯାଇଥିଲା। ମୃତକ ହେଲେ ବସନ୍ତ ପରିଡ଼ା(୪୮)।। ଦୁର୍ଘଟଣା ଘଟାଇବା ପରେ ଚାଳକ ଗାଡ଼ି ଧରି ଚମ୍ପଟ ମାରୁଥିବା ବେଳେ ଗାଁ ଲୋକେ ତାକୁ ଅଟକ ରଖି ପୁଲିସର ଜିମା ଦେଇଛନ୍ତି। ଅଧିକ ଭାଙ୍ଗ ସେବନ ଯୋଗୁଁ ନିଶାରେ ସେ ଏପରି ଅଘଟଣ ହୋଇଛି ବୋଲି ଚାଳକଜଣଙ୍କ ପୁଲିସ୍ ଆଗରେ କହିଛି। ପୁଲିସ୍ ତାକୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟପକ୍ଷରେ, ଏହି ଦୁର୍ଘଟଣାରେ ମୃତ ବସନ୍ତଙ୍କ ପରିବାର ପୂରା ଭାଙ୍ଗି ପଡ଼ିଛି। ପୁଲିସ ତାଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ସ୍ଥାନୀୟ ତହସିଲଦାର ଲମ୍ବୋଦର ମାରାଣ୍ଡି ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ରେଡ୍‌କ୍ରସ୍ ପାଣ୍ଠିରୁ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ଗଣେଶ ପୂଜା ଭସାଣିରେ ଅଘଟଣ

# ପୋଖରୀରେ ବୁଡ଼ି ଛାତ୍ର ମୃତ

ପାଣିକୋଇଲି, ୨୯।୮ (ସମିସ): ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅମୃତିଆ ପଞ୍ଚାୟତ ଅନ୍ତର୍ଗତ ରଙ୍ଗରଙ୍ଗା ଗ୍ରାମରେ ଆଜି ଏକ ଅଘଟଣ ଘଟିଛି। ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ପୋଖରୀରେ ବୁଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଗ୍ରାମର ବସନ୍ତ କୁମାର ସାହୁଙ୍କ ପୁଅ ସତ୍ୟପ୍ରକାଶ(୧୩)। ସେ ଗ୍ରାମରେ ଥିବା ପ୍ରହ୍ଲାଦ ଉଚ୍ଚ ବିଦ୍ୟାପୀଠର ଅଷ୍ଟମ ଶ୍ରେଣୀ ଛାତ୍ର।

ସୂଚନାନୁଯାୟୀ, ଆଜି ଦିନ ପ୍ରାୟ ୧୧ଟାରେ ସ୍କୁଲରେ ଗଣେଶ ମୂର୍ତ୍ତି ବିସର୍ଜନ ପର୍ବ ଅନୁଷ୍ଠିତ ହୋଇଥିଲା। ଗଣେଶଙ୍କ ମୂର୍ତ୍ତିଙ୍କୁ ଧରି ବିଦ୍ୟାଳୟର ପ୍ରାୟ ୧୦ ଜଣ ପିଲା ସ୍ଥାନୀୟ ଏକ ପୋଖରୀକୁ ବିସର୍ଜନ ନିମନ୍ତେ ଯାଇଥିଲେ। ବିସର୍ଜନ ସାରି ଗାଧୋଇବା ବେଳକୁ ଜଣକ ପରେ ଜଣେ ପୋଖରୀର ଗଭୀର ଜଳରେ ବୁଡ଼ି ଯାଇଥିଲେ। ଏହା ଦେଖି ଗ୍ରାମବାସୀମାନେ ୯ଜଣଙ୍କୁ ଉଦ୍ଧାର କରିଥିବା ବେଳେ ସତ୍ୟପ୍ରକାଶକୁ ପାଇନଥିଲେ। ବହୁ ଖୋଜାଖୋଜି ପରେ ସତ୍ୟକୁ ପୋଖରୀର ଗଭୀର ଜଳରୁ ଉଦ୍ଧାର କରି ବୈତରଣୀରୋଡ୍ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାର ଡାକ୍ତର ସତ୍ୟକୁ ମୃତ ଘୋଷଣା କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅପରପକ୍ଷେ, ଏହି ଅଘଟଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ବିନା ଶିକ୍ଷକରେ ପିଲାମାନଙ୍କୁ କିଏ ଓ କାହିଁକି ବିସର୍ଜନ ପାଇଁ ପଠାଇଥିଲା, ତାହାର ତଦନ୍ତ କରିବାକୁ ଦାବି ହୋଇଛି।

## ବିହାର ନିର୍ବାଚନ

# ଧର୍ମେନ୍ଦ୍ରଙ୍କ ପରେ ଏବେ ଭକ୍ତଙ୍କ ପ୍ରଚାର






■ ବିହାରରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଧର୍ମେନ୍ଦ୍ର
■ ବିହାରରେ କଂଗ୍ରେସ ପ୍ରଭାରୀ ଭକ୍ତଙ୍କର ରହିଛି ଅଭିଜ୍ଞତା

ଭୁବନେଶ୍ୱର,୨୯।୮ (ସମିସ): ଆଉ ଦୁଇମାସ ପରେ ବିହାର ବିଧାନସଭା ନିର୍ବାଚନ। ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ମନେ ହେଉଥିବା ଏହି ନିର୍ବାଚନ ଉପରେ ସାରା ଦେଶର ନଜର ରହିଛି। ଯଦିଓ ଆନୁଷ୍ଠାନିକ ଭାବେ ନିର୍ବାଚନ ତାରିଖ ଘୋଷଣା ହୋଇନାହିଁ, ତଥାପି ନିର୍ବାଚନ ପରିବେଶ ବେଶ୍ ସରଗରମ ରହିଛି। ଭୌଗୋଳିକ ଓ ସାମାଜିକ ଦୃଷ୍ଟିକୋଣରୁ ଯଦିଓ ବିହାର ସହ ଓଡ଼ିଶାର ସେପରି କିଛି ସମ୍ପର୍କ ନାହିଁ; ତଥାପି ବିହାର ରାଜନୀତି ସହିତ ଜଡ଼ିତ ଓଡ଼ିଶାର ଦୁଇ ନେତା ବିଧିବଦ୍ଧ ଭାବରେ ନିର୍ବାଚନରେ ସାମିଲ ହୋଇ ସାରିଲେଣି। ପୂର୍ବରୁ ବିହାରରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିହାର ପାଇଁ ଏକଦା କଂଗ୍ରେସ ପ୍ରଭାରୀ ରୂପେ କାର୍ଯ୍ୟ କରିଥିବା ଓଡ଼ିଶା ପିସିସି ସଭାପତି ଭକ୍ତଚରଣ ଦାସ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି।

ବର୍ତ୍ତମାନ ବିହାରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭୋଟ୍‌ଅଧିକାର ଯାତ୍ରା କରୁଛନ୍ତି। ଏହା ସହ ବିହାର ହୋଇଥିବା 'ଏସ୍‌ଆଇଆର୍' ପ୍ରକ୍ରିୟାକୁ ତ୍ରୁଟିପୂର୍ଣ୍ଣ କହି ନିର୍ବାଚନ କମିସନ ଓ ବିଜେପି ସରକାରଙ୍କୁ ଟାର୍ଗେଟ୍ କରୁଛନ୍ତି। ତେଣୁ ବିହାରରେ ବିଜେପିକୁ ମାତ୍ ଦେବା ପାଇଁ କଂଗ୍ରେସ ଚଳାଇଥିବା ଉଦ୍ୟମରେ ସାମିଲ ହୋଇଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ । ସେ ବିହାର ଗସ୍ତ କରି ବିଭିନ୍ନ ସ୍ଥାନରେ ଆୟୋଜିତ ଦଳୀୟ କାର୍ଯ୍ୟକ୍ରମରେ ଭାଗ ନେଇଛନ୍ତି। ବିହାରର ନିର୍ବାଚନରେ ରହିଥିବା ବିଭିନ୍ନ ପ୍ରସଙ୍ଗ ଓ କୌଶଳ ସମ୍ପର୍କରେ ତାଙ୍କର ପୂର୍ବ ଅଭିଜ୍ଞତା ଦଳ ପାଇଁ ଉପଯୋଗୀ ହେବ ବୋଲି କଂଗ୍ରେସ ମନେ କରୁଛି। ଶୁକ୍ରବାର ଭକ୍ତ ପାଟନାଠାରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦଙ୍କ ଉପସ୍ଥିତିରେ ସାମ୍ବାଦିକ ସମ୍ମିଳନୀରେ ଅଂଶଗ୍ରହଣ କରିଛନ୍ତି। ଭକ୍ତଙ୍କ ସହିତ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ମଧ୍ୟ ବିହାର ସକ୍ରିୟ ଭାବେ ଦଳ ପାଇଁ କାମ ଆରମ୍ଭ କରିଦେଇଛନ୍ତି।

ଅନ୍ୟପଟେ ଅତୀତରେ ବିହାର ବିଧାନସଭା ନିର୍ବଚନ ପାଇଁ ସହପ୍ରଭାରୀ ଦାୟିତ୍ୱ ତୁଲାଇଥିବା ଓ ବିହାରରୁ ରାଜ୍ୟସଭାକୁ ଯାଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ମଧ୍ୟ ବିହାର ନିର୍ବାଚନ ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତ। ଗତ ୨୬ତାରିଖରେ ଧର୍ମେନ୍ଦ୍ର ପାଟନାରେ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ଯୁବ ସମ୍ମିଳନୀରେ ଯୋଗ ଦେଇଥିଲେ। ସେଠାରେ ବିଜେପି ସରକାରରେ ବିହାର ପ୍ରତି ଥିବା ପ୍ରତିବଦ୍ଧତା ସମ୍ପର୍କରେ ଦର୍ଶାଇଥିଲେ। ଏହାସହିତ ଧର୍ମେନ୍ଦ୍ର ବିଭିନ୍ନ ପ୍ରସଙ୍ଗରେ କଂଗ୍ରେସକୁ ନିଶାଣ କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ମଧ୍ୟ ସାକ୍ଷାତ କରିଥିଲେ। ଯାହାକୁ ସ୍ଥାନୀୟ ସାମ୍ବାଦିକମାନେ ବହୁ ଗୁରୁତ୍ୱପୂର୍ଣ୍ଣ ଦର୍ଶାଉଛନ୍ତି। ଏହି ଅବସରରେ ଉଭଙ୍କ ମଧ୍ୟରେ ବିଜେପି-ଏନ୍‌ଡ଼ିଏ ସିଟ୍ ବଣ୍ଟନକୁ ନେଇ ଆଲୋଚନା ହୋଇଥିବା ଚର୍ଚ୍ଚା ହେଉଛି ।



ପୁରୀରେ ମହାପ୍ରଭୁଙ୍କ ଦର୍ଶନ ଅବସରରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ସାଂସଦ ଓ ବିଧାୟକଗଣ

# ୩୧ରୁ ପୁଣି ବଢ଼ିବ ବର୍ଷା

ଭୁବନେଶ୍ୱର,୨୯।୮ (ସମିସ): ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବିଶେଷ ବର୍ଷା ହେବ ନାହିଁ। ଓଡ଼ିଶା ଉପରେ କୌଣସି ପାଣିପାଗ ନିୟାମକ ନାହିଁ। ତେଣୁ ବର୍ଷା କମିବ। ମାତ୍ର ୩୧ ତାରିଖରୁ ପୁଣି ବର୍ଷା ବଢ଼ିବ। ଆସନ୍ତା ୩ ତାରିଖରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟରେ ପୁଣି ବର୍ଷା ବଢ଼ିବ। ଗୋଟିଏ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଓ ଆଉ ଗୋଟିଏ ଦ୍ୱିତୀୟ ସପ୍ତାହରେ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ପକ୍ଷରୁ ଆଗମୀ ଦୁଇ ସପ୍ତାହ ପାଇଁ ବିସ୍ତାରିତ ପାଣିପାଗର ପୂର୍ବାନୁମାନ ଜାରି ହୋଇଛି। ଏହି ଆକଳନ ଅନୁସାରେ, ସେପ୍ଟେମ୍ବର ୩ ତାରିଖ ବେଳକୁ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ଏହା ଅଧିକ ଘନୀଭୂତ ହୋଇ ୫ ତାରିଖରେ ଅବପାତର ରୂପ ନେବାର ସମ୍ଭାବନା ଅଛି। ଏହାପରେ ଦ୍ୱିତୀୟ ସପ୍ତାହ ବେଳକୁ ପୁଣି ଆଉ ଏକ ଲଘୁଚାପ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ଅଛି। ତେଣୁ ଓଡ଼ିଶାରେ ଆସନ୍ତା ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୩ ଭିତରେ ପ୍ରବଳ ବର୍ଷା ହୋଇପାରେ। ଗତ ୨୪ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ପ୍ରଭାବ ହ୍ରାସ ପାଇଛି। ମାତ୍ର କିଛି କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହୋଇଥିବା ଜଣାପଡ଼ିଛି। ଶନିବାର ମଧ୍ୟ ଅଧିକାଂଶ ସ୍ଥାନରେ ବର୍ଷାର ପ୍ରଭାବ କମିବା ସହ କାଁ ଭାଁ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ୩୧ରେ ବର୍ଷା ବଢ଼ିବା ଯୋଗୁଁ କିଛି କିଛି ଜିଲ୍ଲା ପାଇଁ ଆଲର୍ଟ ଜାରି ହୋଇଛି।

## ମୁଖ୍ୟମନ୍ତ୍ରୀଙ୍କୁ କଡ଼ା ସମାଲୋଚନା କଲେ ଲେଖାଶ୍ରୀ

# 'ମହିଳାଙ୍କ ପ୍ରତି ସମ୍ମାନ ରାଜନୈତିକ ଚାଟୁକାରିତାରେ ସୀମିତ'

■ ନୀଳଗିରି ବିଧାୟକଙ୍କ ଅସଭ୍ୟ, ଅଶୋଭନୀୟ ଭାଷାକୁ ୨ ମାସ ପୂରିଲା
■ ମୁଖ୍ୟମନ୍ତ୍ରୀଙ୍କ ମୁହଁରୁ ପଦୁଟିଏ ଶବ୍ଦ ବାହାରିଲାନି

ଭୁବନେଶ୍ୱର, ୨୯।୮ (ସମିସ): ବିହାର ଦରଭଙ୍ଗାଠାରେ ଏକ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱର୍ଗୀୟା ମା'ଙ୍କ ପ୍ରତି ଅପଶବ୍ଦ ପ୍ରୟୋଗକୁ ନେଇ ଦେଶବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଉଛି। ଏପରି ଅପଶବ୍ଦକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ କଡ଼ା ଭାଷାରେ ନିନ୍ଦା କରିଥିବା ବେଳେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏନେଇ ପ୍ରତିକ୍ରିୟା ରଖିଛନ୍ତି ବିଜେଡିର ବରିଷ୍ଠ ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର। ମହିଳାଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଏ ସମ୍ମାନ କେବଳ ରାଜନୈତିକ ଚାଟୁକାରିତା ଭିତରେ ସୀମିତ ବୋଲି ସେ କହିଛନ୍ତି।

ଲେଖାଶ୍ରୀ କହିଛନ୍ତି, ବିହାରରେ ପ୍ରଧାନମନ୍ତ୍ରୀଙ୍କ ମା'ଙ୍କ ଉପରେ ହୋଇଥିବା ଅସଭ୍ୟ ଟିପ୍ପଣୀକୁ ଭର୍ତ୍ସନା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଅନେକ ଧନ୍ୟବାଦ। ମହିଳାଙ୍କ ଉପରେ ଅତ୍ୟାଚାର, ଅପରାଧ ଓ ଅସମ୍ମାନର ବିରୋଧ କରିବା ଓ ଦୋଷୀକୁ ଦଣ୍ଡିତ କରିବା ସମସ୍ତଙ୍କ ଗୁରୁଦାୟିତ୍ୱ। ମୁଖ୍ୟମନ୍ତ୍ରୀ ଭାବେ ଆପଣଙ୍କ ଦାୟିତ୍ୱ ସବୁଠାରୁ ଅଧିକ। ପ୍ରଧାନମନ୍ତ୍ରୀଙ୍କ ମା'ଙ୍କ ସମ୍ମାନ ପାଇଁ ଆପଣ ଅଣ୍ଟା ଭିଡ଼ିଲେ ଭଲ କଥା। ମାତ୍ର ମୋ ଉପରେ ଆପଣଙ୍କ ଦଳର ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା କୁତ୍ସିତ, ଅସଭ୍ୟ, ଅଭଦ୍ର ମନ୍ତବ୍ୟକୁ ଦୁଇ ମାସ ବିତିଯାଇଥିଲେ ମଧ୍ୟ ଆପଣଙ୍କ ମୁହଁରୁ ଉଁ ଟିଏ ମଧ୍ୟ ବାହାରିଲା ନାହିଁ। ଆପଣଙ୍କର ମହିଳାଙ୍କ ପ୍ରତି ଏ ସମ୍ମାନ କେବଳ ରାଜନୈତିକ ଚାଟୁକାରିତା ଭିତରେ ସୀମିତ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଲେଖାଶ୍ରୀଙ୍କ ପ୍ରତି ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶୋଭନୀୟ, ଅଭଦ୍ର ମନ୍ତବ୍ୟକୁ ନେଇ ବିଜେଡି ଦିଲ୍ଲୀରୁ ଓଡ଼ିଶା ଯାଏଁ ସ୍ୱର ଉତ୍ତୋଳନ କରିଆସିଛି। ଦିଲ୍ଲୀରେ ରାଷ୍ଟ୍ରୀୟ ମହିଳା ଆୟୋଗ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି ରାଜ୍ୟ ପୁଲିସ ମୁଖିଆଙ୍କ ନିକଟରେ ଏନେଇ ବିଜେଡି ଫେରାଦ ହୋଇଥିଲେ ମଧ୍ୟ ଶ୍ରୀ ଖଟୁଆଙ୍କ ବିରୋଧରେ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

■ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟିଲେ ସୌମ୍ୟାଶ୍ରୀଙ୍କ ବାପା

# କମିଟି ସଦସ୍ୟଙ୍କୁ ଶୀଘ୍ର ବାନ୍ଧ

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲା

ବାଲେଶ୍ୱର,୨୯।୮ (ସମିସ): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ମାମଲାକୁ ମାସେରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୪ଜଣ ଗିରଫ ହୋଇଛନ୍ତି। କିନ୍ତୁ ଯେଉଁ ଆଇସିସି କମିଟିର ରିପୋର୍ଟ ପାଇଁ ହତାଶ ହୋଇ ଝିଅ ଆତ୍ମହତ୍ୟା କଲା, ସେ କମିଟି ସଦସ୍ୟଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନି ବୋଲି ଅଭିଯୋଗ କରି ଆଜି ସୌମ୍ୟାଶ୍ରୀଙ୍କ ବାପା ବଳରାମ ବିଶି ବାଲେଶ୍ୱର ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟିଛନ୍ତି। ଯେଉଁମାନେ ଝିଅକୁ ଆତ୍ମହତ୍ୟା ପାଇଁ ଉସୁକାଇଥିଲେ, ଝିଅକୁ ପ୍ରତାରଣା ଏବଂ ମାନସିକ ନିର୍ଯାତନା ଦେଇଥିଲେ, ସେମାନଙ୍କ ଉପରେ ଏପର୍ଯ୍ୟନ୍ତ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି ବୋଲି ସେ ପ୍ରଶ୍ନ କରିଛନ୍ତି। ସେମାନଙ୍କ ବିରୋଧରେ ମଧ୍ୟ ହତ୍ୟା ମାମଲା ରୁଜୁ ହେଉ ବୋଲି ବଳରାମ ଦାବି କରିଛନ୍ତି। ତେବେ ଉଭୟ ଜିଲ୍ଲାପାଳ ଓ ଏସ୍‌ପି ତାଙ୍କୁ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ ଏହି ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ଚାଲିଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ହେବ।

## ରାଜ୍ୟ ପୁଲିସ ମୁଖ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ

# ଓଡ଼ିଶା ପୁଲିସର ୪୧ କ୍ରୀଡ଼ାବିତ୍ ସମ୍ବର୍ଦ୍ଧିତ



କଟକ,୨୯।୮ (ସମିସ): କିଂବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନ ତଥା ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଓଡ଼ିଶା ପୁଲିସର ୪୧ଜଣ ଶ୍ରେଷ୍ଠ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। କଟକ ଆଇପିଏସ୍ ମେସସ୍ଥିତ ଆର୍.କେ ପାଢ଼ୀ ମେମୋରିଆଲ ହଲଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଡିଜିପି ଶ୍ରୀ ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ପୁଲିସର କ୍ରୀଡ଼ାବିତ୍‌ଙ୍କୁ ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କ ଅସାଧାରଣ ପ୍ରତିଭାର ପ୍ରଶଂସା କରିଥିଲେ। ଏଥିନିମନ୍ତେ ବିଗତ ଦିନରେ ସାରା ଦେଶରେ ଓଡ଼ିଶା ପୁଲିସର ସୁନାମ ବୃଦ୍ଧି ପାଇଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ। ଏହି ଅବସରରେ ଆମେରିକାର ବିର୍ମିଂହାମଠାରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ପୁଲିସ ଏବଂ ଅଗ୍ନିଶମ କ୍ରୀଡ଼ା ଭଳି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ପୁଲିସର ୭ କ୍ରୀଡ଼ାବିତ୍‌ଙ୍କ ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ମଧ୍ୟ ଡିଜିପି ଉଲ୍ଲେଖ କରିଥିଲେ। ଏହି କ୍ରୀଡ଼ାବିତ୍‌ମାନେ ନିଜର ଦକ୍ଷତା ପ୍ରତିପାଦନ କରି ୧୩ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଏବଂ ୪ଟି କାଂସ୍ୟ ପଦକ ବିଜୟ ହୋଇ ଖେଳ ଜଗତରେ ନୂଆ ଇତିହାସ ସୃଷ୍ଟି କରିବା ସହ ଓଡ଼ିଶା ପୁଲିସକୁ ଗୌରବମଣ୍ଡିତ କରିଛନ୍ତି ବୋଲି ସେ କହିଥିଲେ। ଏହି ଅବସରରେ ଡିଜିପି ୪୧କ୍ରୀଡ଼ାବିତ୍‌ଙ୍କୁ ଉତ୍ତରୀୟ, ନଗଦ ଅର୍ଥରାଶି ପ୍ରଦାନ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ରାଜ୍ୟ ପୁଲିସ ମୁଖ୍ୟାଳୟର କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ସମାରୋହରେ ରାଜ୍ୟ ପୁଲିସ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଉପକୂଳ ସୁରକ୍ଷା ସହ ଖେଳ

# ବାଣ୍ଟିଦେଲେ ପାଟ୍ରୋଲିଂ ଡ୍ରୋନ୍

ଭୁବନେଶ୍ୱର,୨୯।୮ (ସମିସ): ଉପକୂଳ ସୁରକ୍ଷା ପାଇଁ ଓଡ଼ିଶା ପୁଲିସ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଡ୍ରୋନ୍ କିଣିଥିଲା। ହେଲେ ଏହି ଡ୍ରୋନ୍ ଉପକୂଳରେ ପାଟ୍ରୋଲିଂ କରିବ କ'ଣ, ଆକାଶରୁ ଉଭାନ୍ ହୋଇଗଲାଣି। ଗତ ମାର୍ଚ୍ଚରେ କିଣାଯାଇଥିବା ଏହି ଡ୍ରୋନ୍‌ଗୁଡ଼ିକୁ ଓଡ଼ିଶା ପୁଲିସ୍ ଉପକୂଳ ସୁରକ୍ଷାରେ ନିୟୋଜିତ ନ କରି ନକ୍ସଲ ମୁକାବିଲା ନିମନ୍ତେ ସ୍ପେସାଲ ଅପରେସନ୍ ଗ୍ରୁପ୍ (ଏସଓଜି)କୁ ହସ୍ତାନ୍ତର କରାଯାଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। କିନ୍ତୁ, କାହା ନିର୍ଦ୍ଦେଶରେ ଏପରି କରାଯାଇଛି, ସେନେଇ କେହି ମୁହଁ ଖୋଲୁନାହାନ୍ତି।

ନିକଟରେ, ବିହାରକୁ ୩ଜଣ ଆତଙ୍କବାଦୀ ନେପାଳ ରାସ୍ତା ଦେଇ ପଶି ଆସିଥିବା ଗୁଇନ୍ଦା ସୂଚନା ଦେଇଥିଲା। ଆତଙ୍କବାଦୀ ଆକ୍ରମଣ ଦୃଷ୍ଟିରୁ ଓଡ଼ିଶା ବି ଏକ ସମ୍ବେଦନଶୀଳ ରାଜ୍ୟ। ବିଶେଷକରି, ଏହାର ସୁଦୀର୍ଘ ଉପକୂଳ ଦେଇ ଆତଙ୍କୀ ପଶି ଆସିବାର ଆଶଙ୍କା ରହିଛି। ଅତୀତରେ ଓଡ଼ିଶାରୁ ମଧ୍ୟ ଏକାଧିକ ଆତଙ୍କବାଦୀ ଧରାପଡ଼ିବାର ନଜିର ରହିଛି। କେବଳ ଆତଙ୍କବାଦୀ ନୁହେଁ, ଓଡ଼ିଶାକୁ ଲାଗିଥିବା ଦୀପଗୁଡ଼ିକରେ ମଧ୍ୟ ଅନୁପ୍ରବେଶକାରୀମାନେ ରହିଲେଣି। ଏହା ଉପରେ ନଜର ରଖିବା ଲାଗି ରାଜ୍ୟ ସରକାର ଉପକୂଳ ସୁରକ୍ଷା ପ୍ଲାନରୁ ୧୨.୭୩ କୋଟି ଟଙ୍କା ଓଡ଼ିଶା ପୁଲିସକୁ ମଞ୍ଜୁର କରିଥିଲେ। ଉପକୂଳ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ପାଣ୍ଠିରୁ ବିଡିଂ ପ୍ରକ୍ରିୟାରେ ୨୦୨୫ ମାର୍ଚ୍ଚରେ ୧୦ଟି ଉଚ୍ଚକ୍ଷମତା ସମ୍ପନ୍ନ ଡ୍ରୋନ୍ କିଣାଯାଇଥିଲା। ମାତ୍ର ସେହି ଡ୍ରୋନ୍‌କୁ ଉପକୂଳ ସୁରକ୍ଷାରେ ନିୟୋଜିତ କରାନଯାଇ ସେଥିରୁ ୫ଟି ଡ୍ରୋନ୍‌କୁ ଏସ୍‌ଓଜିକୁ ହସ୍ତାନ୍ତର କରାଯାଇଛି। ନକ୍ସଲ ମୁକାବିଲା ନିମନ୍ତେ ଏସ୍‌ଓଜି ପାଖରେ ୨୦୨୪ ମସିହାରୁ ୬ଟି ଡ୍ରୋନ୍ ରହିଛି। ଯଦି ଓଏସ୍‌ଜି ପାଇଁ ଅଧିକ ଡ୍ରୋନର ଆବଶ୍ୟକତା ଥିଲା, ସେଥିପାଇଁ ଅଲଗା ଟେଣ୍ଡର୍ ଡାକି କ୍ରୟ କରିବାରେ ଅସୁବିଧା କେଉଁଠି ବୋଲି ପ୍ରଶ୍ନ ଉଠିଛି। ଓଡ଼ିଶା ଆର୍ଥିକ ନିୟାମବଳୀର ଉଲ୍ଲଙ୍ଘନ କରି ଉପକୂଳ ସୁରକ୍ଷା ପାଣ୍ଠିରୁ କ୍ରୟ ଡ୍ରୋନ୍‌ଗୁଡ଼ିକୁ ଏସଓଜିକୁ ହସ୍ତାନ୍ତର ହୋଇଛି ବୋଲି କୁହାଯାଉଛି।

## ମୁକୁଳା ପଡ଼ିଛି ଉପକୂଳ; ଆତଙ୍କବାଦୀ ପ୍ରବେଶର ଭୟ ଘାରିଲାଣି

ଅପରପକ୍ଷେ, ବାଂଲାଦେଶୀ ଅନୁପ୍ରବେଶକାରୀମାନେ ଏହାର ଫାଇଦା ନେଉଥିବା ଅଭିଯୋଗ ହେଉଛି। ଦଳଦଳ ହୋଇ ସେମାନେ ବିନା ଭୟରେ ଓଡ଼ିଶାରେ ପ୍ରବେଶ କରୁଛନ୍ତି। ଆଗାମୀ ଦିନରେ ଏହା ଉଭୟ ରାଜ୍ୟ ଓ ଦେଶ ପାଇଁ ବିପଦ ଆଣିବ ବୋଲି କୁହାଯାଉଛି।

ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶ ଏବେ ଗୁରୁତର ସମସ୍ୟା ହୋଇ ରହିଛି। ୨୦୨୧ ସୁଦ୍ଧା ରାଜ୍ୟରେ ମୋଟ୍ ୩୭୩୮ ଜଣ ବାଂଲାଦେଶୀ ନାଗରିକ ରହୁଛନ୍ତି ବୋଲି ତଥ୍ୟ କହୁଛି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଭଳି ଉପକୂଳ ଜିଲ୍ଲାରେ ସମୁଦ୍ର ମାର୍ଗ ଦେଇ ବାଂଲାଦେଶୀଙ୍କ ଅନୁପ୍ରବେଶର ଆଶଙ୍କା ଅଧିକ ରହିଛି। ଅନୁପ୍ରବେଶକାରୀମାନେ ସମୁଦ୍ର ମାର୍ଗରେ ଦେଶୀ ଡଙ୍ଗା ଅବା ବୋଟ୍ ସହାୟତାରେ ସର୍ବାଧିକ ୮-୧୦ ଘଣ୍ଟା ମଧ୍ୟରେ ଓଡ଼ିଶା ଉପକୂଳରେ ପହଞ୍ଚିବାର ସମ୍ଭାବନା ବି ରହୁଛି।

# ଓକିଲାତି ଲାଇସେନ୍ସଧାରୀ ଅନ୍ୟ ପେସାରେ ଥିଲେ ରୁଜୁ ହେବ ଫୌଜଦାରୀ ମାମଲା

## ବାର୍ କାଉନସିଲର ଚିଠି

କଟକ, ୨୯।୮ (ସମିସ): ଓକିଲାତି ପେସାରେ ଯୋଗଦେବା ଲାଗି ରାଜ୍ୟ ଆଇନଜୀବୀ ପରିଷଦରୁ ଲାଇସେନ୍ସ ନେଉଥିବା ଅନେକ ଆଇନଜୀବୀ ସରକାରୀ ଚାକିରି ସହ ବିଭିନ୍ନ କମ୍ପାନୀ, ବ୍ୟବସାୟ, ଠିକାକାମ ଓ ଅନ୍ୟାନ୍ୟ ପେସାରେ ଯୋଗ ଦେଇ କାର୍ଯ୍ୟ କରୁଛନ୍ତି। ଏପରି ଅଭିଯୋଗକୁ ଆଇନଜୀବୀ ପରିଷଦ ଗୁରୁତ୍ୱର ସହ ଗ୍ରହଣ କରିଛି। ଏହାକୁ ରୋକିବା ଲାଗି ସମସ୍ତ ବାର୍ ଆସୋସିଏସନକୁ ପତ୍ର ଜରିଆରେ ନିର୍ଦ୍ଦେଶ ଦେଇଛି ପରିଷଦ।

ଆଇନଜୀବୀ ଆଇନ-୧୯୬୧ର ନିୟମ ଅନୁଯାୟୀ, ଆଇନଜୀବୀ ଲାଇସେନ୍ସ ପାଇବା ପରେ ଜଣେ ଆଇନଜୀବୀ ଅନ୍ୟ ପେସାରେ ପୂର୍ଣ୍ଣାଙ୍ଗ ରୂପେ କାର୍ଯ୍ୟ କରିବା, ଏପରିକି କେତେକ ସ୍ଥଳରେ ସରକାରୀ ଦପ୍ତରରେ ଚୁକ୍ତିଭିତ୍ତିକପୂର୍ଣ୍ଣ ସମୟ ଲାଗି କନ୍‌ସଲ୍ଟାଣ୍ଟ ଓ ରିସର୍ଚ୍ଚର୍ ଭାବେ କାର୍ଯ୍ୟ କରିବା ପେସାଗତ ନୈତିକତାର ବିରୋଧାଚରଣ କରୁଛି। ଏହି ଆଇନଜୀବୀମାନେ ସେମାନଙ୍କ ଲାଇସେନ୍ସ ରାଜ୍ୟ ଆଇନଜୀବୀ ପରିଷଦରେ ସରେଣ୍ଡର୍ କରିବା କଥା, ନଚେତ ସେମାନଙ୍କ ଲାଇସେନ୍ସ ରଦ୍ଦ କରିବାର ନିୟମ ରହିଛି। ତଥାପି ଏହାକୁ କିଛି ଆଇନଜୀବୀ ଉଲ୍ଲଙ୍ଘନ କରୁଛନ୍ତି। ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଲାଗି କାଉନସିଲ୍‌ର ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏ ବାବଦରେ ବାର୍ ଆସୋସିଏସନ୍‌କୁ କାଉନସିଲ୍ ପକ୍ଷରୁ ଚିଠି ଲେଖି ଏଭଳି ଆଇନଜୀବୀଙ୍କୁ ସେମାନଙ୍କ ଲାଇସେନ୍ସ ତୁରନ୍ତ ସରେଣ୍ଡର୍ କିମ୍ବା ସସପେଣ୍ଡ ଲାଗି ଆବେଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଆଇନଜୀବୀମାନେ ଏହି ନିୟମକୁ ଉଲ୍ଲଙ୍ଘନ କରୁଛନ୍ତି, ସେମାନଙ୍କ ବିରୋଧରେ ଫୌଜଦାରୀ ମକଦ୍ଦମା କରାଯିବା ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ ପାଇଁ କାଉନସିଲ ସଦସ୍ୟ ସଚିବ ଯଯାତି କେଶରୀ ସାମନ୍ତସିଂହାର ସମସ୍ତ ବାର୍ ଆସୋସିଏସନକୁ ଜଣାଇଛନ୍ତି। ଆଇନ ପେସାରେ ପୂର୍ଣ୍ଣ ସମୟ ଦେଇ କାର୍ଯ୍ୟ କରୁଥିବା ଆଇନଜୀବୀମାନେ ଏଭଳି ଆଇନ ଉଲ୍ଲଙ୍ଘନକାରୀଙ୍କ ସଂପର୍କରେ ବାର୍ ଆସୋସିଏସନ୍ କିମ୍ବା ବାର୍ କାଉନସିଲରେ ଜଣାଇଲେ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କାଉନସିଲ୍ ପକ୍ଷରୁ ଏକ ପ୍ରେସ୍ ବିବ୍ୟତିରେ ସୂଚନା ଦିଆଯାଇଛି।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ



କୋରାପୁଟ/ସୁନାବେଡ଼ା,୨୯।୮ (ସମିସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୧୭ତମ ପ୍ରତିଷ୍ଠା ଦିବସ ବିଶ୍ୱବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ବିଶ୍ୱବିଦ୍ୟାଳୟର ପତାକା ଉତ୍ତୋଳନ କରି ଏହି ଉତ୍ସବର ଶୁଭାରମ୍ଭ କରିଥିଲେ। କୁଳପତି ପ୍ରଫେସର ଶ୍ରୀପଣ୍ଡା ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଭାରତ ସରକାରଙ୍କ ଶାସ୍ତ୍ରୀୟ ଓଡ଼ିଆ ଅଧ୍ୟୟନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ଯୋଗଦେଇ ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ସମସ୍ତେ ନୂତନ ଦୃଢ଼ ସଂକଳ୍ପ ସହିତ ଆଗକୁ ବଢ଼ିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। କୋରାପୁଟର ପ୍ରାକୃତିକ ସୌନ୍ଦର୍ଯ୍ୟ ଆମକୁ ପ୍ରକୃତି ସହ ଏକତାରେ ବଞ୍ଚିବାକୁ ପ୍ରେରଣା ଦିଏ। ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟର ଦୀର୍ଘକାଳୀନ ଉନ୍ନତି ପାଇଁ କାମ କରିବା ଦରକାର ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଗୁରୁ ଘାସୀଦାସ ବିଲାସପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଲୋକ କୁମାର ଚକ୍ରବାଲ, ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ସାମଲ, ବିଶ୍ୱବିଦ୍ୟାଳୟର କୁଳସଚିବ ଡ଼ ରାକେଶ କୁମାର ଲେଙ୍କା ପ୍ରମୁଖ ମଞ୍ଚାସୀନ ଥିଲେ। କିଛି ବର୍ଷ ଧରି ବିଶ୍ୱବିଦ୍ୟାଳୟ ଶିକ୍ଷକ ନିଯୁକ୍ତି, ଢାଞ୍ଚାଗତ ବିକାଶ ଓ ଏକ ସକାରାତ୍ମକ ମନୋଭାବ ତିଆରି କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ଶୁଭାରମ୍ଭ କରିଛି ବୋଲି କୁଳପତି ଶ୍ରୀ ପଣ୍ଡା କହିଛନ୍ତି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଅକୁଣ୍ଠ ଆର୍ଥିକ ସହଯୋଗ ଦ୍ୱାରା ଆଗାମୀ ଦିନରେ ଇଣ୍ଟରନ୍ୟାସନାଲ୍ ଗେଷ୍ଟ ହାଉସ୍, ଅଡିଟୋରିଅମ୍, ହଷ୍ଟେଲ, ଅକାଡେମିକ୍ ବ୍ଲକ୍, ହସ୍ପିଟାଲ୍, ମାର୍କେଟ କମ୍ପ୍ଲେକ୍ସ ଇତ୍ୟାଦି ଢାଞ୍ଚାଗତ ବିକାଶ ହେବା ନେଇ ସେ ଆଶାବ୍ୟକ୍ତ କରିଥିଲେ। ନାଲ୍କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସାମଲ ବିଶ୍ୱବିଦ୍ୟାଳୟର ପରିବାରକୁ ଅଭିନନ୍ଦନ ଜଣାଇ ଭବିଷ୍ୟତରେ ଯେକୌଣସି ସାହାଯ୍ୟ ପାଇଁ ନାଲ୍କୋ ପ୍ରସ୍ତୁତ ବୋଲି କହିଥିଲେ। ଶେଷରେ ପ୍ରଫେସର ଭରତ କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଫେସର ରଥୀକାନ୍ତ କୁମାର ଓ ଡ଼. ସଂଜୟ କୁମାର ପ୍ରଧାନ ପରିଚାଳନା କରିଥିବା ବେଳେ ଡ. ଆଲୋକ ବରାଳ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣାଇଛନ୍ତି। କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାର ବହ ବ୍ୟକ୍ତିଙ୍କ ସମେତ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀ, ଛାତ୍ରଛାତ୍ରୀ ଓ ଗବେଷକମାନେ ଉପସ୍ଥିତ ଥିଲେ। ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା।

**● କେରଳରେ ରେଳ ଦୁର୍ଘଟଣାରେ ଦାଦନ ଶ୍ରମିକ ମୃତ**

## ମର ଶରୀର ଆଣିବାକୁ ପରିବାର ଲୋକଙ୍କ ନିବେଦନ



ନନ୍ଦପୁର,୨୯।୮ (ସମିସ): ସୁଦୂର କେରଳ ଦାଦନ ଖଟିବାକୁ ଯାଇ ଜଣେ ଦାଦନ ଶ୍ରମିକ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଛି। ଏ ନେଇ ଥାନାରେ ଏତଲା ହୋଇଛି। ସୂଚନା ପ୍ରକାରେ ନନ୍ଦପୁର ଥାନା ଅଧିନସ୍ଥ ଟିକରପଡ଼ା ପଞ୍ଚାୟତ ଅନ୍ତର୍ଗତ ଅର୍ଣା ଗ୍ରାମର ନିଧି ଖରାଙ୍କ ପୁଅ ଘାସି ଖରା ଗତ ଅଗଷ୍ଟ ୨୧ ତାରିଖରେ ଦାଦନ ଖଟିବାକୁ କେରଳ ରାଜ୍ୟକୁ ଯାଇଥିଲେ। ସେଠାରେ ସେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। ହେଲେ ଅଗଷ୍ଟ ୨୮ ତାରିଖ ଗୁରୁବାର ଦିନ କୌଣସି କାମରେ କେରଳର କୋଟାୟମ ଷ୍ଟେସନ ଆସିଥିଲେ। ସେଠାରେ ତାଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଏ ନେଇ ନନ୍ଦପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି ପରିବାର ଲୋକେ।ତାଙ୍କ ମର ଶରୀର କିପରି ସୁରକ୍ଷିତ ଘରକୁ ପହଞ୍ଚିବ ସେନେଇ ବିହିତ ପଦକ୍ଷେପ ନେବାକୁ ଉକ୍ତ ପତ୍ରରେ ଅନୁରୋଧ କରାଯାଇଛି।

## କାଉଝରଣ ରାସ୍ତା ଅବସ୍ଥା ଶୋଚନୀୟ



କୁନ୍ଦୁରା, ୨୯।୮ (ସମିସ): କୁନ୍ଦୁରା ବ୍ଲକ୍ ଫୁଲଭଟ୍ଟା ପଞ୍ଚାୟତ କାଉଝରଣ ଠାରୁ ବିଷଭଟ୍ଟା ରାସ୍ତା ଅବସ୍ଥା ଶୋଚନୀୟ। କୁନ୍ଦୁରା ବ୍ଲକର ଫୁଲଭଟ୍ଟା ପଞ୍ଚାୟତ ହେଉଛି ଉପାନ୍ତ ଓ ଅନୁନ୍ନତ ଅଞ୍ଚଳ। ଏହି ରାସ୍ତାଟି ବ୍ଲକର ଶେଷ ଗାଁ ନୂଆଗୁଡ଼ା ଓ ବିଷଭଟ୍ଟା ଠାରୁ କାଉଝରଣକୁ ସଂଯୋଗ କରୁଛି । ପଞ୍ଚାୟତ ସଦର ମହାକୁମା ଫୁଲଭଟ୍ଟାକୁ ଯାତାୟାତ ପାଇଁ ଏହା ଏକମାତ୍ର ରାସ୍ତା। ରାସ୍ତା ମାଟି ମୋରମ୍ ହୋଇଥିବାରୁ ଟିକିଏ ବର୍ଷା ହେଲେ କାଦୁଅରେ ଭର୍ତ୍ତି ହୋଇରହୁଛି। ପ୍ରତି ଦିନ ପଞ୍ଚାୟତ ଓ ବ୍ଲକ ସଦରକୁ ଏହି ରାସ୍ତା ଦେଇ ଯିବାକୁ ପଡେ। ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି ଅଞ୍ଚଳର ଚୈତନ ସାନ୍ତା, ନିରଞ୍ଜନ ଜାନି, ଗୁରୁବନ୍ଧୁ ଜାନି, ଗୁପ୍ତ ସାନ୍ତା, ହରି ଜାନି, ସୁବା ସାନ୍ତା, ସୁନ୍ଦ୍ର ପରଜା, ଚକି ଜାନି । ସେପଟେ ସ୍ଥାନୀୟ ପିଇଓ ଶୁଭରତ୍ନ ବଳିପୁଟିଆଙ୍କୁ କହିଛନ୍ତି, ଆର୍ଥିକ ବର୍ଷ ୨୦୨୩ -୨୪ ରେ ମନରେଗା ଯୋଜନାରେ ୯ ଲକ୍ଷ ଟଙ୍କାର ପ୍ରକଳ୍ପ ଚାଲୁ ରହିଛି। ଆଗକୁ ସମସ୍ୟା ସମାଧାନ ହୋଇଯିବ।

## ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

ଉମରକୋଟ ୨୯।୮ (ସମିସ):



ନବରଙ୍ଗପୁର ଜିଲ୍ଲାର ଅଗ୍ରଣୀ କଳା ଓ ସାଂସ୍କୃତିକ ଅନୁଷ୍ଠାନ ଭାରତୀ କଳା ନିକେତନ, ଉମରକୋଟ ପକ୍ଷରୁ ୪ ଦିବସୀୟ ତଥା ଷଷ୍ଠ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ କୋଣ୍ଡାଗାଁ ରୋଡ଼ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଆଇନଜୀବୀ ସଂଘର ସଭାପତି ପ୍ରଶାନ୍ତ ସାହୁ ଉପସ୍ଥିତ ରହିଥିଲେ। ଆଜିର ଏହି ପ୍ରଥମ ସନ୍ଧ୍ୟାରେ ନାଟକ "ନିଶା" ଭାରତୀ କଳା ନିକେତନର କଳାକାର ମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଆଜିର ଉଚ୍ଚ ଶିକ୍ଷିତ ଯୁବକ ଯୁବତୀ ସମୟ ଚକ୍ରରେ ପଡି ମଦ, ଗଂଜେଇ, ବିଡି, ସିଗାରେଟ ଭଳି ନିଶାକୁ କିପରି ନିଜର ଶ୍ରେଷ୍ଠ ମିତ୍ର ମାନି ନିଅନ୍ତି ଏବଂ ଶେଷରେ ସେମାନଙ୍କ ସ୍ୱପ୍ନ ସହ ସୁନା ଭଳି ସଂସାର କିପରି ଧୂଳିସାତ ହୁଏ , ସେ ସମ୍ପର୍କରେ ଉପସ୍ଥାପନ କରାଯାଇଥିଲା। ଅଧ୍ୟାପକ ଗୋପାଳ ମହାରଣାଙ୍କ ରଚିତ, ଅଧ୍ୟାପିକା ମଧୁସ୍ମିତାଙ୍କ ବଳିଷ୍ଠ ନିର୍ଦ୍ଦେଶନା ଏବଂ ଏମ. ମାଧବ ପାତ୍ରଙ୍କ ସଂଗୀତ ପରିଚାଳନା ନାଟକକୁ ଜୀବନ୍ତ କରିଥିଲା। ନାଟକକୁ ସହ ନିର୍ଦ୍ଦେଶନା ରବୀନ୍ଦ୍ର ନାଥ ମହାରଣା ଦେଇଥିବା ବେଳେ ଧନେଶ୍ୱର ପୁହାଣ ଶାନ୍ତିଲତା ମହାନ୍ତି, ନଳିନୀ ରଞ୍ଜନ ମିଶ୍ର, ବିବେକାନନ୍ଦ ପଟନାୟକ, ସାଗର କୁମାର ପରିଡା, ପ୍ରକାଶ ଚନ୍ଦ୍ର ବେହେରା, ଅମୀୟ କୁମାର ତ୍ରିପାଠୀ, ସିଲୁ ସାହୁ, ସନ୍ତୋଷ କୁମାର ପରିଡା, ରବୀନ୍ଦ୍ର ସାହୁ, ଦୀପଶିଖା ନାୟକ ଏବଂ ଶିଶୁ କଳାକାର ଭାବେ ସାଇ ଅନୁଷ୍କା ମହାରଣା ଅଭିନୟ କରିଥିଲେ। ମଞ୍ଚ ନାଟକ କ୍ଷେତ୍ରରେ ଅବଦାନ ପାଇଁ ରାଉରକେଲାର ପଞ୍ଚାନନ ପାତ୍ରଙ୍କୁ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ "ମା'ରାଧାଦେବୀ କଳାଶ୍ରୀ ସମ୍ମାନ ୨୦୨୫ ଦିଆଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ଏମ. ମଧୁଛନ୍ଦା, ବିଦ୍ୟୁତ୍ କୁମାର ପାତ୍ର, ସ୍ୱାଗତିକା ସାହୁ, ଗଣେଶ ପ୍ରସାଦ ରଣା, ଏନ୍. ପୂର୍ଣଚନ୍ଦ୍ର ଚୌଧୁରୀ ସହଯୋଗ କରିଥିଲେ। ବସନ୍ତ କୁମାର ସାହୁ ମଞ୍ଚ ଓ ରୂପସଜା କାର୍ଯ୍ୟ ନିର୍ବାହ କରିଥିଲେ।

## ରେଳ ଧାରଣାରେ ଯୁବକଙ୍କ ଆତ୍ମହତ୍ୟା

ଲକ୍ଷ୍ମୀପୁର,୨୯।୮ (ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ରେଳବାଇ ପୁଲିସ ଅଧିନସ୍ଥ ତୋୟାପୁଟ ନିକଟରେ ଜଣେ ଯୁବକ ରେଳ ଧାରଣାରେ ମୁଣ୍ଡ ଦେଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଯୁବକ ଜଣକ ରାଜେନ୍ଦ୍ର କୁଳଦୀପ (୫୧)। ସେ ଲକ୍ଷ୍ମୀପୁର ବ୍ଲକ ତୋୟାପୁଟ ପଞ୍ଚାୟତ ଅନ୍ତର୍ଗତ ଶାନ୍ତିପଦର ବାସିନ୍ଦା। ସେ ଅଧିକାଂଶ ସମୟରେ ନିଜ ଦେହକୁ ନେଇ ଚିନ୍ତିତ ରହୁଥିଲେ। କିଛି ଦିନ ତଳେ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଏକ ଘରୋଇ ମେଡ଼ିକାଲରେ ଚିକିତ୍ସା ହୋଇ ଘରକୁ ଫେରିଥିଲେ। ଶୁକ୍ରବାର ଦିନ ମାନସିକ ଚାପରେ ରହି ତୋୟାପୁଟ ନିକଟେ ଥିବା ରେଳ ଧାରଣାରେ ମୁଣ୍ଡ ଦେଇ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ତାଙ୍କ ଭାଇ କହିଛନ୍ତି। ମୃତ କୁଳଦୀପର ଦୁଇ ଝିଅ କୋରାପୁଟ କଲେଜରେ ପାଠ ପଢୁଛନ୍ତି। ଗରିବ ପରିବାର ବହୁ କଷ୍ଟ କରି ପାଠ ପଢୁଥିଲେ। ଏବେ ବାପା ଚାଲି ଗଲା ପରେ ପିଲାଙ୍କ ପାଠପଢା ସହିତ ଘର କେମିତି ଚଳିବ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ପରିବା ଲୋକେ କଣ କରିବେ ଉପାୟ ଶୂନ୍ୟ ହୋଇ ପଡ଼ିଥିବା କହିଛନ୍ତି। ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହେଉଛି।

## ରାଜ୍ୟ ପ୍ରକ୍ରିୟା ପ୍ରୟୋଗଶାଳା ତାଲିମ ଶିବିର ଉଦ୍‌ଘାଟିତ



କୋରାପୁଟ,୨୯।୮ (ସମିସ): କେନ୍ଦ୍ର ଜନଜାତି କଲ୍ୟାଣ ବିଭାଗ ଅଧୀନସ୍ଥ ଧରତୀ ଆବ୍‌ବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ଯୋଜନାରେ ରାଜ୍ୟ ପ୍ରକ୍ରିୟା ପ୍ରୟୋଗଶାଳା ତାଲିମ କୋରାପୁଟ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରୟୋଗଶାଳା ଆଦିବାସୀ କଲ୍ୟାଣ ମନ୍ତ୍ରାଳୟ ଓ ଭାରତୀୟ ଗ୍ରାମୀଣ ଜୀବିକା ଫାଉଣ୍ଡେସନର ମିଳିତ ଆନୁକୁଲ୍ୟରେ ଆୟୋଜିତ ହେଉଥିବାବେଳେ କର୍ମଶାଳାରେ ରାୟଗଡା, କୋରାପୁଟ, ଗଜପତି ଓ ମାଲକାନଗିରି ଜିଲ୍ଲାରୁ ୭ଟି ବିଭାଗର ୫୨ ଜଣ ପ୍ରତିଭାଗୀ ଯୋଗ ଦେଇଛନ୍ତି। ସେମାନଙ୍କୁ ଜିଲ୍ଲା ମାଷ୍ଟର ଟ୍ରେନର ଭାବେ ମନୋନୀତ କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ସେମାନେ ବ୍ଲକ୍ ମାଷ୍ଟର ଟ୍ରେନରମାନଙ୍କୁ ପ୍ରଶିକ୍ଷିତ କରିବେ। ଆଦି କର୍ମଯୋଗୀ ଅଭିଯାନର ପ୍ରମୁଖ ଲକ୍ଷ୍ୟ ହେଉଛି ସାରା ଦେଶରେ ପ୍ରାୟ ୨୦ ଲକ୍ଷ କ୍ଷେତ୍ରସ୍ତରୀୟ କର୍ମୀଙ୍କୁ ପ୍ରସ୍ତୁତ କରି, ଜନଜାତିୟ ଅଞ୍ଚଳରେ ବିକାଶମୂଳକ ପଦକ୍ଷେପରେ ନେତୃତ୍ୱଦାନ କରାଇବା ଏବଂ ଆବଶ୍ୟକୀୟ ସରକାରୀ ସେବାଗୁଡ଼ିକର ସୁଲଭ, ସୁବ୍ୟବସ୍ଥିତ ଓ ସୁଗମ ପ୍ରଦାନ ସୁନିଶ୍ଚିତ କରିବା। ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗ, ଗ୍ରାମୀଣ ବିକାଶ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ଜଳଶକ୍ତି ବିଭାଗ, ଶିକ୍ଷା ବିଭାଗ, ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଆନ୍ତଃ-ମନ୍ତ୍ରାଳୟୀୟ ସମନ୍ୱୟରେ କାର୍ଯ୍ୟ କରୁଛନ୍ତି।

**● ଗାଈକୁ ବଞ୍ଚାଇବାକୁ ଯାଇ ଜୀବନ ଗଲା**

## ଡିଭାଇଡରରେ ପିଟିହୋଇ ବାଇକ୍ ଆରୋହୀ ମୃତ

ମାଲକାନଗିରି, ୨୯।୮ (ସମିସ): ଜାତୀୟ ରାଜପଥରେ ବୁଲୁଥିବା ଗାଈକୁ ବଞ୍ଚାଇବାକୁ ଯାଇ ଡିଭାଇଡରେ ବାଡେଇ ହୋଇ ମଟର ସାଇକଲ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇ ଜିଲ୍ଲା ହସ୍ପିଟାଲେର ଚିକିତ୍ସିତ ହେଉଛି। ସୂଚନା ଅନୁଯାୟୀ, ଗୁରୁବାର ଦିନ ମାଲକାନଗିରି ଜେଡ କଲୋନୀର କେ.ରୋହନ(୩୧) ଓ ସନ୍ତୋଷ କୁମାର ରାଜ (୪୨) ଏମଭି୭ରୁ ମାଲକାନଗିରିକୁ ଫେରୁଥିବା ସମୟରେ ମାଲକାନଗିରି ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥ ମାଲକାନଗିରି ସହର ଦୁର୍ଗା ପେଟ୍ରୋଲ ପମ୍ପ ନିକଟ ରାସ୍ତାରେ ହଠାତ୍ କିଛି ଗାଈ ଆଗକୁ ପଳାଇ ଆସିଥିଲେ। ଗାଈକୁ ବଞ୍ଚାଇବାକୁ ଯାଇ ଚାଳକ ବାଇକଟିକୁ ବୁଲାଇ ଦେବାରୁ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡ଼ରରେ ପିଟି ହୋଇଯାଇଥିଲା। ଦୁଇଜଣ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ହସ୍ପିଟାଲ ନେଇଥିଲେ। ସେଠାରେ ସନ୍ତୋଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। କେ ରୋହନ ଗୁରୁତର ଅବସ୍ଥାରେ ଜିଲ୍ଲା ହସ୍ପିଟାଲରେ ଚିକିତ୍ସିତ ଅଛନ୍ତି। ଏ ସମ୍ପର୍କରେ ମାଲକାନଗିରି ଥାନା ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛନ୍ତି। ମୃତ ଶରୀରକୁ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରି ତଦନ୍ତ କରାଯାଉଛି। ଦୁର୍ଘଟଣାରେ ସନ୍ତୋଷଙ୍କ ମୃତ୍ୟୁ ଖବର ପାଇ ମାଲକାନଗିରି ସହରରେ ଶୋକର ଛାୟା ଖେଳିଯାଇଛି।ସୂଚନାଯୋଗ୍ୟ, ମମାଲକାନଗିରି ସହରରେ ଦିନକୁ ଦିନ ବୁଲା ଗାଈଗୋରୁ, କୁକୁରଙ୍କ ଉତ୍ପାତ ବଢ଼ି ଯାଇଛି। ମାଲିକମାନେ ଗାଈଙ୍କ ଠାରୁ କ୍ଷୀର କାଢି ସାରି ରାସ୍ତାକୁ ଛାଡି ଦେଉଛନ୍ତି। ଦଳ ଦଳ ଗାଈଗୋରୁ ୩୨୬ ନମ୍ବର ଜାତୀୟ ରାଜପଥରେ ବୁଲୁଥିବାରୁ ଗାଡି ଚାଳକ ଓ ପଥଚାରୀ ମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଥିପ୍ରତି ପୌରପରିଷଦ ଓ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବା ଉଚିତ ବୋଲି ବୁଦ୍ଧିଜୀବି ମହଲରେ ଦାବି ହେଉଛି।

## ଧଣ୍ଡରା ଡଙ୍ଗରି ଚେଗା ଯାତ୍ରା

ନନ୍ଦାହାଣ୍ଡି,୨୯।୮ (ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକର ସଦର ଧଣ୍ଡରା ପଞ୍ଚାୟତଠାରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ପାଳିତ ହେଲା ଧଣ୍ଡରା ଡଙ୍ଗରି ଚେଗା ଯାତ୍ରା। ଏହି ଯାତ୍ରା ଦଶ ଦଶନ୍ଧି ଧରି ନୂଆଁଖାଇର ପର ଦିନ ଅନୁଷ୍ଠିତ ହୋଇଥାଏ। ଏହି ଯାତ୍ରାରେ ନୂଆଁଖାଇ ଭେଟଘାଟ ହେବା ସହିତ ବନ୍ଧୁମିଳନ ହେଇଥାଏ। ଏହି ସଂସ୍କୃତି ଓ ପରମ୍ପରାକୁ ବେଶ୍ ଧୁମ୍‌ଧାମରେ ପାଳନ କରାଯାଉଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକଙ୍କ ବେଶ ସମାଗମ ହୋଇଥିଲା। ଧଣ୍ଡରା ଡଙ୍ଗରି ପର୍ବତର ପାଦଦେଶରେ ଥିବା ମା'ଡଙ୍ଗର ଦେଇ ଦେବୀଙ୍କୁ ଏହି ଅବସରରେ ପୂଜା କରାଯାଇଥାଏ। ମା'ଙ୍କୁ ଦର୍ଶନ କରି ଶ୍ରଦ୍ଧାଳୁମାନେ ପର୍ବତ ଚଢିଥାନ୍ତି । ସେହି ପର୍ବତରେ ଝାଡେଶ୍ୱର ଶୈବପୀଠ ଥିବାବେଳେ ପର୍ବତର ପାଦଦେଶରେ ବଜାର ବସିବା ସହିତ ଯୁବକ ଯୁବତୀ ମାନେ ଅଧିବାସୀ ପରମ୍ପରା ଅନୁସାରେ ଡେମେଶା ନାଚ ନାଚି ପରମ୍ପରାକୁ ଏବେ ବି ବଞ୍ଚାଇ ରଖିଥିବା ଦେଖିବାକୁ ମିଳିଛି।

## ଜିଲ୍ଲା ଯୁବ ରେଡକ୍ରସ ମହିଳା ସ୍ୱେଚ୍ଛାସେବୀଙ୍କ ରାୟଗଡ଼ା ଯାତ୍ରା




ନବରଙ୍ଗପୁର,୨୯।୮ (ସମିସ): ଭାରତୀୟ ରେଡକ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ଆନୁକୁଲ୍ୟରେ ରାୟଗଡ଼ା ମହିଳା ମହାବିଦ୍ୟାଳୟଠାରେ ଆୟୋଜିତ ହେବାକୁ ଥିବା ଦୁଇଦିନିଆ ସ୍ୱାସ୍ଥ୍ୟ ଓ ସୁସ୍ଥତା କର୍ମଶାଳାରେ ଯୋଗଦାନ କରିବା ପାଇଁ ନବରଙ୍ଗପୁର ଜିଲ୍ଲାର ଯୁବ ରେଡକ୍ରସର ମହିଳା ସ୍ୱେଚ୍ଛାସେବୀ ଓ କଣ୍ଟିଜେଣ୍ଟ କାଉନ୍‌ସେଲର ମାନେ ଯାତ୍ରା କରିଛନ୍ତି। ଜିଲ୍ଲା ଯୁବ ରେଡକ୍ରସ୍ ଅଧ୍ୟକ୍ଷ ଡି.ଗୋବିନ୍ଦ ରାଓ ଓ ରେଡକ୍ରସ୍ ଆଜୀବନ ସଦସ୍ୟ ତଥା ନବରଙ୍ଗପୁର ଜିଲ୍ଲା ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର ଯାତ୍ରାକୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ଥର ପାଇଁ ଓଡିଶାର ଆକାଂକ୍ଷା ଜିଲ୍ଲାର ମହିଳା ସ୍ୱେଚ୍ଛାସେବୀ ମାନଙ୍କ ସ୍ୱାସ୍ଥ୍ୟ ଓ ସୁସ୍ଥତା ସମ୍ପର୍କରେ ଆୟୋଜିତ କର୍ମଶାଳା ମହିଳା ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ଯଥେଷ୍ଟ ସଚେତନତା ସୃଷ୍ଟି ହୋଇପାରିବ ବୋଲି ସମାଜସେବୀ ଶ୍ରୀ ମହାପାତ୍ର ମତ ପ୍ରକାଶ କରିଥିଲେ। ଏହି ଅଭିଯାନ ଜିଲ୍ଲା ସମ୍ପାଦକ ଦିଲୀପ କୁମାର ହୋତା ଓ ଜିଲ୍ଲା ସଂଯୋଜକ ଅଖିଳ ଭଟ୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶମ୍ଭୁ ପ୍ରସାଦ ହୋତା, ଜିତେନ୍ଦ୍ର କୁମାର ରଥ, ଶଙ୍କର ପ୍ରସାଦ ଗନ୍ତାୟତ, ଶ୍ରୀମତି ନମିତା ମହାପାତ୍ର ଓ ଶ୍ରୀମତୀ ନିର୍ମଳା ହିକିକାଙ୍କ ସକ୍ରିୟ ସହଯୋଗରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉମରକୋଟ ଏସ୍‌ଟି ଉଚ୍ଚ ମାଧ୍ୟମିକ ସ୍କୁଲ, ଭୈରବ ସ୍ନାତକ ମହାବିଦ୍ୟାଳୟ - ଡାବୁଗାଁ, ଜାମୁରଣ୍ଡା ଉଚ୍ଚ ମାଧ୍ୟମିକ ସ୍କୁଲ ଓ ନବରଙ୍ଗପୁର ସ୍ନାତକ ମହାବିଦ୍ୟାଳୟର ୨୫ ଜଣ ସ୍ୱେଚ୍ଛାସେବୀ ଓ ଦୁଇ କାଉନ୍‌ସିଲର ମନୀଷା ସରକାର ଓ ଅନିନ୍ଦିତା ରାୟ ଶିବିରରେ ଯୋଗଦାନ ପାଇଁ ଯାତ୍ରା ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ଯୁବ ରେଡକ୍ରସ ଆନୁକୂଲ୍ୟରେ ଆଗାମୀ ୩୦ ଏବଂ ୩୧ ତାରିଖ ଦୁଇଦିନିଆ ସ୍ୱାସ୍ଥ୍ୟ ଓ ସୁସ୍ଥତା ଶିବିର ଚାରିଗୋଟି ଜିଲ୍ଲା ଯଥା ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଓ ରାୟଗଡ଼ା ଜିଲ୍ଲାର ୨୦୦ ମହିଳା ସ୍ୱେଚ୍ଛାସେବୀଙ୍କୁ ନେଇ ମହିଳା ମହାବିଦ୍ୟାଳୟ ରାୟଗଡ଼ା ଦ୍ୱାରା ଆୟୋଜିତ ହେଉଛି। ଏହି ଶିବିର ନିଶ୍ଚିତ ଭାବରେ ସ୍ୱେଚ୍ଛାସେବୀଙ୍କର ସ୍ୱାସ୍ଥ୍ୟ, ସୁସ୍ଥତା ତଥା ବ୍ୟକ୍ତିତ୍ୱର ବିକାଶରେ ସହାୟକ ହୋଇପାରିବ ବୋଲି ମତ ପ୍ରକାଶ ପାଉଛି।

## ସମାଧାନ ହେଉନି ବଜ୍ରଗୋଡ଼ ଗାଁର ସମସ୍ୟା



କୋଷାଗୁମୁଡା,୧୯।୮ (ସମିସ):

ସ୍ୱାଧୀନତାର ୭୯ବର୍ଷ ପରେ ମଧ ସେହି କାଦୁଅ ପଚପଚ ରାସ୍ତାରେ ରହିଯାଇଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ପଞ୍ଚାୟତର ବଜ୍ରଗୋଡ଼ ଗ୍ରାମ। ବର୍ଷାରେ ଗ୍ରାମର ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର କୁନି କୁନି ଛାତ୍ର ଛାତ୍ରୀ, ବୁଢ଼ା ପିଲା ,ରୋଗୀ ଏହି ରାସ୍ତା ଦେଇ ସବୁଦିନ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର, ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାନ୍ତି। ରାସ୍ତାରେ ଦୁଇ ଦୁଇଟି ଅଙ୍ଗନବାଡି କେନ୍ଦ୍ର ଓ ବିଦ୍ୟାଳୟ ରହିଛି। ଗ୍ରାମବାସୀ ଅନେକ ଥର ସ୍ଥାନୀୟ ସରପଞ୍ଚ, ବିଧାୟକ, ବିଡିଓଙ୍କୁ ନିଜ ଗ୍ରାମ ରାସ୍ତା ପାଇଁ ଅନୁରୋଧ କରିଥିଲେ ସୁଦ୍ଧା କୌଣସି ଲାଭ ହୋଇନାହିଁ ବୋଲି କହିଛନ୍ତି। ନିର୍ବାଚନ ପାଇଁ ରାଜନେତା ଆସି ନାହିଁ ନଥିବା ସ୍ୱପ୍ନ ଦେଖାଇ ଚାଲିଯାଉଥିବା ବେଳେ ନିର୍ବାଚନରେ ସଫଳ ହେବା ପରେ ପ୍ରତିଶ୍ରୁତିକୁ ଭୁଲି ଯାଉଛନ୍ତି। ଏ ନେଇ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ରାସ୍ତାରେ ମନ୍ତ୍ରୀ, ଯନ୍ତ୍ରୀ ମାନେ ଆସି ଚାଲି ଯାଉଛନ୍ତି, କିନ୍ତୁ ଦୃଷ୍ଟି ଦେବାକୁ କାହାର ଆନ୍ତରିକତା ନାହିଁ । କୋଷାଗୁମୁଡା ବ୍ଲକର ସଦର ମହକୁମାର ପଞ୍ଚାୟତର ୮ ଓ ୯ ନମ୍ବର ୱାର୍ଡ ହୋଇ ମଧ ରାସ୍ତା ଠିକ୍ ନାହିଁ ବୋଲି କହିଛନ୍ତି। ଏହି ରାସ୍ତାର ଅବସ୍ଥା ଶୋଚନୀୟ ରହିଛି। ଲୋକେ ମେଡିକାଲ, ବଜାର, ଏଟିଏମ, ବ୍ଲକ କାର୍ଯ୍ୟାଳୟ, ପଞ୍ଚାୟତ, କଲେଜ, ଥାନାକୁ ଜରୁରୀ କାଳୀନ ପରିସ୍ଥିତିରେ ଯିବା ବେଳେ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଯଥାଶୀଘ୍ର ଏହି ରାସ୍ତା ନିର୍ମାଣ କରିବା ପାଇଁ ସ୍ଥାନୀୟ ପ୍ରଶାସନକୁ ଗ୍ରାମବାସୀ ନିବେଦନ କରିଛନ୍ତି।

**● ବଜାର ଗୃହ କାହା ସ୍ୱାର୍ଥରେ?**

## ଗାଁ ଠାରୁ ୪ କିମି ଦୂରରେ ମାର୍କେଟ୍ କମ୍ପ୍ଲେକ୍ସ



ପୋଡ଼ାଗଡ଼, ୨୯।୮ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଏ ମାଲକାନଗିରି ପଞ୍ଚାୟତ ଅଧିନସ୍ଥ କାଉଗୁଡା ଗାଁ ପାଇଁ ବଜାର ଗୃହ ନିର୍ମାଣ ଲାଗି ଟଙ୍କା ମଞ୍ଜୁର ହୋଇଥିଲା। ଏହି ବଜାର ଗୃହ କାଉଗୁଡା ଗାଁ ନିକଟ କିମ୍ବା ଗାଁ ଛକ ନିକଟରେ ନିର୍ମାଣ ହେବା କଥା। କିନ୍ତୁ ଠିକାଦାର ଏବଂ ବିଭାଗୀୟ ଅଧିକାରୀ ମାନଙ୍କ ମଧୁଚନ୍ଦ୍ରିକାରେ ଗାଁ ଠାରୁ ୪ କିମି ଦୂର ଏକ ଜଙ୍ଗଲରେ ବଜାର ଗୃହ ନିର୍ମାଣ କରିଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଏହି ବଜାର ଗୃହ ଲୋକଙ୍କ କୌଣସି କାମରେ ଆସିବ ନାହିଁ ବୋଲି, ପରଜା ପୁକି ଏବଂ ଯୋଗିମାଲିଗୁଡା ଗାଁର ମଙ୍ଗଳା ମାଳି, ପଡି ମାଳି, ଲଇଚନ ମାଳି, ଅଭି ମାଳି ପ୍ରମୁଖ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ଯେ ଏହି କାମ ଗତ ୨୦୨୩- ୨୪ ଆର୍ଥିକ ବର୍ଷରେ ନିର୍ମାଣ କରାଗଲା। ଏହାର ଅଟକଳ ମୂଲ୍ୟ ୫ ଲକ୍ଷ ୫୦ ହଜାର ଟଙ୍କା ଥିଲା। ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ସଲାସୁତୁରାରେ ଏହି ଗୃହ ନିର୍ମାଣ କରାଯାଇଛି। ଯଦି ଗାଁ ଲୋକ ବା ଅନ୍ୟମାନଙ୍କ ସୁବିଧା ପାଇଁ ବଜାର ଗୃହ ନିର୍ମାଣ ହୋଇଥାନ୍ତା କାହାର ଆପତ୍ତି ହୋଇ ନ ଥାନ୍ତା। ଏହାକୁ ସଂପୂର୍ଣ୍ଣ ଭାବେ ବିରୋଧ କରାଯାଉଛି। ଏହା ଆଇଟିଡିଏର ଦୁର୍ନୀତି ବୋଲି ଗ୍ରାମବାସୀ କହିଛନ୍ତି। ସେହିପରି ବ୍ଲକ୍ ପକ୍ଷରୁ ମଧ ଗତ ୨୦୧୮-୧୯ ଆର୍ଥିକ ବର୍ଷରେ ପୂର୍ବତନ ସରପଞ୍ଚଙ୍କ ଅମଳରେ ୫ଟି ଦୋକାନ ଗୃହ ନିର୍ମାଣ ହୋଇଥିଲା। ତାହା ଲୋକଙ୍କ କାମରେ ଆସୁ ନ ଥିବାରୁ ଦୋକାନ ଗୃହର ସଟର କବାଟ ଗୁଡିକ ଭାଙ୍ଗି ନଷ୍ଟ ହୋଇଗଲାଣି। ଏଥିପ୍ରତି କାହାର ଦୃଷ୍ଟି ପଡୁନାହିଁ ବୋଲି କୁହାଯାଇଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରିବା ଲାଗି ଦାବି ହୋଇଛି।

## ଗୃହରକ୍ଷୀ ପଦବୀ ପାଇଁ ଲିଖିତ ପରୀକ୍ଷା ସ୍ଥଗିତ

କୋରାପୁଟ,୨୯।୮ (ସମିସ): ଜିଲ୍ଲା ପୁଲିସ ପକ୍ଷରୁ ରବିବାର ସକାଳେ କୋରାପୁଟ ସରକାରୀ ଡିଏଭି ମହାବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଗୃହରକ୍ଷୀ ପଦବୀ ଲିଖିତ ପରୀକ୍ଷାକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ପ୍ରତିକୂଳ ପାଗ ଓ ପରୀକ୍ଷାର୍ଥୀ ମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେଇ ଲିଖିତ ପରୀକ୍ଷା ସ୍ଥଗିତ ରଖା ଯାଇଥିବା ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଥାଉକି କୋରାପୁଟ ଜିଲ୍ଲାରେ ଖାଲିଥିବା ୧୨୫ଟି ଗୃହରକ୍ଷୀ ପଦବୀ ପୂରଣ ପାଇଁ ଗତ ଜୁନ ୩ ତାରିଖରେ ବିଜ୍ଞାପନ ପ୍ରକାଶ ପାଇଥିଲା। ରବିବାର ଲିଖିତ ପରୀକ୍ଷା ପାଇଁ ଦିନ ଧାର୍ଯ୍ୟ କରା ଯାଇଥିଲା କିନ୍ତୁ ପ୍ରତିକୂଳ ପାଗ ଯୋଗୁଁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶିଖର ନାୟକ
ମାଛପଦା (ଗୋଡା), ବୋରିକିନା, ଜଗତ୍‌ସିଂହପୁର
ଆବିର୍ଭାବ - ୦୧/୦୭/୧୯୪୯
ତିରୋଧାନ - ୨୦/୦୮/୨୦୨୫

ଜନ୍ମ ଅଛି ମାନେ ମୃତ୍ୟୁ ସୁନିଶ୍ଚିତ। ଏହି ନିଷ୍ଠୁର ସତ୍ୟକୁ ବା କିଏ କେମିତି ବଦଳାଇ ପାରିଥାନ୍ତା ? ଯଥାସମ୍ଭବ ଚେଷ୍ଟା କରିଥିଲୁ। ହେଲେ ଭଗବାନଙ୍କର ନିଷ୍ପତ୍ତି ଥିଲା ଭିନ୍ନ। ଆମ ମୁଣ୍ଡ ଉପରୁ ତମର ହାତ ଉଠିଗଲା। ଆଜି ଏକାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଯେଉଁଠି ଥାଅ ଭଲରେ ଥାଅ, ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାଅ।

ଶୋକସନ୍ତପ୍ତ: ପୁଅ- ସରୋଜ, ନିରୋଦ, ହେମନ୍ତ, ଶୋକସନ୍ତପ୍ତ: ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଓ ପରିବାରବର୍ଗ

ସକାଳ THE SAKALA


# ରୋହିତ ଥାପା ହତ୍ୟା ମାମଲା: ୪ଗିରଫ



ରାୟଗଡ଼ା,୨୯।୮(ସମିସ): ରାୟଗଡ଼ାରେ ଗତ ଗୁରୁବାର ଦିନ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମହିଳା ମହାବିଦ୍ୟାଳୟ ପଛ ପଟ ବସ୍ତିରେ ରହୁଥିବା ୨୬ ବର୍ଷୀୟ ରୋହିତ ଥାପାକୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରାଯାଇଥିଲା। ଏହି ମାମଲାରେ ପୁଲିସ ତଦନ୍ତ କରି ୪ଜଣ ଯୁବକ ଓ ୨ଜଣ ନାବାଳକଙ୍କୁ ଗିରଫ କରିଛି। ଗିରଫ ୪ ଅଭିଯୁକ୍ତ ହେଲେ ରାୟଗଡ଼ର ମହେଶ ନାଏକ, ରିଶାନ୍ତ ଗାଂଟା, ନୂତନ ନାଏକ ଓ ବାବୁଲା ନାଏକ। ଗିରଫ ମୁଖ୍ୟ ଦୁଇ ଅଭିଯୁକ୍ତ ନୂତନ ଓ ମହେଶ ନାୟକଙ୍କୁ ନେଇ ଘଟଣା ସ୍ଥଳରେ ସିନ ରିକ୍ରିଏସନ କଲା ରାୟଗଡ଼ ଥାନା ପୁଲିସ। ସେହିପରି ୨ଜଣ ନାବାଳକଙ୍କୁ କୋର୍ଟ ଚାଲାଣ ପରେ ବାଳସ୍ୱଧାର ଗୃହକୁ ପଠାଇବା ନେଇ ଏସ୍‌ଡିପିଓ ଗୌରହରି ସାହୁ ସୂଚନା ଦେଇଛନ୍ତି। ଆଜି ସକାଳେ ରିଙ୍ଗ ରୋଡ଼ ସ୍ଥିତ ଦମକଳ କେନ୍ଦ୍ର କାର୍ଯ୍ୟାଳୟ ପଛ ପାଶ୍ୱର୍ରେ ରହିଥିବା ଘଟଣା ସ୍ଥଳ ପଡ଼ିଆରେ ଏହି ସିନ୍ ରିକ୍ରିଏସନ କରାଯାଇଛି। ରୋହିତକୁ କିଭଳି ଭାବେ ହତ୍ୟା କରିଥିଲେ ଅଭିଯୁକ୍ତ ମାନେ ସେ ସମ୍ପର୍କରେ ଦେଖାଇଥିଲେ। ଘଟଣାସ୍ଥଳ ନିକଟରେ ଫୋପାଡ଼ି ଥିବା ମାରଣାସ୍ତ୍ର ମଧ୍ୟ ଜବତ କରିଥିଲା ପୋଲିସ। ମାରଣାସ୍ତ୍ର ଭାବେ ବ୍ୟବହୃତ ହୋଇଥିବା ଲୁହା ରଡ଼ ଓ ପାଇପ୍ ଜବତ କରିଛି ପୋଲିସ। ପ୍ରକାଶ ଥାଉକି, ଗତ କିଛି ଦିନ ତଳେ ରୋହିତ ସହିତ ନୂତନ, ମୁକେଶ ଓ ଅନ୍ୟମାନଙ୍କର କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଘଟଣାକୁ ନେଇ ରାୟଗଡ ଥାନାରେ ବୁଝାମଣା କରି ପୁଲିସ ଉଭୟ ପକ୍ଷଙ୍କୁ ତାଗିଦ କରିଥିଲା। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୁରୁବାର ଅପରାହ୍ନରେ ଦମକଳ କେନ୍ଦ୍ର ପାଶ୍ୱର୍ ଖେଳ ପଡିଆରେ ରୋହିତ ଉପସ୍ଥିତ ଥିବା ବେଳେ ଉକ୍ତ ୬ଜଣ ଅଭିଯୁକ୍ତ ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ରୋହିତର ମୃତ୍ୟୁ ଘଟିଥିଲା। ଏହି ମାମଲାକୁ ନେଇ ମୃତ ରୋହିତଙ୍କ ସାହି ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ନ୍ୟାୟ ଦାବି କରି ସାହିବାସିନ୍ଦା ଓ ପରିବାର ଲୋକେ ଶୁକ୍ରବାର ରାୟଗଡ଼ା ଟାଉନ ଥାନା ଘେରାଉ କରିବା ସହିତ ତହସିଲ ଅଫିସ ଛକ ନିକଟରେ ୩୨୬ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଏହି ସିନ୍ ରିକ୍ରିଏସନ ବେଳେ ଏସ୍‌ଡିପିଓ ଶ୍ରୀ ସାହୁ ଓ ଆଇଆଇସି ପ୍ରସନ୍ନ କୁମାର ବେହେରାଙ୍କ ସମେତ ଅନ୍ୟାନ୍ୟ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

**➤ ୨ ନାବାଳକ ଗଲେ ବାଳସ୍ୱଧାର ଗୃହ**
**➤ ସିନ୍ ରିକ୍ରିଏସନ କଲା ପୁଲିସ**

## ବିଶ୍ୱକର୍ମା ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ



ଗୁଡ଼ାରୀ,୨୯।୮(ସମିସ): ଗୁଡାରି ଏନ୍‌ଏସିର ଗୁଡାରି ୩୩/୧୧ କେଭି ସବ ଷ୍ଟେସନ ପରିସରରେ ବିଶ୍ୱକର୍ମା ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ବିଶ୍ୱକର୍ମା ପୂଜା ଶୁଭଖୁଣ୍ଟି ସ୍ଥାପନରେ କର୍ତ୍ତା ଭାବେ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ବଳଭଦ୍ର ମିଶ୍ର ଦାୟିତ୍ୱ ତୁଲାଇ ଥିବା ବେଳେ ରାଜପୁରୋହିତ ଲଡୁକିସର ରଥ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ କରିଥିଲେ। ଆସନ୍ତା ୧୭ ରୁ ୨୩ ତାରିଖ ପର୍ଯ୍ୟନ୍ତ ଦୀର୍ଘ ସାତଦିନ ଧରି ମହାଆଡମ୍ବରରେ ପାଳନ କରାଯିବ ବୋଲି ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ତୁସାର ମାଦଳା, ରାଜେନ୍ଦ୍ର ପତ୍ର, କାହ୍ନୁ ପ୍ରଦାନ, ଗୋକୁଳ ମାଳି ଗଣେଶ ଗୌଡ ଓ ସାନ୍ତୁନୁ ବେହେରାଙ୍କ ସମେତ ବିଦ୍ୟୁତ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଗୁଡାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁନି ଉତ୍ତମ ଚିକିତ୍ସା

ଗୁଡାରୀ,୨୯।୮(ସମିସ): ଚକାଚକ୍ ଭାବରେ ନିର୍ମିତ ଗୁଡାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରକୁ ଉପରକୁ ଯେତିକି ସୁନ୍ଦର, ଭିତରକୁ ଗଲେ ରୋଗୀ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବା ବଦଳରେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ରାଜ୍ୟ ସରକାର ରୋଗୀ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ୨୦୧୬ରେ ନୂତନ କୋଠା ଉଦ୍‌ଘାଟନ କରିଥିଲେ। ଦିନରେ ଠିକ ଭାବେ ସ୍ୱାସ୍ଥ୍ୟସେବା ମିଳୁ ଥିବାବେଳେ, ରାତ୍ରି ସମୟରେ ଜରୁରୀକାଳୀନ ପରିସ୍ଥିତିରେ କାର୍ଯ୍ୟରତ ଥିବା ଡାକ୍ତରଙ୍କୁ ଫୋନ ମାଧ୍ୟମରେ ଡକାଗଲେ ଆସି ଚିକିତ୍ସା କରିଥାନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସମୁଦାୟ ୮ଟି ବେଡ଼ ରହିଥିବାରୁ ଅଧିକ ରୋଗୀ ଆସିଲେ ଚେୟାର କିମ୍ବା ତଳେ ଶୋଇ ଚିକିତ୍ସିତ ହେଉଛନ୍ତି। ୮ ବେଡ଼ ପଡ଼ିଥିବା କୋଠରୀରେ କେତେକ ଫ୍ୟାନ ଅଚଳ ହୋଇ ପଡ଼ିରହିଛି। ଫ୍ୟାନ ନ ଚାଲିବାରୁ ଗରମ ଏବଂ ମଶା ଦାଉ ସାଜୁଛନ୍ତି। ଆଜି ପର୍ଯ୍ୟନ୍ତ ଜେନେରେଟର ବ୍ୟବସ୍ଥା କରାଯାଇନାହିଁ। ମେଡିକାଲ ଲାବୋରେଟୋରୀରେ ରକ୍ତ ପରୀକ୍ଷା ନିମନ୍ତେ ଅତ୍ୟାଧୁନିକ ଯନ୍ତ୍ରପାତୀ ରହିଛି। କିନ୍ତୁ କିଛି ପରୀକ୍ଷା ପାଇଁ କେମିକାଲ ନ ଥିବାରୁ ପରୀକ୍ଷା କରାଯାଇ ପାରୁନାହିଁ। ତେଣୁ ବାଧ ହୋଇ ବାହାରେ ଟେଷ୍ଟ କରିବାକୁ ପଡୁଛି। ୯ଟି ଗ୍ରାମ ପଞ୍ଚାୟତ ଏବଂ ପୌର ପରିଷଦରୁ ଦୈନିକ ଶତାଧିକ ପୁରୁଷ ଓ ମହିଳା ରୋଗୀ ଚିକିତ୍ସା ପାଇଁ ଗୁଡାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। କିନ୍ତୁ ଏହି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭେଷଜ, ଶିଶୁ ବିଶେଷଜ୍ଞ, ପ୍ରସୂତୀ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ପଦ ଦୀର୍ଘବର୍ଷରୁ ଖାଲି ପଡିଛି। ଦନ୍ତ ଚିକିତ୍ସା ନ କହିବା ଭଲ। ଲୋକଙ୍କୁ କିଛି ଜରୁରୀ ଔଷଧ ବାହାରେ କିଣିବାକୁ ପଡୁଛି। ଭୋଜନ କରିବା ନିମନ୍ତେ ସ୍ଥାୟୀ ଗୃହ ନ ଥିବାରୁ ଗର୍ଭବତୀ ମହିଳାମାନେ ସ୍ୱାସ୍ଥ୍ୟ କେନ୍ଦ୍ରର ବାରଣ୍ଡା ଉପରେ ବସି ଖାଦ୍ୟ ଖାଉଛନ୍ତି। ନିରାମୟ କେନ୍ଦ୍ରରେ ମେଲେରିଆ ଇଞ୍ଜେକସନ ଅଭାବ ଦେଖାଦେଇଛି। ଗୁଡାରୀ ବ୍ଲକ୍ ମେଲେରିଆ ପ୍ରବଣ ଅଞ୍ଚଳ । ସ୍ୱାସ୍ଥ୍ୟକେନ୍ଦ୍ରରେ ଇଞ୍ଜେକସନ ଅଭାବ ଯୋଗୁଁ ରୋଗୀବାଧହୋଇମେଡିକାଲଷ୍ଟୋରରୁଚଡ଼ାଦରରେ କିଣିବାକୁ ବାଧ ହେଉଛନ୍ତି । ଏହି ସବୁ ସମସ୍ୟାର ସମାଧାନ ନିମନ୍ତେ ଗୁଡାରି ବାସିନ୍ଦା ଦାବି କରିଛନ୍ତି।

## ଗଛରେ ପିଟିହୋଇ ପ୍ରାଣ ହରାଇଲେ ଯୁବକ

ପଡିଆ,୨୯।୮(ସମିସ): ମାଲକାନଗିରି ଜିଲ୍ଲା ପଡିଆ-କାଲିମେଳା ମୁଖ୍ୟ ରାସ୍ତାରେ ଶୁକ୍ରବାର ସନ୍ଧ୍ୟା ସମୟରେ ଜଣେ ବାଇକ୍ ଚାଳକ ପ୍ରାଣ ହରାଇଥିବା ଜଣାପଡିଛି। ଯୁବକ ଜଣକ ଏମଭି ୫୮ ଗ୍ରାମର ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ଶୁକ୍ରବାର ସନ୍ଧ୍ୟାରେ ଏମଭି ୫୮ ନରେଶ ସର୍ଦାର କୌଣସି କାମରେ ଉଣ୍ଡୁରୁକୋଣ୍ଡା ଗ୍ରାମକୁ ଯାଇ ଫେରୁଥିବା ବେଳେ ପଡିଆ-କାଲିମେଳା ମୁଖ୍ୟ ରାସ୍ତାରେ ଥିବା ଉଣ୍ଡୁରୁକୋଣ୍ଡା ଜଙ୍ଗଲ କେନାଲ ନିକଟରେ ଦ୍ରୁତ ଗତିରେ ଭାରସାମ୍ୟ ହରାଇ ଏକ ଗଛ ସହ ପିଟି ହୋଇଯାଇଥିଲା। ରକ୍ତାକ୍ତ ଅବସ୍ଥାରେ ଯୁବକ ଜଣକ ଘଟଣା ସ୍ଥଳରେ ପଡ଼ି ରହିଥିବା ବେଳେ ଓଡିଶା ରାଜ୍ୟ ପରିବହନ ବିଭାଗର ବସ୍ କାଲିମେଳାରୁ ପଡିଆ ଅଭିମୁଖେ ଫେରୁଥିବା ବେଳେ ତାଙ୍କୁ ଉଦ୍ଧାର କରି ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିବା ବେଳେ ଅଧାବାଟରେ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା। ଏ ବାବଦରେ ସୂଚନା ପାଇ ଏମଭି ୫୮ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ନରେଶଙ୍କ ପରିବାରରେ ପିତାମାତା, ସ୍ତ୍ରୀ ସମେତ ୩ଟି କୁନିକୁନି ଝିଅ ରହିଥିବା ବେଳେ ସେ ଏକମାତ୍ର ରୋଜଗାରିଆ ହୋଇଥିବାରୁ ପରିବାର ଲୋକ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ଜଣାପଡିଛି। ଏପରି ସ୍ଥିତିରେ ସରକାରଙ୍କ ପକ୍ଷରୁ ଜିଲ୍ଲା ଜରୁରୀକାଳୀନ ପାଣ୍ଠିରୁ ସହାୟତ ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଶବ ବ୍ୟବଚ୍ଛେଦ ଗୃହ ନିକଟକୁ ଯାଇପାରୁନି ଗାଡ଼ି

## ହସ୍ପିଟାଲ ଭିତରେ ଯାଉଛି ମୃତଦେହ

ଉମରକୋଟ,୨୯।୮(ସମିସ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ନିକଟସ୍ଥ ଶବ ବ୍ୟବଚ୍ଛେଦ ଗୃହ ନିକଟକୁ ଆମ୍ବୁଲାନ୍ସ ଯିବା ପାଇଁ କୌଣସି ରାସ୍ତା ନାହିଁ। ଫଳରେ ମୃତଦେହକୁ ହସ୍ପିଟାଲ ଭିତରେ ଦେଇ ବାହାରକୁ ଆଣିବାକୁ ପଡୁଛି। ଏହାକୁ ନେଇ ଚିକିତ୍ସାଳୟକୁ ଆସୁଥିବା ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଉମରକୋଟ ଚିକିତ୍ସାଳୟ ଉପରେ ଚନ୍ଦାହାଣ୍ଡି , ଝରିଗାଁ ଓ ରାଇଘର ବ୍ଲକ୍‌ର ଲୋକେ ନିର୍ଭର କରିଥାନ୍ତି। କିନ୍ତୁ ଅବ୍ୟବସ୍ଥା ଯୋଗୁ ଏହା ଏକ ରେଫରାଲ୍ ଚିକିତ୍ସାଳୟରେ ପରିଣତ ହୋଇଛି। ଏଠାରେ ଏହି ୪ ବ୍ଲକ୍ ସମେତ ଛତିଶଗଡ଼ରୁ ଦୈନିକ ଶତାଧିକ ରୋଗୀ ଚିକିତ୍ସା ପାଇଁ ଆସନ୍ତି। ତେବେ କୌଣସି ରୋଗୀଙ୍କ ମୃତ୍ୟୁ ହେଲେ କିମ୍ବା ବାହାରୁ କୌଣସି ମୃତଦେହ ବ୍ୟବଚ୍ଛେଦ ପାଇଁ ଆସିଲେ, ତାକୁ ହସ୍ପିଟାଲ ଭିତର ଦେଇ ରୋଗୀଙ୍କ ମଧ୍ୟରେ ନେବାକୁ ପଡୁଛି । କାରଣ ଚିକିତ୍ସାଳୟର ଶବ ବ୍ୟବଚ୍ଛେଦ ଗୃହ ଏହାର ପଛପଟେ ଅଛି । ବ୍ୟବଚ୍ଛେଦ ଗୃହ ନିକଟକୁ ଆମ୍ବୁଲାନ୍ସ ଯିବା ପାଇଁ ରାସ୍ତା ନାହିଁ। ଫଳରେ ମୃତଦେହକୁ ଷ୍ଟ୍ରେଚର ଯୋଗେ ହସ୍ପିଟାଲ ଭିତର ଦେଇ ବାହାରକୁ ଆଣି ଅମ୍ବୁଲାନ୍ସରେ ନିଆଯାଉଛି। ତୁରନ୍ତ ବ୍ୟବଚ୍ଛେଦ ଗୃହ ନିକଟକୁ ଅମ୍ବୁଲାନ୍ସ ଯିବା ପାଇଁ ରାସ୍ତା ନିର୍ମାଣ କରିବାକୁ ସାଧାରଣରେ ଦାବି ହୋଇଛି। ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଶରତ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ବ୍ୟବଚ୍ଛେଦ ଗୃହକୁ ଭଙ୍ଗାଯାଇ ସେଠାରେ ନୂତନ ଚିକିତ୍ସାଳୟ ନିର୍ମାଣ କରାଯିବ। ବ୍ୟବଚ୍ଛେଦ ଗୃହ ନୂତନ ଭାବେ ଅନ୍ୟତ୍ର ତିଆରି ହେବ ବୋଲି ସେ କହିଛନ୍ତି।

● ଜିଲ୍ଲା ଜନ ଜାଗରଣ ମଞ୍ଚର 'କମାଲ' ଶିବର ଉଦ୍‌ଯାପିତ

## ୩୫୮ ସ୍ୱେଚ୍ଛାସେବୀଙ୍କୁ ଦିଆଗଲା ମାନପତ୍ର



ବିଷମକଟକ,୨୯।୮(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ସଦର ବ୍ଲକର କଲ୍ୟାଣ ମଣ୍ଡପ ପରିସରରେ ଜନଜାଗରଣ ମଞ୍ଚ ତରଫରୁ କମାଲ କ୍ୟାମ୍ପ୍‌ର ଉଦ୍‌ଯାପନୀ ଉତ୍ସବ ଅବସରରେ ସ୍ୱେଚ୍ଛାସେବୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଷମ କଟକ ବିଧାୟକ ନିଳମାଧବ ହିକକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜନଜାଗଣ ମଞ୍ଚର ଜିଲ୍ଲା ସଭାପତି ଝୁଣ୍ଟୁ ହିକକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାୟଗଡ଼ା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ କୁଶ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବୀ ପଟ୍ଟନାୟକ, ବିଏ୍‌ସ୍. ପି ଜିଲ୍ଲା ସଭାପତି ଜିତୁ ଜାକାସିକା, ପୂର୍ବତନ କୁର୍ଲୀ ସରପଞ୍ଚ ଡ୍ରିଞ୍ଜି ଜାକସିକା, ଝିଗିଡି ସରପଞ୍ଚ ଅଜିତ ସାରକା, ନବୀନ ବିକାଶ ଚାରିଟେବୁଲ୍ ଟ୍ରଷ୍ଟର ଅଧ୍ୟକ୍ଷ ବାଳ ମୁକୁନ୍ଦ ପାଳ ମଞ୍ଚାସୀନ ହୋଇଥିଲେ। ଜନ ଜାଗରଣ ମଞ୍ଚ, ରାୟଗଡ଼ା ଲୋକ ସଂଗଠନ ରାୟଗଡ଼ା ଜିଲ୍ଲାର ୧୧ଗୋଟି ବ୍ଲକ୍ ମଧ୍ୟରୁ ୧୦ବ୍ଲକ୍‌ର ୧୧୩ ଗ୍ରାମପଞ୍ଚାୟତ, ୧୪୦୭ ଗ୍ରାମରେ ୨୦୧୬ ମସିହା ଡିସେମ୍ବର ଠାରୁ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ, ଅର୍ଥନୈତିକ, କୃଷି ଇତ୍ୟାଦି ଉପରେ ସଚେତନ ସୃଷ୍ଟି କରିବା ସହ ଲୋକଙ୍କ ସମସ୍ୟା ଚିହ୍ନଟ କରି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରିବା ଦିଗରେ କାର୍ଯ୍ୟ କରିଆସୁଥିଲେ। ଚଳିତ ୨୦୨୫ ବର୍ଷ ଗ୍ରୀଷ୍ମ ଛୁଟି ଅବସରରେ କମାଲ୍ କ୍ୟାମ୍ପ ଅଭିଯାନରେ ଜନ ଜାଗରଣ ମଞ୍ଚ ସଂଗଠନର ମୁଖ୍ୟ ସହଯୋଗୀ ଆଶୋକ୍ତି ଟ୍ରଷ୍ଟ ଓ ପ୍ରଥମ ଏଜୁକେଶନ୍ ଟ୍ରଷ୍ଟର ମିଳିତ ଉଦ୍ୟମରେ ରାୟଗଡ଼ା ଜିଲ୍ଲାର ଆଦିବାସୀ ଇଲାକାରେ ୬୭ ଗୋଟି ଗ୍ରାମପଞ୍ଚାୟତ, ୩୧୨ ଗୋଟି ଗ୍ରାମର ୪୧୨ ଜଣ ସ୍ୱେଚ୍ଛାସେବୀ ଚୟନ କରି ୩୫୮ ଗୋଟି ଶିକ୍ଷାକେନ୍ଦ୍ରରେ ଏକ ମାସ ଧରି ୪ର୍ଥ ଶ୍ରେଣୀରୁ ୮ମ ଶ୍ରେଣୀର ୩୬୭୯ ଜଣ ଛାତ୍ରଛାତ୍ରୀଙ୍କୁ ନୂତନ ପଦ୍ଧତି ମାଗଣା ଶିକ୍ଷା ପ୍ରଦାନ କରୁଥିଲେ। କୋମଳମତି ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ସଚେତନତା କରୁଥିଲେ। ଏହି କାର୍ଯ୍ୟକ୍ରମରେ ନିୟୋଜିତ ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ଆଜି ବିଧାୟକ ଏବଂ ମଞ୍ଚାସୀନ ଅତିଥି ମାନେ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଜନଜାଗରଣ ମଞ୍ଚର ଜିଲ୍ଲା କାର୍ଯ୍ୟକାରିଣି କମିଟିର ସଦସ୍ୟ ସୁଶାନ୍ତ ତୁଇକା ଏବଂ ସୁରେଶ ମିଣିଆକା ମଞ୍ଚ ପରିଚାଳନା କରିଥିଲେ।

## ନୂତନ ଲ୍ୟାମ୍ପ୍‌ସ ଏମ୍‌ଡିଙ୍କୁ ଦାୟିତ୍ୱ ହସ୍ତାନ୍ତର



ମାଲକାନଗିରି/ମାଥିଲି,୨୯।୮(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ଲ୍ୟାମ୍ପ୍‌ସ ଠାରେ ପୂର୍ବରୁ ସାର ବିବାଦ ଲାଗିରହିଥିଲା। ଏହାକୁ ଦୃଷ୍ଟିରେ ରଖି ଗତ ୨୦ ତାରିଖରେ ପରିଚାଳନା କମିଟିର ଜରୁରୀ ବୈଠକ ସଭାପତି ମୁନି ବତି ବୁଡ଼ବାଡେ ଡାକିଥିଲେ। ଏହି ବୈଠକରେ ଲ୍ୟାମ୍ପ୍‌ସର ଡାଇରେକ୍ଟର ଉପସ୍ଥିତ ହୋଇ ଏମଡି ଶାନ୍ତଶିନୀ ପରିଡା ଠିକ୍ ରୂପେ କାର୍ଯ୍ୟ ତୁଲାଇ ପାରୁନଥିବାରୁ ଦାୟିତ୍ୱରୁ ଓହରି ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜି ମାଥିଲି ଲ୍ୟାମ୍ପ୍‌ସ ସଭାପତି ମୁନି ବତି ବୁଡ଼ବାଡେ ସମେତ ଉପ ସଭାପତି ଡମ୍ବୁଣି ପୂଜାରୀ, ଡାଇରେକ୍ଟର ହଳର ପୂଜାରୀ, ଉଦୟ ନାଥ ମାଦ୍ରୀ, ସୁବାସ ଚନ୍ଦ୍ର ଖୁଡ଼ୁପିଆ, ତ୍ରିନାଥ ଭୂମିଆ, ସମାରୁ ନାୟକ, ସମେତ କୋରାପଟ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ମୋନଜ ମଣ୍ଡଳ ଉପସ୍ଥିତ ରହିଥିଲେ। ନୂତନ ଏମ୍‌ଡି ରୂପେ ଅନନ୍ତ ବିଷଇଙ୍କୁ ଦାୟିତ୍ୱ ଦିଆଯାଇଛି। ନୂତନ ଏମ୍‌ଡିଙ୍କୁ ଆଦିବାସୀ ନେତା ହଳଧର ପୂଜାରୀଙ୍କ ଉପସ୍ଥିତିରେ ଲ୍ୟାମ୍ପ୍‌ସର ସମସ୍ତ କର୍ମଚାରୀ ପ୍ରଶାନ୍ତ କୁମାର ନାୟକ, ଧନୁର୍ଯ୍ୟୟ ଭୂମିଆ, ସନ୍ତୋଷ ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ସିଆରସିସି, ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ମାଥିଲି,୨୯।୮(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଟେମୁରପାଲୀ ପଞ୍ଚାୟତ ସ୍ଥିତ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟରର ପୂର୍ବତନ ସିଆରସିସି ମଧୁସୂଦନ ନାୟକ ଓ କୁକୁରକୁଣ୍ଡୁ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ମହାନ୍ତିଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପଞ୍ଚାୟତ ସ୍ତରରେ ସିଆରସିସି ସତ୍ୟବ୍ରତ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜନ ହୋଇଥିଲା। ଆୟୋଜିତ ସଭାରେ ସ୍ଥାନୀୟ ସରପଞ୍ଚ ତୁମ୍ବେଶ୍ୱର ସମରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଭାବେ ୨୦୨୨ ମସିହାରେ ଶ୍ରୀ ମହାନ୍ତି କୁକୁରକୁଣ୍ଡୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୋଗଦେଇଥିଲେ। ତତ୍‌ପରଠାରୁ ବିଦ୍ୟାଳୟ ପରିସରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସହ ଅତିରିକ୍ତ ଶ୍ରେଣୀ ଗୃହ ବିଭିନ୍ନ ପ୍ରକାରର ଗଛ ଲଗାଇ ସବୁଜ ମୟ କରିଥିଲେ। ପାଞ୍ଚ ବର୍ଷ ଅବଧିରେ ସିଆରସିସି ଭାବେ ମଧୁସୂଦନ ନାୟକ ୨୦୧୯ରେ ଯୋଗଦେଇ ଦେଇଥିଲେ। ତାଙ୍କ ସମୟରେ ପଞ୍ଚାୟତର ୧୧ ବିଦ୍ୟାଳୟରେ ବହୁ ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହିତ କରୁଥିଲେ। ଏଥିପାଇଁ ବ୍ଲକ୍‌ସ୍ତରୀୟ ଓ ଜିଲ୍ଲାର ଶ୍ରେଷ୍ଠ ସିଆରସିସି ଭାବେ ୨୦୨୪-୨୦୨୫ ବର୍ଷରେ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ କରିଥିଲେ। ୨୦୧୭ରେ ଜିଲ୍ଲାସ୍ତରୀୟ ପୁରସ୍କାରପ୍ରାପ୍ତ ହୋଇଥିଲେ। ସରପଞ୍ଚଙ୍କ ସମେତ ପଞ୍ଚାୟତର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କ କାର୍ଯ୍ୟ ଓ ସମୟର ଗୁଣଗାନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାକୁ ନାରାୟଣ ବେହେରା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ସରପଞ୍ଚ ସମରଥ ଯୋଗ ଦେଇ ଶ୍ରୀ ନାୟକଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ସ୍ୱାଗତ ଭାଷଣ ଦିଲ୍ଲୀପ କୁମାର ଜେନା ଦେଇଥିଲାବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ସିଆରସିସି ସନ୍ତୋଷ କୁମାର ଗଣ୍ଡ, ବରିଷ୍ଠ ଶିକ୍ଷକ ରତ୍ନାକର ପାଳ, ନିତ୍ୟାନନ୍ଦ ମହାଳିକ, ବୁଦ୍ଧଦେବ ବିଶ୍ୱାଣୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତର ବରିଷ୍ଠ ଶିକ୍ଷକ ଶଙ୍କର ନାୟକ, ରମାକାନ୍ତ ମହାରଣା, ମନୋରଞ୍ଜନ ଆଡାକ, ପ୍ରଶାନ୍ତ କୁମାର ପଟ୍ଟନାୟକ, କଂଶଧର ମାଝୀ, ରଞ୍ଜିତ କେଶରୀ ମହାନ୍ତି, ସଞ୍ଜୟ କୁମାର ବିଷୋୟୀ, ସିପ୍ରା ବିଶ୍ୱାସ ନକୁଳ ଚନ୍ଦ୍ର ବିଶ୍ୱାଳ, ପି ଜାନକୀ ରାଓ ପ୍ରମୁଖ ୪୦ଜଣ ଶିକ୍ଷକ ଶିକ୍ଷୟିତ୍ରି ଯୋଗ ଦେଇଥିଲେ।

## ଆଦିବାସୀ ସମାଜ ମହାସଂଘ କାର୍ଯ୍ୟକାରୀ ସଭାପତିଙ୍କ ଇସ୍ତଫା



ମାଲକାନଗିରି,୨୯।୮(ସମିସ): ମାଲକାନଗିରି ଜିଲ୍ଲା ଆଦିବାସୀ ସମାଜ ମହାସଂଘର କାର୍ଯ୍ୟକାରୀ ସଭାପତି ଜାରାଶବର ମାଡ଼ି ଆଜି ପଦବୀରୁ ଇସ୍ତଫାଦେଇଛନ୍ତି। ଜିଲ୍ଲା ଆଦିବାସୀ ସମାଜ ମହାସଂଘ ସଭାପତି ବନ୍ଧୁ ମୁଦୁଲିଙ୍କ ନିକଟକୁ ସେ ଇସ୍ତଫା ପତ୍ର ପଠାଇଛନ୍ତି।

## ପାଣି ସମସ୍ୟା; ବିଧାୟକଙ୍କୁ ଜଣାଇଲେ ଗୌଡ଼ସାହି ବାସିନ୍ଦା

ବିଷମ କଟକ,୨୯।୮(ସମିସ): ପାଣି ସମସ୍ୟାକୁ ନେଇ ବିଧାୟକଙ୍କୁ ଅଭିଯୋଗ କଲେ ଗୌଡ଼ସାହି ବାସିନ୍ଦା। ରାୟଗଡ଼ା ଜିଲ୍ଲା ବିଷମ କଟକ ଗ୍ରାମପଞ୍ଚାୟତ ସଦରରେ ପାନୀୟ ଜଳ ଯୋଗାଣ ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଗୌଡ଼ସାହିରେ ମୋଟ ୨୦୦ ପରିବାର ବସବାସ କରୁଥିବା ବେଳେ ଗତ ଏକ ବର୍ଷ ହେଲା ପାଣି ସମସ୍ୟା ଦେଖା ଦେଇଛି। ପଞ୍ଚାୟତ ଠାରୁ ବ୍ଲକ ପର୍ଯ୍ୟନ୍ତ ସମସ୍ତଙ୍କୁ ଲିଖିତ ଅଭିଯୋଗ ଜଣାଇବା ପରେ ମଧ୍ୟ କେହି ଏହି ସମସ୍ୟାର ସମାଧାନ କରିବା ଦିଗରେ ଗୁରୁତ୍ୱ ଦେଉନଥିବାରୁ ଆଜି ବିଷମ କଟକ ଗୌଡସାହିର ମହିଳା ମାନେ ବିଷମ କଟକ ବିଧାୟକ ନିଳମାଧବ ହିକ୍‌କାଙ୍କ ନିକଟରେ ଫେରାଦ ହୋଇଛନ୍ତି। ଆଜି ମଧ୍ୟାହ୍ନରେ ବିଧାୟକ ବିଷମ କଟକ କଲ୍ୟାଣ ମଣ୍ଡପରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିବା ଅବସରରେ ସ୍ଥାନୀୟ ଗୌଡ଼ସାହିର ପୁରୁଷ, ମହିଳାମାନେ ବିଧାୟକଙ୍କୁ ଭେଟି ପଞ୍ଚାୟତ ତରଫରୁ ନିଅଣ୍ଟିଆ ଜଳ ଯୋଗାଣ ସମ୍ବନ୍ଧରେ ଅବଗତ କରିବା ସହ ଅଧିକାଂଶ ଦିନ ସେମାନେ ପାଣି ପାଉନଥିବାର ଅଭିଯୋଗ କରିଥିଲେ। ବିଧାୟକ ସମସ୍ତ ଅଭିଯୋଗ ଶୁଣିବା ପରେ ଜଳ ଯୋଗାଣ ସ୍ୱାଭାବିକ କରିବା ଦିଗରେ ଚେଷ୍ଟା କରିବେ ବୋଲି କହିଥିଲେ। ଅପରାହ୍ନରେ ନିଜେ ବିଧାୟକ ବିଷମ କଟକ ଗୌଡ ସାହିକୁ ଯାଇ ସାହିବାସିନ୍ଦା ମାନଙ୍କ ସହ ବ୍ୟକ୍ତିଗତ ଭାବେ ଜଳ ଯୋଗାଣ ଏବଂ ଅନ୍ୟାନ୍ୟ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଛନ୍ତି। କେଉଁ ପରିସ୍ଥିତିରେ ନିୟମିତ ଜଳ ଯୋଗାଣରେ ବ୍ୟାଘାତ ଘଟୁଛି, ସେ ସମ୍ବନ୍ଧରେ ଗ୍ରାମପଞ୍ଚାୟତ ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ସମସ୍ୟାର ସମାଧାନ ଏବଂ ନିୟମିତ ଜଳଯୋଗାଣ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ।



### ସାର ଟୋକନ୍ ବଣ୍ଟନରେ ଅବ୍ୟବସ୍ଥା

## ୟୁରିଆ ଅଭାବରୁ ପୁଣି ତାତିଲେ ଚାଷୀ



ମାଲକାନଗିରି,୨୯।୮(ସମିସ): ଗତ କିଛି ଦିନ ହେଲା ସମଗ୍ର ମାଲକାନଗିରି ଜିଲ୍ଲାରେ ୟୁରିଆ ସାର ଅଭାବ ଦେଖାଦେଇଛି। ବିଶେଷ କରି ଜିଲ୍ଲାର ମାଥିଲି ଅଞ୍ଚଳରେ ୟୁରିଆ ସାରର ଘୋର ଅଭାବ ଦେଖାଦେଇଛି। ଗତ କିଛି ଦିନ ତଳେ ହଜାର ହଜାର ଚାଷୀ ମାଥିଲି ଲ୍ୟାମ୍ପ୍‌ସ ଆଗରେ ଆନ୍ଦୋଳନ କରି ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଏହି ସାର ଘଟଣା ଯୋଗୁଁ ଲ୍ୟାମ୍ପ୍‌ସର ଏମ୍‌ଡି ଇସ୍ତଫା ଦେଇଥିଲେ। ଆଜି ଚାଷୀ ମାନଙ୍କୁ ସାର ବଣ୍ଟନର ଟୋକନ ଦେବା ବେଳେ ଏଥିରେ ଅନିୟମିତତା ଅଭିଯୋଗ କରି ପୁଣି ଚାଷୀମାନେ ତାତି ଛନ୍ତି। ଆଜି ପୁଣି ହଜାର ହଜାର ଚାଷୀ ୩୨୬ ନମ୍ବର ଜାତୀୟ ରାଜପଥ ପାଶ୍ୱର୍ରେ ଥିବା ମାଥିଲି ମିନି ବ୍ୟାଙ୍କ ସମ୍ମୁଖରେ ଏକଜୁଟ ହେବା ଦ୍ୱାରା ରାସ୍ତା ଅବରୋଧ ହୋଇଯାଇଥିଲା। ଯଦ୍ୱାରା ବହୁ ସମୟ ଧରି ଗାଡି ଚଳାଚଳ ବାଧା ପ୍ରାପ୍ତ ହୋଇଥିଲା। ମାଥିଲି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ରାସ୍ତାରୁ ଚାଷୀଙ୍କୁ ହଟାଇବାରୁ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ମାଥିଲି ବ୍ଲକରେ ୟୁରିଆ ସାର ଚାଷୀଙ୍କୁ ଆବଶ୍ୟକ ଅନୁଯାୟୀ ନ ମିଳିବାରୁ ବାରମ୍ବାର ପ୍ରଶାସନକୁ ଚାଷୀ ଅଭିଯୋଗ କରିଥିଲେ ମଧ୍ୟ ଚାଷୀଙ୍କ କଥାକୁ କେହି ଗୁରୁତ୍ୱ ଦେଇ ନ ଥିଲେ। ଚାଷ କାମ ସମ୍ପୂର୍ଣ୍ଣ ହୋଇଯାଇଥିଲେ ମଧ୍ୟ ସାରର ଅଭାବ ଦେଖାଯାଇଥିଲା। ଠିକ୍ ସମୟରେ ସାର ପ୍ରୟୋଗ ନ କଲେ ଅମଳ କମିଯିବା ଆଶଙ୍କା କରି ସାର ପାଇଁ ଦୂର ଦୁରାନ୍ତରୁ ଚାଷୀ ପ୍ରତ୍ୟେକ ଦିନ ମିନି ବ୍ୟାଙ୍କ ସମ୍ମୁଖରେ ଜମା ହେଉଥିଲେ। ସାର ନ ପାଇ ଗତ ଶନିବାର ଦିନ ଲ୍ୟାମ୍ପ୍‌ସ ସମ୍ମୁଖରେ ଧାରଣା ଦେଇ ଜାତୀୟ ରାଜପଥ ଅବରୋଧ କରିଥିଲେ। ଜୟପୁର-ମାଲକାନଗିରି ୩୨୬ ନମ୍ବର ଜାତୀୟ ରାଜପଥରେ ଯାନ ବାହନ ଚଳାଚଳ ସମ୍ପୂର୍ଣ୍ଣ ଯିବା ଆସିବା ବନ୍ଦ ହୋଇଯାଇଥିଲା। ମାଥିଲି ବିଡ଼ିଓ, ମାଥିଲି ତହସିଲଦାର ଓ ମାଥିଲି ପୋଲିସ ଆସି ବୁଝାସୁଝା କରି ଲିଖିତ ପ୍ରତିଶୃତି ଦେବା ପରେ ଚାଷୀ ରାସ୍ତାରୁ ଉଠିଥିଲେ। ବର୍ତ୍ତମାନ ୧୨ ବସ୍ତା ୟୁରିଆ ସାର ଆସିଛି। କିନ୍ତୁ ଦୁଇ ହଜାରରୁ ଅଧିକ ଚାଷୀ ଆଜି ଜମା ହୋଇଛନ୍ତି ସାର ନେବାପାଇଁ। ଯଦ୍ୱାରା ପୁଣି ଚାଷୀମାନଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଛି। ପୁଲିସ ଉପସ୍ଥିତିରେ ଜଣେ ଚାଷୀଙ୍କୁ ଗୋଟିଏ ବସ୍ତା ଦେବା ପାଇଁ ଆଜି ସନ୍ଧ୍ୟା ପର୍ଯ୍ୟନ୍ତ ଟୋକେନ ଦେଉଥିବା ଦେଖାଯାଇଛି।

ସକାଳ
THE SAKALA

# ସମ୍ପାଦକୀୟ



ରାଷ୍ଟ୍ରମୁଖ୍ୟମାନଙ୍କ ଆଗରେ ବର୍ତ୍ତମାନର ପ୍ରମୁଖ ଆହ୍ୱାନ ହେଉଛି - ଏପରି ଏକ ପରିବେଶ ସୃଷ୍ଟି କରିବା, ଯାହା ଭବିଷ୍ୟତର ବିଶ୍ୱ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିପାରିବ।
-ବିଲ୍ ଗେଟ୍ସ

## ଜଷ୍ଟିସ ନାଗରତ୍ନାଙ୍କ ଆପତ୍ତି

ସୁପ୍ରିମକୋର୍ଟ କଲେଜିୟମରେ ଜଷ୍ଟିସ୍ ବି.ଭି. ନାଗରତ୍ନାଙ୍କ ପ୍ରତିବାଦ ଓ ପ୍ରତିକ୍ରିୟାକୁ ଅନୁଶୀଳନ କଲେ ମନେ ହୁଏ ସବୁ ଠିକ୍‌ଠାକ୍ ଚାଲିନି। ପ୍ରଧାନ ବିଚାରପତି ଜଷ୍ଟିସ ଭୂଷଣ ଆର. ଗବାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ୫ ଜଣ ସଦସ୍ୟ ବିଶିଷ୍ଟ କଲେଜିୟମ ସେଦିନ ହାଇକୋର୍ଟର ଦୁଇଜଣ ମୁଖ୍ୟ ବିଚାରପତିଙ୍କୁ ସୁପ୍ରିମକୋର୍ଟର ବିଚାରପତି ରୂପେ ମନୋନୀତ କରିବାର ଥିଲା। ଜଷ୍ଟିସ ନାଗରତ୍ନାଙ୍କ ଆପତ୍ତି ଯୋଗୁଁ ତାହା ୪-୧ ରେ ବିଭାଜିତ ହୋଇଥିଲା। ସବୁ ନିଷ୍ପତ୍ତି ଯେ ସହମତି ବା ମତୈକ ଭିତ୍ତିରେ ନିର୍ଦ୍ଧାରିତ ହେବ ଏକଥା ନୁହେଁ। ତେବେ ଜଷ୍ଟିସ ନାଗରତ୍ନାଙ୍କ ପ୍ରତିକ୍ରିୟାକୁ ନେଇ ସାଧାରଣରେ ଏତେ ବିଚାରବିମର୍ଶ କାହିଁକି? ଏସବୁ ସତ୍ତ୍ୱେ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଆଲୋକ ଆରଧେ ଓ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ବିପୁଳ ମନୁଭାଇ ପାଞ୍ଚୋଲିଙ୍କୁ ମନୋନୀତ କରାଯାଇଛି। ସରକାର ମଧ୍ୟ ତୁରନ୍ତ ଦୁଇଜଣଙ୍କୁ ସୁପ୍ରିମକୋର୍ଟର ବିଚାରପତି ରୂପେ ନିଯୁକ୍ତି ଦେବାକୁ ବିଜ୍ଞପ୍ତି ଜାରି କରିଛନ୍ତି।

ମନୋନୀତ ଦୁଇଜଣ ସୁପ୍ରିମକୋର୍ଟ ବିଚାରପତିଙ୍କ ମଧ୍ୟରୁ ଜଷ୍ଟିସ ପାଞ୍ଚୋଲିଙ୍କୁ ନେଇ ଗୁରୁତର ଆପତ୍ତି ଉଠାଇଛନ୍ତି ଜଷ୍ଟିସ ନାଗରତ୍ନା। ଜନସାଧାରଣଙ୍କ ଅବଗତି ନିମନ୍ତେ ତାଙ୍କ ଆପତ୍ତି ଓ ପ୍ରତିକ୍ରିୟା ସୁପ୍ରିମକୋର୍ଟ ୱେବସାଇଟରେ ସ୍ଥାନିତ କରିବାକୁ ସେ କହିଥିଲେ। କିନ୍ତୁ ୱେବସାଇଟରେ କଲେଜିୟମରେ ୪- ୧ ମତ ବିଭାଜନ ଓ ଜଷ୍ଟିସ ନାଗରତ୍ନାଙ୍କ ଆପତ୍ତି ସ୍ଥାନ ପାଇ ନଥିବାରୁ ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି କରିଛି। ଜଷ୍ଟିସ୍ ନାଗରତ୍ନାଙ୍କ ଯୁକ୍ତି ଥିଲା ଯେ ଗୁଜୁରାଟରୁ ଜଷ୍ଟିସ ଜେ ବି ପାର୍ଦ୍ଦିୱାଲା ଓ ଜଷ୍ଟିସ ଏନ.ଭି ଅଞ୍ଜାରିଆ ସୁପ୍ରିମ୍‌କୋର୍ଟରେ ପ୍ରତିନିଧିତ୍ୱ କରୁଥିବା ବେଳେ ଜଷ୍ଟିସ ପାଞ୍ଚୋଲି ହେବେ ତୃତୀୟ ବ୍ୟକ୍ତି। ଭୌଗୋଳିକ ସନ୍ତୁଳନ ରକ୍ଷା କରିବାରେ ଏହା କେବଳ ବାଧକ ହେବନି, ସମୟକ୍ରମେ ନ୍ୟାୟିକ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ନିରପେକ୍ଷତା ରକ୍ଷା କରିବା କଷ୍ଟକର ହୋଇପଡ଼ିବ। ଦେଶର ବିଭିନ୍ନ ହାଇକୋର୍ଟରେ କାର୍ଯ୍ୟରତ ବିଚାରପତିଙ୍କ ମଧ୍ୟରେ ବରିଷ୍ଠତା ଦୃଷ୍ଟିରୁ ପାଞ୍ଚୋଲି ୫୭ ତମ ସ୍ଥାନରେ ଅଛନ୍ତି। ତାଙ୍କ ସ୍ଥାନରେ କାର୍ଯ୍ୟରତ ଅନ୍ୟ ସୁଯୋଗ୍ୟ ଓ ଦକ୍ଷ ବିଚାରପତିଙ୍କ ନାମ ବିଚାରକୁ ନିଆଯାଇପାରନ୍ତା। ଜଷ୍ଟିସ ନାଗରତ୍ନାଙ୍କ ଆପତ୍ତିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, ଯେଉଁ ପରିସ୍ଥିତିରେ ଜଷ୍ଟିସ ପାଞ୍ଚୋଲିଙ୍କୁ ଗୁଜରାଟ ହାଇକୋର୍ଟରୁ ପାଟନା ହାଇକୋର୍ଟକୁ ବଦଳି କରାଯାଇଥିଲା ତାହାର ଏହି ପ୍ରେକ୍ଷାପଟ୍ଟରେ ଚର୍ଚ୍ଚା ହେବା ଉଚିତ। ତାଙ୍କର ବଦଳି ନିର୍ଦ୍ଦେଶକୁ ସେତେବେଳେ ୯ ମାସ ଧରି ସରକାର ଅଟକାଇ ରଖିଥିଲେ। ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କ ପ୍ରବଳ ଚାପ ପ୍ରୟୋଗରୁ ସେ ପାଟନା ହାଇକୋର୍ଟକୁ ଆସିବା ସକାଶେ ବାଧ୍ୟ ହୋଇଥିଲେ। ଶେଷରେ ସେ ୨୦୨୩ ଜୁଲାଇରେ ପାଟନା ହାଇକୋର୍ଟରେ ଯୋଗ ଦେଇ ଜୁଲାଇ ୨୧ରେ ମୁଖ୍ୟ ବିଚାରପତି ହେଲେ। ପୁଣି ମାସ ଗୋଟାଏ ପରେ ସୁପ୍ରିମକୋର୍ଟ ବିଚାରପତି ଭାବେ ମନୋନୀତ ହେବା ଘଟଣାକୁ ସମସ୍ତେ ଠିକ ଭାବେ ଗ୍ରହଣ କରିପାରିନାହାନ୍ତି।

ପ୍ରଧାନ ବିଚାରପତି ପଦରୁ ଜଷ୍ଟିସ ଜୟମାଲ୍ୟ ବାଗଚି ଅବସର ନେବା ପରେ ଜଷ୍ଟିସ ପାଞ୍ଚୋଲି ୨୦୩୧ ରେ ଏହି ଶୀର୍ଷ ଆସନକୁ ପଦୋନ୍ନତି ପାଇବେ। ଦୀର୍ଘ ୧୮ ମାସ ଧରି ସେ ବିଚାର ବିଭାଗର ହର୍ତ୍ତାକର୍ତ୍ତା ରହିବେ। ଜଷ୍ଟିସ ନାଗରତ୍ନାଙ୍କ ରେକର୍ଡ କରାଯାଇଥିବା ଆପତ୍ତିକୁ ତାଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଗୋପନ ରଖିବା ଓ ଗୁଜରାଟ ଘଟଣାକ୍ରମକୁ ପର୍ଯ୍ୟାଲୋଚନା ନ କରିବା ପଛରେ କେଉଁଠି ନା କେଉଁଠି ଚାପ ବା ପ୍ରଭାବ ରହୁଛି, ତାହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ●

## ବର୍ଷା ତାଣ୍ଡବ

ଏସନ ଆଗୁଆ ମୌସୁମୀ ଆସିବାର ସୂଚନା ନେଇ କଳ୍ପନା ଆରମ୍ଭ ହୋଇଯାଇଥିବା ବେଳେ ଆଷାଢ଼ ଓ ଶ୍ରାବଣ ବର୍ଷାଭାବରୁ ଚାଷୀର ପାଗଯୋଗ ବିଗିଡ଼ି ଗଲା। ଅଗଷ୍ଟ ବା ଭାଦ୍ରବ ମାସରେ ବର୍ଷାର ତାଣ୍ଡବ ଯେଉଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି, ସେଥିରେ କେତେ କିଏ ମରି ହଜି ଗଲେଣି ତାହାର କୌଣସି ଇୟତ୍ତା ନାହିଁ। ଜଳବାୟୁ ପରିବର୍ତ୍ତନ, ସହରୀକରଣ ଶିଳ୍ପାୟନ ଓ ଜଙ୍ଗଲ ଉଚ୍ଛେଦ ଯୋଗୁଁ ବର୍ଷା ବିପର୍ଯ୍ୟୟ ପୂର୍ବ ରେକର୍ଡକୁ ଅତିକ୍ରମ କରିଛି।

ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶରେ ବାଦଲଫଟା ବର୍ଷା ଓ ଭୂସ୍ଖଳନରେ ଜନପଦ ନିଶ୍ଚିହ୍ନ ହୋଇଯାଇଛି। ଏହି ଦୁଇ ରାଜ୍ୟରେ ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ସେହିଭଳି ଜମ୍ମୁ-କାଶ୍ମୀରରେ ଭୂସ୍ଖଳନ ଘଟି ଦୁଇଦିନ ମଧ୍ୟରେ ୪୦ ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଛନ୍ତି। ମାଆ ବୈଷ୍ଣୋଦେବୀଙ୍କ ଦର୍ଶନ କାର୍ଯ୍ୟକ୍ରମକୁ ବନ୍ଦ ରଖାଯାଇଛି। ସେଠାରେ ମାଟି ଅତଡ଼ା ଧସିବାରୁ ୩୬ ଜଣଙ୍କ ମୃତ୍ୟୁ ଘଟିଛି। ରାବି, ଚେନାବ ଓ ଝେଲମରେ ବନ୍ୟାଜଳ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଜମ୍ମୁର ନିମ୍ନାଞ୍ଚଳ ବାହ୍ୟ ଜଗତରୁ ଏବେ ମଧ୍ୟ ବିଚ୍ଛିନ୍ନ ହୋଇରହିଛି। ଦେଶର ପ୍ରମୁଖ ସହର ମୁମ୍ବାଇ, ଦିଲ୍ଲୀ ଓ ବେଙ୍ଗାଲୁରୁରେ ବର୍ଷାଜଳ ନିଷ୍କାସନ ହୋଇପାରୁ ନଥିବାରୁ ସେଠାରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଗଙ୍ଗାନଦୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ଉତ୍ତର ପ୍ରଦେଶ ଓ ବିହାରରେ ବିସ୍ତୃତ ଅଞ୍ଚଳ ଜଳମଗ୍ନ ହୋଇଥିବାରୁ ପରିବହନ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି। ଜଳବନ୍ଦୀ ଅବସ୍ଥାରେ ଥିବା ଜନବସତି ସହ ଯୋଗାଯୋଗ ରକ୍ଷା କରାଯାଇପାରୁନି।

ମହାନଦୀରେ ବଡ଼ ବନ୍ୟା ଆସିନଥିବାରୁ ଓଡ଼ିଶାର ଉପକୂଳ ଅଞ୍ଚଳ ସୁରକ୍ଷିତ ଥିଲେ ହେଁ ବ୍ରହ୍ମାଣୀ, ବୈତରଣୀ, ସୁବର୍ଣ୍ଣରେଖାରେ ଜଳସ୍ତର ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଛି। କାଣି ନଦୀରେ ୭୦ ଫୁଟ ଘାଇ ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲାର ୧୧୪ ଗାଁ ଜଳବନ୍ଦୀ ହୋଇରହିଛି।. ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ବନ୍ୟା ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। କେବଳ ଏତିକି କୁହାଯାଇପାରେ କି ରାଜ୍ୟରେ ବନ୍ୟା ସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଇନାହିଁ। ତେବେ ଗୋଟିକ ପରେ ଗୋଟିଏ ଲଘୁଚାପ ଜନିତ ବର୍ଷା ଲାଗିରହିଥିବା ବେଳେ ଅକ୍ଟୋବର ୨ ଓ ୩ ରେ ପୁଣି ବର୍ଷା ବିପ୍ରାତର ସୂଚନା ମିଳିଛି। ତେଣୁ ପରିସ୍ଥିତି ଯେ ସୁଧୁରି ଗଲାଣି ଏକଥା ଦାବି କରାଯାଇନପାରେ। ବିଳମ୍ବିତ ମୌସୁମୀର ଗତି ଓ ଦୁର୍ଗତି ନେଇ କିଛି ଆକଳନ କରାଯାଇ ପାରିବ ନାହିଁ। ଗଣେଶ ପୂଜାଠାରୁ ଆରମ୍ଭ ହୋଇଥିବା ପାର୍ବଣର ସାଜସଜ୍ଜା ଯେ ଆଗକୁ ଭିଜି ନ ଯିବ କିଏ କହିବ। ●

# ଆଞ୍ଚଳିକ ବିକାଶ, ରାଜନୀତି ଓ ରାଷ୍ଟ୍ରନୀତି

ଡ. ଏମ୍ ଜି ପ୍ରସାଦ

ଗତ ଦୁଇ ସପ୍ତାହ ଭିତରେ ଓଡ଼ିଶାର ବିକାଶ ଧାରାରେ ଦୁଇଟି ଅଧ୍ୟାୟ ଯୋଡ଼ି ହୋଇଛି। ଗତସପ୍ତାହରେ ଛଅଲେନ୍ ବିଶିଷ୍ଟ ଭୁବନେଶ୍ୱର ବାଇପାସ୍ ସଡ଼କ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଥିବା ବେଳେ ତା'ପୂର୍ବ ସପ୍ତାହରେ ଓଡ଼ିଶାରେ ଦୁଇଟି ସେମିକଣ୍ଡକ୍ଟର ପ୍ରକଳ୍ପ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଆଞ୍ଚଳିକ ବିକାଶ ଜରିଆରେ ଜାତୀୟ ବିକାଶ ପ୍ରକ୍ରିୟାରେ ଉପରୋକ୍ତ ଦୁଇ ପ୍ରକଳ୍ପ ସ୍ୱାଗତଯୋଗ୍ୟ ନିଶ୍ଚୟ। କିନ୍ତୁ ଏହା ସୁସ୍ଥ ସଂଘୀୟ ବ୍ୟବସ୍ଥାରେ ଏକ ବ୍ୟତିକ୍ରମ ବୋଲି ବୁଦ୍ଧିଜୀବୀ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି ହୋଇ ନଥା'ନ୍ତା, ଯଦି 'ଆଞ୍ଚଳିକ ବିକାଶ' 'ବିକାଶ ରାଜନୀତି'ର ରୂପ ନେଇ ନଥା'ନ୍ତା। ଦୁଇଟି ଯାକ ପ୍ରକଳ୍ପ ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ ଓ ଧନ୍ୟବାଦ ଅର୍ପଣରେ ମୁଖର ହେବା ପରେ ସ୍ୱାଭାବିକ ପ୍ରଶ୍ନ ଉଠୁଛି କ'ଣ ସତରେ ଓଡ଼ିଶା ଏଥିପାଇଁ ହକ୍‌ଦାର ନଥିଲା? ଏହି ପ୍ରଶ୍ନର ଉତ୍ତର ଖୋଜିବା ବେଳେ ଦେଶର ସମ୍ବିଧାନ ପ୍ରଦତ୍ତ ବହୁଦଳୀୟ ଶାସନ ଅଧିକାର ଓ ସଂଘୀୟ ବ୍ୟବସ୍ଥା ସ୍ୱତଃ ଆଲୋଚନା ପରିସରକୁ ଆସିବ ଏବଂ ରାଷ୍ଟ୍ରନୀତିରେ ଆଞ୍ଚଳିକ ବିକାଶ ନୀତି ଅଧିକ ସ୍ପଷ୍ଟ ଭାବେ ପ୍ରତିଫଳିତ ହେବ।

ରାଜନୀତିରେ 'ଆଞ୍ଚଳିକବାଦ' ଏକ ଅସ୍ପୃଶ୍ୟ ବିଚାର ନୁହେଁ, ବରଂ ଏକ ଆଦର୍ଶ, ଯାହା ନିଜ ଅଞ୍ଚଳ ଓ ଅଞ୍ଚଳବାସୀଙ୍କ ସମାବେଶୀ ବିକାଶକୁ ସର୍ବାଦୌ ଗୁରୁତ୍ୱ ଦିଏ। କ୍ରମାଗତ କେନ୍ଦ୍ରୀୟ ଅବହେଳାରୁ 'ଆଞ୍ଚଳିକବାଦ'ର ଜନ୍ମ ହୋଇଥିବାରୁ ଜାତୀୟ ରାଜନୀତିରେ କ୍ଷମତା ଦୌଡ଼ରୁ ବହୁ ଦୂରରେ ନିରବଚ୍ଛିନ୍ନ ଓ ସମର୍ପିତ ଭାବେ ରାଜ୍ୟର ବିକାଶ ଓ ରାଜ୍ୟବାସୀଙ୍କ ସ୍ୱାର୍ଥର ସୁରକ୍ଷା ହିଁ ଆଞ୍ଚଳିକ ଦଳମାନଙ୍କର ଏକମାତ୍ର ଲକ୍ଷ୍ୟ, ଯାହା ଜାତୀୟ ଦଳମାନଙ୍କ ଆଦର୍ଶ ଓ ନୀତିରେ ବିରଳ। ଓଡ଼ିଶାରେ ଏହି ଆଞ୍ଚଳିକ ବିକାଶସର୍ବସ୍ୱ ଆଦର୍ଶର ପରିପ୍ରକାଶ ବିଜୁ ପଟ୍ଟନାୟକଙ୍କ ଅମଳରେ ଜନ୍ମ ନେଇ ତାଙ୍କ ଅବର୍ତ୍ତମାନରେ ତାଙ୍କ ନାମରେ ଗଠିତ 'ବିଜୁ ଜନତା ଦଳ'ର ଶାସନ କାଳରେ ଅଧିକ ପରିପୁଷ୍ଟ ହେଲା। ଏ ସମ୍ପର୍କରେ ଆଲୋଚନା ପୂର୍ବରୁ ଭାରତୀୟ ସଂଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ଦଳ ଗଠନର ଅପରିହାର୍ଯ୍ୟତା ସମ୍ପର୍କରେ କିଞ୍ଚିତ ଆଲୋଚନା କରିବା ସମୀଚୀନ ହେବ।

ଆର୍ଥିକ, ସାମାଜିକ, ଭୌଗୋଳିକ, ଧାର୍ମିକ, ଭାଷା ଓ ସଂପ୍ରଦାୟ ଆଦି ଦୃଷ୍ଟିରୁ ବିବିଧତାରେ ପରିପୂର୍ଣ୍ଣ ଭାରତ ସ୍ୱାଧୀନତା ହାସଲ କରିବା ପରେ ଯେଉଁ ଶାସନ ବ୍ୟବସ୍ଥା ସୃଷ୍ଟି କରାଗଲା, ସେଥିରେ ଭାରତ ଏକ ସଂଘୀୟ ସାଧାରଣତନ୍ତ୍ରର ମାନ୍ୟତା ପାଇଲା। ଏହା ସ୍ୱୟଂସମ୍ପୂର୍ଣ୍ଣ ରାଜ୍ୟ ସମୂହଙ୍କର ଏକ ସମାହାର ବା ସଂଘରେ ପରିଣତ ହେଲା। ସେତେବେଳେ କିନ୍ତୁ ରାଜ୍ୟ ସମୂହଙ୍କ କ୍ଷମତା, ସ୍ୱାୟତ୍ତତା ଓ ସ୍ଥିତି ଘେନି ସଂଶୟ ସୃଷ୍ଟି ହେଲା ଏବଂ ସର୍ବୋଚ୍ଚ କ୍ଷମତାଶାଳୀ କେନ୍ଦ୍ର ସରକାର ସଂଘୀୟ ବ୍ୟବସ୍ଥାର ଘଟକ ରାଜ୍ୟମାନଙ୍କୁ ବଚସ୍କାର କରି ରଖିପାରେ ବୋଲି ଚିନ୍ତା ଉଦ୍ରେକ ହେଲା। ଏହି ସଂଶୟର ଅବସାନ ପାଇଁ ସମ୍ବିଧାନର ପ୍ରମୁଖ ପ୍ରଣେତା ବାବାସାହେବ ଆମ୍ବେଦକର ସ୍ପଷ୍ଟ କରିଥିଲେ ଯେ, 'ଭାରତର ଚିଠା ସମ୍ବିଧାନ ସ୍ୱଭାବତଃ ଏକ ସଂଘୀୟ ସମ୍ବିଧାନ ଭାବେ କାର୍ଯ୍ୟ କରିବ। ଏହାଦ୍ୱାରା ଦ୍ୱୈତ ଶାସନ ବ୍ୟବସ୍ଥା ପ୍ରବର୍ତ୍ତନ ହେବ। ପ୍ରସ୍ତାବିତ ସମ୍ବିଧାନରେ ଏହି ଦ୍ୱୈତ ଶାସନରେ କେନ୍ଦ୍ରରେ ଗୋଟିଏ ଏବଂ ପ୍ରତ୍ୟେକ ରାଜ୍ୟରେ ଗୋଟିଏ ଲେଖାଏଁ ସରକାର ନିଜ ନିଜ କାର୍ଯ୍ୟ ପରିସର ଓ ଅଧିକାରଭୁକ୍ତ କ୍ଷେତ୍ରରେ ସ୍ୱାଧୀନଭାବେ ସାମ୍ବିଧାନିକ ମର୍ଯ୍ୟାଦା ଭିତରେ ରହି କାର୍ଯ୍ୟ କରିବାର ଅଧିକାର ପାଇବେ।'

ସ୍ୱାଧୀନତା ପରେ ଭାରତରେ ଆଞ୍ଚଳିକ ସ୍ୱାର୍ଥ ସମ୍ବଳିତ ଆକାଂକ୍ଷା ସୃଷ୍ଟି ହେଲା ଏବଂ ଏହାକୁ ନେଇ ଅଧିକାରର ସ୍ୱର ରାଜନୀତିରେ ପ୍ରତିଫଳିତ ହେଲା। ସେସବୁ ସ୍ୱର କ୍ରମଶଃ ଶାଣିତ ହୋଇଥିଲେ ହେଁ ଜାତୀୟ ସ୍ୱାର୍ଥର ପରିପନ୍ଥୀ ନଥିଲା। ପ୍ରାୟ ସବୁ ଭାରତୀୟଙ୍କ ପାଇଁ ଜାତୀୟତା ବା ରାଷ୍ଟ୍ରୀୟତା ଏକ ଧ୍ରୁବସତ୍ୟ ଓ ସାଲିସବିହୀନ ପ୍ରଶ୍ନ ହୋଇଥିବା ବେଳେ ଆଞ୍ଚଳିକ ସ୍ୱାର୍ଥରକ୍ଷା ଏକ ପ୍ରାଥମିକ ବାସ୍ତବତା ଭାବେ କ୍ରମେ ଆତ୍ମପ୍ରକାଶ କଲା। ନିଜ ନିଜ ରାଜ୍ୟର ପ୍ରଗତି ପାଇଁ ସବୁ ରାଜ୍ୟ କେନ୍ଦ୍ରର ଉପଯୁକ୍ତ ସାହାଯ୍ୟ ସହଯୋଗ ଆଶା କଲେ। ଏଥିରେ ନିରାଶ ରାଜ୍ୟମାନେ ଦାବି ଉପସ୍ଥାପନ ଜରିଆରେ ସ୍ୱର ଉତ୍ତୋଳନ କରିବାକୁ ବାଧ୍ୟ ହେଲେ। ଯେଉଁଠି ଉଭୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ଗୋଟିଏ ଦଳର ଶାସନାଧୀନ ରହିଲା ସେତେବେଳେ 'ଆଞ୍ଚଳିକବାଦ' ଜାତୀୟ ରାଜନୀତିରେ ବିଲୀନ ହୋଇଗଲା। ସ୍ୱାଭାବିକ ଭାବେ ବିପୁଳ ସୁଯୋଗ ଓ ସମ୍ଭାବନା ସତ୍ତ୍ୱେ ରାଜ୍ୟ ବିକାଶ ଧାରା ମନ୍ଥର ହୋଇପଡ଼ିଲା ଏବଂ ରାଜ୍ୟୱାରୀ ବିକାଶରେ ବୈଷମ୍ୟ ଉତ୍କଟ ହେବାରେ ଲାଗିଲା। ଓଡ଼ିଶା ଭଳି ବହୁ ରାଜ୍ୟ ଅବହେଳିତ ହୋଇ ଦରିଦ୍ର ରାଜ୍ୟର ଅପବାଦ ମୁଣ୍ଡାଇବାରେ ଲାଗିଲେ।

ଏହି ପୁଞ୍ଜୀଭୂତ ଅସନ୍ତୋଷରୁ ଜନ୍ମ ନେଲା କେନ୍ଦ୍ର ବିରୋଧୀ ଆଭିମୁଖ୍ୟ ଓ ଅବହେଳା ପ୍ରସଙ୍ଗ। 'ରାଷ୍ଟ୍ରନୀତି', 'ଜାତୀୟ ରାଜନୀତି' ଓ 'ଆଞ୍ଚଳିକବାଦ' ମଧ୍ୟରେ ସୃଷ୍ଟ ଅଭାବବୋଧାରୁ ଜନ୍ମ ନେଲେ ଏକାଧିକ ଆଞ୍ଚଳିକ ଦଳ। ଓଡ଼ିଶା, ତାମିଲନାଡୁ, ପଶ୍ଚିମବଙ୍ଗ, କେରଳ ଆଦିରେ ଯେଉଁସବୁ ଆଞ୍ଚଳିକ ଦଳ ଜନ୍ମ ନେଇ କ୍ଷମତା ହାସଲ କରିବାରେ ସଫଳ ହେଲେ, ତା'ପଛରେ ଥିଲା 'ଆଞ୍ଚଳିକବାଦ'ର ବାସ୍ତବତା, ଆବଶ୍ୟକତା ଓ ଅଞ୍ଚଳବାସୀଙ୍କ ଅକୁଣ୍ଠ ସମର୍ଥନ। ଓଡ଼ିଶାରେ ବିଗତ ଶତାବ୍ଦୀର ୫୦ ରୁ ୬୦ ଦଶକ ମଧ୍ୟରେ ଗଣତନ୍ତ୍ର ପରିଷଦ, ଜନକଂଗ୍ରେସ୍, ଉତ୍କଳ କଂଗ୍ରେସ ଆଦି କେତେକ ଆଞ୍ଚଳିକ ଦଳ ଗଠିତ ହୋଇ ଜାତୀୟ ଦଳର ବିକଳ୍ପ ଭାବେ ରାଜ୍ୟ ରାଜନୀତିରେ ସଫଳତା ହାସଲ କରିଥିଲେ ହେଁ ଦୀର୍ଘସ୍ଥାୟୀ ହୋଇପାରିନଥିଲେ। ୧୯୯୭ ମସିହାରେ ବିଜୁ ଜନତା ଦଳ ଗଠନ ହୋଇ ୨୦୦୦ ମସିହାରେ ରାଜ୍ୟର ଶାସନ କ୍ଷମତା ସମ୍ଭାଳିବା ପରେ ରାଜ୍ୟ ଓ ଜାତୀୟ ରାଜନୀତିରେ ପ୍ରଥମ ଥର ପାଇଁ ଆଞ୍ଚଳିକବାଦର ବାସ୍ତବତା ଗୁରୁତ୍ୱ ପାଇଲା ଏବଂ ରାଜ୍ୟର ସ୍ୱାର୍ଥକୁ ସର୍ବାଗ୍ରେ ରଖାଗଲା। ୨୦୦୦ ମସିହା ପର୍ଯ୍ୟନ୍ତ ଓଡ଼ିଶା ବିକାଶ ମାନଦଣ୍ଡର ସବୁକ୍ଷେତ୍ରରେ ପଛରେ ଥିବା ଭାରତର କେବଳ ଏକ ଭୌଗୋଳିକ ପରିପ୍ରକାଶ ଥିଲା। ଓଡ଼ିଶାର ବିପୁଳ ଖଣିଜ ସମ୍ବଳକୁ କେନ୍ଦ୍ର ନିଜ ଇଚ୍ଛା ଓ ସୁବିଧା ଅନୁସାରେ ଉପଯୋଗ କରୁଥିବା ବେଳେ ରାଜ୍ୟର ବିକାଶ ପ୍ରତି ଯଥୋଚିତ ଧ୍ୟାନ ଦେଉ ନଥିଲା। ସଡ଼କ, ରେଳ ଯୋଗାଯୋଗ, ବନ୍ଦର, ଭିତ୍ତିଭୂମି, ରାଷ୍ଟ୍ରୀୟ ଉଦ୍ୟୋଗ, ଶକ୍ତି, ଯୋଗାଯୋଗ ଆଦି ଅନେକ କ୍ଷେତ୍ରରେ ଓଡ଼ିଶା ଜାତୀୟ ହାରଠାରୁ ବହୁ ପଛରେ ପଡ଼ିଥିଲା। ବନ୍ୟା ଓ ବାତ୍ୟାର ଚିରସହଚର ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଓ ସ୍ୱତନ୍ତ୍ର ପ୍ୟାକେଜ୍ ଦାବି ପ୍ରତି କେନ୍ଦ୍ର ସରକାର କର୍ଣ୍ଣପାତ କରୁ ନ ଥିଲେ। ତେଣୁ ଏହା ବିରୋଧରେ ଯେଉଁ ରାଜନୈତିକ ସ୍ୱର ଉତ୍ତୋଳିତ ହୋଇଥିଲା ତାହାକୁ ଓଡ଼ିଶାବାସୀ ପୂର୍ଣ୍ଣପ୍ରାଣରେ ସମର୍ଥନ ଜଣାଇଥିଲେ।

ଯଦି କେନ୍ଦ୍ରୀୟ ଅବହେଳା ଓ ଐତିହାସିକ ଅନ୍ୟାୟକୁ ଓଡ଼ିଶାବାସୀ ଉପଲବ୍ଧ କରି ନଥା'ନ୍ତେ ତେବେ ବିଜେଡି ଓ ଏହାର ନେତାଙ୍କୁ ୫ଟି ଲଗାତାର ନିର୍ବାଚନରେ ବିଜୟୀ କରି ନଥା'ନ୍ତେ। ଦୀର୍ଘ ୨୪ ବର୍ଷର ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ନିରବଚ୍ଛିନ୍ନ ସଂଗ୍ରାମ ଫଳରେ ଏବେ ଓଡ଼ିଶା ଅନେକ କ୍ଷେତ୍ରରେ ଆଗୁଆ ଏବଂ ଜାତୀୟ ସ୍ତରରେ ଉଦାହରଣୀୟ ଓ ଅନୁକରଣୀୟ। ଆଞ୍ଚଳିକବାଦ ଓ ଆଞ୍ଚଳିକ ଦଳର ଶାସନ ବିନା ଏହା ସମ୍ଭବ ହୋଇପାରି ନ ଥା'ନ୍ତା କି କେବେ ମଧ୍ୟ ସମ୍ଭବ ହେବ ନାହିଁ। ବିଜେଡି ଏକ ଶକ୍ତିଶାଳୀ ଆଞ୍ଚଳିକ ଦଳ ଭାବେ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥ-ସଂଗ୍ରାମକୁ ଦୃଢ଼ ଓ ଶାଣିତ କରିବା ଫଳରେ ଏବେ ଓଡ଼ିଶା ପ୍ରତି କେନ୍ଦ୍ର ସରକାର ଦୃଷ୍ଟିଦେବାକୁ ବାଧ୍ୟ ହେଉଛନ୍ତି। ଏହା କେନ୍ଦ୍ରର ଦୟା କିମ୍ବା ଅନୁକମ୍ପା ନୁହଁ, ରାଷ୍ଟ୍ରନୀତିର ଏକ ବାଧ୍ୟବାଧକତା। ଏଥିରେ କୃତଜ୍ଞତା ଓ ଧନ୍ୟବାଦର ପ୍ରଶ୍ନ ଉଠୁଛି କେଉଁଠି?

ଶେଷରେ ଏହା ଉଲ୍ଲେଖ କରିବା ପ୍ରୟୋଜନ ଯେ ଆଞ୍ଚଳିକବାଦକୁ ବିଚ୍ଛିନ୍ନତାବାଦର ତରାଜୁରେ ନୁହେଁ, ବରଂ ସଂଘୀୟ ବ୍ୟବସ୍ଥାର ଯବକାଚରେ ପରଖିବା ଉଚିତ ହେବ। ସବୁ ରାଜ୍ୟ ସମାନ ଭାବରେ ବିକଶିତ ହେଲେ ଯାଇ ରାଷ୍ଟ୍ର ସମୃଦ୍ଧ ଓ ସଫଳ ହେବ। ଓଡ଼ିଶା ଏ କଥା ବହୁ ଆଗରୁ କହିଆସୁଛି, ଯାହାକୁ କେନ୍ଦ୍ର ସରକାର ଏବେ ସ୍ୱୀକାର କରୁଛନ୍ତି। ବିକାଶର ଭାରସାମ୍ୟ ରକ୍ଷା ରାଜନୀତି ନୁହେଁ, ରାଷ୍ଟ୍ରନୀତିର ଏକ ଅପରିହାର୍ଯ୍ୟ ଅଂଶବିଶେଷ। ବଡ଼ କଥା ହେଲା ଟିକସ ସଂଗ୍ରହ ଓ ସମ୍ବଳ ଆବଣ୍ଟନର ସୁସ୍ଥ ବ୍ୟବସ୍ଥାରେ ସଂଘୀୟ ବ୍ୟବସ୍ଥା ସୁଦୃଢ଼ ହୋଇଥାଏ। ସେ ଦାୟିତ୍ୱ କେନ୍ଦ୍ର ଯଦି ଭୁଲିଯିବ ରାଷ୍ଟ୍ରନୀତିର ପରିପନ୍ଥୀ ବୋଲି ଧରାଯିବ ଏବଂ ଆଞ୍ଚଳିକ ସ୍ତରରେ ବିବାଦ ଓ ପ୍ରତିବାଦ ଉଠିବ। ସଂଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ଆବଶ୍ୟକତା ଅନୁସାରେ ଲୋକେ ସରକାର ବାଛନ୍ତି ଏବଂ ନିଜର ଆଶା ଆକାଂକ୍ଷା ପୂରଣ କରିଥା'ନ୍ତି। ଏଥିରେ ଅସୂୟାବୋଧ ଓ ଅସ୍ୱାଭାବିକବୋଧତାର ସ୍ଥାନ ନାହିଁ। ସ୍ୱାଧୀନୋତ୍ତର ଭାରତର ରାଜନୀତିରେ ଆଞ୍ଚଳିକବାଦର ସଫଳତା ଆଧାରରେ ଆଜି ଏକାଧିକ ରାଜ୍ୟରେ ଆଞ୍ଚଳିକ ଦଳ କ୍ଷମତାରେ ଅଛନ୍ତି। ଗଣତନ୍ତ୍ରରେ ଭୋଟର ହିଁ ଭାଗ୍ୟବିଧାତା। କଥାରେ ନୁହେଁ, କାମରେ ସେମାନଙ୍କ ବିଶ୍ୱାସ ଓ ଭରସା ଜିତାଯାଇପାରେ। ନିର୍ବାଚନ ଏକ ମାଧ୍ୟମମାତ୍ର। ପ୍ରଶଂସା ଓ କୃତଜ୍ଞତା ନୁହେଁ, ଯେଉଁମାନଙ୍କ ପାଇଁ ଏ ସରକାର ସେମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସଂଗ୍ରାମ କରିବା ସାମ୍ପ୍ରତିକ ରାଜନୀତିର ସବୁଠାରୁ ବଡ଼ ଆହ୍ୱାନ। ●

(ଅବସରପ୍ରାପ୍ତ ପ୍ରାଧ୍ୟାପକ)

# ସାମାଜିକ ଗଣମାଧ୍ୟମ ଓ ସରକାରୀ ସେବା

ବରୁଣ କୁମାର ମହାପାତ୍ର

ଫକୀର ମୋହନ ମହାବିଦ୍ୟାଳୟର ବହୁଚର୍ଚ୍ଚିତ ଛାତ୍ରୀ ଆତ୍ମାହୁତି ଘଟଣା ପରେ ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କ ଅଭିଯୋଗ ଶୁଣାଣିକୁ ଗୁରୁତ୍ୱର ସହ ନେବାକୁ ଦାବି ହୋଇଛି। ଆଜିକାଲି ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ପ୍ରାୟ ସମସ୍ତଙ୍କ ହାତରେ ସ୍ମାର୍ଟଫୋନ। ଶସ୍ତା ଇଣ୍ଟରନେଟ୍ ସାଙ୍ଗକୁ ସାମାଜିକ ଗଣମାଧ୍ୟମର ବହୁଳ ବ୍ୟବହାର ବି ହେଉଛି। ସାଧାରଣ ଲୋକଙ୍କ ବ୍ୟତୀତ ନେତା, ମନ୍ତ୍ରୀ, ସରକାରୀ ସଂସ୍ଥାଙ୍କ ଉପସ୍ଥିତି ମଧ୍ୟ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ରହିଛି। ଏଭଳି ସ୍ଥଳେ ସରକାର ଓ ଲୋକଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମ ସେତୁ ସଦୃଶ କାର୍ଯ୍ୟ କରିବାରେ କୌଣସି ଅସୁବିଧା ନାହିଁ। ଏହାଦ୍ୱାରା ସରକାର ଓ ଲୋକଙ୍କ ମଧ୍ୟରେ ଥିବା ଦୂରତା ହଟିପାରିବ। ଲୋକେ ସ୍ୱଚ୍ଛନ୍ଦରେ ସରକାରୀ ସେବାର ଲାଭ ପାଇପାରିବେ।

ସାମ୍ପ୍ରତିକ ସମୟରେ ପ୍ରାୟ ସବୁକାର୍ଯ୍ୟ ଅଙ୍ଗୁଳି ଟିପରେ ହେଉଥିବା ବେଳେ ଯୁଗ ସହ ତାଳ ଦେଇ ଏକ ସମାନ୍ତରାଳ ଡିଜିଟାଲ ଶାସନ ବ୍ୟବସ୍ଥା ପ୍ରାୟ ଅନେକ ଦେଶରେ ଲାଗୁ ହୋଇଛି। ଆମ ଦେଶରେ ମଧ୍ୟ ଉଣା ଅଧିକେ ଚାଲୁ ରହିଛି ଏଭଳି ଶାସନ ବ୍ୟବସ୍ଥା। କେନ୍ଦ୍ର ସରକାରଙ୍କ 'ଡିଜିଟାଲ ଇଣ୍ଡିଆ' ଆହ୍ୱାନକ୍ରମେ ବିଭିନ୍ନ ଆପ୍ ମାଧ୍ୟମରେ ସରକାରୀ ଯୋଜନାର ଲାଭ ଓ ସେବା ଲୋକଙ୍କ ପାଖରେ ଅବିଳମ୍ବେ ପହଞ୍ଚି ପାରୁଛି। 'ଫେସବୁକ୍', 'ହ୍ୱାଟ୍‌ସଆପ୍', 'ଏକ୍ସ (ଟ୍ୱିଟର)' ଭଳି ବହୁଳ ବ୍ୟବହୃତ ସାମାଜିକ ଗଣମାଧ୍ୟମ ଜରିଆରେ ସରକାରୀ ସଂସ୍ଥା ଓ ବିଭାଗଗୁଡ଼ିକ ସରକାରଙ୍କ ପ୍ରମୁଖ ନୀତି, ପଦକ୍ଷେପ, ଯୋଜନା, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଆଦି ସମ୍ପର୍କରେ ଲୋକଙ୍କୁ ସୂଚନା ପ୍ରଦାନ କରୁଛନ୍ତି। ତନ୍ମଧ୍ୟରୁ କିଛି ସରକାରୀ ସଂସ୍ଥା ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କ ଅଭିଯୋଗ ମଧ୍ୟ ଶୁଣି ସମାଧାନ କରନ୍ତି। ଏପରିକି କିଛି ନେତା ଓ ମନ୍ତ୍ରୀ ନିଜେ ସାମାଜିକ ଗଣମାଧ୍ୟମରେ ସିଧାସଳଖ ଲୋକଙ୍କ ସହ ଯୋଡ଼ି ହୋଇ ସେମାନଙ୍କ ସୁଖଦୁଃଖ ବୁଝିବା ସହ ଆପତ୍ତି, ଅଭିଯୋଗ ଶୁଣିଥା'ନ୍ତି। ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ଗୁଜରାଟ, କର୍ଣ୍ଣାଟକ ଭଳି ରାଜ୍ୟର ପୁଲିସ ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କ ଅଭିଯୋଗ ବି ଗ୍ରହଣ କଲେଣି।

ଡିଜିଟାଲ ଶାସନ ପ୍ରଣାଳୀ ଏକ ସମ୍ଭାବନାପୂର୍ଣ୍ଣ ବ୍ୟବସ୍ଥା। କିନ୍ତୁ କିଛି ଅନ୍ତରାୟ ଯୋଗୁଁ ଆମ ଦେଶରେ ଏହାର ପୂର୍ଣ୍ଣ ଉପଯୋଗ ହୋଇପାରୁନି। ଏ ଦିଗରେ ଏକ ମୁଖ୍ୟ ସମସ୍ୟା ହେଉଛି ଆମ ଲୋକଙ୍କ ଡିଜିଟାଲ ନିରକ୍ଷରତା। ଗତ କିଛିବର୍ଷ ମଧ୍ୟରେ ଭାରତରେ ଟେଲି ସାନ୍ଦ୍ରତା ଦ୍ରୁତ ଗତିରେ ବଢ଼ିଛି। ସଦ୍ୟତମ ସରକାରୀ ତଥ୍ୟ ଅନୁସାରେ ଆମ ଦେଶରେ ଟେଲି ସାନ୍ଦ୍ରତା ସମ୍ପ୍ରତି ୮୫ ପ୍ରତିଶତ। ଅର୍ଥାତ୍ ପ୍ରତି ୧୦୦ ଲୋକଙ୍କ ମଧ୍ୟରେ ୮୫ ଜଣ ଟେଲିଫୋନ୍ ବ୍ୟବହାର କରନ୍ତି। ଏମାନଙ୍କ ମଧ୍ୟରୁ ୭୫ ପ୍ରତିଶତ ହେଉଛନ୍ତି ସ୍ମାର୍ଟଫୋନ୍ ବ୍ୟବହାରକାରୀ। କିନ୍ତୁ ତନ୍ମଧ୍ୟରୁ ଅଧିକାଂଶ ଲୋକ ଫୋନ୍‌ରେ କଥା ହେବା ଛଡ଼ା ଏହାର ଅନ୍ୟ ଉପଯୋଗୀ ବ୍ୟବହାର ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ। ଯେପରିକି ବିଭିନ୍ନ ଆପ୍ ମାଧ୍ୟମରେ ସରକାରୀ ସେବା ପାଇବା ହେଉ ଅବା ସାମାଜିକ ଗଣମାଧ୍ୟମର ବ୍ୟବହାର; ଏ ସବୁ ବିଷୟରେ ସେମାନଙ୍କର ଜ୍ଞାନ ନ ଥାଏ କିମ୍ବା ଏଥିପ୍ରତି ସେମାନେ ଆଗ୍ରହୀ ନ ଥା'ନ୍ତି।

ଏହାଛଡ଼ା ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଅଧିକାଂଶ ମନ୍ତ୍ରୀ, ନେତା ଓ ସରକାରୀ ବିଭାଗଗୁଡ଼ିକର ଆକାଉଣ୍ଟ ଥିଲେ ମଧ୍ୟ ସେଗୁଡ଼ିକ ବହୁଦିନ ଧରି ନିଷ୍କ୍ରିୟ କିମ୍ବା କ୍ୱଚିତ୍ ବ୍ୟବହାର ହେଉଥିବା ଦେଖିବାକୁ ମିଳିଥାଏ। ଆଉ କିଛି ସରକାରୀ ବିଭାଗ କେବଳ ଚିରାଚରିତ ନଥିପତ୍ର ଜରିଆରେ କାମ କରିବାକୁ ପ୍ରାଧାନ୍ୟ ଦିଅନ୍ତି। ସାମାଜିକ ଗଣମାଧ୍ୟମରେ ହ୍ୟାକିଂ ଭୟ ମଧ୍ୟ ଅନେକଙ୍କୁ ଏପରି ମାଧ୍ୟମ ବ୍ୟବହାର କରିବା ପାଇଁ ନିବୃତ୍ତ କରିଥାଏ।

ସମ୍ପ୍ରତି ଆମ ଶାସନ ବ୍ୟବସ୍ଥାର ପ୍ରତିସ୍ତରରେ ଦୁର୍ନୀତି ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ସମସ୍ତ ପ୍ରୟାସ ସତ୍ତ୍ୱେ ଦୁର୍ନୀତିର ମୂଳୋତ୍ପାଟନ କରିବା କଷ୍ଟକର ବ୍ୟାପାର ହୋଇପଡ଼ିଛି। ଫଳସ୍ୱରୂପ ସରକାରୀ ଯୋଜନାର ସଫଳ ରୂପାୟନ ଓ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହି ପରିପ୍ରେକ୍ଷୀରେ ଡିଜିଟାଲ ଶାସନ ବ୍ୟବସ୍ଥାର ସଠିକ୍ ଉପଯୋଗ ଏକ ସ୍ୱଚ୍ଛ ତଥା ଦୁର୍ନୀତିମୁକ୍ତ ଶାସନ ସୁନିଶ୍ଚିତ କରିପାରିବ। ଏଥିପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ସହ ଉନ୍ନତ ତଥା ସୁରକ୍ଷିତ ଡିଜିଟାଲ ଭିତ୍ତିଭୂମି ତିଆରି କରିବାର ଆବଶ୍ୟକତା ରହିଛି। ଏହାଛଡ଼ା ଲୋକଙ୍କୁ ଏପରି ଶାସନ ପ୍ରଣାଳୀର ଉପାଦେୟତା ଏବଂ ଏହାର ବ୍ୟବହାର ସମ୍ପର୍କରେ ସଚେତନ କରିବାକୁ ପଡ଼ିବ। ଡିଜିଟାଲ ଶାସନ ବ୍ୟବସ୍ଥାରେ ଡାଟା ସୁରକ୍ଷା ଓ ଗୋପନୀୟତା ଏକ ବଡ଼ ଆହ୍ୱାନ। କାରଣ ଏଭଳି ଶାସନ ପ୍ରଣାଳୀରେ ସରକାରୀ ବିଭାଗଗୁଡ଼ିକର ଗୋପନ ତଥା ସମ୍ବେଦନଶୀଳ ତଥ୍ୟ ପ୍ରଘଟ ହେବାର ଆଶଙ୍କା ରହିଥାଏ। ତେଣେ ଲୋକଙ୍କ ଗୁରୁତ୍ୱପୂର୍ଣ୍ଣ ସୂଚନା ଓ ଗୋପନୀୟତା ମଧ୍ୟ ଚୋରି ହେବାର ବିପଦ ରହିଛି। ଉଭୟ ସରକାରୀ ସଂସ୍ଥା ଓ ଲୋକଙ୍କ ଗୋପନୀୟତା ରକ୍ଷା ପାଇଁ ଦୃଢ଼ ପଦକ୍ଷେପ ନିଆଗଲେ ଏଭଳି ଶାସନ ବ୍ୟବସ୍ଥାର ସୁଫଳ ସାଧାରଣ ଜନତାଙ୍କୁ ସହଜରେ ମିଳିପାରିବ। ●

ବ୍ରହ୍ମପୁର, ମୋ: ୭୦୦୮୦୭୮୩୯୬

# ତିବ୍ବତରେ ଲାମା

ପ୍ରବୀର କୁମାର ପଟ୍ଟନାୟକ

'ଲାମା' ଶବ୍ଦର ଅର୍ଥ ହେଲା ଉଚ୍ଚତର ପଦମର୍ଯ୍ୟାଦାଯୁକ୍ତ ବା ଊର୍ଦ୍ଧ୍ୱସ୍ଥ ଅଥବା ମଠାଧୀଶ - 'ତାଙ୍କଠାରୁ ଊର୍ଦ୍ଧ୍ୱରେ ଉଚ୍ଚସ୍ଥାନରେ ଆଉ କେହି ନୁହନ୍ତି।' ଏସବୁର ଅର୍ଥ ସଂସ୍କୃତରେ 'ଗୁରୁ'। 'ଗୁରୁ' ହେଉଛନ୍ତି ଯେ ବୌଦ୍ଧଧର୍ମରେ ଶିଷ୍ୟଙ୍କୁ ଦୀକ୍ଷିତ କରିବାର କ୍ଷମତା ରଖିଥିବା ଉଚ୍ଚସ୍ତରର ସନ୍ନ୍ୟାସୀ ସେ ହେଉଛନ୍ତି 'ଲାମା'। 'ଲାମା' କୌଣସି ଅବତାର ପୁରୁଷ ନୁହନ୍ତି କିମ୍ବା ସବୁ ଅବତାର ପୁରୁଷ 'ଲାମା' ନୁହନ୍ତି। ତିବ୍ବତୀୟ, ମଙ୍ଗୋଲୀୟ ଓ ମାଞ୍ଚୁରୀୟ ଧର୍ମଶାସ୍ତ୍ର ଏବଂ ସରକାରୀ ନୀତିନିୟମ 'ଲାମା'ମାନଙ୍କର ଆଧ୍ୟାତ୍ମିକ କ୍ଷମତା, କର୍ତ୍ତୃତ୍ୱ ଏବଂ ଐହିକ ବା ପାର୍ଥିବ ନିରାପତ୍ତା ଆଦି ଧାର୍ଯ୍ୟ କରିଛନ୍ତି।

'ଲାମା' ଅର୍ଥାତ୍ 'ଗୁରୁ' ବା 'ପୁରୋହିତ' ଶବ୍ଦ ତିବ୍ବତରେ ବୌଦ୍ଧ ଧର୍ମର ପ୍ରବେଶ ପୂର୍ବରୁ ପ୍ରଚଳିତ ଥିଲା। ସ୍ଥାନୀୟ 'ବନ୍' ଧର୍ମର ପୁରୋହିତଙ୍କୁ ମଧ୍ୟ 'ଲାମା' କୁହାଯାଉଥିଲା। 'ଲାମା' ଶବ୍ଦର ଐତିହାସିକ ପ୍ରଚଳନ ତିବ୍ବତୀୟ ବ୍ୟାକରଣରେ ମଧ୍ୟ ଦେଖାଯାଏ। ଯେଉଁ ବ୍ୟାକରଣ ହେଉଛି ଖ୍ରୀ ୬୪୦ ବେଳକୁ ଥୋନ୍‌ମି ସମ୍ଭୋଟା ପ୍ରଚଳନ କରିଥିଲେ। ସେଥିରେ ସେ ସମସ୍ତ 'ଲାମା'ଙ୍କୁ ସମ୍ମାନ ଜଣାଇଛନ୍ତି। ଏହି ସବୁ 'ଲାମା' ନିଶ୍ଚିତ ଭାବେ ଭାରତୀୟ 'ଲାମା', ଯେଉଁମାନଙ୍କଠାରୁ ଥୋନ୍‌ମି ଶିକ୍ଷାଲାଭ କରିଥିଲେ ଭାରତରେ।

ତିବ୍ବତରେ କିନ୍ତୁ 'ଲାମା' ଶବ୍ଦ ବା ଚିହ୍ନିତ କରିବାର ଶ୍ରେଣୀ ପ୍ରଥମେ ପଦ୍ମସମ୍ଭବଙ୍କଠାରୁ ଆରମ୍ଭ ହେଲା। ମହାଗୁରୁ ବା ଗୁରୁ ରିନ୍‌ପୋଚେ ଭାବେ ପରିଚିତ ପଦ୍ମସମ୍ଭବ ତିବ୍ବତରୁ 'ବନ୍' ଧର୍ମର ଲାମାମାନଙ୍କୁ ପ୍ରାୟ ମୂଳପୋଛ କରି ଦେଇଥିଲେ। କିନ୍ତୁ ବୌଦ୍ଧ ଧର୍ମର ପ୍ରଚାର, ପ୍ରସାର ଓ ସଂରକ୍ଷଣ ନିମିତ୍ତ ସେ ସ୍ଥାନୀୟ ପୁରୋହିତମାନଙ୍କର ଏକ ସଂଘ ଗଠନ କଲେ। ପ୍ରଥମ କରି ଏହି ସଂଘରେ ମହାଗୁରୁ ପଦ୍ମସମ୍ଭବ ସାତଜଣଙ୍କୁ ଦୀକ୍ଷିତ କରାଇ ଭର୍ତ୍ତି କରାଇଲେ। ଏହି ସାତଜଣ ଦୀକ୍ଷିତ ଶିଷ୍ୟ ହେଲେ ତିବ୍ବତର ପ୍ରଥମ 'ଲାମା'। ଏହି 'ଲାମା' ଓ ତାଙ୍କର ପରବର୍ତ୍ତୀ ଉତ୍ତରାଧିକାରୀ 'ଲାମା'ମାନେ ତିବ୍ବତର ପ୍ରଥମ ରାଷ୍ଟ୍ରୀୟସ୍ତରର ସର୍ବୋଚ୍ଚ ମଣ୍ଡଳୀ ବା କର୍ତ୍ତା ଭାବେ ସ୍ୱୀକୃତ ହେଲେ। ଏପରିକି ରାଷ୍ଟ୍ରୀୟ ମର୍ଯ୍ୟାଦାରେ ରାଜାମାନେ 'ଲାମା'ଙ୍କ ପରବର୍ତ୍ତୀ ପଦବୀର କର୍ମକର୍ତ୍ତା ଭାବେ ଗଣା ଯାଉଥିଲେ।

### ଦ୍ୱିତୀୟ-ବୁଦ୍ଧ କଥା

ଏହିପରି ଭାବେ ତିବ୍ବତରେ ବୌଦ୍ଧ ଧର୍ମ ଗୁରୁ (ଲାମା) ପଦ୍ମସମ୍ଭବଙ୍କଠାରୁ ଆରମ୍ଭ ହେଲା। ସେ ହେଉଛନ୍ତି ତିବ୍ବତୀୟ ବୌଦ୍ଧ ଧର୍ମର ତ୍ରାଣକର୍ତ୍ତା; ସେହିଁ ତିବ୍ବତୀୟ ବୌଦ୍ଧ ଧର୍ମର ଇତିହାସରେ ପ୍ରଥମ 'ଗୁରୁ' ଭାବେ ପରିଚିତ ଓ ପ୍ରତିଷ୍ଠିତ। ଖ୍ରୀ ୮୧୨ ରେ ରାଜହତ୍ୟା ପରେ ପରେ ପରବର୍ତ୍ତୀ ଦୁଇ ଶତାବ୍ଦୀ ପରେ ପୁଣି ବୌଦ୍ଧ ସନ୍ନ୍ୟାସୀମାନେ ପୂର୍ବଭଳି ସମ୍ମାନଜନକ ମୁଖ୍ୟସ୍ରୋତକୁ ଫେରି ଆସିଲେ। ଏହା ପରଠାରୁ ବୌଦ୍ଧ ଧର୍ମରେ ଯେଉଁ ତ୍ରିରତ୍ନ ବୁଦ୍ଧ, ଧର୍ମ, ସଂଘ ଶରଣରେ ବୋଲି କୁହାଯାଉଥିଲା ଏହି ସମୟରେ ତା' ପୂର୍ବରୁ 'ଲାମା ଶରଣେ' କୁହାଗଲା। ପ୍ରାରମ୍ଭିକ କାଳରେ 'ଲାମା ଶରଣେ' କୁ ମୁଖ୍ୟତଃ ଆଧ୍ୟାତ୍ମିକ ଓ ନୈତିକ ଅର୍ଥରେ ବୁଝାଯାଉଥିଲା। 'ଲାମା'ମାନେ ବୌଦ୍ଧ ଧର୍ମଶାସ୍ତ୍ରର ଦାୟିତ୍ୱ ଓ ଶିକ୍ଷାନୁଷ୍ଠାନ ପରିଚାଳନାର ମୁଖ୍ୟଭାବେ ରହୁଥିବାରୁ 'ଲାମା' ସାଧାରଣତଃ ସମାଜରେ ଏକ ପ୍ରତିଷ୍ଠାସମ୍ପନ୍ନ ଓ ସମ୍ମାନାସ୍ପଦ ପଦବୀ ଭାବେ ଗଣ୍ୟ ହେଉଥିଲେ ଏବଂ ତାଙ୍କ ଶରଣରେ ଯିବା ସ୍ୱାଭାବିକ ଥିଲା। ପରବର୍ତ୍ତୀ କାଳରେ ପ୍ରାୟ ଗୋଟିଏ ଶତାବ୍ଦୀ (ଖ୍ରୀ ୧୨୫୦ରୁ) ଧରି ଶାକ୍ୟ ସଂପ୍ରଦାୟର 'ଲାମା'ମାନେ ସରକାର ଅର୍ଥାତ୍ ଶାସନ ଦାୟିତ୍ୱ ମଧ୍ୟ ତୁଲାଇଲେ।

ପଞ୍ଚଦଶ ଶତାବ୍ଦୀ ଆରମ୍ଭ ବେଳକୁ 'ଗେଲୁଗ୍‌ସେର୍ପା' ସଂପ୍ରଦାୟର ଉତ୍ଥାନ ପୂର୍ବରୁ କେନ୍ଦ୍ର ତିବ୍ବତରେ କିଛୁକାଳ 'କର୍ମପା' ଲାମାମାନେ ମଧ୍ୟ ଶାସନ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଗେଲୁଗ୍‌ସେର୍ପା ଗୋଷ୍ଠୀ ଅନ୍ତର୍ଭୁକ୍ତ 'ଦଲାଇଲାମା' ତିବ୍ବତରେ ଖ୍ରୀ ୧୬୪୨-୧୯୫୦ ପର୍ଯ୍ୟନ୍ତ ପ୍ରାୟ ତିନିଶହ ବର୍ଷ ତିବ୍ବତରେ ଶାସନ ଦାୟିତ୍ୱରେ ଥିଲେ ଭାରତ ଆସିବା ପର୍ଯ୍ୟନ୍ତ। ଭାରତରେ ମଧ୍ୟ ନିର୍ବାସିତ ଅବସ୍ଥାରେ ତିବ୍ବତୀୟମାନଙ୍କର ଶାସନ ମୁଖ୍ୟ ଭାବେ ଦଲାଇଲାମା ହିଁ ରହିଛନ୍ତି। ତିବ୍ବତରେ ବୌଦ୍ଧଧର୍ମର ବିଭିନ୍ନ ସଂପ୍ରଦାୟ ରହିଛନ୍ତି। ଏଣୁ ଏହି ନିର୍ଦ୍ଦିଷ୍ଟ ସଂପ୍ରଦାୟ ହାତରେ ଶାସନ ଦାୟିତ୍ୱ ରହିବା କାଳରେ ସେମାନେ ସବୁ ବିଭିନ୍ନ ପ୍ରକାର ସୁଖ ସ୍ୱାଚ୍ଛନ୍ଦ୍ୟ ତଥା ସୁବିଧା ସୁଯୋଗ ଓ ନିରାପତ୍ତା ଭୋଗ କରିବା ଫଳରେ ସଂପ୍ରଦାୟ ସଂପ୍ରଦାୟ ମଧ୍ୟରେ ସଂଘର୍ଷ ଉପୁଜିବା ସହ ତିକ୍ତ ସଂପର୍କ ରହୁଥିଲା। ● ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# କେବେ ମିଳିବ ସ୍ୱାବଲମ୍ବନ କାର୍ଡ?

## ଅପେକ୍ଷାରେ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ

ଭୁବନେଶ୍ୱର,୨୯।୮(ସମିସ): ରାଜ୍ୟର ଲକ୍ଷାଧିକ ଦିବ୍ୟାଙ୍ଗ ୟୁନିକ୍ ଡିଜାବିଲିଟି ଆଇଡି (ସ୍ୱାବଲମ୍ବନ କାର୍ଡ) ପାଇଁ ଆବେଦନ କରି ଚାହିଁ ବସିଛନ୍ତି। କିନ୍ତୁ ଏହି କାର୍ଡ ମିଳି ପାରୁ ନ ଥିବାରୁ ଦିବ୍ୟାଙ୍ଗମାନେ ଯୋଗ୍ୟ ଥାଇ ମଧ୍ୟ ବିଭିନ୍ନ ପ୍ରକାର ସରକାରୀ ସୁବିଧାସୁଯୋଗରୁ ବଞ୍ଚିତ ହେଉଛନ୍ତି। ଚିନ୍ତାଜନକ କଥା ହେଉଛି ଯେ ଲୋକସଂଖ୍ୟା ଦୃଷ୍ଟିରୁ ଦେଶରେ ଓଡ଼ିଶା ବିଭିନ୍ନ ରାଜ୍ୟଠାରୁ ତଳେ ରହିଛି। ମାତ୍ର ଏହି କାର୍ଡ ଆବେଦନ ପଡ଼ି ରହିବାରେ ସଂଖ୍ୟା ଦୃଷ୍ଟିରୁ ଓଡ଼ିଶା ତୃତୀୟ ସ୍ଥାନରେ ରହିଛି। ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ସାରା ଦେଶରେ ଏହି ପରିଚୟପତ୍ର ପାଇଁ ପ୍ରାୟ ୧.୪୭ କୋଟି ଆବେଦନ ପଡ଼ି ରହିଛି। ଏଥିରେ ଓଡ଼ିଶାରୁ ୧,୭୮,୬୨୮ ଆବେଦକ ରହିଛନ୍ତି। ଉତ୍ତର ପ୍ରଦେଶ ଓ ମହାରାଷ୍ଟ୍ର ପରେ ଓଡ଼ିଶା ମାମଲା ପକାଇ ରଖିବାରେ ୩ନମ୍ବରରେ ରହିଛି।

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟର ଭିନ୍ନକ୍ଷମ ବ୍ୟକ୍ତି ସଶକ୍ତୀକରଣ ବିଭାଗ ଦିବ୍ୟାଙ୍ଗମାନଙ୍କ ପାଇଁ ଏକ ଜାତୀୟ ଡାଟାବେସ୍ ତିଆରି କରିବା ଉପରେ ଗୁରୁତ୍ୱ ଦେଉଛି। ଏଥିପାଇଁ ପ୍ରତ୍ୟେକ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ 'ୟୁଡିଆଇଡି' କାର୍ଡ ପ୍ରଦାନ କରାଯାଉଛି। ଏଥିପାଇଁ 'ଅକ୍ଷମ ବ୍ୟକ୍ତିଙ୍କ ପାଇଁ ଅନନ୍ୟ ଆଇଡି' ଭାବରେ ଏକ ପ୍ରକଳ୍ପ ମଧ୍ୟ କାର୍ଯ୍ୟକାରୀ ହେଉଛି। ଏହି ପ୍ରମୁଖ ପଦକ୍ଷେପ ୨୦୧୬ ମସିହାରୁ ଆରମ୍ଭ ହୋଇଥିବା ବେଳେ ସେବେଠାରୁ, ରାଜ୍ୟରେ ୮ଲକ୍ଷ ୬୦ହଜାର ୮୦ଟି ଅନନ୍ୟ ଭିନ୍ନକ୍ଷମ ପରିଚୟପତ୍ର ଜାରି ହୋଇଛି। ୨୦୧୧ ଜନଗଣନା ଅନୁଯାୟୀ, ରାଜ୍ୟରେ ୧୨.୪୪ ଲକ୍ଷ ଦିବ୍ୟାଙ୍ଗ ଅଛନ୍ତି ଏବଂ ଏହି ଜନସଂଖ୍ୟାର ୧୦.୧୪ ପ୍ରତିଶତ ଲୋକ ବହୁବିଧ ଅକ୍ଷମତାର ସମ୍ମୁଖୀନ ହେଉଛନ୍ତି।

ଏହି କାର୍ଡ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସରକାରୀ ସୁବିଧା ସହିତ ଯାତ୍ରା କ୍ଷେତ୍ରରେ ରିହାତି ପ୍ରଦାନ କରୁଥିବାରୁ ବିଭିନ୍ନ ରାଜ୍ୟର ଦିବ୍ୟାଙ୍ଗମାନେ ଏହି କାର୍ଡକୁ ଗୁରତ୍ୱ ଦେଇଥା'ନ୍ତି। ଏହା 'ୟୁଡିଆଇଡି' ପୋର୍ଟାଲ୍ ମାଧ୍ୟମରେ ଆବେଦନ ଓ ବିଭାଗୀୟ ଅଧିକାରୀଙ୍କ ଅନୁମୋଦନ ପରେ ହିଁ କାର୍ଡ ମିଳିଥାଏ। ମାନୁଆଲ୍ ମୋଡ୍‌ରେ ଜାରି କରାଯାଇଥିବା ପ୍ରମାଣପତ୍ରଗୁଡ଼ିକ ଆଉ ଗ୍ରହଣୀୟ ହେଉନଥିବାରୁ ଏହାର ଗୁରୁତ୍ୱ ଅଧିକ ବଢ଼ିଯାଇଛି। ଏମିତିକି, ସରକାରୀ ଯୋଜନାର ବିଭିନ୍ନ ସୁବିଧା ପାଇବା ପାଇଁ ଗତବର୍ଷ ସେପ୍ଟେମ୍ବରରୁ ଏହି ପରିଚୟପତ୍ରକୁ ବାଧ୍ୟତାମୂଳକ କରାଯାଇଥିବାରୁ ଅନେକ ଦିବ୍ୟାଙ୍ଗଙ୍କ ପାଇଁ ସମସ୍ୟା ଆହୁରି ବଢ଼ିଯାଇଛି। ୟୁଡିଆଇଡି କାର୍ଡ ସୃଷ୍ଟି କରିବା ପାଇଁ ଆବେଦନକାରୀଙ୍କ ମଧ୍ୟରେ ସବୁଠୁ ଅଧିକ ଆବେଦନ ରାଜ୍ୟର ୧୦ଟି ଜିଲ୍ଲାରେ ପଡ଼ିରହିଛି। ଏଥିରେ କଟକ, ବାଲେଶ୍ୱର, ଭଦ୍ରକ, ବଲାଙ୍ଗୀର, ଗଞ୍ଜାମ, ଜଗତସିଂହପୁର, କେନ୍ଦୁଝର, ନୟାଗଡ଼, ନୂଆପଡ଼ା ଏବଂ ରାୟଗଡ଼ା ଆଦି ଜିଲ୍ଲା ରହିଛି।

# ସ୍ୱାମୀ ଆଖି ଆଗରେ ଚାଲିଗଲା ସ୍ତ୍ରୀର ଜୀବନ

ବଣାଇଁ,୨୯।୮(ସମିସ): ବଣାଇଁ ଉପଖଣ୍ଡ ଟିକାୟତପାଲି ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଟୁନିଆପାଲି ଛକ ନିକଟରେ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ସ୍ୱାମୀ ଆହାତ ହୋଇଥିବା ବେଳେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତକ ଦଲକି ଗ୍ରାମର ମେଞ୍ଜି ଗାଗରାଇ(୩୦) ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ଗୁରୁବାର ଦଲକି ଗ୍ରାମର ବିରେନ୍ଦ୍ର ଗାଗରାଇ (୩୪)ଓ ତାଙ୍କର ପତ୍ନୀ ମେଞ୍ଜି ଗାଗରାଇ (୩୦) ଏକ ବାଇକ ଯୋଗେ ବଣାଇଁଗଡ ସହରକୁ ଆସିଥିଲେ। ଘର ସାମଗ୍ରୀ କିଣି ନିଜ ଗାଁକୁ ଫେରିବା ବେଳେ ଟୁନିଆପାଲି ଛକ ନିକଟରେ ରାସ୍ତା କଡରେ ଛିଡା ହୋଇଥିଲେ। ଏହି ସମୟରେ ପିକ୍‌ଅପ୍ ଭ୍ୟାନ(ଓଆର୦ ବିକେ ୭୩୪୦) ଆସି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ବସିଥିବା ଦମ୍ପତି ବାଇକରୁ ଛିଟିକି ପଡି ଆହତ ହୋଇଥିଲେ। ଖବରପାଇ ଟିକାୟତପାଲି ପୁଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଡ଼ାକ୍ତର ସେଠାରେ ମହିଳଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

**ବିଦ୍ୟାଳୟରେ ଛାତ୍ରୀଙ୍କୁ ଅସଦାଚରଣ**

# ସଂସ୍କୃତ ଶିକ୍ଷକ ନିଲମ୍ବିତ

ରାଉରକେଲା/ବଣାଇଁ,୨୯।୮(ସମିସ): ଗୁରୁ-ଶିଷ୍ୟ ମଧ୍ୟରେ ଥିବା ପବିତ୍ର ସମ୍ପର୍କରେ ପୁଣି ଲାଗିଛି କଳଙ୍କ। ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ବ୍ଲକ୍‌ର ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଜଣେ ସଂସ୍କୃତ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ଘଟଣାକୁ ନେଇ ଗତ ୨୦ ତାରିଖରୁ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ୧୧ଦିନ ପରେ ଶୁକ୍ରବାର ଲୋକଲୋଚନକୁ ଆସିଛି।

ସୂଚନାନୁଯାୟୀ, ଗୁରୁଣ୍ଡିଆ ବ୍ଲକ୍ ଅନ୍ତର୍ଗତ ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ଅଗଷ୍ଟ ୧୬ରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଶାଗ ତୋଳିବାକୁ କହି ବିଦ୍ୟାଳୟ ପଛପଟକୁ ଡାକିନେଇ ସେଠାରେ ସ୍କୁଲର ସଂସ୍କୃତ ଶିକ୍ଷକ ଅସଦାଚରଣ କରିଥିଲେ। ଏ ବିଷୟରେ ଛାତ୍ରୀଜଣକ ପ୍ରତିବାଦ କରିବା ସହ ସାଙ୍ଗମାନଙ୍କୁ ଜଣାଇବା ପରେ ଆଉ ୭ଜଣ ଛାତ୍ରୀଙ୍କୁ ମଧ୍ୟ ସମ୍ପୃକ୍ତ ସଂସ୍କୃତ ଶିକ୍ଷକ ବିଦ୍ୟାଳୟ ପରିସରରେ ଅନୁରୂପ ଭାବେ ଅସଦାଚରଣ କରିଥିବା ସାମ୍ନାକୁ ଆସିଥିଲା। ଏବେ ଛାତ୍ରୀଙ୍କ ଅଭିଭାବକ ଜାଣିବା ପରେ ଗତ ୧୮ ତାରିଖରେ ୧୦ରୁ ୧ ଜଣ ଅଭିଭାବକ ବିଦ୍ୟାଳୟର କମିଟି ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିକଟରେ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ନଚେତ୍ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି ଚେତାବନୀ ଦେଇଥିଲେ। ପରେ ପ୍ରଧାନଶିକ୍ଷୟିତ୍ରୀ ନିର୍ମଳା ସିନ୍ଦୂର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏନେଇ ଲିଖିତ ଭାବେ ଜଣାଇବା ପରେ ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ୪ଜଣ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ନେଇ ଏକ ତଦନ୍ତ କମିଟି ଗଠନ କରି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତକାରୀ ଅଧିକାରୀମାନେ ପୀଡ଼ିତା ଛାତ୍ରୀ ଓ ସମସ୍ତ ଶିକ୍ଷକମାନଙ୍କର ବୟାନ ରେକର୍ଡ କରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟକୁ ଆଧାର କରି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ବରିହା ଗତ ୨୦ ତାରିଖରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଶିକ୍ଷକଙ୍କ ନାମରେ ଗୁରୁଣ୍ଡିଆ ଥାନାରେ ଏତଲା ଦେବାକୁ ନିର୍ଦ୍ଦେଶ ଦେବା ସହ ସମ୍ପୃକ୍ତ ସଂସ୍କୃତ ଶିକ୍ଷକଙ୍କୁ ନିଲମ୍ବନ କରିଥିଲେ।

ଡିଇଓଙ୍କ ନିର୍ଦ୍ଦେଶକ୍ରମେ ପ୍ରଧାନ ଶିକ୍ଷୟିତ୍ରୀ ଗୁରୁଣ୍ଡିଆ ଥାନାରେ ସଂସ୍କୃତ ଶିକ୍ଷକଙ୍କ ନାମରେ ଗତ ୨୦ ତାରିଖରେ ଏତଲା ଦେବା ସହ ନିଲମ୍ବନ ଚିଠିର ଏକ ନକଲ ମଧ୍ୟ ପ୍ରଦାନ କରିଥିଲେ। ନିଲମ୍ବନ ପରେ ଗୁରୁଣ୍ଡିଆ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ସଂସ୍କୃତ ଶିକ୍ଷକ ଯୋଗଦେଇ ଗିରଫ ହେବା ଭୟରେ ଛୁଟି ନେଇ ନିଜ ଗାଁ ବଲାଙ୍ଗୀରକୁ ଚାଲି ଯାଇଥିବା ସୂଚନା ମିଳିଛି। ସେପଟେ ଗୁରୁଣ୍ଡିଆ ଥାନାରେ ଏତଲା ଦିଆଯିବା ପରେ ଥାନା ଅଧିକାରୀ ରାମେଶ୍ୱର ସିଂହ ଏନେଇ ସମ୍ପୃକ୍ତ ସଂସ୍କୃତ ଶିକ୍ଷକଙ୍କ ନାମରେ ଅସଦାଚରଣ ଓ ପୋକ୍ସୋ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ତେବେ ଘଟଣାକୁ ୧୧ ଦିନ ବିତିଯାଇଥିଲେ ମଧ୍ୟ ଏପରି ଏକ ସମ୍ବେଦନଶୀଳ ମାମଲାରେ ପୁଲିସର କାର୍ଯ୍ୟାନୁଷ୍ଠାନ ଆଖିଦୃଶିଆ ନଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

# ଲାଞ୍ଚ, ଦୁର୍ନୀତି ମାମଲାରେ ୨ କର୍ମଚାରୀଙ୍କୁ ସଜା

**ଟାଉନ୍ ପ୍ଲାନରଙ୍କୁ ୩ ବର୍ଷ, ସହାୟକ ଯନ୍ତ୍ରୀଙ୍କୁ ୨ବର୍ଷ ଜେଲ୍**

ଭୁବନେଶ୍ୱର,୨୯।୮(ସମିସ): ଗୋଟିଏ ଦିନରେ ୨ଜଣ ସରକାରୀ କର୍ମଚାରୀଙ୍କୁ ଜେଲ୍‌ଦଣ୍ଡ ମିଳିଛି। ଲାଞ୍ଚ ମାମଲାରେ ଭୁବନେଶ୍ୱର ବିଡିଏର ପୂର୍ବତନ କନିଷ୍ଠ ଟାଉନ୍ ପ୍ଲାନର୍ କୁଶଲ ଚନ୍ଦ୍ର ଚାଟାର୍ଜୀଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ ସହ ଜରିମାନା ଶୁଣାଇଛନ୍ତି କୋର୍ଟ। ପ୍ରମାଣ ଏବଂ ସାକ୍ଷ୍ୟ ଆଧାରରେ ଭୁବନେଶ୍ୱର ସ୍ପେଶାଲ ଭିଜିଲାନ୍ସ କୋର୍ଟ ଏହି ରାୟ ଶୁଣାଇଛନ୍ତି। ଜଣେ ଅଭିଯୋଗକାରୀଙ୍କ ଫ୍ଲଟ୍ ଉପରେ ଆବାସିକ ଘର କରିବା ପାଇଁ ପ୍ଲାନ୍ ଅନୁମୋଦନ ପାଇଁ ସେ ଲାଞ୍ଚ ମାଗିଥିଲେ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସ ଅଧିକାରୀଙ୍କୁ ଜଣାଇବା ପରେ କୁଶଲଚନ୍ଦ୍ରଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା ଭିଜିଲାନ୍ସ। ସେ ଅଫିସ୍ ଭିତରେ ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ସେହିପରି କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ୍‌ର ପୂର୍ବତନ ସହାୟକ ଯନ୍ତ୍ରୀ ଗୌରହରି ସାହୁଙ୍କୁ କେନ୍ଦୁଝର ଭିଜିଲାନ୍ସ କୋର୍ଟ ୨ବର୍ଷ ଜେଲ୍‌ଦଣ୍ଡ ସହ ଜରିମାନା ଲଗାଇଛନ୍ତି। ତାଙ୍କ ନାମରେ ଥିବା ପ୍ରମାଣ ଏବଂ ସାକ୍ଷ୍ୟ ବଳରେ କୋର୍ଟ ଏହି ରାୟ ଶୁଣାଇଛନ୍ତି। ଚମ୍ପୁଆ ବ୍ଲକ୍‌ର ମନରେଗା ସ୍କିମ୍‌ରେ ରାସ୍ତା କାମ ପାଇଁ ଆସୁଥିବା ଅର୍ଥକୁ ହେର୍‌ଫେର୍ କରିଥିଲେ। ଏନେଇ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ଏହାର ପ୍ରାଥମିକ ଯାଞ୍ଚ କରାଯାଇଥିଲା। ଯାଞ୍ଚରୁ ସତ୍ୟାସତ ଜଣାପଡ଼ିବା ପରେ ତାଙ୍କୁ ଗିରଫ କରାଯାଇଥିଲା।

# ୧ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର,୨୯।୮(ସମିସ): ଆସନ୍ତା ସେପ୍ଟେମ୍ବର ୧ତାରିଖ (ସୋମବାର) ଦିନ 'ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି' ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ୩ରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

ଭୁବନେଶ୍ୱର,୨୯।୮(ସମିସ): ଆସନ୍ତା ୩ ତାରିଖରେ ନବଗଠିତ ଶ୍ରୀମନ୍ଦିର ପରିଚାଳନା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ପରିଚାଳନା କମିଟିର ସ୍ଥାୟୀ ସଭାପତି ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବୈଠକରେ ଆସନ୍ତା ୧୫ ତାରିଖରେ ନାଟମଣ୍ଡପ ଧାଡ଼ିଦର୍ଶନ ବ୍ୟବସ୍ଥା ଲାଗୁ ନେଇ ବିସ୍ତୃତ ଆଲୋଚନା ସହ ରୂପରେଖ ପ୍ରସ୍ତୁତ ହୋଇପାରେ। ରତ୍ନଭଣ୍ଡାରର ଅଳଙ୍କାର ସ୍ଥାନାନ୍ତରଣ ଓ ଗଣତିମଣତି ନେଇ ମଧ୍ୟ ବୈଠକରେ ଆଲୋଚନା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେପ୍ଟେମ୍ବର ୨ ତାରିଖରେ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହେବ। ପରଦିନ ଅର୍ଥାତ୍ ୩ ତାରିଖରେ ଚନ୍ଦ୍ର ଗ୍ରହଣ ନୀତିନିର୍ଘଣ୍ଟକୁ ନୂତନ ପରିଚାଳନା କମିଟି ମୋହର ମାରିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ବାରମ୍ବାର ପ୍ରତିଶ୍ରୁତି ସତ୍ତ୍ୱେ ରାଜ୍ୟ ସରକାର ଏଯାବତ୍ ଶ୍ରୀମନ୍ଦିରରେ ଦାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ କରିପାରି ନାହାନ୍ତି।


**WALK-IN-INTERVIEW**

Educated, well-mannered, & Smart Male/Female required for the role of Receptionist / Tele-Caller at an Automobile Detailing Workshop. Prior Experience / Knowledge of Detailing Work shall be given preference. Salary negotiable.

Interview timings: **Dt. 31.08.2025 (Sunday) between 10:00 AM to 01:00 PM.**

Candidates are advised to contact the day prior and carry their Resume before coming for Interview.

**Contact: Odisha Detailing Empire, Near Twin City Gate No.1, Trisulia-Baranga Road, Baranga, Cuttack.**

**Mobile No: +91 83288 51843**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୧ ଶ୍ରଦ୍ଧାଳୁ...

ସେହିପରି ରୁଦ୍ରପ୍ରୟାଗର ଜଖୋଲିର କୋଠା ଭୁଶୁଡିବା କାରଣରୁ ଜଣେ ମହିଳା ମୃତ୍ୟୁବରଣ କରିଛନ୍ତି। ୪ ଜଣ ନେପାଳୀ ଓ ୪ ଜଣ ସ୍ଥାନୀୟ ଲୋକଙ୍କ ସହ ୮ ଜଣ ଶ୍ରମିକ ଆବର୍ଜନା ତଳେ ଦବି ରହିଛନ୍ତି। ରୁଦ୍ରପ୍ରୟାଗରେ ଆବର୍ଜନା ତଳେ ଫସି ରହିଥିବା ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଯାଇଛି। ଅଲକାନନ୍ଦା ଓ ମନ୍ଦାକିନୀ ନଦୀରେ ଜଳସ୍ତର ବିପଜ୍ଜନକ ସ୍ଥିତିରେ ରହିଛି। ଜନବସତି ଅଞ୍ଚଳରେ ପାଣି ପସିଛି ଓ ବନ୍ୟାଭଳି ସ୍ଥିତି ସୃଷ୍ଟି ହୋଇଛି। ସେହିପରି ଚମୋଲିରେ କେତୋଟି ପରିବାର ଆବର୍ଜନା ତଳେ ଫସି ରହିଥିବା ଆଶଙ୍କା କରାଯାଉଛି। ସାରା ଦେଶରେ ମୌସୁମୀ ବର୍ଷା କାରଣରୁ ନାହି ନଥିବା ସ୍ଥିତି ସୃଷ୍ଟି ହୋଇଛି। ଜମ୍ମୁ ଓ ପଞ୍ଜାବରେ ବନ୍ୟା ଯୋଗୁ ଫସି ରହିଥିବା ଲୋକଙ୍କୁ ହେଲିକପ୍ଟର ଦ୍ୱାରା ଉଦ୍ଧାର କରାଯାଇଛି। ବର୍ଷା ଯୋଗୁ ଦିଲ୍ଲୀର ଏକାଧିକ ଅଞ୍ଚଳରେ ପାଣି ଭରି ରହିଛି। ଦିଲ୍ଲୀର ସଡକ ଗୁଡିକ ମଧ୍ୟ ଜଳମଗ୍ନ ହୋଇଛି। ପଞ୍ଜାବରେ ବନ୍ୟା ଯୋଗୁଁ ୬ ଜଣ ଲୋକ ମୃତ୍ୟୁ ବରଣ କରିଥିବା ବେଳେ ୩ ଜଣ ନିଖୋଜ ରହିଛନ୍ତି। ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ, ଚମୋଲି, ଡେରାଡୁନ୍ ଓ ବାଗେଶ୍ୱରରେ ରେଡ ଆଲର୍ଟ ଜାରି କରାଯାଇଛଇ। ଗତ ୨୧ ଦିନରେ କେବଳ ବାଦଲ ଫଟା ବର୍ଷା କାରଣରୁ ୩ଟି ରାଜ୍ୟରେ ୮୦ଜଣ ଲୋକ ମୃତ୍ୟୁବରଣ କରିଛନ୍ତି।

### ସମ୍ପର୍କ ସୁଧାରିଛି...

ଭାରତର ସ୍ଥିତିକୁ ଦୁର୍ବଳ କରିବା ପାଇଁ ଟ୍ରମ୍ପ କରୁଥିବା ପ୍ରୟାସକୁ ନେଇ କେନ୍ଦ୍ର ସରକାର ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ପରେ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇ ଟ୍ରମ୍ପ ବିବାଦକୁ ଆହୁରି ବଢ଼ାଇ ଥିଲେ। ଏହି ଦୁଇ ନିଷ୍ପତ୍ତି ପାଇଁ ଭାରତ ବିକଳ୍ପ ପନ୍ଥା ଆପଣାଇ ଥିଲା। ଜୁନ୍‌ରେ ଚୀନ୍ ପକ୍ଷରୁ ଆରମ୍ଭ କରାଯାଇଥିବା ପଦକ୍ଷେପକୁ ଭାରତ ଗୁରୁତ୍ୱର ସହ ନେଇଥିଲା। ଏହାର ଜବାବ ଦେବା ଆରମ୍ଭ କରିଦେଇଥିଲା। ଏହା ପରେ ସ୍ଥିତି ଦ୍ରୁତଗତିରେ ବଦଳି ଯାଇଥିଲା। ୨୦୨୦ର ଗଲୱାନ ସଂଘର୍ଷକୁ ଭୁଲାଇ ଆଗକୁ ବଢ଼ିବା ପାଇଁ ଅଗଷ୍ଟରେ ଭାରତ ଏବଂ ଚୀନ୍ ରାଜି ହୋଇଥିଲେ। ସୀମା ବିବାଦର ସମାଧାନ ଲାଗି ପ୍ରୟାସକୁ ଜୋରଦାର କରିଥିଲେ। ଏବେ ମୋଦୀ ଚୀନ୍ ଗସ୍ତରେ ଯାଉଛନ୍ତି। ରିପୋର୍ଟରେ କୁହାଯାଇଛି ଯେ ଟ୍ରମ୍ପଙ୍କ ଶୁଳ୍କ ପୂର୍ବରୁ ମଧ୍ୟ ଭାରତ ଏବଂ ଚୀନ୍ ଆଲୋଚନା କରିଥିଲେ। ଗତ ବର୍ଷ ଲଦାଖରେ ଜାରି ଗତିରୋଧକୁ ହ୍ରାସ କରିବା ପାଇଁ ଚୁକ୍ତି ସ୍ୱାକ୍ଷର କରିଥିଲେ। ଏହି ଚୁକ୍ତି ଦ୍ୱାରା ମୋଦୀ ଏବଂ ଜିନପିଙ୍ଗଙ୍କ ପ୍ରତ୍ୟକ୍ଷ ସାକ୍ଷାତର ମାର୍ଗ ପ୍ରଶସ୍ତ ହୋଇଥିଲା। ଏସ୍‌ସିଓ ସମ୍ମିଳନୀରେ ମୋଦୀ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହିତ ଜିନପିଙ୍ଗଙ୍କୁ ଭେଟିବେ। ଏହି ସାକ୍ଷାତ ଆଲୋଚନା ଉପରେ ଆମେରିକା ତୀକ୍ଷଣ ଦୃଷ୍ଟି ରଖିଛି। କାରଣ ଏହା ଆମେରିକା ପାଇଁ ଚିନ୍ତାର ବିଷୟ ପାଲଟିପାରେ।

### ତୃଣମୂଳରୁ ଶକ୍ତିଶାଳୀ...

ନବୀନ ଦୁଇ ସଙ୍ଗଠନର ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି । ପ୍ରତିଭାଦୀପ୍ତ ଯୁବ ନେତାମାନଙ୍କୁ ଦଳ ସବୁବେଳେ ଗୁରୁତ୍ୱ ଦେଇ ଆସିଛି, ତେଣୁ ସମର୍ପିତ ଭାବ ନେଇ କାର୍ଯ୍ୟ କରୁଥିବା ସମସ୍ତଙ୍କ ପାଇଁ ଦଳରେ ସୁଯୋଗ ରହିଛି ବୋଲି ଏହି ଅବସରରେ ନବୀନ ଏକ ବାର୍ତ୍ତା ଦେଇଛନ୍ତି । ଏହା ସହ ବିନମ୍ର ଓ ଶାଳୀନ ହୋଇ ଏକାଠି କାମ କରିବା ସହ ସାମ୍ପ୍ରତିକ ସମୟରେ ସାଧାରଣ ଲୋକ, ଯୁବ ଓ ଛାତ୍ରବର୍ଗ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଅଗ୍ରାଧିକାର ଦେଇ ତାହାର ସମାଧାନ କରିବାକୁ ମଧ୍ୟ ନବୀନ ପରାମର୍ଶ ଦେଇଛନ୍ତି ।

ନବୀନଙ୍କ ଡ଼କରା ପାଇଁ ନବୀନ ନିବାସରେ ପହଞ୍ଚିଥିବା ଯୁବ ଓ ଛାତ୍ର ବିଜେଡିର ସଭାପତି ଓ ଅନ୍ୟ କର୍ମକର୍ତ୍ତାମାନଙ୍କୁ ନବୀନ ଦୀର୍ଘ ସମୟ ପଢ଼ାଇଛନ୍ତି ରାଜନୀତି ପାଠ। ରାଜ୍ୟ ସାରା ଭ୍ରମଣ କରି ଓଡ଼ିଶାର ବିଭିନ୍ନ ଜିଲ୍ଲାର ଛାତ୍ର ଏବଂ ଯୁବକମାନଙ୍କ ସହିତ ଯୋଗାଯୋଗ କରିବାକୁ ନବୀନ ନିର୍ଦ୍ଦେଶ ଦେଇଛନ୍ତି। ଯୁବ ଓ ଛାତ୍ର ବିଜେଡିର କର୍ମକର୍ତ୍ତାମାନଙ୍କୁ ନବୀନ କହିଛନ୍ତି ଯେ ଆପଣମାନଙ୍କ ଉପରେ ମୋର ବହୁତ ଆଶା ଅଛି। ଆପଣମାନେ ସବୁବେଳେ ବିନମ୍ର ଏବଂ ଶାଳୀନ ହୋଇ ରହିବା ସହ ଜନସେବାରେ ବ୍ରତୀ ହୁଅନ୍ତୁ। ନିରନ୍ତର ଭାବେ ଲୋକଙ୍କ ସହିତ ଯୋଡ଼ି ହୋଇ ରହିବା ସହ ରାଜ୍ୟବ୍ୟାପୀ ସେମାନଙ୍କ ସମସ୍ୟାର ସମାଧାନ କରନ୍ତୁ। ଏହା ସହ ସାମାଜିକ ଗଣମାଧ୍ୟମ ଉପରେ ଧ୍ୟାନ କେନ୍ଦ୍ରୀତ କରିବା ସହ ଦଳର ନୀତି, ଆଦର୍ଶ ଏବଂ ପ୍ରତିବଦ୍ଧତାକୁ ସକ୍ରିୟ ଭାବରେ ପ୍ରଚାର କରିବାକୁ ନବୀନ ଉପସ୍ଥିତ ଛାତ୍ର ଓ ଯୁବ ନେତାଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଛାତ୍ର ସଭାପତି ଇପ୍ସିତା ସାହୁ, ଉପଦେଷ୍ଟା ବ୍ୟୋମକେଶ ରାୟ, ଅମରେଶ ପତ୍ରୀ, ସଞ୍ଜିତ ମହାନ୍ତି, ରାଜେନ୍ଦ୍ର କୁମାର ସାହୁ, ଦେବେଶ ଆଚାର୍ଯ୍ୟ, ଦେବୀ ରଂଜନ ତ୍ରିପାଠୀ, ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

ନବୀନଙ୍କ ସହ ସାକ୍ଷାତ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଯୁବ ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦକ(ସ୍ୱତନ୍ତ୍ର ଦାୟିତ୍ୱ) ବ୍ୟୋମକେଶ ରାୟ କହିଛନ୍ତି ଯେ ଦଳର ସଭାପତିଙ୍କ ପରାମର୍ଶକ୍ରମେ ଯୁବକ, ଛାତ୍ରମାନଙ୍କୁ ନେଇ ଏକ ଶକ୍ତିଶାଳୀ ସଂଗଠନ ତିଆରି ହେବ। ସରକାରଙ୍କ ଅପାରଗ ପଣିଆ ଏବଂ ମିଛ ପ୍ରତିଶ୍ରୁତି ଦେଇ ଯେଉଁ ବାହବା ନେଉଛନ୍ତି, ତାହା ଲୋକଲୋଚନକୁ ଅଣାଯିବ। ମହିଳାଙ୍କଠାରୁ ଆରମ୍ଭ କରି ଯୁବକ ଛାତ୍ର ବର୍ତ୍ତମାନ ହତାଶା ମଧ୍ୟରେ ଗତି କରୁଥିବା ବେଳେ ଯୁବକଙ୍କୁ ମିଳିଥିବା ପ୍ରତାରଣାରେ ପରିଣତ ହୋଇଛି। ଏହା ବିରୋଧରେ ଏକ ବଡ଼ ଜନ ଆନ୍ଦୋଳନ ହେବାକୁ ଯାଉଛି। ନୂଆକରି ତିଆରି ହୋଇଥିବା ବିଜୁ ଯୁବ ଜନତା ଓ ଛାତ୍ର ଜନତା ଦଳ ଆକ୍ରମଣାତ୍ମକ ଢଙ୍ଗରେ କାର୍ଯ୍ୟ କରିବ। ଆସନ୍ତା ୨୦୨୯ ରେ ଆମେ ପୁଣିଥରେ କ୍ଷମତାକୁ ଫେରିବୁ। ସେଥିପାଇଁ ଏବେଠାରୁ ରୋଡମ୍ୟାପ ପ୍ରସ୍ତୁତ ହେଉଛି ବୋଲି ବ୍ୟୋମକେଶ କହିଛନ୍ତି। ଉଭୟ ଚିନ୍ମୟ ସାହୁ ଏବଂ ଇପ୍ସିତା ସାହୁଙ୍କର ପୂର୍ବରୁ ବହୁ ଅଭିଜ୍ଞତା ରହିଛି। ଯୁବ, ଛାତ୍ର ନେତ ଭାବେ ଯାହା ଦକ୍ଷତା ରହିବା କଥା, ତାହା ସେମାନଙ୍କ ମଧ୍ୟରେ ରହିଛି। ତାଙ୍କ ନେତୃତ୍ୱରେ ଏକ ଦୃଢ଼ ସଂଗଠନ ତିଆରି ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।େ

ସେହିପରି ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ ଓଡ଼ିଶାର କୋଣ ଅନୁକୋଣକୁ ଯାଇ ବିଜୁ ଯୁବ ଜନତା ଦଳକୁ ନୂଆ ରୂପରେ, ନୂଆ ଢଙ୍ଗରେ ଆହୁରି କ୍ରିୟାଶୀଳ, ସଶକ୍ତ କରିବାକୁ ଆମର ପ୍ରିୟ ନେତା ନବୀନ ପଟ୍ଟନାୟକ ଆମକୁ ପରାମର୍ଶ ଦେଇଛନ୍ତି। ଆମେ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ସଚେତନ କରାଇବୁ, ପ୍ରସଙ୍ଗ ଉତ୍ଥାପନ କରିବୁ। ଯଦି ସରକାର ନଚେତିବେ, ତାହେଲେ ବିରୋଧ ଜୋରଦାର ହେବ। ବିଜୁ ଯୁବ ଜନତା ଦଳ ପ୍ରତ୍ୟେକ ଜିଲ୍ଲା ବୁଲି ପ୍ରତିଭା ଅନ୍ୱେଷଣ କରାଯିବ। ଯୁବ, ଛାତ୍ର ସଂଗଠନରେ ଯିଏ ସଫଳ ନେତୃତ୍ୱ ନେଇଥିବେ, ଯେଉଁମାନେ ଦକ୍ଷ ହୋଇଥିବେ ସେମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଛାତ୍ର ସଭାପତି ଇପ୍ସିତା ସାହୁ କହିଛନ୍ତି ଯେ ଆଜି ଆମେ ଆମର ଦଳର ସଭାପତିଙ୍କୁ ଭେଟିଲୁ। କଣ ପାଇଁ ଜଣେ ଝିଅକୁ ଛାତ୍ର ଜନତା ଦଳର ସଭାପତି କରାଗଲା ତାହା କହିଥିଲେ। ବର୍ତ୍ତମାନ ଓଡ଼ିଶାରେ ଛାତ୍ରୀମାନେ ଅସୁରକ୍ଷିତ ହୋଇ ପଡ଼ିଛନ୍ତି। ସୌମ୍ୟାଶ୍ରୀ, ବଳଙ୍ଗୀ କିମ୍ବା ପଟ୍ଟାମୁଣ୍ଡାଇ ଘଟଣା ଏହାର ଗୋଟିଏ ଗୋଟିଏ ଉଦାହରଣ। କେଉଁଭଳି ଭାବେ ଛାତ୍ରୀମାନଙ୍କର ମନୋବଳ ବଢ଼ାଯିବ, କେଉଁଭଳି ଝିଅଟିଏ ନିଜ ସୁରକ୍ଷା ନିଜେ କରିବ; ସେମାନଙ୍କ ପାଇଁ ଲଢ଼େଇ କରିବାକୁ ଜଣେ ଝିଅକୁ ଛାତ୍ର ସଭାପତି ରୂପେ ଚୟନ କରାଯାଇଥିବା ସଭାପତି କହିଥିବା ସେ ସୂଚନା ଦେଇଛନ୍ତି।

### ପିକ୍‌ଅପ୍-ବାଇକ୍ ମୁହାଁମୁହିଁ...

ତାଙ୍କୁ ମୁହାଁମୁହିଁ ଧକ୍କା ଦେବାରୁ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ୟକ୍ତ ଲୋକେ ଶବ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଏହି ରାସ୍ତା ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ତେବେ ଉତ୍ତେଜନା କ୍ରମଶଃ ବଢୁଥିବାରୁ ଖବର ପାଇ କୁକୁଡ଼ାଖଣ୍ଡି ତହସିଲଦାର ରାଜକିଶୋର ପଟ୍ଟନାୟକ, ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ, ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ପରିଡ଼ା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାସୁଝା କରିଥିଲେ। ସାନଖେମୁଣ୍ଡି ବିଧାୟକ ରମେଶ ଜେନା ମଧ୍ୟ ସେଠାରେ ପହଞ୍ଚି ହସ୍ତକ୍ଷେପ କରିଥିଲେ। ତହସିଲଦାର ଶ୍ରୀ ପଟ୍ଟନାୟକ ରେଡକ୍ରସ୍ ପାଣ୍ଠିରୁ ମୃତଦ୍ୱୟଙ୍କ ପରିବାରକୁ ୩୦ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ରାସ୍ତାରୋକ ହଟିଥିଲା।

### ଅଧାରୁ ପାଠ ଛାଡୁଛନ୍ତି...

ଜାତୀୟ ହାର ତୁଳନାରେ ଓଡ଼ିଶାରେ ଛାତ୍ର-ଶିକ୍ଷକ ଅନୁପାତ ଆଗରେ ରହିଛି। ରାଜ୍ୟରେ ମୋଟ୍ ୭୬ଲକ୍ଷ ୪୪ହଜାର ୫୨ ଜଣ ପିଲା ପାଠ ପଢୁଥିବାବେଳେ ୩ଲକ୍ଷ ୪୪ହଜାର ୧୧୬ ଜଣ ଶିକ୍ଷକ ପାଠ ପଢ଼ାଉଛନ୍ତି। ଅର୍ଥାତ୍ ପ୍ରତି ୨୨ ଜଣ ଛାତ୍ରଛାତ୍ରୀଙ୍କୁ ଜଣେ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଏହି ହାର ଜାତୀୟ ସ୍ତରରେ ଅଧିକ ଅର୍ଥାତ୍ ପ୍ରତି ୨୪ ଜଣ ପିଲାଙ୍କ ପାଇଁ ଜଣେ ଶିକ୍ଷକ ରହିଛନ୍ତି। ପଡୋଶୀ ରାଜ୍ୟମାନଙ୍କ ଠାରୁ ଓଡ଼ିଶା ଏହି କ୍ଷେତ୍ରରେ ଆଗରେ ରହିଛି।

### ସମତାଭିତ୍ତିକ ସମାଜ...

ଲାଭ ପାଇବେ, ସେଥିପ୍ରତି ସରକାର ଦାୟିତ୍ୱବାନ ଅଛନ୍ତି ବୋଲି କହିଛନ୍ତି। ବିଗତ କିଛି ବର୍ଷରେ ଶିକ୍ଷାର୍ଥୀଙ୍କ ସଂଖ୍ୟା ୪୬ ରୁ ୬୬ ଲକ୍ଷ ପର୍ଯ୍ୟନ୍ତ ବଢିଛି। ସମାଜରେ ବଂଚିତ ବର୍ଗ ଉପରକୁ ଆସିଲେ ଦେଶ ଓ ରାଜ୍ୟର ଉନ୍ନତି ହେବ। ଏହି କର୍ମଶାଳାରୁ ସମସ୍ତଙ୍କ ପରାମର୍ଶରୁ ଯେଉଁ ନିଷ୍କର୍ଷ ବାହାରିବ ସେଥିରେ ସମାଜର କଲ୍ୟାଣ ହେବ ବୋଲି ସେ ମତ ଦେଇଛନ୍ତି। ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଓଡିଶା ଅନ୍ୟ ରାଜ୍ୟ ପାଇଁ ଉଦାହରଣ ବୋଲି କହିବା ସହ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ ପାଇଁ ବିଗତ ୧୦ ବର୍ଷରେ ବଜେଟ ୪ ଗୁଣା ବଢିଛି ଏବଂ ଏଥିରେ ଆଦିବାସୀ ଅଧ୍ୟୁଷିତ ରାଜ୍ୟଗୁଡିକର ଉନ୍ନତି ହେବା ଫଳରେ ନକ୍ସଲବାଦ ଭଳି ସମସ୍ୟାକୁ ନିୟନ୍ତ୍ରଣ କରାଯାଇପାରିଛି ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲୋକସଭାର ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ କମିଟି ଅଧ୍ୟକ୍ଷ ଫଗନ ସିଂ କୁଲସ୍ତେ, ଓଡିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ।


OFFICE OF THE PRINCIPAL

**PANCHAYAT SAMITI DEGREE COLLEGE,**

BANGOMUNDA, DIST. BALANGIR (ODISHA) PIN – 767040 (Estd.1999)

E-Mail : psdcbgm@gmail.com, Mob: 9078208298

**WALK-IN-INTERVIEW**

A walk-in-interview for appointment of lecturers on contractual basis is scheduled to be held in the Panchayat Samiti Degree College, Bangomunda on **Dt. 07.09.2025 (Sunday) at 10:30 A.M.** for the following Post.

| Sl No. | NAME OF THE POST | QUALIFICATION |
|---|---|---|
| 01 | Lect. in Sanskrit (No. of Post: 01) | Minimum 55% marks in P.G. Level |

Interested candidates are hereby informed to attend the interview on Dt. **07.09.2025 at 10:30 A.M.** with complete Bio-data, Original and Photocopies of all certificates and two passport size photographs. Salary is negotiable and no T.A/D.A will be given for attending the interview.

Sd/- Prinicpal



**SALE**

1 Number of Tractor–ESCORTS KUBOTA FT 45 POWER MAXX/ 2024, Registration No.- OD-01-AX –3697,Model-2024, ENGINE NO –E2667912, CHASSIS NO -T052674827AN, For Details, contact – 9437055763,9437966073, SUNDARAM FINANCE LTD., First floor, Choudhury Nivas, SAHADEVKHUNTA, BALASORE,756001, PH. NO-06782-266658



**କଟକ ମହାନଗର ନିଗମ**

ପବିତ୍ର ସାୟତ୍ତ ଶାସନ ଦିବସ-୨୦୨୫ ପାଳନ ଅବସରରେ ନଗରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

**କଟକ ସହରର ସଚେତନ ନାଗରିକ ମାନଙ୍କୁ ନିବେଦନ**

- କଟକ ମହାନଗର ନିଗମ କଟକ ସହରର ସଚେତନ ନାଗରୀକ ମାନଙ୍କର ସକ୍ରିୟ ସହଯୋଗ ନେଇ ସ୍ୱଛତା ଓ କାର୍ଯ୍ୟ ଦକ୍ଷତା ମାଧ୍ୟମରେ ଏକ ବିକାଶମୁଖୀ ବୃହତର କଟକ ନିର୍ମାଣ କରିବା ପାଇଁ ସଙ୍କଳ୍ପ ବଦ୍ଧ । ଏଥିପାଇଁ ପ୍ରତ୍ୟେକ କ୍ଷେତ୍ରରେ ଜନସାଧାରଣଙ୍କର ସହଯୋଗ ଏକାନ୍ତ କାମ୍ୟ ।
- ନିଗମର ଗୃହ ଓ ବ୍ୟବସାୟ ପ୍ରତିଷ୍ଠାନ ପରିସର ପରିଷ୍କାର ରଖିବା ସହ ରାସ୍ତା କଡ଼ରେ କିମ୍ବା ଖାଲି ଜାଗାରେ କୌଣସି ବର୍ଯ୍ୟବସ୍ତୁ ପକାନ୍ତୁ ନାହିଁ ଏବଂ ଏଥିପାଇଁ ପାଖରେ ଥିବା ଡ଼ଷ୍ଟବିନ କିମ୍ବା ମଇଳା ପଡ଼ିବା ସ୍ଥାନ ବ୍ୟବହାର କରି ସ୍ୱାସ୍ଥ୍ୟ, ପରିମଳ ଓ ପରିବେଶ ବ୍ୟବସ୍ଥାକୁ ସୁରକ୍ଷା ପ୍ରଦାନ କରନ୍ତୁ ।
- ନିଗମ ଦ୍ୱାରା ସହର ମଧ୍ୟରେ ପଲିଥିନ ବ୍ୟବହାରକୁ ସମ୍ପୁର୍ଣ୍ଣ ଭାବେ ନିଷିଦ୍ଧ କରାଯାଇଥିବା ଦୃଷ୍ଟିରୁ, ଏହାର ବିକଳ୍ପକୁ ବ୍ୟବହାର କରିବା ପାଇଁ ବଦ୍ଧପରିକର ହୋଇ, ପଲିଥିନକୁ ସମ୍ପୁର୍ଣ୍ଣ ରୂପେ ବର୍ଜନ କରିବା ନିମନ୍ତେ ସମସ୍ତ ସହଯୋଗ ପ୍ରଦାନ କରନ୍ତୁ ।

DSPL-231 OIPR-13031/13/0214/2526

ସୁଶ୍ରୀ କିରନଦିପ୍ କୌର ସହୋତା, ଭା.ପ୍ର.ସେ. ଆୟୁକ୍ତ | ସୁଶ୍ରୀ ଦମୟନ୍ତୀ ମାଝୀ, ଡେପୁଟି ମେୟର | ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସିଂହ ମେୟର



**କଟକ ମହାନଗର ନିଗମ**

ସାୟତ ଶାସନ ପାଳନ ଅବସରରେ କଟକ ମହାନଗର ନିଗମ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ

**କାର୍ଯ୍ୟସୂଚୀ**

**ତା. ୩୦.୦୮.୨୦୨୫ ରିଖ**

ପ୍ରାତଃ ୦୯.୦୦ ଘଟିକା : ରକ୍ତଦାନ ଶିବିର, ଟାଉନହଲ, କଟକ

**ତା. ୩୧.୦୮.୨୦୨୫ ରିଖ**

ପୂର୍ବାହ୍ନ -୧୦.୩୦ ଘଟିକା : ନିଗମ ଅଂଚଳରେ ନୂତନ ପ୍ରକଳ୍ପ ନିମନ୍ତେ ଭିତିପ୍ରସ୍ତର ସ୍ଥାପନ ଓ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ଗୁଡ଼ିକର ଶୁଭ ଉଦ୍‌ଘାଟନ ।

ସନ୍ଧ୍ୟା -୦୫.୦୦ ଘଟିକା : ସହିଦ ଭବନ, କଟକ ଠାରେ ସାଧାରଣ ସଭା

ମୁଖ୍ୟ ଅତିଥି : ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ମହାପାତ୍ର, ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗ, ଓଡ଼ିଶା

ମୁଖ୍ୟବକ୍ତା :ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ, ମାନ୍ୟବର ସାଂସଦ (ଲୋକସଭା), କଟକ

ସତନ୍ତ୍ର ଅତିଥି :ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟ, ମାନ୍ୟବର ସାଂସଦ (ରାଜ୍ୟସଭା) ତଥା ସଭାପତି କଟକ ମହାନଗର ନିଗମ କର୍ମଚାରୀ ସଂଘ

ସମ୍ମାନିତ ଅତିଥି ବୃନ୍ଦ

ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ମାନ୍ୟବର ବିଧାୟକ, ଚୌଦ୍ୱାର କଟକ

ଇଂ. ସୋଫିଆ ଫିର୍‌ଦୋସ, ମାନ୍ୟବର ବିଧାୟିକା, ବାରବାଟୀ କଟକ

ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ମାନ୍ୟବର ବିଧାୟକ, କଟକ ସଦର

ଶ୍ରୀଯୁକ୍ତ ପ୍ରଭାତ ତ୍ରିପାଠୀ, ପୂର୍ବତନ ବିଧାୟକ ତଥା ସଭାପତି କଟକ ମହାନଗର ନିଗମ ମେହେନ୍ତର ସଂଘ

ଶ୍ରୀଯୁକ୍ତ ଦତାତ୍ରୟ ଭାଉସାହେବ ସିନ୍ଦେ, (ଭା.ପ୍ର.ସେ) ଜିଲ୍ଲାପାଳ, କଟକ

ଶ୍ରୀଯୁକ୍ତ ଖିଲାରି ଋଷିକେଶ ଦ୍ୟାନଦେଓ, (ଭା.ପୁ.ସେ) ଡ଼ିସିପି, କମିଶନରେଟ ପୋଲିସ, କଟକ

୧. ନିଗମ ଅଂଚଳରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ।

୨. ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ ।

୩. ନିଗମର କର୍ତ୍ତବ୍ୟନିଷ୍ଠ କର୍ମଚାରୀମାନଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ପୁରସ୍କାର ବିତରଣ ।

ସୁଶ୍ରୀ କିରନ୍‌ଦିପ କୌର ସହୋତା, (ଭା.ପ୍ର.ସେ) ଆୟୁକ୍ତ | ସୁଶ୍ରୀ ଦମୟନ୍ତୀ ମାଝୀ ଡେ଼ପୁଟି ମେୟର | ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସିଂହ ମେୟର

ନିଗମର ସମସ୍ତ କର୍ପୋରେଟର, ସମସ୍ତ ଅଧିକାରୀ ଏବଂ କର୍ମଚାରୀ ବୃନ୍ଦ

DSPL-230 OIPR-13031/13/0212/2526



**ସତ୍ୟପାଠ**

ମୁଁ, ସୁପ୍ରିୟା ବିଶ୍ୱାଳ, ବୟସ: ୪୨ ବର୍ଷ, ସ୍ୱାମୀ: ବିଭୁପ୍ରସାଦ ସ୍ୱାଇଁ, ସା: ଭଟଣା, ପୋ: ଅଙ୍ଗେଶ୍ୱରପଡା, ଥାନା: ନାଉଗାଁ, ଜିଲ୍ଲା: ଜଗତ୍‌ସିଂହପୁର, ଓଡିଶା, ପିନ୍-୭୫୪୧୧୩ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ, ଭୁବନେଶ୍ୱରଙ୍କ ନିକଟରେ ଶପଥ ପାଠ କରି ଘୋଷଣା କରୁଛି କି, ମୋର ନାବାଳକ ପୁତ୍ର: ମନିତ କୁମାର ସ୍ୱାଇଁ (ପୁରୁଣା ନାମ)କୁ ନୂଆ ନାମ: ମନିତ ସ୍ୱାଇଁକୁ ପରିବର୍ତ୍ତନ କରୁଅଛି। ଏବେଠାରୁ ଭବିଷ୍ୟତରେ ସେ ମନିତ ସ୍ୱାଇଁ ନାମରେ ସମସ୍ତ କ୍ଷେତ୍ରରେ ପରିଚିତ ହେବ।



**AFFIDAVIT**

I, Manasa Kumar Jena, S/o- Late Laxmidhar Jena, resident of Plot No-20, Sector-1 Niladri Vihar, Sailashree Vihar, Bhubaneswar,Khorda, Odisha- 751021, declare by this affidavit No.248, Dated: 28.08.2025 that now onwards I shall be known as **Manas Kumar Jena** for all future purposes.



**AFFIDAVIT**

By virtue of an affidavit No-4954 sworn before the Executive Magistrate, Champua, date-31/07/2025. I, **Sadiya Khatun,** W/o- Md. Kaisar, Address: At/Po/Ps-Jhumpura, Dist- Keonjhar, Odisha, PIN-758031 I have changed my name from **Sadia Bano** (old name) to **Sadiya Khatun** (new name). Henceforth, I shall be known as **Sadiya Khatun** for all future purposes.

**Sadiya Khatun**



**ହଜିଯାଇଥିବା ସୂଚନା**

ମୁଁ ଅରୁପମା ବର୍ଦ୍ଧନ ,ସ୍ୱାମୀ - ପୂର୍ଣ୍ଣ ଚନ୍ଦ୍ର ବର୍ଦ୍ଧନ , ଗାଁ/ପୋଷ୍ଟ - ନୂଆପାଟଣା , ଥାନା- ତିଗିରିଆ , ଜିଲ୍ଲା- କଟକ ବାସିନ୍ଦା ଅଟେ। ମୁଁ ୨୪.୦୧.୨୦୨୫ ରିଖ ୧୦.୩୦ ସମୟରେ ତିଗିରିଆ ତହସିଲ କାର୍ଯ୍ୟାଳୟକୁ ଯାଉଥିବା ବେଳେ ଜମି କାଗଜପତ୍ରର ଖାତା ନମ୍ବର - ୪୨୯/୩୨୧ ଏବଂ ଡିଡ୍ ନମ୍ବର - ୪୩୫ ତାରିଖ-୧୮-୦୭- ୨୦୦୮ ହଜି ଯାଇଅଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଥାନ୍ତି ତେବେ ଦୟାକରି ମୋବାଇଲ୍ ନମ୍ବର - ୯୯୩୮୦୫୫୦୩୨ କିମ୍ବା ତିଗିରିଆ ପୁଲିସ ନିକଟରେ ସୂଚନା ଦେବା ପାଇଁ ଅନୁରୋଧ କରୁଛି । ଏଥିରେ ଯଦି କେହି ଅପବ୍ୟବହାର କରନ୍ତି ଆମେ ଦାୟୀ ରହିବୁ ନାହିଁ। SD /- ଅରୁପମା ବର୍ଦ୍ଧନ


# ମାଁ ଗଜଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ



ବୈପାରିଗୁଡ଼ା,୨୯।୮ (ସମିସ):

ବୈପାରୀଗୁଡା ସଦରମହକୁମା ଠାରେ ମାଁ ଗଜଲକ୍ଷ୍ମୀ ପୂଜା ପାଇଁ ଶୁକ୍ରବାର ମାଟି ଅନୁକୂଳ ପୂଜା କରାଯାଇଛି। ପୂର୍ବାହ୍ନ ୧୦ଟାବେଳେ ଘଣ୍ଟ ହୁଳହୁଳି ସହିତ ସ୍ଥାନୀୟ ବିରଗାଡ଼ ନଦୀକୂଳରେ ପହଞ୍ଚିଥିଲେ ଲୋକମାନେ। ପୂଜକ ଚିନ୍ତାମଣି ରଥ ପୂଜାର୍ଚ୍ଚନା କରିବା ପରେ ମୂର୍ତ୍ତି ଗଢିବା ପାଇଁ ମାଟି ଅଣାଯାଇଥିଲା। ସଂକଳ୍ପରେ ଧର୍ମେନ୍ଦ୍ର ନାୟକ ବସିଥିଲେ। ଆସନ୍ତା ଅକ୍ଟୋବର ୬ ତାରିଖରେ ସୋମବାର ଦିନ ମାଁଙ୍କ ପୂଜା ଆରମ୍ଭ ହେବ। ମଣ୍ଡପରେ ପ୍ରତିଦିନ ଦିପ ଉତ୍ସବ, କୁଙ୍କୁମ ପୂଜା କାର୍ଯ୍ୟକ୍ରମ ରହିଛି। ଆଜିର କାର୍ଯ୍ୟକ୍ରରେ ପୂଜା କମିଟିର ସୋମନାଥ ଗୌଡ଼, ସନ୍ତୋଷ ମିଶ୍ର, ଏନ୍ ଗୌରୀ ଶଙ୍କର, ନରସିଂହ ମାଝୀ, ଏ ରାଜେନ୍ଦ୍ର ପ୍ରସାଦ, ଡି ରାଜା, ଏସ ଲୋହିତ କୁମାର, ନଟବର ପଟ୍ଟନାୟକ, ସୁରେଶ ମିଶ୍ର, କଳାକାର ପଟ୍ଟନାୟକ, ରିଙ୍କୁ, ଧନପତି ନାୟକ, ବିଟା ଜାନି, ରାଜକିଶୋର ସାହୁ, ରୁଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମା’ ମଝିଘରିଆଣି ମନ୍ଦିର ରୂପାନ୍ତରଣ ପାଇଁ ଭୂମି ପୂଜନ





ରାୟଗଡ଼ା,୨୯।୮ (ସମିସ): ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା’ମଝିଘରିଆଣୀ ମନ୍ଦିରର ରୂପାନ୍ତରିତ ତଥା ଉନ୍ନତିକରଣ ନିମନ୍ତେ ଭୂମିପୂଜନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ଉନ୍ନତିକରଣ ପାଇଁ ୩୬ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ବର୍ତ୍ତମାନ ୨୬ କୋଟି ଟଙ୍କା ଅନୁଦାନ ଆସିଛି ବୋଲି ମନ୍ଦିର ଟ୍ରଷ୍ଟି ରାଇସିଂ ବିଡ଼ିକା ପ୍ରକାଶ କରିଛନ୍ତି। ରାୟଗଡ଼ା ପୂର୍ତ୍ତ ବିଭାଗର ତତ୍ତ୍ୱାବଧାନରେ ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହେବାକୁ ଥିବା ବେଳେ କାଶି କଞ୍ଚନା ପ୍ରାଇଭେଟ ଲିମିଟେଡ କନଷ୍ଟ୍ରକ୍ସନ କଂପାନୀ ଦ୍ୱାରା ରୂପାନ୍ତରଣ କାର୍ଯ୍ୟାରମ୍ଭ ହେବ। ଆସନ୍ତା ଦୁଇବର୍ଷ ଭିତରେ ମନ୍ଦିର ଉନ୍ନତିକରଣ କାର୍ଯ୍ୟର ସମାପ୍ତ ହେବ ବୋଲି କଂପାନୀ ଏମ୍‌ଡି ଶ୍ରୀକାନ୍ତ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଭୂମିପୂଜନ କାର୍ଯ୍ୟକ୍ରମ ସମୟରେ ମନ୍ଦିର ପରିଚାଳନା କମିଟି ଅଧକ୍ଷ ରାଇସିଂ ବିଡିକା, ଦେବୋତ୍ତର ବିଭାଗର କର୍ମଚାରୀ, ସଭ୍ୟ ରାଧାକୃଷ୍ଣ ଦଳେଇ, ପି ବାସୁଦେବ ରାଓ, ଚନ୍ଦ୍ର ପୂଜାରୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ମା’ଙ୍କ ମନ୍ଦିରର ଚତୁର୍ପାର୍ଶ୍ୱରେ ଉନ୍ନତିକରଣ କରାଯିବା ସହ ତିନି ଦ୍ୱାର ପାଇଁ ପକ୍କା ରାସ୍ତା, ଅତିଥିଭବନ, ମନ୍ଦିର କାର୍ଯ୍ୟାଳୟ, ମୁଣ୍ଡନ କକ୍ଷ, ପାର୍କ, ଶୈଚାଳୟ, ବିଶ୍ରାମଗାର ଓ ଯାନବାହନ ରଖିବା ପାଇଁ ପାର୍କିଂର ବ୍ୟବସ୍ଥା କରାଯିବ। ଆସନ୍ତା ୨ ବର୍ଷ ମଧ୍ୟରେ ସମସ୍ତ କାର୍ଯ ଶେଷ କରିବା ପାଇଁ ଉକ୍ତ ଠିକା ସଂସ୍ଥା ଲକ୍ଷ୍ୟ ଧାର୍ଯ୍ୟ ରଖିଛି। ମନ୍ଦିରକୁ ରାଜ୍ୟ ତଥା ବାହାର ରାଜ୍ୟର ଶ୍ରଦ୍ଧାଳୁମାନେ ଆସି ଯେପରି ମା’ଙ୍କର ଶୃଙ୍ଖଳିତ ଦର୍ଶନ କରି ଫେରିବେ ସେ ପ୍ରକାର ବ୍ୟବସ୍ଥା କରାଯିବ। ମନ୍ଦିରରେ ପୂଜାର୍ଚ୍ଚନା ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ପାଇ ୨୬ଟି ବିକ୍ରୟ କେନ୍ଦ୍ର ରହିବ ଏବଂ ଦ୍ୱିତୀୟ ମହଲାରେ ରହିବ ମନ୍ଦିର ଟ୍ରଷ୍ଟ କମିଟିର କାର୍ଯ୍ୟାଳୟ। ସେହିଭଳି ଅନ୍ୟ ଏକ ସ୍ଥାନରେ ଦୁଇ ମହଲା ବିଶିଷ୍ଟ କୋଠାରେ ପ୍ରଥମ ମହଲାରେ ମୁଣ୍ଡନ କେନ୍ଦ୍ର ରହିବ। ଯେଉଁଥିରେ ଏକ ସହ ୫୦ ଜଣ ମାନସିକଧାରୀ ମୁଣ୍ଡନ ହୋଇପାରିବେ। ଉପର ମହଲାରେ ୨୫୦ ଲୋକଙ୍କ ପାଇଁ ଅନ୍ନ ଭୋଗ କେନ୍ଦ୍ର, ତିନି ଦିଗରେ ୩ଟି ମୂଖ୍ୟ ଦ୍ୱାର, ପୁରାତନ ପାଦ ମନ୍ଦିରର ଉନ୍ନତିକରଣ, ମନ୍ଦିରର ପରିକ୍ରମା ପ୍ରକଳ୍ପ ଭଳି କାର୍ଯ୍ୟ ହେବା ନେଇ ନିଷ୍ପତି ହୋଇଥିବା ସହ ଏଥିପାଇଁ ଡିଜାଇନ୍ ମଧ ପ୍ରସ୍ତୁତ ହୋଇ ସାରିଛି। ମାଁଙ୍କ ମନ୍ଦିରର ଉନ୍ନତିକରଣ କାର୍ଯ୍ୟ ଆଜିଠୁ ଆରମ୍ଭ ହେଉଥିବା ଖବର ପ୍ରସାରିତ ହେବା ପରେ ସହର ଶ୍ରଦ୍ଧାଳୁ ମାନଙ୍କ ମଧରେ ଖୁସିର ଲହରୀ ଖେଳିଯାଇଛି।

> ➤ ୩୬ କୋଟି ଟଙ୍କା ଅନୁଦାନ
> ➤ ବଦଳିବ ମନ୍ଦିର ରୂପରେଖ

# ରାୟଗଡ଼ାରେ ଜାତୀୟ କ୍ରୀଡ଼ା ଦିବସ ପାଳିତ



ରାୟଗଡ଼ା,୨୯।୮ (ସମିସ):

ହକି କିମ୍ବଦନ୍ତି ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଅବସରରେ ଆଜି ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ରାୟଗଡ କ୍ରୀଡା ବିଭାଗ ତରଫରୁ ସମୂହ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରବାଦ ପୁରୁଷ ଧ୍ୟାନଚାନ୍ଦଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ଥାନୀୟ ସଦ୍‌ଭାବନା କ୍ରୀଡ଼ାଙ୍ଗନ ଠାରୁ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଉପଜିଲ୍ଲାପାଳ ପ୍ରଫୁଲ ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶେଖ ଅଲିନୁର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ, ବ୍ୟାଡ଼ମେଣ୍ଟନ ସଂଘର କର୍ମକର୍ତ୍ତା, କ୍ରୀଡ଼ାବିତ, ସହିଦ ଲକ୍ଷ୍ମଣ ଯୁବକ ସଂଘର କର୍ମକର୍ତ୍ତା, ପ୍ରେମ ପାହାଡ଼ ୱାର୍କର୍ସ କ୍ଲବ, ଜିସିଡ଼ି ୱାର୍କର୍ସ କ୍ଲବ, ମହିଳା ମହାବିଦ୍ୟାଳୟର, ଜିସିଡ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇ ପଦଯାତ୍ରାରେ କ୍ରୀଡା ଶିକ୍ଷକ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଜନସାଧାରଣ, ଗଣମାଧ୍ୟମ ପ୍ରତିନିଧି, କଲେଜ, ସ୍କୁଲର ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ସହରର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ, ବ୍ଲକ ଛକ, ଜ୍ୟୋତି ଛକ ଦେଇଯିବା ପରେ ସେଠାରୁ ପୁଣି ଫେରି ସଦ୍‌ଭାବନା କ୍ରୀଡ଼ାଙ୍ଗନ ଠାରେ ଏହା ସମାପନ ହୋଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମହିଳା ମହା ବିଦ୍ୟାଳୟର କ୍ରୀଡ଼ା ଅଧ୍ୟାପିକା ରୀତା ରାଣୀ ମିଶ୍ର, ୱେଟ ଲିଫ୍‌ଟିଂ ସଂଘର ଦୋରା କୋଣ୍ଡାଗିରି, ବ୍ୟାଡ଼ମିଣ୍ଟନ ସଂଘର ମୁନା ବୈରଭ ଜୈନ, ଫୁଟବଲ ସଂଘର ମନୋଜ କୁମାର ନାୟକ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅନ୍ୟାନ୍ୟ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ, ଶିକ୍ଷୟିତ୍ରୀ, କ୍ରୀଡ଼ାବିତ୍ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ



ଗୁଣପୁର,୨୯।୮ (ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ଓ ଗୁଡାରୀର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ସ୍ଥାନୀୟ ବ୍ଲକ ଅଫିସ ସମ୍ମୁଖରେ ଜାଗୃତି ସାଂସ୍କୃତିକ ସଂଗଠନ ପକ୍ଷରୁ ହେଉଥିବା ମା’ଗଜଲକ୍ଷ୍ମୀଙ୍କ ପୂଜା ସକାଶେ ଶୁକ୍ରବାର ଶୁଭ ଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇଟିଡିଏ ଅଫିସ ନିକଟରେ ମା’ ଦକ୍ଷିଣ କାଳୀଙ୍କ ପୂଜା ପାଇଁ ଗୁରୁବାର ଶୁଭ ଖୁଣ୍ଟି ସ୍ଥାପନ ଅନୁଷ୍ଠିତ ହୋଇଯାଇଛି। ପୂଜାରେ କର୍ତ୍ତା ଭାବରେ ରାଧାକୃଷ୍ଣ ପଣ୍ଡା, ପୁରୋହିତ ଭାବେ ନବୀନ ରଥ, ପ୍ରକାଶ ରଥ ଏବଂ ଗୁପ୍ତେଶ୍ୱର ଆଚାର୍ଯ୍ୟ ଏହି ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ପୂଜା କାର୍ଯ୍ୟ ସମ୍ପାଦନା ହେବା ପରେ କଲେଜ ନିକଟ ସିଦ୍ଧ ବିନାୟକ ମନ୍ଦିରକୁ ଯାଇ ସେଠାରେ ଥିବା ଲକ୍ଷ୍ମୀଙ୍କ ନିକଟରେ ପୂଜା କରାଯାଇଥିଲା ଏବଂ କ୍ୟୁଆର୍ କୋଡର ଶୁଭ ଉନ୍ମୋଚନ କରଯାଇଥିଲା। ସଭାପତି ରାଜେନ୍ଦ୍ର ପ୍ରସାଦ ସାହୁକାରଙ୍କ ଅଧ୍ୟକ୍ଷତାରେ ପୂଜା କାର୍ଯ୍ୟର ଅଗ୍ରଗତି ନେଇ ମଧ ସମୀକ୍ଷା ହୋଇଥିଲା। କାର୍ଯକାରୀ ସଭାପତି ମୀନ କେତନ ପଣ୍ଡା, ଉପସଭାପତି ସୋମେଶ୍ୱର ସାମଲ, ସମ୍ପାଦକ ଶିବ ପ୍ରସାଦ ମହାପାତ୍ର, ଯୁଗ୍ମ ସମ୍ପାଦକ କମଳାକାନ୍ତ ଖୁଣ୍ଟିଆ, କୋଷାଧ୍ୟକ୍ଷ ବଳରାମ ପାଣିଗ୍ରାହୀଙ୍କ ସମେତ ଉପଦେଷ୍ଟା ସୂର୍ଯ୍ୟ ନାରାୟଣ ରଥ, ଗୋପାଳ କୃଷ୍ଣ ପାଣିଗ୍ରାହୀ, ଗୋପିନାଥ ପାତ୍ର, ରବି ନାରାୟଣ ଶତପଥି, ରାମ ପଟ୍ଟନାୟକ, ରମେଶ ପାଣିଗ୍ରାହୀ, ଅକ୍ଷୟ ରାଜଗୁରୁ, ସୁରେନ୍ଦ୍ର ଆଚାର୍ଯ୍ୟ, ପ୍ରକାଶ ରାଜଗୁରୁ, ବସନ୍ତ ମିଶ୍ର, ଅଜିତ ପଣ୍ଡା, ମୁନା ପାଢ଼ୀ, ଚନ୍ଦନ ଦାସ, ରଞ୍ଜନ ପାଣିଗ୍ରାହି, ପ୍ରସାଦ ପାଇଟାଳ, ରବୀନ୍ଦ୍ର କୁମାର ସାହୁ, ପପୁ ତ୍ରିପାଠୀ, ବୁଢୁ ଗୌଡ଼, ସନ୍ତୋଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଗୁଣପୁର ଡେପ ଷ୍ଟେସନ ରୋଡ ଠାରେ ମା’ ଗଜଲକ୍ଷ୍ମୀ ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ ହୋଇଯାଇଛି। ଏଥିରେ ଗଜଲକ୍ଷ୍ମୀ ପୂଜାର କର୍ତ୍ତା ଭାବେ ଜୟଦେବ ନନ୍ଦ କାର୍ଯ୍ୟ ତୁଲାଇ ଥିବା ବେଳେ ପୂଜକ ଭାବେ ଗଣେଶ ଷଡ଼ଙ୍ଗୀ ଓ ଲୋକନାଥ ଷଡ଼ଙ୍ଗୀ ରୀତିନୀତି ଅନୁଯାୟୀ ପୂଜା ସମ୍ପାଦନା କରିଥିଲେ। ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ ଏବଂ ସମ୍ପାଦକ ଅକ୍ଷୟ ଶତପଥୀ ଯୋଗ ଦେଇଥିବା ବେଳେ ଭି ପ୍ରବୀଣ, ଜେ ମୋହନ ରାଓ, କେ ଶ୍ରିନୁ, ଅନନ୍ତ କୁମାର ବେହେରା, କାହ୍ନୁ ସାହୁ, ଟି ରବି, ସୁମନ ପାଣିଗ୍ରାହୀ, ରାକେଶ ମହାପାତ୍ର, ଦିଲୀପ ବାଉରୀ, ରଘୁନାନ୍ଦନ ଦାସ, ସାନ ବାଉରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ହବ୍ କାର୍ଯ୍ୟକ୍ରମ ୭ ଦିନ ଧରି ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।



# ବିଷ ଦେଇ ପକ୍ଷୀ ଶିକାର

## ବନ ବିଭାଗର ସହାୟତା ଲୋଡିଲା ବଜରଙ୍ଗ ପରିବାର



ପଦ୍ମଗିରି,୨୯।୮ (ସମିସ): କେତେକ ଶିକାରୀଙ୍କ ପାଇଁ ସଙ୍କଟରେ ବନ୍ୟ ପକ୍ଷୀ ଜଗତ। ଆଜିଠାରୁ ଦୁଇ ମାସ ପୂର୍ବେ ମାଲକାନଗିରି ବ୍ଲକ ଅନ୍ତର୍ଗତ ପଦ୍ମଗିରି ଅଞ୍ଚଳରେ କିଛି ଦୁର୍ବୃତ୍ତ ନବଜାତ ପକ୍ଷୀ ଛୁଆ ସହ ଅନ୍ୟାନ୍ୟ ପକ୍ଷୀ ଶିକାର ଉଦ୍ଦେଶ୍ୟରେ ଫାସ ଏବଂ ବିଷ ବ୍ୟବହାର କରି ଲଗାତାର ଭାବେ ଶିକାର କରୁଥିଲେ। ସୂଚନା ପାଇ ପଦ୍ମଗିରି ବଜରଙ୍ଗ ପରିବାରର ସଦସ୍ୟମାନେ ସେମାନଙ୍କ ଠାରୁ ଚଢ଼େଇ ଛୁଆ ଉଦ୍ଧାର କରି ଶିକାରୀଙ୍କୁ ବନବିଭାଗ ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲେ। ବନବିଭାଗ ବିଷୟଟିକୁ ଗମ୍ଭୀରତାର ସହ ନେଇ ଉକ୍ତ ଦୁର୍ବୃତ୍ତମାନଙ୍କ ଘୋଷଣାପତ୍ରରେ ଦସ୍ତଖତ ରଖି ଗ୍ରାମବାସୀଙ୍କ ଉପସ୍ଥିତିରେ ସେମାନଙ୍କୁ ଛାଡିଥିଲେ। ଆଜି ସେହିଭଳି ଏକ ଘଟଣାର ପୁନରାବୃତ୍ତି ହୋଇଛି। ପଦ୍ମଗିରି ଗ୍ରାମର ହନୁମାନ ଛକରେ ଥିବା ବରଗଛରୁ ଆଜି ସକାଳେ ଅଚାନକ କାଉ ପକ୍ଷୀ ଖସି ତଳକୁ ପଡିବାର ଦେଖି ସ୍ଥାନୀୟ ଲୋକମାନେ ଛାନିଆ ହୋଇଯାଇଥିଲେ। ପକ୍ଷୀ ଶିକାର କରିବା ଉଦ୍ଦେଶ୍ୟରେ ଗଛ ଉପରେ କୌଣସି ଦୁର୍ବୃତ୍ତ ବିଷଯୁକ୍ତ ଖାଦ୍ୟ ରଖିଥିବାର ଲୋକମାନେ ମତପ୍ରକଶ କରିଛନ୍ତି। ତେବେ ବଜରଙ୍ଗ ପରିବାର ଘଟଣାସ୍ଥଳରେ ପହଞ୍ଚି ବନବିଭାଗ ସହ ଯୋଗାଯୋଗ କରିଥିଲେ। ବିଭାଗ ପକ୍ଷରୁ ଆସି କାଉମାନଙ୍କୁ ଚିକିତ୍ସା ପାଇ ନିଆଯାଇଥିଲା। ଆଜିର ଏଭଳି ଘଟଣା ପଛରେ ସମ୍ପୃକ୍ତ ଚେହେରାକୁ ଚିହ୍ନଟ କରି ଆଇନ ଅନୁଯାଇ ଦଣ୍ଡିତ କରିବାପାଇଁ ବଜରଙ୍ଗ ପରିବାର ପକ୍ଷରୁ ପ୍ରଶାସନ ଏବଂ ବନବିଭାଗକୁ ଗୁହାରି କରିଛନ୍ତି।

# ଲକ୍ଷ୍ମୀପୁରକୁ ଉପଖଣ୍ଡ ମାନ୍ୟତା କେବେ?

ଲକ୍ଷ୍ମୀପୁର,୨୯।୮ (ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରକୁ ଉପଖଣ୍ଡ ମାନ୍ୟତା ପ୍ରଦାନ ଦାବିରେ ଅଞ୍ଚଳବାସୀ ଅନେକ ଥର ଆନ୍ଦୋଳନ କରି ପ୍ରତିଶ୍ରୁତି ପାଇ ଆନ୍ଦୋଳନରୁ ଓହରି ଥିଲେ। ଏହାଛଡ଼ା ଅନେକ ଉଚ୍ଚ ପଦସ୍ଥ ଅଧିକାରୀ ଓ ନେତା ମନ୍ତ୍ରୀଙ୍କର ମଧ ଦ୍ୱାରସ୍ଥ ହୋଇଥିଲେ। ଲକ୍ଷ୍ମୀପୁର ତହସିଲ କାର୍ଯ୍ୟାଳୟରେ ଉପଖଣ୍ଡସ୍ତରୀୟ କାର୍ଯ୍ୟ କରିବାକୁ ପ୍ରତିଶୃତି ମିଳିଥିଲା। କିନ୍ତୁ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ହିଁ ରହିଗଲା। ଲକ୍ଷ୍ମୀପୁରରେ ତହସିଲ ଓ ମେଡ଼ିକାଲକୁ ଛାଡ଼ି ଦେଲେ ଅଧିକାଂଶ କାର୍ଯ୍ୟାଳୟ ଉପଖଣ୍ଡରେ ରହିଛି। କିନ୍ତୁ ଲକ୍ଷ୍ମୀପୁର ଉପଖଣ୍ଡ ମାନ୍ୟତା ପାଇନାହିଁ। ଲକ୍ଷ୍ମୀପୁର ଉପଖଣ୍ଡ ହେଲେ ଲକ୍ଷ୍ମୀପୁର, ନାରାୟଣପାଟଣା, ବନ୍ଧୁଗାଁ, ଦଶମନ୍ତପୁର ବ୍ଲକବାସୀ ଉପକୃତ ହେବେ। ଲକ୍ଷ୍ମୀପୁର ଉପଖଣ୍ଡ ନ ଥିବା ଯୋଗୁଁ କୋରାପୁଟ ଉପରେ ଉକ୍ତ ବ୍ଲକବାସୀ ନିର୍ଭର କରୁଛନ୍ତି। ଶହ ଶହ କିଲୋମିଟର ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀ ହେଉଛି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏତେ ଦୂର ଯାଇ ଦପ୍ତରି କାର୍ଯ୍ୟ କରିବା ଅସମ୍ଭବ। ତେଣୁ ଲକ୍ଷ୍ମୀପୁର ସବଡିଭିଜନ୍ ହେବାର ଆବଶ୍ୟକତା ରହିଛି ବୋଲି ଲେଶକ ଦାବି କରି ଆସୁଛନ୍ତି। ଲୋକଙ୍କ ହିତ ଦୃଷ୍ଟିରୁ ସରକାର ଲକ୍ଷ୍ମୀପୁର ବ୍ଲକକୁ ସବ୍‌ଡିଭିଜନ ଘୋଷଣା କଲେ ଲୋକେ ବିଶେଷ ଉପକୃତ ହେବେ ବୋଲି ମତ ପ୍ରକାଶ ପାଉଛି।

# ଜାତୀୟ କ୍ରୀଡ଼ା ଦିବସ ପାଳିତ



କୋରାପୁଟ,୨୯।୮ (ସମିସ):

କୋରାପୁଟ ସଦର ମହକୁମାରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଏକ ଶୋଭାଯାତ୍ରାରେ କୋରାପୁଟ ଷ୍ଟାଡିୟମଠାରେ ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଜାତୀୟ କ୍ରୀଡ଼ା ଦିବସର ମହତ୍ତ୍ୱ ସମ୍ପର୍କରେ ମୁଖ୍ୟ ଅତିଥି ଶ୍ରୀ ଦଳେଇ ଆଲୋକପାତ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋରାପୁଟ ସ୍ପୋର୍ଟସ ହଷ୍ଟେଲର ଛାତ୍ରଛାତ୍ରୀ ସହର ପରିକ୍ରମା କରି ପୋଲିସ ପ୍ୟାରେଡ ପଡିଆରେ ପହଞ୍ଚିଥିଲେ। ସେଠାରେ ଟାଉନ ସ୍ପୋଟିଂ କ୍ଲବ ଓ ଜିଲ୍ଲା କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ଭାଗ ନେଇଥିଲେ। ଅବସରପ୍ରାପ୍ତ ଦୁର୍ଗପତି ମନ୍ମଥ ରାଓ , କାଉନସିଲର ମାଲେଶ୍ୱର ରାଓ, ପୂର୍ବତନ ବିଧାୟକ ନିମାଇଁ ସରକାର, ରାଜ୍ୟ କଂଗ୍ରେସ କମିଟିର ସମ୍ପାଦକ ରୂପକ ତୁରୁକ, ଜେ ହେମା ରାଓ, ଶରତ କୁମାର ପଟ୍ଟନାୟକ ପ୍ରମୁଖଙ୍କ ସହ ସହରର କ୍ରୀଡ଼ାବିତ ଓ କ୍ରୀଡ଼ା ଛାତ୍ରାବାସର ଛାତ୍ରଛାତ୍ରୀ ମାନେ ଶୋଭାଯାତ୍ରାରେ ସାମିଲ ହୋଇ ସହର ପରିକ୍ରମା କରିଥିଲେ।

# ଓଏସ୍‌ଡବ୍ଲୁସି ଚାଉଳ ଗ୍ରହଣ କେନ୍ଦ୍ରରେ ଅବ୍ୟବସ୍ଥା



ଜୟପୁର,୨୯।୮ (ସମିସ) :

ସରକାରଙ୍କ ପକ୍ଷରୁ ଧାନ କ୍ରୟ ପରେ ମିଲର୍ସଙ୍କ ଦ୍ୱାରା ଏହାକୁ କଷ୍ଟମ ମିଲିଂ କରାଯାଉଛି। ସରକାରୀ ସର୍ତ୍ତ ଅନୁଯାୟୀ ଉକ୍ତ ଧାନରୁ ଚାଉଳ ପ୍ରସ୍ତୁତ କରିବା ପରେ ସରକାରଙ୍କ ଯୋଗାଣ ବିଭାଗ ପକ୍ଷରୁ ନିଯୁକ୍ତ ବିଭିନ୍ନ ଗୋଦାମ ଗୃହରେ ଉକ୍ତ ଚାଉଳକୁ ଗ୍ରହଣ କରାଯାଇ ପୁଣି ଏହାକୁ ହିତାଧିକାରୀ ଏବଂ ମଧ୍ୟାହ୍ନ ଭୋଜନ ପାଇଁ ବିଭିନ୍ନ ଡିଲର, ବିଦ୍ୟାଳୟ ଏବଂ ସରକାରୀ ରନ୍ଧନ କେନ୍ଦ୍ରକୁ ପଠାଯାଇଥାଏ। କିନ୍ତୁ କୋରାପୁଟ ଜିଲ୍ଲାରେ ରହିଥିବା ବିଭିନ୍ନ ଚାଉଳ ଗ୍ରହଣ ଗୋଦାମ ଗୁଡିକର ଦାୟୀତ୍ୱରେ ରହିଥିବା ପ୍ରକ୍ୟୁରମେଣ୍ଟ ନିରୀକ୍ଷକଙ୍କ ମନମାନୀ ଏବଂ ଅନିୟମତା କାର୍ଯ୍ୟ ବୃଦ୍ଧି ପାଇଛି। ଏହି ଚାଉଳ ଗ୍ରହଣ କେନ୍ଦ୍ର ବର୍ତ୍ତମାନ ଦୁର୍ନିତୀର କେନ୍ଦ୍ର ପାଲଟିଛି। କେନ୍ଦ୍ର ଗୁଡିକରେ ପ୍ରଶାସନ ଏବଂ ଭିଜିଲାନ୍ସ ବିଭାଗ ଦୃଷ୍ଟି ଦେଇ ଚଢ଼ଉ କରାଯାଇ ଯାଞ୍ଚ କରାଗଲେ ବଡ଼ଧରଣର ର୍‌ୟାକେଟ୍‌ର ପର୍ଦ୍ଦାଫାଶ ହେବ। ଜୟପୁର ଗାଗନାପୁର ସ୍ଥିତ ଚାଉଳ ଗ୍ରହଣ କେନ୍ଦ୍ରରେ ଆଜି ଦାୟୀତ୍ୱରେ ରହିଥିବା ପ୍ରକ୍ୟୁରମେଣ୍ଟ ନିରୀକ୍ଷକ(ପିଆଇ)ଙ୍କ ଅନୁପସ୍ଥିତିରେ ଗୋଦାମରୁ ଗଚ୍ଛିତ ସରକାରୀ ଚାଉଳ ଲୋଡିଂ କରାଯାଇ ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ଯାଉଥିଲା। ସେଠାରେ ଉପସ୍ଥିତ ଥିବା ଜଣେ ଘରୋଇ ସଂସ୍ଥାର କର୍ମଚାରୀଙ୍କୁ ପଚାରିବାରୁ ପିଆଇ ବାହାରକୁ ଯାଇଛନ୍ତି ବୋଲି କହିଥିଲେ। ନିଜେ ଫୋନ ମାଧ୍ୟମରେ କଥା ହୋଇଥିଲେ। ଅନ୍ୟ ପକ୍ଷରେ ଜଣେ ଘରୋଇ ସଂସ୍ଥାର ନିଯୁକ୍ତ କର୍ମଚାରୀଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇ ଅନୁପସ୍ଥିତିକୁ ନେଇ ସରକାରୀ କାର୍ଯ୍ୟରେ ଦାୟିତ୍ୱହୀନତାର ପରିଚୟ ଦେଇଛନ୍ତି। ଚାଉଳ ଗୋଦାମରେ ବ୍ୟାପକ ଅନିୟମିତତା ହେଉଥିବା ବେଳେ ମିଲର୍ସଙ୍କ ପକ୍ଷରୁ କଷ୍ଟମ୍ ମିଲ ଚାଉଳ ଗୋଦାମକୁ ପ୍ରଦାନ ବେଳେ ସେମାନଙ୍କ ଠାରୁ ଜୋର ଜବରଦସ୍ତ ପ୍ରତ୍ୟେକ ଲଟ୍ (୨୯୦ କ୍ୱିଣ୍ଟାଲ) ଚାଉଳ ଗୋଦାମକୁ ପ୍ରଦାନ କରାଯାଉଛି। ଉନ୍ନତମାନର ଚାଉଳ ପ୍ରଦାନ କରିଥିଲେ ସୁଦ୍ଧା ଲଟ୍ ପିଛା ୮୫୦୦ ଟଙ୍କା ଜୋରଜବରଦସ୍ତ ଗୋଦାମ ଦାୟିତ୍ୱରେ ରହିଥିବା ଅଧିକାରୀଙ୍କ ଦ୍ୱାରା ଆଦାୟ କରାଯାଉଛି। ଟ୍ରକ୍‌ରେ ଆସିଥିବା ଚାଉଳ ଅନ୍‌ଲୋଡିଂ ଗୋଦାମର ଦାୟିତ୍ୱରେ ରହିଥିଲେ ସୁଦ୍ଧା ଏହାକୁ ମିଲ୍ ମାଲିକ ମାନଙ୍କ ଠାରୁ ଆଦାୟ କରାଯାଉଛି ଏବଂ ପରବର୍ତ୍ତୀ ଅବସ୍ଥାରେ ଏହାକୁ ବେଆଇନ ଭାବେ ବିଲ୍ କରାଯାଇ ଉକ୍ତ ସରକାରୀ ଟଙ୍କାକୁ ଗୋଦାମ ଦାୟୀତ୍ୱରେ ରହିଥିବା ଅଧିକାରୀ ଏବଂ ଅନ୍ୟମାନେ ଆତ୍ମସାତ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଏହିପରି କିଛି ସମୟରେ ବିଭିନ୍ନ ଆଳ ଦେଖାଇ ୮୫୦୦ ଟଙ୍କା ବଦଳରେ ଅଧିକ ୧ ହଜାରରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ଗୋଦାମ ମାଲିକ ଦାବି କରିବା ସହ ଜୋରଜବରଦସ୍ତ ନେଉଥିବା ନେଇ କିଛି ମିଲ ମାଲିକ କହିଛନ୍ତି। ଏଥିନେଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ତଥା ରାଜ୍ୟ ଖାଦ୍ୟ ନିଗମର ଜିଲ୍ଲା ମ୍ୟାନେଜର ମାନସ ରଞ୍ଜନ ମହାପାତ୍ରଙ୍କୁ ପଚାରିବାରୁ ସେ ନୂତନ ଭାବେ କାର୍ଯରେ ଯୋଗଦେଇଥିବା ଯୋଗୁଁ ଏହି ବିଷୟରେ ତାଙ୍କ ନିକଟରେ କୌଣସି ସୂଚନା ନଥିବା କହିଛନ୍ତି। ପ୍ରକ୍ୟୁରମେଣ୍ଟ ଅଧିକାରୀ କେଉଁ କାରଣରୁ ଅନୁପସ୍ଥିତ ରହିଥିଲେ ଏହା ପଚାରି ବୁଝିବା ପରେ ସୂଚନା ଦେବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଗୋଦାମ ଦାୟିତ୍ୱରେ ରହିଥିବା ପିଆଇ ନିର୍ମଳ କୁମାର ମଣ୍ଡଳ କହିଛନ୍ତି ଯେ, ଆଜି ମେଡିକାଲ କାର୍ଯ୍ୟରେ ରହିଥିବା ଯୋଗୁଁ କିଛି ସମୟ ପାଇଁ ଅନୁପସ୍ଥିତ ରହିଥିଲେ। ଗତ ୨୦ ତାରିଖରେ ସେ ଏହି ଗୋଦାମର ଦାୟିତ୍ୱ ଗ୍ରହଣ କରିଛନ୍ତି ଏବଂ କିଛି ଦିନ ପରେ ବିଭିନ୍ନ ସମସ୍ୟାର ସମାଧାନ ହୋଇଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଜିଲ୍ଲାରେ ୯୦ରୁ ଅଧିକ ମିଲ ରହିଥିବା ବେଳେ ବାର୍ଷିକ ୨୮ ଲକ୍ଷରୁ ଅଧିକ କ୍ୱିଣ୍ଟାଲ ଧାନ କ୍ରୟ ହେଉଥିବା ବେଳେ ଏହାକୁ ଚାଉଳ ପ୍ରସ୍ତୁତ କରାଯାଇ ପ୍ରାୟ ୧୯ ଲକ୍ଷ କ୍ୱିଣ୍ଟାଲ ଚାଉଳ ଜିଲ୍ଲାର ବିଭିନ୍ନ ଚାଉଳ ଗ୍ରହଣ କେନ୍ଦ୍ର (ଆରଆରସି) ରେ ଗ୍ରହଣ କରାଯାଉଛି। ପ୍ରାୟ ୫ ହଜାର ୮ଶହ ଲଟ୍ ଚାଉଳ ବୋଝେଇ କରାଯାଇ ଆରଆରସିକୁ ପ୍ରଦାନ କରାଯାଉଛି। ପ୍ରତ୍ୟେକ ଲଟ୍ ପିଛା ୮ ହଜାର ୫ ଶହ ଟଙ୍କା ମିଲ ମାଲିକଙ୍କ ଠାରୁ ଆଦାୟ କରାଯାଉଥିବା ବେଳେ ବାର୍ଷିକ ୪କୋଟିରୁ ଅଧିକ ଟଙ୍କାର ବେଆଇନ ଆଦାୟ ଓ ଦୁର୍ନୀତି କରାଯାଉଥିବା ଅଭିଯୋଗ ହୋଇଛି।

> ➤ ବିନା ପ୍ରକ୍ୟୁରମେଣ୍ଟ ନିରୀକ୍ଷକଙ୍କ ଉପସ୍ଥିତିରେ ଚାଉଳ ପ୍ରଦାନ
> ➤ ମିଲ ମାଲିକଙ୍କ ଠାରୁ ଆଦାୟ ହେଉଛି ଟଙ୍କା

# ମିନି ମାରାଥନ ପ୍ରତିଯୋଗିତା



କୋଟପାଡ଼, ୨୯।୮ (ସମିସ):

ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଏକ ମିନି ମାରାଥନ ପ୍ରତିଯୋଗିତା ହୋଇଯାଇଛି। କୋଟପାଡ଼ ଏନ୍‌ଏସି କାର୍ଯ୍ୟାଳୟରୁ ବାହାରି ବାମନଦେଇ ମନ୍ଦିରରେ ସମାପ୍ତ ହୋଇଥିଲା। ଏହି ମାରାଥନର ମୁଖ୍ୟ ବିଷୟ ବସ୍ତୁ ଥିଲା ପଲିଥିନ ଓ ପ୍ଲାଷ୍ଟିକ ମୁକ୍ତ କୋଟପାଡ଼ ଏନ୍‌ଏସି। ପ୍ରାୟ ୨୫୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସବୁ ବର୍ଗର ସାନଠୁ ବଡ଼ ଯାଏଁ ପ୍ରତିଯୋଗୀଙ୍କୁ ଦେଖିବାକୁ ମିଳିଥିଲା। ଏହି ଆୟୋଜନ କୋଟପାଡ଼ ଏନ୍‌ଏସି ପାଇଁ ପ୍ରଥମ ଥିଲା। ନୂତନ ଇଓ କପିଳେଶ ମହାନ୍ତ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ନଗରପାଳ ଶଙ୍କର ରାଓ, ୱାର୍ଡ ମେମ୍ବର, ଏନ୍‌ଏସି କର୍ମଚାରୀ ପ୍ରମୁଖ ଏଥିରେ ବହୁ ଲୋକ ସାମିଲ ହୋଇଥିଲେ।

## ରାଷ୍ଟ୍ରୀୟ କ୍ରୀଡ଼ା ଦିବସରେ ଦୌଡି ଟଣା କ୍ରୀଡ଼ା



ଜୟପୁର,୨୯।୮(ସମିସ): ରାଷ୍ଟ୍ରୀୟ କ୍ରୀଡ଼ା ଦିବସ ଅବସରରେ ଆଜି ଜୟପୁର ଉପଖଣ୍ଡ କ୍ରୀଡା ସଂସଦ ପକ୍ଷରୁ ଆୟୋଜିତ ଦୌଡି ଟଣା (ଟାଗ ଅଫ୍ ୱାର) ବନ୍ଧୁତ୍ୱପୂର୍ଣ୍ଣ ଖେଳରେ ଜୟପୁର ସାମ୍ବାଦିକ ଏବଂ ଦଶହରା ପଡିଆ ପ୍ରାତଃ ଭ୍ରମଣ ଦଳ ମଧ୍ୟରେ ଅପରାହ୍ନ ୪ଟା ସମୟରେ ଅନୁଷ୍ଠିତ ହେଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଖେଳାଳି ବାଲା ରାୟ, ସମ୍ମାନିତ ଅତିଥି ଭାବେ କ୍ରୀଡା ସଂସଦ କୋଷାଧ୍ୟକ୍ଷ ସଞ୍ଜୟ କୁମାର ଜୈନ ଯୋଗ ଦେଇଥିଲେ। ଏହି ଖେଳଟି ତିନି ଥର ଅନୁଷ୍ଠିତ ହୋଇଥିଲା। ପ୍ରଥମ ଖେଳରେ ସାମ୍ବାଦିକ ଦଳ ବିଜେତା ହୋଇଥିବା ବେଳେ ଅନ୍ୟ ୨ଟି ଖେଳରେ ପ୍ରାତଃ ଭ୍ରମଣ ଦଳ ବିଜୟ ଲାଭ କରିବା ସହ ବିଜେତା , ପୁରସ୍କାର ଏବଂ ଉପବିଜେତା ଭାବେ ସାମ୍ବାଦିକ ଦଳକୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଖେଳର ଆୟୋଜନ ଜୟପୁର ଉପଖଣ୍ଡ କ୍ରୀଡ଼ା ସଂସଦ ସମ୍ପାଦକ ରବି ନାୟକ କରିଥିଲେ।

## ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ ଫୁଟବଲ୍ ମ୍ୟାଚ



ନବରଙ୍ଗପୁର,୨୯।୮(ସମିସ): ସ୍ଥାନୀୟ ଷ୍ଟାଡିୟମ ପରିସରରେ ଜିଲ୍ଲା କ୍ରୀଡା ସଂଘ ଆନୁକୂଲ୍ୟରେ କ୍ରୀଡ଼ା ଦିବସ ଅବସରରେ କ୍ରୀଡା ସଂଘର ସଂପାଦକ ପ୍ରହଲ୍ଲାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ବୈଠକରେ ଜିଲ୍ଲାର ପ୍ରାକ୍ତନ କ୍ରୀଡ଼ାବିତ୍ ଯୋଗ ଦେଇଥିଲେ। ଉକ୍ତ ସଭାରେ ଜିଲ୍ଲାର ବରିଷ୍ଠ ପ୍ରାକ୍ତନ କ୍ରୀଡାବିତ୍ ନଗେନ୍ଦ୍ର ପଟ୍ଟନାୟକ, ବିପିନ୍ ଗନ୍ତାୟତ, ଚିତ୍ତରଞ୍ଜନ ପଟ୍ଟନାୟକ ଏବଂ ପ୍ରଶାନ୍ତ ବେହେରା ପମୁଖଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ଫୁଟବଲ୍ କ୍ରୀଡ଼ାବିତ୍ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ଖେଳ ଅନୁଷ୍ଠିତ ହୋଇଥିଲା। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ କ୍ରୀଡ଼ା ସଂଘର ଉପ ସଭାପତି ଏମ. ବାଲା କୃଷ୍ଣ ରାଓ, ଏଥେଲେଟିକ ସମ୍ପାଦକ ଜିତେନ୍ଦ୍ର ପରିଛା, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, କ୍ରିକେଟ୍ ସମ୍ପାଦକ ଅଶୋକ ନାୟକ, ବରିଷ୍ଠ ସଦସ୍ୟ ଶଶାଙ୍କ ଶେଖର ବେହେରାଙ୍କ ସମେତ ଜିଲ୍ଲାର ଅନେକ ବରିଷ୍ଠ ଏବଂ କନିଷ୍ଠ କ୍ରୀଡାବିତ୍ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ




କୋରାପୁଟ,୨୯।୮(ସମିସ): ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମ ଠାରେ ୪ର୍ଥ ଜିଲ୍ଲା ସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। କୋରାପୁଟ ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଆସୋସିଏସନ ଦ୍ୱାରା ଆୟୋଜିତ ପ୍ରତିଯୋଗୀତାରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏସ୍‌ପି ରୋହିତ ବର୍ମା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସବ୍ ଜୁନିୟର, ଜୁନିୟର, ସିନିୟର ଓ ଭେଟେରାନ ବର୍ଗରେ ପ୍ରତିଯୋଗିତା ଆୟୋଜନ କରାଯାଉଥିବା ବେଳେ ୧୫୫ ଜଣ ପ୍ରତିଯୋଗୀ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିବା ସଭାପତି ମୋତିରଞ୍ଜନ ବେହେରା କହିଛନ୍ତି। ଏହି ପ୍ରତିଯୋଗୀତାର ଫାଇନାଲ ମ୍ୟାଚ ୩୧ ତାରିଖରେ ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି। କୋରାପୁଟ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସମ୍ପାଦକ ଶୈଳେନ୍ଦ୍ର ଚୋଧୁରୀ ଯୋଗଦେଇ ପରିଚାଳନା କରିଥିବା ବେଳେ ସନ୍ତୋଷ ବେବର୍ତ୍ତା, ଗିରିଶ ବେହେରା, ମାଧବ ରଥ, ଗୌରୀ ଶଙ୍କର ଜେନା, ବସନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

### ଟ୍ରାକ୍ଟର ଓ କମାଣ୍ଡରରେ ଯାଇ ଗାଁରୁ ତଡ଼ିବା ଉଦ୍ୟମ ବିଫଳ

# ଭୟରେ ରହୁଛନ୍ତି ଦୁଇ ପରିବାର

ବନ୍ଧୁଗାଁ,୨୯।୮(ସମିସ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କାପୁଲୋଡା ପଞ୍ଚାୟତ ମାଣିକିବାଲସା ଗ୍ରାମରେ ଆଜି ଦୁଇ ଖଣ୍ଡ ଗ୍ରାମବାସୀ ମିଳିତ ହୋଇ ଟ୍ରାକ୍ଟର ଓ କମାଣ୍ଡରରେ ଯାଇ ଦୁଇ ଜଣ ପରିବାରଙ୍କୁ ଗାଁରୁ ତଡ଼ିଦେବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ପହଞ୍ଚିବାରୁ ତାହା ବିଫଳ ହୋଇଛି। ସୂଚନା ଅନୁଯାୟୀ ଦୀର୍ଘ ଦୁଇ ବର୍ଷ ତଳେ ଗ୍ରାମର ନାଗେଶ ହିମିରିକା ଓ ସିଙ୍ଗାନା ହିମରିକା ଧର୍ମ ପରିବର୍ତ୍ତନ କରିଥିଲେ। ଧର୍ମ ପରିବର୍ତ୍ତନ କରିବାକୁ ନେଇ ଗ୍ରାମବାସୀ ସେମାନଙ୍କୁ ଅନେକ ଥର ଗାଁ ଛାଡ଼ି ଚାଲିଯିବା, କିଏ ମୃତ୍ୟୁବରଣ କଲେ କବର ପାଇଁ ଜାଗା ନ ଦେବା ଓ ଚାଷ ଜମି ଛାଡ଼ି ଦେବା ସହ ଘର ଭାଙ୍ଗି ଦେବାର ଭୟ ଦେଖାଇ ଆସୁଥିଲେ। ପୁଣି ଧର୍ମ ନ ଛାଡ଼ିଲେ ପରମ୍ପରା ଅନୁଯାୟୀ ଥିବା ପୂଜାକୁ ଷାଠିଏ ହଜାରରୁ ଅଧିକ ଟଙ୍କା ଦେବାକୁ ନିଷ୍ପତି ନେଇଥିଲେ। ଏହି ଦୁଇ ପରିବାର ଗ୍ରାମବାସୀଙ୍କ ନିଷ୍ପତିକୁ ନ ମାନି ନିଜ ଜମିରେ ଚାଷ ବାସ ଓ ଗଛପତ୍ର ଲଗାଇ ଗାଁରୁ କିଛି ଦୂରରେ ଥିବା ଜମିରେ ସେମାନେ ରହି ଆସୁଥିଲେ। ଦୁଇ ସପ୍ତାହ ତଳେ ନାଗେଶ ହିମିରିକାଙ୍କ ଘରୁ ୭ଟି ଗାଇ ଓ ଦୁଇଟି ଛେଳି ଗ୍ରାମବାସୀ ନେଇ ଆସି ଗାଁରେ ରଖିଥିଲେ। ଦୁଇ ଦିନ ତଳେ ନାଗେଶ ଗାଁକୁ ଯାଇ ଗାଈ ଗୁଡିକ ନେଇ ଆସିଥିଲେ। ପରିବାରର ବାପା ଧର୍ମ ପରିବର୍ତ୍ତନ କରି ନଥିବା ବେଳେ ସ୍ତ୍ରୀ, ଦୁଇ ପୁଅ, ବଡ ଭଉଣୀ ଧର୍ମ ପରିବର୍ତ୍ତନ କରିଛନ୍ତି। ବର୍ତ୍ତମାନ ବାପା ରୋଗାକ୍ରାନ୍ତ ହୋଇ ଥିବାରୁ ତାଙ୍କୁ ସ୍ତ୍ରୀ ଓ ପୁଅ ମାନେ ଚିକିତ୍ସା ନ କରିବାରୁ ଜମିରେ ରହୁଥିବା କୁଡ଼ିଆ ଘର ଛାଡ଼ି ଗାଁରେ ନିଜ ପୁତୁରାଙ୍କ ଠାରେ ଯାଇ ରହୁଛନ୍ତି। ଏହାକୁ ନେଇ ଆଜି ଦୁଇ ଖଣ୍ଡ ଗ୍ରାମବାସୀ ସକାଳ ଆଠଟା ବେଳେ ଟ୍ରାକ୍ଟର ଓ କମାଣ୍ଡରରେ ନାଗେଶ ହିମିରିକା ଘରକୁ ଯାଇ ଘରର ଧାନ, ଚାଉଳ, ମାଣ୍ଡିଆ, ଖଟ, ପୋଷାକ, ରୁଶେଇ ସାମଗ୍ରୀ ଇତ୍ୟାଦି ଟ୍ରାକ୍ଟରରେ ଆଣି ରଖି ଦ୍ୱିତୀୟ ବ୍ୟକ୍ତିଙ୍କ ଘରକୁ ଫେରି ଆସୁଥିଲେ। ସ୍ଥାନୀୟ ପୁଲିସ ଥାନା ଆଇଆଇସି ପ୍ରସନ୍ନ କୁମାର ମିଶ୍ର କୌଣସି ସୂତ୍ରରୁ ଖବର ପାଇ ସଙ୍ଗେ ସଙ୍ଗେ ନିଜ ପୁଲିସ କର୍ମଚାରୀଙ୍କ ସହିତ ଗାଁରେ ପହଞ୍ଚି ଅପରାହ୍ନ ଦୁଇଟା ପର୍ଯ୍ୟନ୍ତ ବୁଝାସୁଝା କରି ଟ୍ରାକ୍ଟରରୁ ସମସ୍ତ ସାମଗ୍ରୀ ଓହ୍ଲାଇ ଫେରାଇ ଦେଇଛନ୍ତି। ଥାନା ଆଇଆଇସି ଓ ସ୍ଥାନୀୟ ସରପଞ୍ଚ ମେଲେକା ଆକାମା ଓ ଆଇନଜୀବୀ କମେଶ୍ୱର ରତ୍ନାଲୁଙ୍କ ଉପସ୍ଥିତିରେ ଅଳ୍ପ ଦିନ ଭିତରେ ଗ୍ରାମବାସୀଙ୍କୁ ଥାନାକୁ ଡ଼ାକି ଶାନ୍ତିପୂର୍ଣ୍ଣ ଭାବରେ ସମାଧାନ କରିବା ପାଇଁ ଜଣାଇଛନ୍ତି। ବର୍ତ୍ତମାନ ସୁଦ୍ଧା ଅଷ୍ଟାମଡ଼ା ଗାଁ ସମସ୍ୟା ସମାଧାନ ହୋଇ ନଥିବା ବେଳେ ୪ ପରିବାର ଗାଁରୁ ତଡ଼ା ଖାଇ ବହୁ କଷ୍ଟରେ ଲୋକଙ୍କ ପିଣ୍ଡାରେ ରହି ଆସୁଛନ୍ତି।



## ସ୍କୁଲରୁ ମଧ୍ୟାହ୍ନଭୋଜନ ଚାଉଳ ଚୋରି

ବୈପାରିଗୁଡ଼ା,୨୯।୮(ସମିସ): ବୈପାରିଗୁଡା ବ୍ଲକ ଚେରକା ପଞ୍ଚାୟତର ସିନ୍ଧିଗାଁ ସ୍ଥିତ ପ୍ରାଥମିକ ବିଦ୍ୟାଳୟରୁ ମଧ୍ୟାହ୍ନଭୋଜନ ଚାଉଳ ଚୋରି ଅଭିଯୋଗ ହୋଇଛି। ଏନେଇ ରାମଗିରି ଫାଣ୍ଡିରେ ଏତଲା ଦେଇଛନ୍ତି ବିଦ୍ୟାଳୟର ପ୍ରଧାନ ଶିକ୍ଷକ। ଅଭିଯୋଗ ଅନୁଯାୟୀ, ଆଜି ଗଣେଶଙ୍କ ମୂର୍ତ୍ତି ବିସର୍ଜନ ନିମନ୍ତେ ସିନ୍ଧିଗାଁ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରିନାଥ ହରିଜନ ସକାଳୁ ବିଦ୍ୟାଳୟରେ ପହଞ୍ଚିଥିଲେ। ବିଦ୍ୟାଳୟର ଅଫିସ ରୁମର ତାଲା ଭଙ୍ଗା ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲେ। ଅଫିସ ରୁମ୍ ଭିତରେ ଯାଇ ଦେଖିବା ବେଳକୁ ସେଠାରେ ଚାଉଳ ବସ୍ତା ଗୁଡ଼ିକ ନଥିବା ଜାଣିପାରିଥିଲେ। ତୁରନ୍ତ ବିଦ୍ୟାଳୟରେ ରୋଷେଇ ଦାୟିତ୍ୱରେ ଥିବା ପାଚିକା ଏବଂ ପାଚିକା ସହାୟିକାଙ୍କୁ ବିଦ୍ୟାଳୟକୁ ଡକେଇ ଚାଉଳ ବସ୍ତା କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଥିଲେ। ପାଚିକା ମାନେ ଚାଉଳ ବିଷୟରେ କିଛି ଜାଣିନଥିବା କହିଥିଲେ। ତାଲା ଭଙ୍ଗା ଅବସ୍ଥାରେ ଥିବାରୁ ଚୋରି ହୋଇଥିବା ଜାଣିପାରିଥିଲେ ଶିକ୍ଷକ ଶ୍ରୀ ହରିଜନ। ଅଫିସ ରୁମକୁ ଆଉଥରେ ଭଲଭାବରେ ଦେଖିବା ପରେ ଚାଉଳ ବ୍ୟତୀତ ଅନ୍ୟ କୌଣସି ସାମଗ୍ରୀ ଚୋରି ହେଇନଥିବା ଜାଣିପାରିଥିଲେ। ପାଚିକାଙ୍କ କହିବା ଅନୁସାରେ ୪ ବସ୍ତା ୨୦ କିଲୋ ଚାଉଳ ରଖାଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ହରିଜନ ରାମଗିରି ପୁଲିସକୁ ଜଣାଇବା ପରେ ପୋଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## କୋର୍ଟ ନିର୍ଦ୍ଦେଶକୁ ଅବମାନନା ଅଭିଯୋଗ

କୁନ୍ଦୁରା, ୨୯।୮(ସମିସ): କୁନ୍ଦୁରା ବ୍ଲକ ସଦର ପଞ୍ଚାୟତ ରାଇ କୁନ୍ଦୁରା ଗାଁର ନିତ୍ୟାନନ୍ଦ ପ୍ରଧାନୀଙ୍କୁ ମିଳିପାରୁନାହିଁ ଜମିପଟ୍ଟା। ତହସିଲ କାର୍ଯ୍ୟାଳୟରେ ଅଟକି ରହିଛି ପ୍ରକ୍ରିୟା। ତହସିଲଦାର କୋର୍ଟ ନିର୍ଦ୍ଦେଶକୁ ମାନୁ ନାହାନ୍ତି ବୋଲି ଅଭିଯୋଗ ଆଣିଲେ କୁନ୍ଦୁରା ନିବାସୀ ନିତ୍ୟାନନ୍ଦ ପ୍ରଧାନୀ। ପିତୃ ଅର୍ଜିତ ଜମି ଭାଗବଣ୍ଟା ଓ ପଟ୍ଟା ପାଇବାକୁ କୋର୍ଟର ଦ୍ୱାରସ୍ଥ ହୋଇଥିଲେ ନିତ୍ୟାନନ୍ଦ। ସୂଚନା ପ୍ରକାରେ ନିତ୍ୟାନନ୍ଦଙ୍କ ପାଞ୍ଚ ଭାଇ ଅଛନ୍ତି। ତାଙ୍କ ଜେଜେ ମା' ରାହାସ ପ୍ରଧାନୀଙ୍କ ନାମରେ କୁନ୍ଦୁରା ମୌଜାର ଖାତା ନମ୍ବର ୭୩୧/୬୨୮ ଓ ୫୫୮ ରେ ଚଉଦ ଏକରରୁ ଉର୍ଦ୍ଧ ପଟ୍ଟା ଜମି ରହିଅଛି। ଉକ୍ତ ଜମିକୁ ଭାଗବଣ୍ଟା କରି ନିଜ ନିଜ ନାମରେ ପଟ୍ଟା କରାଗଲେ ନିତ୍ୟାନନ୍ଦ ତାଙ୍କ ଭାଗରୁ କିଛି ଜମି ବିକ୍ରି କରି ଘର ଖଣ୍ଡେ କରିବେ ବୋଲି ଭାଗବଣ୍ଟା ଓ ପଟ୍ଟା କରିବାକୁ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଅଦାଲତର କେସ୍ ନଂ ସି ଏସ୍୧୪୦/୨୦୨୪ ଅନୁସାରେ ଅଦାଲତ ସମସ୍ତଙ୍କୁ କୋର୍ଟରେ ହାଜର ହେବାକୁ ନୋଟିସ୍ କରିଥିଲେ। ନୋଟିସ ଅନୁସାରେ ସମସ୍ତେ କୋର୍ଟରେ ଉପସ୍ଥିତ ରହି କେସ୍ ନ ଲଢ଼ି ଆପୋଷ ବୁଝାମଣାରେ ଭାଗବଣ୍ଟା କରିବେ ବୋଲି ଅଦାଲତରେ ଲିଖିତ ରାଜିନାମା କରିଥିଲେ। ରାଜିନାମା ଅନୁସାରେ ପାଞ୍ଚ ଭାଇ ଭାଗବଣ୍ଟା କରି କୋର୍ଟରେ ଲିଖିତ ପତ୍ର ଦାଖଲ କରିଛନ୍ତି। ଉକ୍ତ ଲିଖିତ ପତ୍ର ଗ୍ରହଣ କରି ଗତ ୧୨ ଡିସେମ୍ବର ୨୦୨୪ରେ ଜୟପୁର ସିଭିଲ କୋର୍ଟ ବିଚାରପତି ଫାଇନାଲ୍ ଡିଗ୍ରୀ କଲେ। ସେହି ଫାଇନାଲ୍ ଡିଗ୍ରୀ ପରେ କୋର୍ଟର ସମସ୍ତ ପ୍ରମାଣ ପତ୍ର ସ୍ଥାନୀୟ ତହସିଲଦାର ବିନୋଦ କୁମାର ନାଏକଙ୍କ ନିକଟରେ ଦାଖଲ କରି ମ୍ୟୁଟେସନ କେସ୍ ମାଧ୍ୟମରେ ପଟ୍ଟା କରିବାକୁ ଦରଖାସ୍ତ ଦେଇ ଅନୁରୋଧ କରିଥିଲେ ନିତ୍ୟାନନ୍ଦ। କିନ୍ତୁ ତହସିଲଦାର ଏନେଇ କୌଣସି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ଗତ ୪ ତାରିଖରେ କୁନ୍ଦୁରାରେ ହୋଇଥିବା ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣିରେ ଲିଖିତ ଅଭିଯୋଗ କରିଥିଲେ ସେ। ନିତ୍ୟାନନ୍ଦଙ୍କ ପାଇଁ ଆଇନ ସହାୟତା କରୁଥିବା ଆଇନଜୀବୀ ପ୍ରକାଶ ଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରୁ ନିତ୍ୟାନନ୍ଦ କୋର୍ଟର ଦ୍ୱାରସ୍ଥ ହେବା ପରେ ପାଞ୍ଚ ଭାଇ ବୁଝାମଣା ହୋଇ ଜମି ଭାଗବଣ୍ଟା କରିନେଲେ। ତାହା ଲିଖିତ ଭାବେ କୋର୍ଟକୁ ଦାଖଲ କରିଛନ୍ତି। ଏହା ପରେ କୋର୍ଟ ଡିଗ୍ରୀ ଦେଇ ଜମି ପଟ୍ଟା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଦାଦନ ଖଟିବାକୁ ଯାଇ ୨ ଶ୍ରମିକ ନିଖୋଜ






ଟିକିରି,୨୯।୮(ସମିସ): ପେଟପାଟଣା ପାଇଁ ଭିଟାମାଟି ଛାଡି ସୁଦୂର ଆନ୍ଧ୍ରପ୍ରଦେଶର ଆନକାପିଲିର ଏକ କେମିକାଲ କମ୍ପାନୀରେ କାମ କରିବାକୁ ଯାଇ ୨ ଦାଦନ ଶ୍ରମିକ ନିଖୋଜ ଅଛନ୍ତି। ଏଭଳି ଅଭିଯୋଗ ଆସିଛି ରାୟଗଡା ଜିଲ୍ଲା କାଶିପୁର ବ୍ଲକ ଟିକିରିଥାନା ପଞ୍ଚାୟତ ଅନ୍ତର୍ଗତ ଥୁଟିବର ଗ୍ରାମରୁ। ଗ୍ରାମର ଗୋବିନ୍ଦ ମାଝୀଙ୍କ ପୁଅ ରୁନା ମାଝୀ(୨୫), ଅଭି ଖୋଡିଆ, ଗୋରଖପୁର ଗ୍ରାମର ନାଭିମାଝୀ, ପିତାଯୋଡି ଗ୍ରାମର ତସିଲ ମାଝୀ (୨୪) ଓ ଦୋରାଗୁଡା ଥାନା ଅନ୍ତର୍ଗତ ଡିମୁଣ୍ଡ ଗ୍ରାମର ଭାସ୍କର ଖୋଡିଆ ଆନ୍ଧ୍ରପ୍ରଦେଶ ଆନକାପିଲିର ଏକ କେମିକାଲ କମ୍ପାନୀରେ ଚଳିତ ମାସ ୨୧ ତାରିଖ ଦିନ କାମ କରିବାକୁ ଯାଇଥିଲେ। କିଛିଦିନ ସେହି କମ୍ପାନୀରେ କାମ କରିବା ପରେ ରାସାୟନିକ ପ୍ରତିକ୍ରିୟା ଫଳରେ ମୁଣ୍ଡ ବୁଲାଇବା ସହ ପାଗଳ ଭଳି ହେବା ଫଳରେ ଟ୍ରେନ ଯୋଗେ ଘରକୁ ପଳାଇ ଆସିବା ସମୟରେ ଆନକାପିଲି ଷ୍ଟେସନରେ ରୁନା ମାଝୀ ଓ ରାୟଗଡା ଷ୍ଟେସନରେ ତସିଲ ମାଝୀ ଓହ୍ଲାଇ କେଉଁଆଡେ ଚାଲି ଯାଇଥିଲେ। ସାଙ୍ଗରେ ଯାଇଥିବା ଅନ୍ୟ ମାନେ ଫେରିଆସି ପରିବାର ଲୋକେଙ୍କୁ ଜଣାଇବା ପରେ ଶୁକ୍ରବାର ଟିକିରି ଥାନାରେ ଅଭିଯୋଗ ହୋଇଛି। କାଶିପୁର ବ୍ଲକରେ ଦାଦନଶ୍ରମିକଙ୍କ କ୍ଷେତ୍ରରେ ବାରମ୍ବାର ଏପରି ଘଟୁଥିଲେ ମଧ ଶ୍ରମ ବିଭାଗର ଚେତାପଶୁନି। ୩ ବର୍ଷ ପୂର୍ବରୁ ଟିକିରି ଥାନା ଶଙ୍କରଡା ଗ୍ରାମର ୩ ଜଣ ଦାଦନ ଶ୍ରମିକନିଖୋଜ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ସେମାନଙ୍କର ପତ୍ତା ମିଳିନି। ୨ବର୍ଷ ପୂର୍ବେ ମକାପଦର ଗ୍ରାମର ମଧ ୨ ଜଣ ଦାଦନଶ୍ରମିକ ଏହି କେମିକାଲ କମ୍ପାନୀରେ କାମ କରିବାକୁ ଯାଇ ରାୟଗଡା ରେଳ ଷ୍ଟେସନରେ ଅଚେତ ଅବସ୍ଥାରେ ରେଳବାଇ ପୁଲିସ ଉଦ୍ଧାର କରିବା ପରେ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ୨ଜଣଙ୍କର ମୃତ୍ୟୁ ଘଟିଥିଲା।

## ହୋଟେଲ ପୂଜାଭେଜ୍‌ରେ ଅଗ୍ନିକାଣ୍ଡ



ନବରଙ୍ଗପୁର:୨୯।୮(ସମିସ): ନବରଙ୍ଗପୁର ସହର କେଉଟ ସାହି ତଥା ମାଁ ଭଣ୍ଡାର ଘରଣୀ ମନ୍ଦିର ପଛପାଖ କେଉଟ ସାହିରେ ଥିବା ପୂଜା ଭେଜ୍ ହୋଟେଲରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଓ ଆସବାବପତ୍ର ନଷ୍ଟ ହୋଇଛି। ଶୁକ୍ରବାର ହୋଟେଲ ବନ୍ଦ ରହିଥିଲା। ରାତି ପାଖାପାଖି ୯ଟାରେ ହୋଟେଲରେ ନିଆଁ ଲାଗିଥିବା ଖବର ଜଣେ କର୍ମଚାରୀଙ୍କୁ ସ୍ଥାନୀୟ ଲୋକେ କହିଥିଲେ। ସେ ଆସି ଦେଖିବା ବେଳକୁ ନିଆଁ ଲାଗିଥିବାରୁ ତାଲା ଖୋଲି ସିଲିଣ୍ଡର ଗୁଡ଼ିକର ରେଗୁଲେଟର ବନ୍ଦ କରିଥିଲେ। ଏହି ସମୟରେ ନବରଙ୍ଗପୁର ସହର ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥ ତଥା ସହର ମୁଖ୍ୟ ରାସ୍ତାରେ କାର୍ଯ୍ୟରତ ଗୃହରକ୍ଷୀ ଏ. ମହେଶ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଥାନା, ଅଗ୍ନିଶମ ବିଭାଗ ଓ ବିଦ୍ୟୁତ୍ ବିଭାଗକୁ ମଧ ଜଣାଇବାରୁ ସଙ୍ଗେ ସଙ୍ଗେ ବିଦ୍ୟୁତ୍ ବନ୍ଦ କରାଯାଇଥିଲା। ସହରର ଯୁବ ସମାଜସେବୀ ସୁବାସ ସାମନ୍ତରାୟ ନିଆଁ ଲାଗିଥିବା ସ୍ଥାନକୁ କାହାରିକୁ ଯିବାକୁ ମନା କରିବା ସହିତ ରାସ୍ତାରେ ଗାଡି ମଟର ଚଳାଚଳକୁ ଅଟକାଇ ଥିଲେ। ନିଆଁ ଲାଗିବା ଦ୍ୱାରା ବିଭିନ୍ନ ସାମଗ୍ରୀ ଫାଟିବା ଆରମ୍ଭ ହେଉଥିଲା। କିଛି ସମୟ ମଧ୍ୟରେ ଅଗ୍ନିଶମ ଦମକଳ ଗାଡି ଆସି ପହଞ୍ଚି ନିଆଁ ଆୟତ କରିଥିଲା। ଗୃହରକ୍ଷୀ ମହେଶ ଦମକଳ ବାହିନୀ ସହିତ ଉପସ୍ଥିତ ରହି ନିଆଁ ଆୟତ କରିବାରେ ସହଯୋଗ କରିଥିଲେ। ପୂଜା ଭେଜ ହୋଟେଲ ଉପର ମହଲାରେ ପୂର୍ବରୁ ଏକ କପଡା ଦୋକାନ ରହିଥିଲା। ତାହା କିଛି ବର୍ଷ ହେବ ତାହା ବନ୍ଦ ରହିଥିଲା। ତେବେ ହୋଟେଲ ଓ ଉପର ମହଲାରେ ଲାଗିଥିବା କବାଟ ଗୁଡିକ ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଛି। ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ନବରଙ୍ଗପୁର ଆଦର୍ଶ ଥାନା ଅଧିକାରୀ ସମ୍ବିତ କୁମାର ବେହେରା ଓ ଏସ୍‌ଆଇ ଏବଂ ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ଘଟଣାର ଅଧିକ ଅନୁଧ୍ୟାନ କରୁଥିବା ଜଣାପଡିଛି।

## ଘଣ୍ଟା ସୋ'ରୁମ୍‌ରୁ ଶିକ୍ଷକଙ୍କର ୩ ଲକ୍ଷ ଟଙ୍କା ଲୁଟ୍



ଜୟପୁର,୨୯।୮(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ମହାତ୍ମା ଗାନ୍ଧୀ ରୋଡଠାରେ ରହିଥିବା ଅରୁଣା ୱାଚ୍ ହାଉସ୍ ସୋରୁମ ଭିତରୁ ଜଣେ ପ୍ରଧାନଶିକ୍ଷକଙ୍କ ଟଙ୍କା ରହିଥିବା ବ୍ୟାଗକୁ ଦୁଇ ଲୁଟେରା ଲୁଟ କରି ନେଇଯାଇଛନ୍ତି। ପ୍ରଧାନଶିକ୍ଷକ ବିନୟ କୁମାର ପରିଡାଙ୍କ ଟାଉନଥାନରେ ଏତଲାକୁ ଭିତ୍ତି କରାଯାଇ ଘଟଣାସ୍ଥଳରେ ପୁଲିସ ଦଳ ପହଞ୍ଚି ତଦନ୍ତ ସିସି ଟିଭିକୁ ଦେଖି ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନା ଅନୁଯାୟୀ. ଆଜି ଅପରାହ୍ନ ସାଢେ ୨ଟା ସମୟରେ ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ବ୍ୟାଙ୍କରୁ କୁନ୍ଦୁରା ବ୍ଲକ ଘୁମର ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ପରିଡା ୩ ଲକ୍ଷ ୨୬ ହଜାର ଟଙ୍କା ଉଠାଣ କରିବା ପରେ ନିଜର ହାତଘଣ୍ଟା ମରାମତି ନିମନ୍ତେ ଏମ୍‌ଜି ରୋଡରେ ଥିବା ଏକ ଘଣ୍ଟା ଦୋକାନରେ ପହଞ୍ଚିଥିଲେ। ସେ ଘଣ୍ଟା ଦେଖୁଥିବା ବେଳେ ବ୍ୟାଙ୍କରୁ ତାଙ୍କୁ ପିଛା କରୁଥିବା ଦୁଇ ଲୁଟେରା ଉକ୍ତ ଘଣ୍ଟା ସୋ'ରୁମକୁ ଆସି ବିଭିନ୍ନ ଘଣ୍ଟା ଦେଖିବା ବାହାନାରେ ପ୍ରବେଶ କରିଥିଲେ। ଦୁଇଟି ବ୍ୟାଗ ପାଶ୍ୱର୍ରେ ରଖି ପ୍ରଧାନଶିକ୍ଷକ ଘଣ୍ଟା ଦେଖୁଥିବା ବେଳେ ଦୁଇ ଅଭିଯୁକ୍ତ ଏହାର ସୁଯୋଗ ନେଇ ଜଣେ ଅଭିଯୁକ୍ତ ଟଙ୍କା ବ୍ୟାଗ ଉଠାଇ ଚମ୍ପଟ ମାରିଥିବା ବେଳେ ଅନ୍ୟ ଜଣେ ଲୁଟେରା ତାଙ୍କ ପଛରେ ବାହାରକୁ ବାହାରିଯାଇ ବାଇକ୍ ଯୋଗେ ଚମ୍ପଟ ମାରିଥିଲେ। ଅନ୍ୟ ଏକ ବାଇକରେ ଲୁଟେରାଙ୍କ ଅନ୍ୟ ଦୁଇ ସହଯୋଗୀ ରହିଥିବା ନେଇ ସନ୍ଦେହ କରାଯାଉଛି। ପୁଲିସ ଦୋକାନର ସିସି ଟିଭି ସମେତ ସହରର ସମସ୍ତ ପ୍ରବେଶ ପଥରେ ରହିଥିବା ସିସି ଟିଭି ଏବଂ ଆଖାପଖ ଦୋକାନ ଓ ବ୍ୟାଙ୍କର ସିସି ଟିଭି ଯାଞ୍ଚ କରିବା ସହ ଲୁଟେରା ମାନଙ୍କୁ ଚିହ୍ନଟ କରୁଛନ୍ତି। ସୁନାବେଡା ଏସଡିପିଓ ସୁମିତ୍ରା ଜେନାଙ୍କ ନେତୃତ୍ୱରେ ସୁନେବେଡା ଓ ସିମିଳିଗୁଡା ଅଞ୍ଚଳରେ ମଧ୍ୟ ବାଇକ୍ ଓ ଗାଡି ଯାଞ୍ଚ କଡାକଡି କରାଯାଇଛି। ପ୍ରଧାନଶିକ୍ଷକ ଜଣକ ବେପରୁଆ ଭାବେ ଏକ ଜରି ବ୍ୟାଗରେ ଏତେ ଟଙ୍କା ରଖିବା ସହ ହାତରେ ଧରିବା ବଦଳରେ ପାଶ୍ୱର୍ରେ ରଖିବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

> ସିସି ଟିଭିରେ କଏଦ ଦୁଇ ଲୁଟେରା
> ଜିଲ୍ଲା ପୁଲିସ ତତ୍ପରତା

## ବର୍ଷାରେ ଧୋଇଗଲା ଦଳେଇପୁଟ-ସଲପା ରାସ୍ତା



ଜୟପୁର,୨୯।୮(ସମିସ): କୋରାପୁଟ ଜିଲ୍ଲା ଜୟପୁର ବ୍ଲକର କାଳିଆ ଗାଁ ଗ୍ରାମପଞ୍ଚାୟତର ଦଳେଇପୁଟ ଏବଂ ବଡଜିଉନା ଗ୍ରାମପଞ୍ଚାୟତର ସଲପା ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ମଙ୍ଗଳବାର ରାତିରେ ପ୍ରବଳ ବର୍ଷାରେ ଧୋଇ ହୋଇଯାଇଛି। ଫଳରେ ସଲପା ଗ୍ରାମଠାରୁ ପଡେଇକେଲା, ଭାଜିଗୁଡା, ପୂଜାରୀଗୁଡା, ଏବଂ ଅନ୍ୟାନ୍ୟ ୨ରୁ ୩ଟି ଗ୍ରାମକୁ ୪ଚକିଆ ଯାନ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି। ପ୍ରବଳ ବର୍ଷାରେ ଜମିରେ ଜଳ ପ୍ରବାହିତ ପରେ ପ୍ରାୟ ସାଢେ ୫ ମିଟର ଓସାରିଆ ରାସ୍ତାର ୩ ମିଟରୁ ଓସାରରେ ଧୋଇଯାଇଛି। ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା। ବିଭାଗକୁ ସୂଚନା ମିଳିବା ପରେ ଗ୍ରାମ୍ୟ ଉନ୍ନୟନ ବିଭର ନିର୍ବାହୀ ଯନ୍ତ୍ରୀ ଦେବାଶିଷ ମଣ୍ଡଳଙ୍କ ନିର୍ଦ୍ଦେଶକ୍ରମେ କନିଷ୍ଠ ଯନ୍ତ୍ରୀ ଶଶୀକାନ୍ତ ପାଣ୍ଡେ ବର୍ଷା ସତ୍ତ୍ୱେ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଦୁଇ ଏବଂ ୩ ଚକିଆ ଗାଡି ଯାତାୟାତ ବ୍ୟବସ୍ଥା କରିଥିବା ବେଳେ ବିପଦସଙ୍କୁଳ ନେଇ ଖୁଣ୍ଟ ଲଗାଇ ରେଡିୟମ ଫିତା ବାନ୍ଧି ଥିଲେ। ଉକ୍ତ ରାସ୍ତା ଦେଇ ଜୟପୁର ଫାମ୍ପୁଣି, ଘାଟବାଗରା, କାଳିଆ ଗାଁ, ଦଳେଇପୁଟ ଅଞ୍ଚଳର ଲୋକମାନେ ସଲପା ଦେଇ କୋଟପାଡ ବ୍ଲକରୁ ଯାତାୟାତ କରିବାରୁ ସୁବିଧା ହେଉଥିବା ବେଳେ ଏହାର ମରାମତି ଓ ନିର୍ମାଣ ନେଇ ଗ୍ରାମବାସୀମାନେ ଦାବି କରିଛନ୍ତି। ଉକ୍ତ ରାସ୍ତା ପାଶ୍ୱର୍ ଦେଇ ଜଳଯୋଗାଣ ବିଭାଗ ପକ୍ଷରୁ ପାଇପ୍ ଲାଇନ ବିଛା ଯାଇଥିବା ବେଳେ ଏହାକୁ ଉପଯୁକ୍ତ ସିମେଣ୍ଟ କଂକ୍ରିଟ ଦିଆଯାଇନଥିବା ଯୋଗୁଁ ପାଇପ୍ ଲାଇନର ପାଶ୍ୱର୍ ଗାତ ହୋଇ ଘାଇ ସୃଷ୍ଟି ହୋଇଥିବା ଯୋଗୁଁ ଏହି ସମସ୍ୟା ସୃଷ୍ଟି ହୋଇଥିବା ଗ୍ରାମବାସୀ ଅଭିଯୋଗି କରିଛନ୍ତି। ଏହି ରାସ୍ତାରେ ଉପର ପାଶ୍ୱର୍ରେ ଏକ କଲଭର୍ଟ ନିର୍ମାଣ କରାଯାଇ ରାସ୍ତାକୁ ଅତିଶୀଘ୍ର ନିର୍ମାଣ କରାଯିବ ବୋଲି କନିଷ୍ଠ ଯନ୍ତ୍ରୀ ଶ୍ରୀ ପାଣ୍ଡେ ସୂଚନା ଦେଇଛନ୍ତି।

## ପ୍ରେସ କ୍ଲବ୍ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳନ



ନନ୍ଦପୁର,୨୯।୮ (ସମିସ): ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନକୁ ସାରା ଦେଶ ଜାତୀୟ କ୍ରୀଡା ଦିବସ ଭାବେ ପାଳନ କରୁଛି। ଶୁକ୍ରବାର ନନ୍ଦପୁର ପ୍ରେସ କ୍ଲବ୍ ପକ୍ଷରୁ ମଧ ଜାତୀୟ କ୍ରୀଡା ଦିବସ ପାଳନ କରାଯାଇଥିଲା। ବରିଷ୍ଠ ନେତା ଗୋପାଳକୃଷ୍ଣ ବେବର୍ତ୍ତାଙ୍କ ସଭାପତିତ୍ୱ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବକ୍ସିଂ କୁଇନ୍ ତଥା ନନ୍ଦପୁର ଥାନା ଅଧିକାରୀ ମମତା କୁମାରୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି, ଅଧ୍ୟାପକ ନରେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ମହାନ ଖେଳାଳି ସ୍ୱର୍ଗତ ଧ୍ୟାନଚାନ୍ଦଙ୍କ ସ୍ମୃତି ଚାରଣ କରିବା ସହ ନନ୍ଦପୁର ବ୍ଲକ୍‌ର ପ୍ରାୟ ୩୦ଜଣ ବରିଷ୍ଠ ଓ ଯୁବ ପ୍ରତିଭାବାନ ଖେଳାଳିଙ୍କ ମନୋବଳ ଦୃଢ କରି ତାଙ୍କ ଖେଳାଳି ଜୀବନର ଉତ୍ତରୋତ୍ତର କାମନା କରି ଅତିଥି ମାନଙ୍କ ଦ୍ୱାରା ଆଇଆଇସି ମମତା କୁମାରୀ ପଣ୍ଡାଙ୍କ ସମେତ ୨୫ ଜଣ ଖେଳାଳିଙ୍କୁ ସମ୍ମାନପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ମୁନା ପଣ୍ଡା, ଶଶୀ ନାୟାର, ଅବସରପ୍ରାପ୍ତ ଶିକ୍ଷକ ଶଙ୍କର ପଣ୍ଡା, ବିପିନ ମହାନ୍ତି, ସୀମାଞ୍ଚଳ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରେସ କ୍ଲବ୍ ସଭାପତି ତ୍ରିନାଥ ଖରା ପରିଚାଳନା କରିଥିବା ବେଳେ କାର୍ଯ୍ୟ କାରୀ ସଭାପତି ଦୁର୍ଗା ପ୍ରସାଦ ପାଡି, ସମ୍ପାଦକ ରମେଶ ଅଧିକାରୀ, ମନୋଜ ମୁଦୁଲି, ହୀରନ୍ୟ ବିଶୋଇ, ଶଙ୍କର ପାଙ୍ଗି, ସାମୁଏଲ ଦଳପତି ପ୍ରମୁଖ ସହଯୋଗ କରିଥିବା ବେଳେ ଉପ ସଭାପତି ବିମଳ ରାଓ ଧନ୍ୟବାଦ ଅର୍ପଣ କରିଥିଲେ

ସକାଳ THE SAKALA



www.sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୫ ● ପାଉଣ୍ଡ ୧୧୯.୮୨
- ୟୁରୋ ୧୦୩.୦୨ ● ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୪,୭୦୦ (ଭୁବନେଶ୍ୱର)
- ରୁପା : ୧,୨୨,୭୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୯,୮୦୯.୦୦
- ନିଫ୍ଟି ୨୪,୪୨୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଟ୍ରମ୍ପ୍ ଟାରିଫ୍‌ରେ ୫୨ ଲକ୍ଷ କୋଟି କ୍ଷତି

ନୂଆଦିଲ୍ଲୀ,୨୯।୮ (ଏଜେନ୍ସି)

**ଜେଫ୍‌ରିଜ୍ ରିପୋର୍ଟ**




ଆମେରିକା ଦ୍ୱାରା ଭାରତ ଉପରେ ଲାଗୁ କରାଯାଇଥିବା ଭାରୀ ଶୁଳ୍କ ଏବେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ବଡ଼ ଫାଟ ସୃଷ୍ଟି କରିଛି। ଏହି ୫୦ ପ୍ରତିଶତ ବାଣିଜ୍ୟ ଶୁଳ୍କ ଯୋଗୁଁ ଭାରତ ୫୨ ଲକ୍ଷ କୋଟି ପର୍ଯ୍ୟନ୍ତ କ୍ଷତି ସହିପାରେ। ଏ ନେଇ ବ୍ରୋକରେଜ୍ ସଂସ୍ଥା ଜେଫ୍‌ରିଜ୍ ପକ୍ଷରୁ ଦାବି କରାଯାଇଛି। ସଂସ୍ଥା ଆହୁରିମଧ୍ୟ କହିଛି ଯେ, **ଭାରତ ଉପରେ ବ୍ୟକ୍ତିଗତ ରୋଷ ରଖି ଟ୍ରମ୍ପ ଏପରି ନିଷ୍ପତ୍ତି ନେଇଛନ୍ତି।**

ଜେଫ୍‌ରିଜ୍ ଇକ୍ୱିଟି ଷ୍ଟ୍ରାଟେଜି ଗ୍ଲୋବାଲ୍ ମୁଖ୍ୟ କ୍ରିଷ୍ଟୋଫର ଉଡ୍ ତାଙ୍କ ସାପ୍ତାହିକ ନ୍ୟୁଜଲେଟର ‹ଗ୍ରିଡ୍ ଆଣ୍ଡ ଫିୟର›ରେ କହିଛନ୍ତି ଯେ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଲାଗୁ କରାଯାଇଥିବା ୫୦% ଶୁଳ୍କ ଭାରତର ଅର୍ଥନୀତିକୁ ୫୫-୬୦ ବିଲିୟନ ଡଲାରର ଝଟକା ଦେବ। ଉଡ୍ କହିଛନ୍ତି ଯେ ଏହାର ପ୍ରଭାବରେ ଯେଉଁ କ୍ଷେତ୍ରଗୁଡ଼ିକ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବ ସେମାନଙ୍କ ମଧ୍ୟରେ ବୟନଶିଳ୍ପ, ରତ୍ନ ଓ ଅଳଙ୍କାର ଏବଂ ଫୁଟୱେର ଭଳି ଅନ୍ୟାନ୍ୟ ଅନେକ ଶିଳ୍ପ ଅନ୍ତର୍ଭୁକ୍ତ। ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇବା ପରେ ନିଜ ଦେଶରେ ହିଁ ଶରବ୍ୟର ଶିକାର ହୋଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଆମେରିକାର ନେତା, ଗଣମାଧ୍ୟମ ଓ ବିଶେଷଜ୍ଞମାନେ ଟ୍ରମ୍ପଙ୍କୁ ସମାଲୋଚନା କରିଛନ୍ତି। ଭାରତ ଉପରେ ବ୍ୟକ୍ତିଗତ ରାଗ ରଖି ଟ୍ରମ୍ପ ଏପରି ନିଷ୍ପତ୍ତି ନେଇଛନ୍ତି ବୋଲି ଆମେରିକାର ଆର୍ଥିକ ସେବା ପ୍ରଦାନକାରୀ କମ୍ପାନୀ ଜେଫ୍‌ରିଜ୍ କହିଛି। ଆମେରିକା ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ସ୍ୱାର୍ଥ ଏହି ଉଚ୍ଚା ଟାରିଫର କାରଣ। ପାକିସ୍ତାନ ଯୁଦ୍ଧରେ ଟ୍ରମ୍ପଙ୍କ ମଧ୍ୟସ୍ଥତାକୁ ଅସ୍ୱୀକାର କରିବାରୁ ବ୍ୟକ୍ତିଗତ ରାଗ ରଖି ଟ୍ରମ୍ପ ଏହି ଉଚ୍ଚା ଶୁଳ୍କ ଲଗାଇଛନ୍ତି। ସୂଚନା ଯୋଗ୍ୟ ଯେ, ଆମେରିକା ଭାରତ ଉପରେ ସର୍ବାଧିକ ୫୦ ପ୍ରତିଶତ ଶୁଳ୍କ ଲଗାଇଛି। ପୂର୍ବରୁ ଟ୍ରମ୍ପ୍ ୨୫ ପ୍ରତିଶତ ଶୁଳ୍କ ଘୋଷଣା କରିଥିଲେ। ଅଗଷ୍ଟ ୨୭ ରୁ ଆଉ ୨୫ ପ୍ରତିଶତ ଲାଗୁ ହୋଇଛି। ଫଳରେ ଭାରତ ଉପରେ ମୋଟ ୫୦ ପ୍ରତିଶତ ଶୁଳ୍କ କାର୍ଯ୍ୟକାରୀ ହୋଇଛି। ତୃତୀୟ ପକ୍ଷର ମଧ୍ୟସ୍ଥତାକୁ ଭାରତ ସବୁବେଳେ ବିରୋଧ କରିଆସିଛି। ବିଶେଷକରି କାଶ୍ମୀରକୁ ନେଇ ପାକିସ୍ତାନ ସହ ଥିବା ଦୀର୍ଘଦିନର ବିବାଦରେ ମଧ୍ୟସ୍ଥତାକୁ ଭାରତ ଅସ୍ୱୀକାର କରୁଛି। ଭାରତର ସ୍ଥିତି ବିଷୟରେ ଭଲ ଭାବରେ ଅବଗତ ଥିବା ସତ୍ତ୍ୱେ ରାଜନୈତିକ ନାଟକରେ ମାହିର ଟ୍ରମ୍ପ୍ କହିଥିଲେ ଯେ ସେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏକ «ପରମାଣୁ ଯୁଦ୍ଧ»କୁ ରୋକିଛନ୍ତି। ଟ୍ରେଡ୍ ଭୟ ଦେଖାଇ ସେ ଯୁଦ୍ଧ ବନ୍ଦ କରିଦେଇଛନ୍ତି ବୋଲି ଟ୍ରମ୍ପ ଦାବି କରି ଆସୁଥିବା ବେଳେ ଭାରତ ଟ୍ରମ୍ପଙ୍କ ଦାବିକୁ ସବୁବେଳେ ଅସ୍ୱୀକାର କରି ଆସୁଛି। ଏହା ପୂର୍ବରୁ ବର୍ଷେ ତଳେ ଟ୍ରମ୍ପ କାଶ୍ମୀର ସମସ୍ୟାରେ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇଥିଲେ। ଭାରତ ସେତେବେଳେ ବି ମନା କରିଥିଲା।

> ବ୍ୟକ୍ତିଗତ ରାଗ ପାଇଁ ଭାରତ ଉପରେ ଟ୍ରମ୍ପ୍ ଲଗାଇଛନ୍ତି ଉଚ୍ଚା ଶୁଳ୍କ

ଏହି ଶୁଳ୍କ ଏପରି ସମୟରେ ଲାଗୁ କରାଯାଇଥିଲା ଯେତେବେଳେ ଭାରତ ଏବଂ ଆମେରିକା ଏକ ପ୍ରମୁଖ ବାଣିଜ୍ୟ ଚୁକ୍ତିକୁ ଚୂଡ଼ାନ୍ତ କରିବାକୁ ନିକଟତର ହୋଇଥିଲେ। ଅନେକ ପ୍ରସଙ୍ଗରେ ଦୁଇ ଦେଶ ମଧ୍ୟରେ ଏକ ଅଚଳାବସ୍ଥା ଥିଲା। କୃଷି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଥିଲା। ଉଡ୍ ଭାରତର ପକ୍ଷ ନେଇଥିଲେ କହିଥିଲେ ଯେ କୌଣସି ସରକାର କୃଷି କ୍ଷେତ୍ରକୁ ବିଦେଶୀ ଆମଦାନୀ ପାଇଁ ଖୋଲିବେ ନାହିଁ କାରଣ ଏହା ଗରିବ ଚାଷୀମାନଙ୍କୁ ପ୍ରଭାବିତ କରିବ। ଭାରତରେ, କୃଷି କ୍ଷେତ୍ର ସହ ପ୍ରାୟ ୨୫ କୋଟି ଚାଷୀ ଜଡିତ ଏବଂ ଶ୍ରମିକଙ୍କ ପାଇଁ ଏହା ହେଉଛି ପ୍ରମୁଖ ଆୟର ଉତ୍ସ। ଭାରତର ପ୍ରାୟ ୪୦ ପ୍ରତିଶତ କର୍ମଶକ୍ତି କେବଳ କୃଷିରୁ ନିଯୁକ୍ତି ପାଇଥାନ୍ତି।

# ଆମେରିକା କୁକୁର ଖାଉଛନ୍ତି ନେପାଳୀ ପନୀର

ୱାଶିଂଟନ୍, ୨୯।୮ (ଏଜେନ୍ସି): ଗୋଟିଏ ପଟେ ଆମେରିକା ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଛି, ଅନ୍ୟପଟେ ଭାରତର ପଡ଼ୋଶୀ ଦେଶ ନେପାଳ ଉପରେ କେବଳ ୧୦ ପ୍ରତିଶତ ଶୁଳ୍କ ଲାଗୁ ହୋଇଛି। ନେପାଳ ସହିତ ଆମେରିକାର ବାଣିଜ୍ୟ ପ୍ରାୟ ୧ ପ୍ରତିଶତ। ତଥାପି, ଗତ କିଛି ବର୍ଷ ମଧ୍ୟରେ ଏହା ବହୁତ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଆମେରିକା ନେପାଳକୁ ଅନେକ ଅତ୍ୟାବଶ୍ୟକୀୟ ଜିନିଷ ରପ୍ତାନି କରେ, କିନ୍ତୁ

**ଲାଗିନି ଟାରିଫ୍**



ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଆମେରିକା ତାର କୁକୁରମାନଙ୍କ ପାଇଁ ନେପାଳରୁ 'ନେପାଳୀ ପନିର' ଆମଦାନୀ କରେ। ଯାହାକୁ ନେପାଳରେ 'ଚୁର୍ପି' କୁହାଯାଏ। ଚୁର୍ପିକୁ ବିଶ୍ୱର ସବୁଠାରୁ କଠିନ ପନିର ବୋଲି ବିବେଚନା କରାଯାଏ। ଏହା ନେପାଳର ପାହାଡିଆ ଅଞ୍ଚଳରେ ତିଆରି କରାଯାଏ। ଏହାକୁ ତିଆରି କରିବା ପାଇଁ ୟାକ କ୍ଷୀର ବ୍ୟବହାର କରାଯାଏ। ବିଦେଶରେ ଚୁର୍ପିକୁ କୁକୁର ଖାଦ୍ୟ ଭାବରେ ବ୍ୟବହାର କରାଯାଏ। ଏହାକୁ କୁକୁରମାନେ ଚୋବାଇବା ପାଇଁ ବ୍ୟବହାର କରନ୍ତି। ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ ଏବଂ କୁକୁରମାନେ ଏଥିରୁ ପ୍ରୋଟିନ୍ ଏବଂ କ୍ୟାଲସିୟମ୍ ସହିତ ଅନ୍ୟାନ୍ୟ ଅନେକ ଆବଶ୍ୟକୀୟ ଉପାଦାନ ପାଇଥାନ୍ତି। ଗତ ୫ ବର୍ଷ ମଧ୍ୟରେ, ନେପାଳୀ ଛୁର୍ପି (ପନିର) ରପ୍ତାନି ଦ୍ୱିଗୁଣିତ ହୋଇଛି। ଆମେରିକାରେ, ଏହାକୁ 'ହିମାଳୀୟ ଡଗ୍ ଚୋ' ଭାବରେ ଜଣାଶୁଣା ଏବଂ ଏହାର ଚାହିଦା ନିରନ୍ତର ବୃଦ୍ଧି ପାଉଛି। ଆକର୍ଷଣୀୟ କଥା ହେଉଛି ଯେ ଆମେରିକା ଛୁର୍ପି ଆମଦାନୀ ଉପରେ କୌଣସି ଶୁଳ୍କ କିମ୍ବା ସୀମା ଲାଗୁ କରେ ନାହିଁ। ତଥ୍ୟ ଅନୁଯାୟୀ, ଗତ ପାଞ୍ଚ ବର୍ଷ ମଧ୍ୟରେ ପ୍ରତିବର୍ଷ ଛୁର୍ପି ଆମଦାନୀ ୧୦୧୧% ହାରରେ ବୃଦ୍ଧି ପାଇଛି।

# ପାୱାରଗ୍ରୀଡ୍‌ର ୩୬ତମ ବାର୍ଷିକ ସାଧାରଣ ବୈଠକ




ନୂଆଦିଲ୍ଲୀ,୨୯।୮: ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅଧୀନସ୍ଥ ମହାରତ୍ନ କମ୍ପାନୀ ପାୱାର ଡିଷ୍ଟ୍ରିବ୍ୟୁସନ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ (ପାୱାରଗ୍ରୀଡ୍)ର ୩୬ତମ ବାର୍ଷିକ ସାଧାରଣ ବୈଠକ ଭର୍ଚୁଆଲ୍ ମୋଡ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପାୱାରଗ୍ରୀଡ୍‌ର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ତ୍ୟାଗୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ରବିଶଙ୍କର ଗଣେସନ, ନିର୍ଦ୍ଦେଶକ (ଅର୍ଥ) ଏବଂ ମୁଖ୍ୟ ଆର୍ଥିକ ଅଧିକାରୀ, ଡକ୍ଟର ଯତିନ୍ଦ୍ର ଦ୍ୱିବେଦୀ, ନିର୍ଦ୍ଦେଶକ (କାର୍ମିକ), ନବୀନ ଶ୍ରୀବାସ୍ତବ, ନିର୍ଦ୍ଦେଶକ (ଅପରେସନ୍), ଭାମସି ରାମମୋହନ ବୁରା, ନିର୍ଦ୍ଦେଶକ (ପ୍ରକଳ୍ପ), ଡକ୍ଟର ସାଇବାବା ଦରବାମୁଲା, ସରକାରୀ ମନୋନୀତ ନିର୍ଦ୍ଦେଶକ, ଅଭୟ ବାକ୍ରେ, ସ୍ୱାଧୀନ ନିର୍ଦ୍ଦେଶକ ଶିବ ତାପିଆ ପାସୱାନ, ସ୍ୱାଧୀନ ନିର୍ଦ୍ଦେଶକ ରୋହିତ ଭାସୱାନୀ ଏବଂ ସ୍ୱାଧୀନ ନିର୍ଦ୍ଦେଶକ ସଜଳ ଝା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ରାଷ୍ଟ୍ରପତିଙ୍କ ପ୍ରତିନିଧି ଏବଂ ଅଂଶଧନଧାରୀମାନେ ବୈଠକରେ ଯୋଗଦେଇଥିଲେ।

# ଆୟକର ଭବନରେ ଯୌନ ନିର୍ଯାତନା ନିରାକରଣ କାର୍ଯ୍ୟକ୍ରମ



କଟକ,୨୯।୮ (ସମିସ): ଆୟକର ବିଭାଗର ଆୟକର କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ କଟକର ଆୟକର ଭବନସ୍ଥିତ କାର୍ଯ୍ୟାଳୟରେ "କାର୍ଯ୍ୟସ୍ଥଳୀରେ ହେଉଥିବା ଯୌନ ନିର୍ଯ୍ୟାତନା" ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକର ସମୀକ୍ଷା ଓ ତଦାରଖ ନେଇ ଗଠିତ ଆଭ୍ୟନ୍ତରୀଣ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କମିଟିର ସଦସ୍ୟମାନେ ଯଥା ଏଡିଆଇଟି ଲକ୍ଷ୍ମୀପ୍ରିୟା ଉପାଧ୍ୟାୟ , ସରସ୍ୱତୀ ଶିଶୁ ମନ୍ଦିରର ଅଧ୍ୟକ୍ଷ ନନ୍ଦିତା ପଣ୍ଡା, ପ୍ରଶାସନିକ ଅଧିକାରୀ ରଶ୍ମିତା ଜେନା, ଏଡି ପ୍ରୀତିମଞ୍ଜରୀ ମହାନ୍ତି, ଆଇନଜୀବୀ ଶ୍ୱେତା ଦାଶ, ସାମାଜିକ କର୍ମୀ ସଞ୍ଜୁକ୍ତା ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆୟକର ଆୟୁକ୍ତ ସରୋଜ କୁମାର ମହାପାତ୍ର ଏହି ଅବସରରେ ଉପରୋକ୍ତ ସଦସ୍ୟାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ପ୍ରଧାନ ଆୟକର ଆୟୁକ୍ତ ଶ୍ରୀ ମହାପାତ୍ର ବକ୍ତବ୍ୟ ପ୍ରଦାନ କରି ପୋସ୍କୋ ଆକ୍ଟ ୨୦୧୩ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ବୈଠକକୁ ଆୟକର ମୁଖ୍ୟ ଅଧିକାରୀ କ୍ଷୀତିଶ କୁମାର ମହାନ୍ତି ପରିଚାଳନା କରିଥିଲେ। କାର୍ଯ୍ୟାଳୟର ସମସ୍ତ ଅଧିକାରୀମାନେ ଯୋଗଦେଇଥିଲେ।

**ବିକଶିତ ଓଡ଼ିଶା ସମ୍ମିଳନୀ**

# '୨୦୩୬ ସୁଦ୍ଧା ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ'

ଭୁବନେଶ୍ୱର,୨୯।୮ (ସମିସ)




୨୦୩୬ ସୁଦ୍ଧା ଆମେ ଏକ ସମୃଦ୍ଧ ଓଡିଶା ଓ ବିକଶିତ ଓଡିଶା ଗଠନ ପାଇଁ ଲକ୍ଷ୍ୟ ରଖିଛୁ। ଏଥି ସହିତ ଦେଶର ସର୍ବଶ୍ରେଷ୍ଠ ପାଞ୍ଚଗୋଟି ରାଜ୍ୟ ମଧ୍ୟରେ ଓଡିଶାକୁ ସ୍ଥାନ ଦେବା ପାଇଁ ମଧ୍ୟ ଆମେ ଉଦ୍ୟମ ଜାରି ରଖିଛୁ। ଆମର ଏହି ଲକ୍ଷ୍ୟ ହାସଲ ପାଇଁ କୃଷି, ଶିଳ୍ପ ଓ ସାମାଜିକ ବିକାଶକୁ ଗ୍ରୋଥ୍ ଇଞ୍ଜିନ୍ସ ଭାବେ ନେଇ ଆମେ କାର୍ଯ୍ୟ ଆରମ୍ଭ କରିଛୁ। ଆମର ସାମଗ୍ରିକ ବିକାଶ ଆବଶ୍ୟକ। ଆହୁରି ମଧ୍ୟ ଏହି ଲକ୍ଷ୍ୟ ହାସଲ ପାଇଁ ଆମର ଖଣି ଏବଂ ଧାତୁ, କେମିକାଲ୍‌ସ-ପେଟ୍ରୋକେମିକାଲ୍‌ସ, ଆଇ.ଟି, ଷ୍ଟାର୍ଟଅପ, କୃଷି ଏବଂ ଖାଦ୍ୟ ପ୍ରକ୍ରିୟା କରଣ, ପର୍ଯ୍ୟଟନ, ଏମ୍‌ଏସ୍‌ଏମ୍‌ଇ ଆଦି କ୍ଷେତ୍ରର ବିକାଶକୁ ମଧ୍ୟ ଗୁରୁତ୍ୱ ଦେଉଛୁ। ଓଡିଶାରେ ବିକାଶ କୌଣସି ଗୋଟେ ନିର୍ଦ୍ଦିଷ୍ଟ କ୍ଷେତ୍ର ବା ବର୍ଗଙ୍କ ପାଇଁ ହେବନାହିଁ। ଏହା ହେବ ସମାବେଶୀ ବିକାଶ। ଏଥିପାଇଁ ଆମେ ଏକ ଭିଜନ ଡକୁମେଣ୍ଟ ପ୍ରସ୍ତୁତ କରିଛୁ। ସମୃଦ୍ଧ ଓଡିଶା ଗଠନ ପାଇଁ ଆମକୁ ସବୁ କ୍ଷେତ୍ରରେ ଦକ୍ଷତା ହାସଲ କରିବାକୁ ପଡିବ। ଶିକ୍ଷା, ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି କୃଷି ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଆତ୍ମନିର୍ଭର ହେବାକୁ ପଡିବ ବୋଲି ଆଇସିସି ଓ ଲଘୁ ଉଦ୍ୟୋଗ ଭାରତୀ ପକ୍ଷରୁ ବିକଶିତ ଓଡ଼ିଶା 'ଓଡିଶାର ଅଭିବୃଦ୍ଧି ଇଞ୍ଜିନକୁ ସଶକ୍ତ କରିବା' ଶୀର୍ଷକ ଏକ ଆଲୋଚନାଚକ୍ରର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ଉଦଘାଟନୀ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ କହିଲେ, ସାରା ବିଶ୍ୱରେ ଯାହା ଅଛି ତାହା ଓଡିଶାରେ ରହିଛି। ଓଡିଶାରେ ରୂପାନ୍ତରିତ କରିବାକୁ ଆମର ଦୃଢ ଇଛା ଶକ୍ତି ଆବଶ୍ୟକ। ଏଥିରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଥିଲେ ଯେ ଆମ ରାଜ୍ୟକୁ ଆସୁଥିବା ପୁଞ୍ଜିନିବେଶ କିଭଳି ବାସ୍ତବତାର ରୂପ ନେବ ତାହା ଆମର ପ୍ରଥମ ପ୍ରାଥମିକତା। ଯଦି ପାରାଦୀପରେ ନାଥା କାକର ପ୍ଲାଣ୍ଟ ହେବ ତେବେ ପେଟ୍ରୋ କେମିକାଲରେ ଆମେ ଅନେକ ଆଗକୁ ଯାଇପାରିବା। ଓଡିଶାରେ ଏମଏସଏମଇ କ୍ଷେତ୍ରରେ ପ୍ରାଥମିକତା ରହୁଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏମଏସଏମଇ ତଥା ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ , ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ।

କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ଆଇସିସି ଅଧ୍ୟକ୍ଷ ରାଜୀବ ସାହୁ କହିଲେ ଓଡିଶା ୨୦୩୬ ସୁଦ୍ଧା ବିକଶିତ ହେବା ପାଇଁ ଲକ୍ଷ୍ୟ ରହିଛି। ସରକାର ଏଥିପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିରେ ଆଇସିସି ଗୁଣ୍ଡୁଚି ମୂଷା ପରି ସାହାଯ୍ୟ କରୁଛି। ଓଡିଶାର ଅର୍ଥନୀତି ବୃଦ୍ଧି ପାଉଛି। ଏଥିରେ ଲଘୁ ଉଦ୍ୟୋଗୀ ଭାରତୀ ସଭାପତି ଗୋପାଳ ଦାସ ଅଗ୍ରୱାଲ, ଅତିରିକ୍ତ ମୁଖ୍ୟ ସଚିବ ତଥା ଇପିକଲ୍ ଅଧ୍ୟକ୍ଷ ହେମନ୍ତ ଶର୍ମା , ପ୍ରମଖ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ କୁମାର ସାହୁ ନିଜର ବକ୍ତବ୍ୟ ରଖିଥିଲେ। ଆଇସିସି ଡିଜି ଡ. ରାଜୀବ ସିଂ ଏବଂ ଆଞ୍ଚଳିକ ନିର୍ଦ୍ଦେଶକ ଜେପି ପାଲ ମଧ୍ୟ ଉପସ୍ଥିତ ଥିଲେ।

# ଝୋଟ ବସ୍ତା ଉପରେ ବ୍ୟବହାର ଶୁଳ୍କ ୪୦% ବୃଦ୍ଧି

ନୂଆଦିଲ୍ଲୀ,୨୯।୮ (ଏଜେନ୍ସି): କେନ୍ଦ୍ର ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀ ଆଜି କହିଛନ୍ତି ଯେ,କେନ୍ଦ୍ର ସରକାର ଝୋଟ ବସ୍ତା ଉପରେ ବ୍ୟବହାର ଶୁଳ୍କକୁ ପ୍ରାୟ ୪୦% ବୃଦ୍ଧି କରିଛନ୍ତି। ଖାଦ୍ୟଶସ୍ୟ କ୍ରୟ ଏବଂ ବଣ୍ଟନରେ କେନ୍ଦ୍ର-ରାଜ୍ୟ ସହଯୋଗକୁ ସୁଦୃଢ଼ କରିବା ସହିତ କ୍ରୟ କାର୍ଯ୍ୟକୁ ସୁଗମ କରିବା, ସ୍ଥାୟୀ ପ୍ୟାକେଜିଂ ଅଭ୍ୟାସକୁ ସମର୍ଥନ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଏହି ସଂଶୋଧନ ପାଇଁ କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରୁ ଅନୁରୋଧ ପାଇଥିଲେ ଯାହା ପରେ ଭାରତ ସରକାରଙ୍କ ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ ଏକ କମିଟି ଗଠନ କରିଥିଲା। ପ୍ୟାକେଜିଂ ଶୁଳ୍କର ଏକ ବ୍ୟାପକ ସମୀକ୍ଷା କରିବା ପାଇଁ ଗଠିତ ଏହି କମିଟିରେ ରାଜ୍ୟ ସରକାର, କେନ୍ଦ୍ରଶାସିତ ଅଞ୍ଚଳ ଏବଂ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ର ସଦସ୍ୟମାନେ ସାମିଲ ଥିଲେ। ଆନ୍ଧ୍ର ପ୍ରଦେଶ,ପଞ୍ଜାବ, ମଧ୍ୟପ୍ରଦେଶ, ତେଲେଙ୍ଗାନା, ଉତ୍ତର ପ୍ରଦେଶ ଏବଂ ହରିୟାଣା ରାଜ୍ୟ ସରକାରମାନେ କମିଟିକୁ ସେମାନଙ୍କର ପରାମର୍ଶ ପ୍ରଦାନ କରିଥିଲେ।

# ପ୍ରଥମ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ୭.୮%

ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି): ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଭାରତୀୟ ଅର୍ଥନୀତି ଚମତ୍କାର ପ୍ରଦର୍ଶନ କରିଛି । ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମ ତ୍ରୈମାସିକ (ଏପ୍ରିଲ୍-ଜୁନ୍)ରେ ଦେଶର ଜିଡିପି ଅଭିବୃଦ୍ଧି ହାର ୭.୮ ପ୍ରତିଶତ ରହିଛି, ଯାହାକି ଅନୁମାନଠାରୁ ବହୁ ଉପରେ ଅଛି। କେବଳ ଏତିକି ନୁହେଁ, ଗତ ୫ତ୍ରୈମାସିକରେ ଏହା ହେଉଛି, ଦେଶର ସବୁଠୁ ଅଧିକ ଜିଡିପି ଅଭିବୃଦ୍ଧି ହାର। ଜୁନ୍ ତ୍ରୈମାସରେ ଦେଶର ଅଭିବୃଦ୍ଧି ହାର ୬.୭% ରହିବା ନେଇ ଆରବିଆଇ ପୂର୍ବାନୁମାନ କରିଥିଲା। ପୂର୍ବ ବର୍ଷ ସମାନ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ହାର ୬.୫ ପ୍ରତିଶତ ରହିଥିଲା। ଆର୍ଥିକ ବର୍ଷ ୨୦୨୪-୨୫ର ଚତୁର୍ଥ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ହାର ୭.୪ ପ୍ରତିଶତ ରହିଥିଲା । ରିପୋର୍ଟ ଏହା ଦର୍ଶାଉଛି ଯେ ଆର୍ଥ ବର୍ଷ ୨୦୨୫-୨୬ ଆରମ୍ଭରେ ଭାରତୀୟ ଅର୍ଥନୀତି ଭଲ ଗତିରେ ଆଗକୁ ବଢୁଛି।

# ନଗର ରାଜଭାଷା କାର୍ଯ୍ୟକାରୀ କମିଟି ବୈଠକ



ଭୁବନେଶ୍ୱର,୨୯।୮ (ସମିସ): ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତିଙ୍କ ପୌରୋହିତ୍ୟରେ ଏବଂ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଉପନିର୍ଦ୍ଦେଶକ (କାର୍ଯ୍ୟକାରୀ) ଡ. ବିଚିତ୍ରସେନ ଗୁପ୍ତାଙ୍କ ଉପସ୍ଥିତିରେ ଭୁବନେଶ୍ୱରସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟରେ ନଗର ରାଜଭାଷା କାଯ୍ୟାନ୍ୱୟନ କମିଟି (ବ୍ୟାଙ୍କ ଓ ବୀମା) ର ୫୮ତମ ଅର୍ଦ୍ଧବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଆଇଡିବିଆଇ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ସୁଜିତ କୁମାର, ନାବାର୍ଡର ମହାପ୍ରବନ୍ଧକ ଆୟୁଷ ଶିବପୁରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସିଡିଓ ସାମଦେନ ଦୋର୍ଜି ଲାମାଙ୍କ ସମେତ ଭୁବନେଶ୍ୱରରେ ଥିବା ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ବୀମା କମ୍ପାନୀର ବରିଷ୍ଠ କାର୍ଯ୍ୟନିର୍ବାହୀ ଏବଂ ସରକାରୀ ଭାଷା ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଗତ ୬ ବର୍ଷ ମଧ୍ୟରେ ସଦସ୍ୟ ବ୍ୟାଙ୍କରେ ସରକାରୀ ଭାଷାର ପ୍ରଚାର ପ୍ରସାର ପାଇଁ ଆୟୋଜିତ ବିଭିନ୍ନ ହିନ୍ଦୀ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସଦସ୍ୟ ସଚିବ ତଥା ସହକାରୀ ମହାପ୍ରବନ୍ଧକ (ସରକାରୀ ଭାଷା) ବି ବି ଗୋପାଳ ରେଡ୍ଡୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଭାରତୀୟ ରିଜର୍ଭ ବ୍ୟାଙ୍କର ସହକାରୀ ମହାପ୍ରବନ୍ଧକ (ସରକାରୀ ଭାଷା) ବିବେକ ଯାଦବ ଧନ୍ୟବାଦ ଦେଇଥିଲେ।

# ଭାଙ୍ଗିଲା ସବୁ ରେକର୍ଡ ୧.୦୩ ଲକ୍ଷ ଟପିଲା ସୁନା ଦର

ନୂଆଦିଲ୍ଲୀ,୨୯।୮ (ଏଜେନ୍ସି)

- ଦିନକରେ ୨୧୦୦ ଟଙ୍କା ବୃଦ୍ଧି
- ୨୨ କ୍ୟାରେଟ୍ ୧୦ ଗ୍ରାମ ପିଛା ୯୪,୭୦୦ ଟଙ୍କା ଛୁଇଁଲା




ହୁ ହୁ ହୋଇ ବଢ଼ିବାରେ ଲାଗିଛି ସୁନା ଦର। ଆମେରିକା ଦ୍ୱାରା ସାରା ବିଶ୍ୱ ଉପରେ ଲାଗୁ ହୋଇଥିବା ବାଣିଜ୍ୟ ଶୁଳ୍କ ଏବଂ ବିଶ୍ୱ ବଜାରରେ ଅନିଶ୍ଚିତତା କାରଣ ଯୋଗୁ ଦୌଡୁଛି ସୁନା ବଜାର। ମୂଲ୍ୟ ବୃଦ୍ଧିରେ ଲାଗୁନି ଲଗାମ୍। ଇତିମଧ୍ୟରେ ସୁନା ମୂଲ୍ୟ ପ୍ରଥମ ଥର ପାଇଁ ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତର ୧୦ ଗ୍ରାମ ପିଛା ୧.୦୩ ଲକ୍ଷ ଟଙ୍କା ଅତିକ୍ରମ କରିଛି। ଏମିତିକି ଆଜି ଦିନକରେ ଘରୋଇ ବଜାରରେ ସୁନା ଦର ୧୦ ଗ୍ରାମ ପିଛା ୨୧୦୦ ଟଙ୍କା ବୃଦ୍ଧି ଘଟିଛି। ରାଜଧାନୀ ଭୁବନେଶ୍ୱରରେ ଆଜି ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୩,୩୧୦ ଟଙ୍କାରେ ପହଞ୍ଚିଛି। ବୈଶ୍ୱିକ ଉତ୍ତେଜନା ଏବଂ ବିବାହ ଋତୁରେ ସୁନା ଚାହିଦାରେ ବୃଦ୍ଧି ଯୋଗୁ ଏଭଳି ମୂଲ୍ୟ ବୃଦ୍ଧି ହୋଇଛି। ଆଜି ଘରୋଇ ବଜାରରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ରେକର୍ଡ ୧.୩ ଲକ୍ଷ ଟଙ୍କା ଟପିଯାଇଛି। କେଡିଆ ଆଡଭାଇଜରିର ନିର୍ଦ୍ଦେଶକ ଅଜୟ କେଡିଆ କହିଛନ୍ତି ଯେ ଆମେରିକାର ବାଣିଜ୍ୟ ଶୁଳ୍କ ଯୋଗୁଁ ଭୂ-ରାଜନୈତିକ ଉତ୍ତେଜନା ଜାରି ରହିଛି। ଏହା ସୁନା ମୂଲ୍ୟକୁ ସମର୍ଥନ କରୁଛି ଏବଂ ଏଥିଯୋଗୁ ଚାହିଦା ମଧ୍ୟ ବୃଦ୍ଧି ପାଉଛି। ଏପରି ପରିସ୍ଥିତିରେ, ସୁନା ମୂଲ୍ୟ ଚଳିତବର୍ଷ ୧୦ ଗ୍ରାମ ପିଛା ୧.୪ ଲକ୍ଷ ଟଙ୍କା ଅତିକ୍ରମ କରିପାରେ। ସେହିପରି ବଜାର ବିଶେଷଜ୍ଞଙ୍କ କହିବାନୁଯାୟୀ, ୨୦୨୫ ଶେଷ ସୁଦ୍ଧା ଏକ କିଲୋ ରୂପାର ମୂଲ୍ୟ ୧.୪୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଯାଇପାରେ। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୦୩,୩୧୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୯୪,୭୦୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୧,୦୦,୯୦୦ ଟଙ୍କା ରହିଛି।

ବଜାରରେ ସୁନା ଦର ବଢ଼ିବାର ଅନେକ କାରଣ ରହିଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଶୁଳ୍କ ନୀତି ଯୋଗୁ ବାଣିଜ୍ୟ ଯୁଦ୍ଧ ଭୟଙ୍କର ହେବାର ଆଶଙ୍କା ରହିଛି। ଫଳରେ ଅର୍ଥନୀତିର ଗତି ମନ୍ଥର ହୋଇପାରେ। ଏଥିଯୋଗୁ ବିଶ୍ୱ ମାନ୍ଦାବସ୍ଥା ଆଶଙ୍କା ବଢ଼ିଯାଇଛି। ଏଭଳି ପରିସ୍ଥିତିରେ ଲୋକେ ସୁନାରେ ନିବେଶ ବଢ଼ାଉଛନ୍ତି। ସେହିଭଳି ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା ଦ୍ୱାରା ସୁନା ମୂଲ୍ୟରେ ବୃଦ୍ଧି ଘଟୁଛି। କାରଣ ଯେତେବେଳେ ଟଙ୍କା ଦୁର୍ବଳ ହୁଏ, ସେତେବେଳେ ଆମଦାନିରେ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଚଳିତବର୍ଷ ଟଙ୍କାର ବିନିମୟ ମୂଲ୍ୟରେ ପାଖାପାଖି ୪% ହ୍ରାସ ଘଟିଛି। ଫଳରେ ସୁନା ଦର ଉପରେ ଚାପ ବୃଦ୍ଧି ପାଇଛି।

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ । ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ । ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ । ରୋଜଗାର ବୃଦ୍ଧି ହେବ । ମନ ପ୍ରସନ୍ନ ରହିବ । ଜୀବନସାଥୀଙ୍କ ସହଯୋଗ ମିଳିବ ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ । ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ । ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ । ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ । ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ । ପାରିବାରିକ ଜୀବନରେ ସୁଖଶାନ୍ତି ରହିବ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ । ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ । କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ । ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ । ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ । କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ । ଦୁର୍ଗା ଚାଳିଶା ପାଠ କରିବା ଭଲ । କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ । ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ । ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ । ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ତୁଳା:** ଦିନଟିରେ ସଫଳତା ମିଳିବ । ପୈତୃକ ବ୍ୟବସାୟରୁ ଲାଭବାନ ହେବେ । ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ । ଆର୍ଥିକ ଲାଭ ମିଳିବ । ବଚନରେ ମଧୁରତା ରକ୍ଷା କରିବେ ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ । ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ । କାମରୁ ଲାଭ ଓ ସଫଳତା ମିଳିବ । ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ । ପ୍ରେମ ସମ୍ପର୍କ ସୁଖମୟ ହେବ ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ । କୌଣସି ସମସ୍ୟାରେ ପଡ଼ିପାରନ୍ତି । ପରିଶ୍ରମ ଅନୁସାରେ ସଫଳତା ମିଳିବ । ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ ।

**ମକର:** ଧନଲାଭ ଯୋଗ ଅଛି । କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ । ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ । ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ । ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ । ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ । ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ ।

**ମୀନ:** ମାନସିକ ଶାନ୍ତି ପାଇବେ । ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ । କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ସମସ୍ତ କାମ ସହଜରେ ପୂରା କରିବେ । ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ ।

## ଆଜିର ଇତିହାସ

- ୧୫୬୯-ମୋଗଲ ସମ୍ରାଟ୍ ଜାହାଙ୍ଗୀରଙ୍କ ଜନ୍ମ ।
- ୧୮୩୫- ଅଷ୍ଟ୍ରେଲିଆର ମେଲବର୍ଣ୍ଣ ସହରର ସ୍ଥାପନା ।
- ୧୯୪୭- ଭାରତୀୟ ସମ୍ବିଧାନର ସ୍ୱରୂପ ତିଆରି କରିବା ପାଇଁ ଡା. ଭୀମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ଏକ ସମିତି ଗଠନ କରାଗଲା ।
- ୧୯୮୪- ମହାକାଶ ଯାନ 'ଡିସ୍‌କଭରି'ର ପ୍ରଥମ ଉଡ଼ାଣ ।
- ୨୦୦୩- ମୁଲାୟମ ସିଂହ ଯାଦବ ତୃତୀୟ ଥର ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ହେଲେ ।
- ୨୦୧୪- ମହାନ୍ ଐତିହାସିକ ବିପିନ୍ ଚନ୍ଦ୍ରଙ୍କ ପରଲୋକ ।

# 'ଆଲ୍‌ଫା'ରେ ହ୍ରିତିକ୍‌ଙ୍କ ଏଣ୍ଟ୍ରି



ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ତାଙ୍କ ଆଗାମୀ ଚଳଚ୍ଚିତ୍ର 'ଆଲ୍‌ଫା'ର ସୁଟିଂରେ ଏବେ ବ୍ୟସ୍ତ ଅଛନ୍ତି । ପ୍ରଥମ ଥର ପାଇଁ ଆଲିଆ ଏକ ସ୍ପାଇ ଥ୍ରିଲର୍ ଫିଲ୍ମରେ କାମ କରୁଛନ୍ତି । 'ୱାର୍ ୨' ଫିଲ୍ମର ଶେଷରେ 'ଆଲ୍‌ଫା'ର ପ୍ରଥମ ଝଲକ୍ ଦେଖିବାକୁ ମିଳିଥିଲା । ଏଥିରେ ବବି ଦେଓ୍ୱଲ ନଜର ଆସିଥିଲେ । ଏବେ 'ଆଲ୍‌ଫା'ରେ ଆଉ ଜଣେ ବଲିଉଡ୍ ସୁପରଷ୍ଟାର୍‌ଙ୍କ ଏଣ୍ଟ୍ରି ହୋଇଛି । ହ୍ରିତିକ୍ ରୋଶନ ଏଥିରେ ଅତିଥି କଳାକାର ଭାବେ ନଜର ଆସିବେ ବୋଲି ଜଣାପଡ଼ିଛି । 'ଏକ୍ ଥା ଟାଇଗର', 'ପଠାନ୍', 'ୱାର୍' ଫିଲ୍ମର ନିର୍ମାତା ଆଦିତ୍ୟ ଚୋପ୍ରା ମହିଳା କୈନ୍ଦ୍ରିକ ଗୁଇନ୍ଦା ଫିଲ୍ମ 'ଆଲ୍‌ଫା'ର ନିର୍ମାଣ କରୁଛନ୍ତି । ତେବେ ଏହି ଫିଲ୍ମ ଯଶରାଜ ବ୍ୟାନର୍‌ର ସ୍ପାଏ ୟୁନିଭର୍ସର ଅଂଶ ହୋଇଥିବାରୁ ଏଥିରେ ଏହାର ଅନ୍ୟ ଫିଲ୍ମର ହିରୋମାନେ ଅତିଥି କଳାକାର ଭାବେ ଦେଖାଯାଇ ପାରନ୍ତି ବୋଲି ଆଶା କରାଯାଉଥିଲା । ହ୍ରିତିକ୍‌ଙ୍କ ସହ ଅନ୍ୟ ଜଣେ ବଲିଉଡ୍ ଅଭିନେତାଙ୍କର ଏଣ୍ଟ୍ରି ହେବା କଥା ଶୁଣାଯାଉଥିଲେ ବି ତାଙ୍କ ନାମ ସାମ୍ନାକୁ ଆସି ନାହିଁ । ହ୍ରିତିକ୍ 'ଆଲ୍‌ଫା'ରେ ତାଙ୍କ ଅଂଶର ସୁଟିଂ ମଧ୍ୟ ସାରି ଦେଇଛନ୍ତି । ସେହିଭଳି ଫିଲ୍ମର ଦୁଇ ନାୟିକା ଆଲିଆ ଓ ଶରବରି ୱାଗ୍ ଏକ ଡ୍ୟାନ୍ସ ନମ୍ବରର ସୁଟିଂ କରିଛନ୍ତି । ଏହା ଆସନ୍ତା ୨୫ ଡିସେମ୍ବରରେ ରିଲିଜ୍ ହେବ ।

# ଅଳସୁଆଙ୍କ ଉତ୍ସବ

କଲମ୍ବିଆର ଇଟାଗୁଇ ସହରରେ ପ୍ରତିବର୍ଷ ଅଗଷ୍ଟ ମାସରେ ବିଶ୍ୱ ଆଳସ୍ୟ ଦିବସ ପାଳନ କରାଯାଏ । ଏହି ଉତ୍ସବ ଲୋକଙ୍କୁ ଆରାମ କରିବା ଦିଗରେ ପ୍ରୋତ୍ସାହିତ କରିବା ସହ କଳା, ସଙ୍ଗୀତ ଓ ସୃଜନଶୀଳତା ମାଧ୍ୟମରେ ଜୀବନକୁ ପୂର୍ଣ୍ଣ ଭାବେ ଉପଭୋଗ କରିବାର ସୁଯୋଗ ପ୍ରଦାନ କରିଥାଏ । ଏହାର ଆରମ୍ଭ ୧୯୮୦ ମସିହାରେ ହୋଇଥିଲା । ସେସମୟରେ ସହରର ଲୋକଙ୍କ ପାଇଁ ସାଂସ୍କୃତିକ ଏବଂ ମନୋରଞ୍ଜନର ଅବସର ବହୁତ କମ୍ ଥିଲା । ତେଣୁ ୧୯୮୫ ମସିହାରେ ସ୍ଥାନୀୟ ନେତା କାର୍ଲୋସ ମାରିଓ ମୋଣ୍ଟୋୟା ଏବଂ ଲିବାର୍ଦୋ ରେଷ୍ଟ୍ରେପୋ ଏଭଳି ଏକ ଦିବସର ପରିକଳ୍ପନା କରିଥିଲେ । ଧୀରେ ଧୀରେ ଏହି ଉତ୍ସବ ସହରର ସାଂସ୍କୃତିକ ପରିଚୟ ପାଲଟିଗଲା । ଲୋକେ ଏହିଦିନ ତକିଆ, ଝୁଲି, ଖଟ ଓ ପାଇଜାମା ଆଦି ନେଇ ରାଜରାସ୍ତାକୁ ଓହ୍ଲାଇଥାନ୍ତି । ପୂରା ସହର ଏକ ବଡ଼ ମଞ୍ଚରେ ପରିଣତ ହୋଇଥାଏ । ଏହାସହ ସହରର ପ୍ରତିଟି ସ୍ଥାନରେ ସଙ୍ଗୀତ, ନୃତ୍ୟଭିତ୍ତିକ ମନୋରଞ୍ଜନ କାର୍ଯ୍ୟକ୍ରମ ଚାଲିଥାଏ । ଲୋକେ ରାସ୍ତା ଉପରେ ଖଟ ଓ ବିଛଣା ପକାଇ ଶୋଇଥାନ୍ତି । କେହି କେହି ରାସ୍ତା ଉପରେ ତମ୍ବୁ ପକାଇ ତାକୁ ଘର ଭଳି ସଜାଇ ଶୋଇଥିବାର ମଧ୍ୟ ଦେଖାଯାଏ । ସକାଳ ୯ଟାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଏହି ଉତ୍ସବ ଚାଲେ । ଏହି ଉତ୍ସବରେ ଲାଇଭ୍ କନସର୍ଟ, କଳା ପ୍ରଦର୍ଶନୀ, ବିୟର୍ ଫେଷ୍ଟିଭାଲ, କ୍ଲାସିକ୍ କାର୍ ପରେଡ୍ ଏବଂ ଲେଜିନେସ୍ ବା ଅଳସୁଆ ପ୍ୟାରେଡ୍ ମଧ୍ୟ ହୋଇଥାଏ । ପ୍ରାୟ ଦୁଇ କିଲୋମିଟର ଲମ୍ବା ରାସ୍ତାରେ ହଜାର ହଜାର ଲୋକ ସାମିଲ ହୋଇଥାନ୍ତି । ସମୟ ସହିତ ଏହି ଆୟୋଜନ କେବଳ ଆଉ ଏକ ଉତ୍ସବ ହୋଇ ରହି ନାହିଁ, ଏହା ଏକ ଅମୂଲ୍ୟ ସାଂସ୍କୃତିକ ଐତିହ୍ୟରେ ପରିଣତ ହୋଇଛି । ଏହି ଉତ୍ସବ ପ୍ରତିବର୍ଷ ଅଗଷ୍ଟ ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଏ । ୨୦୧୨ ମସିହାରେ ଏହାକୁ ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ମିଳିଥିଲା ।



# ରେସ୍ତୋରାଁର ନିଆରା ଅଫର୍
## ୫୦ ପଇସାରେ ମଧ୍ୟାହ୍ନ ଭୋଜନ



ସାଧାରଣତଃ ରେସ୍ତୋରାଁରେ ବିଭିନ୍ନ ଖାଦ୍ୟପଦାର୍ଥର ଦାମ୍ ଖୁବ୍ ମହଙ୍ଗା ହୋଇଥାଏ । ଏହି କ୍ରମରେ ମୁମ୍ବାଇର ଗୋରେଗାଓଁରେ ଥିବା ଉଡିପି ବିହାର ରେସ୍ତୋରାଁ ଏକ ନିଆରା ଅଫର୍ ଲାଗି ଚର୍ଚ୍ଚା ସାଉଁଟୁଛି । ଲୋକଙ୍କୁ ବହୁତ କମ୍ ଦାମ୍‌ରେ ମିଲ୍ ଯୋଗାଇ ଏହା ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି । ଏହି ରେସ୍ତୋରାଁଟି ଭଙ୍ଗା ହେବା ପୂର୍ବରୁ ସେ ଲୋକଙ୍କୁ ୧୯୭୨ ମସିହାରେ ଖାଦ୍ୟର ଦାମ୍ ଯାହା ଥିଲା, ସେହି ମୂଲ୍ୟରେ ପରଷିଛି । ଏହି ଅଫର୍ ଦିନକ (ଅଗଷ୍ଟ ୧୮) ପାଇଁ ଉଦ୍ଦିଷ୍ଟ ଥିଲା । ଏହାର ଲାଭ ଉଠାଇବା ପାଇଁ ରେସ୍ତୋରାଁ ବାହାରେ ପ୍ରବଳ ଭିଡ଼ ଜମିଥିଲା । ତେବେ ଏକ ନୂଆ ବିଲ୍ଡିଂ ଲାଗି ଏହି ରେସ୍ତୋରାଁକୁ ଭଙ୍ଗା ଯାଉଛି । ରେସ୍ତୋରାଁଟି ଶେଷ ଦିନରେ ଗ୍ରାହକଙ୍କୁ ଏହି ଉପାୟରେ ଖାଦ୍ୟର ସ୍ୱାଦ ଚଖାଇବାକୁ ଚାହିଁଛି । ବିଦାୟକାଳୀନ ସ୍ମୃତିରେ ଉକ୍ତ ରେସ୍ତୋରାଁ ତା'ର ସମସ୍ତ ସ୍ୱାଦିଷ୍ଟ ତଥା ଲୋକପ୍ରିୟ ଖାଦ୍ୟକୁ ୧୯୭୨ ମସିହାରେ ବିକ୍ରି ହେଉଥିବା ଖାଦ୍ୟ ମୂଲ୍ୟରେ ପରଷିଥିଲା । ପଚାଶ ପଇସାରେ ଲୋକେ ପେଟ ପୂରା ମଧ୍ୟାହ୍ନ ଭୋଜନ କରିଛନ୍ତି । କେବଳ ସେତିକି ନୁହେଁ, ଜିଲାପି, ବରା, ଇଡ୍‌ଲି ୧୨ ପଇସାରେ ଗ୍ରାହକଙ୍କୁ ପରଷା ଯାଇଥିଲା । ସେହିଭଳି ରେସ୍ତୋରାଁର ଶେଷଦିନରେ ଗ୍ରାହକମାନେ ଏହି ଅଫର୍‌ର ସୁଯୋଗ ନେବା ପାଇଁ ବେଶ୍ ଉତ୍ସାହିତ ଥିବାର ଦେଖାଯାଇଥିଲା । ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ଏହାର ଭିଡିଓ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି ।

# ଗୁରୁ



ପ୍ରଣାମ ଘେନ ହେ ଗୁରୁବର
ତୁମ ବିନା ନାହିଁ ମୁକତି ମୋର ।
ଜୀବନ ଆକାଶେ ଧ୍ରୁବ ତାରା ତୁମେ
ଆଲୋକ ଶିଖାଟେ ଅନ୍ଧାରର ।
କୋଟିଏ ସୂରୁଯ ତୁମ ପାଶେ
ମଥା ଅବନତ କରି ବସେ
ତୁମଠୁ ଓଜନ କିଏ ହେବ ଆଉ
ମୋର ଭାବନାରେ ନ ଆସେ ।
ତୁମର ଆଶିଷ ମୋର କାମ୍ୟ
ତୁଣ୍ଡେ ମୋର ଥାଉ ତୁମ ନାମ
ଚଲାପଥେ ମୋର ଆସ ବାରମ୍ବାର
ତୁମ ଚରଣରେ ଚାରିଧାମ ।■

**ପ୍ରଶାନ୍ତ କୁମାର ସାହୁ**

ଚନ୍ଦନ ମଣ୍ଡପ ସାହି, ଇନ୍ଦିପୁର, ଢେଙ୍କାନାଳ
ମୋ- ୯୭୭୭୦୯୦୦୫୬

# ଗୁରୁ ତୁମେ ଚିର ବନ୍ଦନୀୟ



**ନଳିନୀ ଦାଶ**

ଜୟ ଗୁରୁଦେବ ତୁମେ ନିତ୍ୟ ପୂଜନୀୟ
ଜ୍ଞାନରସାଗର କ୍ଷମାଶୀଳ ତ୍ୟାଗମୟ
ନରରୂପୀ ନାରାୟଣ ଚିର ବନ୍ଦନୀୟ
ମହୀମଣ୍ଡଳରେ ଗୁରୁ ଚିର ମହନୀୟ ।
ଶିଷ୍ୟଙ୍କ ପାଇଁ ତୁମେତ ଅଗତିର ଗତି
ସ୍ନେହ ଶ୍ରଦ୍ଧା ଭରି ଜ୍ଞାନ ବାଣ୍ଟି ଦିଅ ଶାନ୍ତି
ଉନ୍ନତି ପଥରେ ସାଜିଥାଅ ମହାଶକ୍ତି
ଆକାଶ ଛୁଅନ୍ତି ଶିଷ୍ୟ କରି ପାଦେ ଭକ୍ତି ।
ଗୁରୁ ବାକ୍ୟ ଶିଷ୍ୟ ପାଇଁ ହୁଏ ବେଦଗାର
ଜ୍ୟୋତିଦେଇ ସେ ହଟାନ୍ତି ଅଜ୍ଞାନ ତିମିର
ଶୁଭଚିନ୍ତକ ଶିକ୍ଷା ଦୀକ୍ଷାର କର୍ଣ୍ଣଧାର
ଗୁରୁ ସର୍ବଶ୍ରେଷ୍ଠ ପୂଜ୍ୟ ଜୀବନ୍ତ ଠାକୁର ।
ଗୁରୁଭକ୍ତି ବଳେ କେତେ ବିଶ୍ୱରେ ସନ୍ତାନ
ଶିକ୍ଷାଲାଭ କରି ହୋଇଛନ୍ତି ମହୀୟାନ
ଯୁଗେଯୁଗେ ଗୁରୁ ହେ ତୁମେ ଚିର ବନ୍ଦନ
ଜିତେ ଶିଷ୍ୟ ପାଦଧୂଳି କରିଲେ ଚନ୍ଦନ ।
ଅକୁଣ୍ଠରେ ଦାନ କର ଜ୍ଞାନର ଭଣ୍ଡାର
ତୁମେତ ମଙ୍ଗଳମୟ କ୍ଷମାର ସାଗର
ତୁମେ ତୀର୍ଥ ପୂଣ୍ୟ ବ୍ରତ ହେ ପରମେଶ୍ୱର
ବିଶ୍ୱରେ ପୂଜିତ ହେ ଗୁରୁ ଚିରଅମର ।■

ଭିକାରିପଡ଼ା, ଶରଣକୁଳ, ନୟାଗଡ଼
ମୋ- ୯୨୩୮୯୯୬୭୪୯



## ସକାଳ ଶିଶୁ କୁଇଜ୍-୧୭୪

(୧) ଦଣ୍ଡ ନୃତ୍ୟ ପାଇଁ ଓଡ଼ିଶାର କେଉଁ ଜିଲ୍ଲା ପ୍ରସିଦ୍ଧ?
ଉତ୍ତର : ____________

(୨) 'ବୃହତ୍ ସଂହିତା' ପୁସ୍ତକର ରଚୟିତାଙ୍କ ନାମ କ'ଣ?
ଉତ୍ତର : ____________

(୩) କାଞ୍ଚନଜଙ୍ଘା ଜାତୀୟ ଉଦ୍ୟାନ ଭାରତର କେଉଁ ରାଜ୍ୟରେ ଅବସ୍ଥିତ?
ଉତ୍ତର : ____________

(୪) ରାଜ୍ୟସଭାରେ କିଏ ଅଧ୍ୟକ୍ଷତା କରନ୍ତି?
ଉତ୍ତର : ____________

(୫) କମ୍ପ୍ୟୁଟରରେ ଡାଟା ପ୍ରୋସେସ୍ କଲାବେଳେ କେଉଁ ଭାଷା ବ୍ୟବହାର କରାଯାଏ?
ଉତ୍ତର : ____________

ଗତ ସପ୍ତାହର କୁଇଜ୍ ବିଜେତା
- ରେୟାଂଶୀ କାନୁନ୍‌ଗୋ, ଭୁବନେଶ୍ୱର
- ଦୀପୁ ନାୟକ, ଟାଙ୍ଗି, ଖୋର୍ଦ୍ଧା
- ସୁଜିତ୍ କୁମାର ରାଉତ,ସୋର, ବାଲେଶ୍ୱର

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

# ସୁମନ

## ଚୁପ୍ ! ସେଇଠି ରହ






**ଶିବ ପ୍ରସାଦ ରାଉତ**

ଥରେ ଦଳେ ବିଲୁଆ ତୁଳସୀ ବଣ ଜଙ୍ଗଲରୁ କେଉଁ ଏକ ନିରାପଦ ଜଙ୍ଗଲକୁ ଚାଲିଯିବାର ଯୋଜନା କରୁଥାନ୍ତି । କାରଣ ତୁଳସୀ ବଣ ଜଙ୍ଗଲରେ କୋଦାଳକ ନାମକ ଏକ ଭୟଙ୍କର ସିଂହ ଥିଲା । କୋଦାଳକ ଅତ୍ୟନ୍ତ ରାଗୀ ଓ ଜିଦ୍‌ଖୋର ଥିଲା । ଦିନରାତି ଜଙ୍ଗଲ ସାରା ବୁଲିବୁଲି ଅନେକ ଜୀବଜନ୍ତୁଙ୍କୁ ମାରି ଖାଉଥିଲା । ସେ ଜଙ୍ଗଲରେ ଦୁଇଶହ ବିଲୁଆ ଥିଲେ । ଏହି ଆଠଟାଙ୍କୁ ଛାଡ଼ି ଆଉ ସମସ୍ତଙ୍କୁ କୋଦାଳକ ମାରି ଖାଇ ସାରିଥିଲା । ତେଣୁ ଏଠାରୁ ଚାଲିଗଲେ ବିଲୁଆମାନେ ବଞ୍ଚି ରହିପାରିବେ ବୋଲି ଭାବୁଥାନ୍ତି । ଏକଦା ବିଲୁଆମାନେ ତୁଳସୀ ବଣର ଦକ୍ଷିଣକୁ ଥିବା ସୁଉଚ୍ଚ ପାହାଡ଼ଟା ଡେଇଁ ଅନ୍ୟପଟକୁ ପାରି ହୋଇ ଯିବାକୁ ବସିଥିବାବେଳେ ହଠାତ୍ କୋଦାଳକ ନଜରକୁ ଆସିଗଲେ । ବିଲୁଆମାନେ ଭାବିଲେ ଆଜି ସମସ୍ତଙ୍କର କାଳ ପୂରିଗଲା ସେହି ଆଠ ଜଣିଆ ବିଲୁଆ ଦଳର ଦଳପତି ଚିରାଳ ସମସ୍ତଙ୍କୁ ଚୁପ୍ ଚୁପ୍ କହିଲା -"ଭାଇମାନେ କୋଦାଳକ ତ ଆସୁଛି । ଆମର ଆଉ ବଞ୍ଚିବାର ଉପାୟ ନାହିଁ । ତଥାପି ମୁଁ ଯାହା କହୁଛି, ତୁମେ ତାହା କର । ବର୍ତ୍ତମାନ ସମସ୍ତେ ଧାଡ଼ିରେ ଛିଡ଼ା ହୋଇଯାଅ ଓ ପ୍ରଥମେ ମରିବାକୁ ସମସ୍ତେ ମିଥ୍ୟାରେ କଳି କର ।" ସିଂହ କୋଦାଳକ ଭୟଙ୍କର ଗର୍ଜନ କରି ତାଙ୍କ ଆଗକୁ ଦୌଡ଼ି ଆସି ବାଟ ଓଗାଳି ଛିଡ଼ା ହେଲା । ହେଲେ ସିଂହ ଆଶ୍ଚର୍ଯ୍ୟ ହେଲା ଯେ ତା'ର ଗର୍ଜନ ଶୁଣି, ତାକୁ ଦେଖି ବିଲୁଆମାନେ ପଳେଇ ଯାଉନାହାନ୍ତି କି ଡରୁନାହାନ୍ତି । ଓଲଟି ପରସ୍ପର ମଧ୍ୟରେ କଳି କରୁଛନ୍ତି । କୋଦାଳକ ତାଙ୍କୁ ମାରିବା ପରିବର୍ତ୍ତେ ଘଟଣା କ'ଣ ଜାଣିବାକୁ ଚେଷ୍ଟାକଲା । ବିଲୁଆଙ୍କ ଦଳପତି ଚିରାଳ କହିଲା, "ମହାରାଜ ମୁଁ ଏମାନଙ୍କର ଦଳପତି । ଏମାନେ ମୋ କଥା ମାନୁ ନାହାନ୍ତି । ଏଇ କିଛି ସମୟ ପୂର୍ବରୁ ଆକାଶବାଣୀ ହେଲା ଯେ, ଯିଏ ଏହି ତୁଳସୀ ବଣରେ ପ୍ରଥମେ ମରିବ ସେ ସଙ୍ଗେସଙ୍ଗେ ମଣିଷ ଜନ୍ମ ହୋଇ ବିରାଟ ଦେଶର ରାଜା ହେବ । ଏଣୁ ମୁଁ ଏମାନଙ୍କର ଦଳପତି ଭାବରେ ପ୍ରଥମେ ମରିବାକୁ ଚାହିଁଲି ଯେ ଏମାନେ ମୋତେ ପ୍ରଥମେ ମରିବାକୁ ନ ଦେଇ ନିଜେ ମରିବାକୁ ଚାହୁଁଛନ୍ତି । ଆପଣ ତ ଆମ ପଶୁରାଜ କୁହନ୍ତୁ ତ ମୁଁ ମଣିଷ ହୋଇ ଏ ବିରାଟ ଦେଶର ରାଜା ହେବାର ସୌଭାଗ୍ୟ ପ୍ରାପ୍ତହେବା ଉଚିତ୍ କି ନୁହେଁ !" ଚିରାଳ ପୁଣି କହିଲା, "ମହାରାଜ, ମୁଁ ଏମାନଙ୍କୁ ବୁଝାଇଲା ପରେ ବି ସେମାନେ କହୁଛନ୍ତି, ଆମେ ସମସ୍ତେ ଧାଡ଼ିରେ ଛିଡ଼ା ହେବୁ ଏବଂ ଏକସଙ୍ଗରେ ଦୌଡ଼ ଆରମ୍ଭ କରିବୁ ।

ଆମ ଆଗରେ ଏ ପାହାଡ଼ରୁ ଯେଉଁ ଝରଣା ବହିଯାଉଛି, ତା'ର ଠିକ୍ ତଳେ ଗୋଟିଏ ଭୟଙ୍କର ପ୍ରପାତ ଅଛି । ଯିଏ ଦୌଡ଼ରେ ଆଗୁଆ ହେବ ସେ ସେହି ପ୍ରପାତକୁ ଡେଇଁ ମଣିଷ ରାଜା ହୋଇ ଦେଶ ପାଳନ କରିବ ।" ଚିରାଳ ପୁଣି କୋଦାଳକକୁ ଅନୁରୋଧ କଲା ଯେ, "ହେ ! ମହାରାଜ ଆପଣ ମୋତେ ପ୍ରଥମେ ଏଇଠି ମାରିଦିଅନ୍ତୁ ,ମୁଁ ଟିକେ ଶୂନ୍ୟବାଣୀ ଅନୁଯାୟୀ ରାଜା ହେବି ।" ଚିରାଳ ମୁହଁରୁ କଥା ଛଡ଼ାଇ କୋଦାଳକ କହିଲା,' ଚୁପ୍ ! ତୋର ତ ଭାରି ସାହାସ । ତୁ ହେବୁ ମଣିଷ ରାଜା । ଆଉ ମୁଁ ସବୁବେଳେ ଏଇ ପଶୁରାଜ ହେଇ ରହିଥିବି । ତେଣୁ ତୁମେମାନେ ସେଇଠି ସେମିତି ଧାଡ଼ିରେ ଛିଡ଼ା ହୁଅ । ମୁଁ ପ୍ରପାତକୁ ଡେଇଁ ଏ ଦେଶର ରାଜା ହେଉଛି । ବାସ୍ । ଅପରିଣାମଦର୍ଶୀ କୋଦାଳକ, ଚିରାଳର ଚତୁରତା ଠଉରେଇ ପାରିଲା ନାହିଁ । ତା'ର ମୃତ୍ୟୁରେ ତୁଳସୀବଣ ଅରଣ୍ୟ ଶାନ୍ତିରେ ନିଃଶ୍ୱାସ ମାରିଲା ।■

ବଚ୍ଛଦା, ବାସୁଦେବପୁର, ଭଦ୍ରକ
ମୋ- ୯୪୩୭୭୯୬୭୨୧

## ଆଜିର ଚିତ୍ର






**ସନ୍ଦୀପ୍ତା ଦିବ୍ୟାରାଣୀ**
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର






**ସାଇ ସମୀକ୍ଷା ସ୍ୱାଇଁ**
ସପ୍ତମ ଶ୍ରେଣୀ
ନାରାୟଣ ସ୍କୁଲ
କଟକ





**ଅଂଶୁମାନ ସାହୁ**
ଅଷ୍ଟମ ଶ୍ରେଣୀ
ଓଡିଶା ଆଦର୍ଶ ବିଦ୍ୟାଳୟ
ଅଙ୍କରାନ୍ତିପୁର , ଢେଙ୍କାନାଳ





**ଅନ୍ୱେଷା ବଳ**
ତୃତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





**ସ୍ୱୟଂଶ୍ରୀ ମହାନ୍ତି**
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା

**ଦୁଲୀପ୍ ଟ୍ରଫିରେ ଦାରଙ୍କ ହ୍ୟାଟ୍ରିକ୍**

# ଉତ୍ତରାଞ୍ଚଳ ଇନିଂସ ଅଗ୍ରଣୀ



ବେଙ୍ଗାଲୁରୁ,୨୯।୮ (ଏଜେନ୍ସି): ଜମ୍ମୁ-କଶ୍ମୀର ମିଡିୟମ୍ ପେସ୍ ବୋଲର ଆକ୍ବିବ ନବି ଦାରଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ଏଠାରେ ପୂର୍ବାଞ୍ଚଳ ସହ ଚାଲିଥିବା ଦୁଲୀପ୍ ଟ୍ରଫି କ୍ୱାର୍ଟର ଫାଇନାଲରେ ଉତ୍ତରାଞ୍ଚଳ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ରେ ୱିକେଟରକ୍ଷକ କହ୍ନେୟା ୱାଧାୱାନ୍‌ଙ୍କ ୭୬ ଓ ଆୟୁଷ ବଦୋନିଙ୍କ ୬୩ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଉତ୍ତରାଞ୍ଚଳ ପ୍ରଥମ ଇନିଂସରେ ୪୦୫ ରନ୍ କରିଥିଲା। ପୂର୍ବାଞ୍ଚଳ ପକ୍ଷରୁ ଖେଳୁଥିବା ଝାଡଖଣ୍ଡ ବାମହାତୀ ସ୍ପିନର ମନିଷ ସର୍ବାଧିକ ୬ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ନବିଙ୍କ ଘାତକ ବୋଲିଂ ବଳରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ପୂର୍ବାଞ୍ଚଳ ମାତ୍ର ୨୩୦ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ବିରାଟ ସିଂ ସର୍ବାଧିକ ୬୯, କାମଚଳା ଅଧିନାୟକ ରିୟାନ ପରାଗ ୩୯, ଉତ୍କର୍ଷ ସିଂ ୩୮ ଓ ୱିକେଟରକ୍ଷକ କୁମାର କୁଶାଗ୍ର ୨୯ ରନ୍ କରିଥିଲେ। ଉତ୍ତରାଞ୍ଚଳ ପକ୍ଷରୁ ଦାର ମାତ୍ର ୧୦.୧ ଓଭର ବୋଲିଂ କରି ୨୮ ରନ୍‌ରେ ସର୍ବାଧିକ ୫ଟି ୱିକେଟ ପାଇଥିଲେ। ଦୁଲୀପ୍ ଟ୍ରଫିରେ ୩ୟ ବୋଲର ଭାବେ ଦାର୍ ହ୍ୟାଟ୍ରିକ ଅର୍ଜନ କରିଛନ୍ତି।

## ଡାନିସ ମାଲେୱରଙ୍କ ଦ୍ୱିଶତକ

ଏଠାରେ ଚାଲିଥିବା ଉତ୍ତର-ପୂର୍ବାଞ୍ଚଳ ବିପକ୍ଷ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ କେନ୍ଦ୍ରାଞ୍ଚଳର ଡାନିସ ମାଲେୱର ଦ୍ୱିଶତକ ହାସଲ କରିଛନ୍ତି। ସେ ୨୦୩, ଅଧିନାୟକ ରଜତ ପାଟିଦାର ୧୨୫ ଓ ୟଶ୍ ରାଠୋଡଙ୍କ ଅପରାଜିତ ୮୭ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦ୍ରାଞ୍ଚଳ ୪ ୱିକେଟରେ ୫୩୨ ରନ୍ କରି ପ୍ରଥମ ଇନିଂସ ଘୋଷଣା କରିଥିଲା। ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ଉତ୍ତର-ପୂର୍ବାଞ୍ଚଳ ପ୍ରଥମ ଇନିଂସରେ ୭ ୱିକେଟ ହରାଇ ୧୬୮ ରନ୍ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ଅଙ୍କୁର ମଲିକ ୩୧ ଓ ପାଲଜୋର ତାମଙ୍ଗ ୩ ରନ୍‌ରେ ବ୍ୟାଟିଂ କରୁଥିଲେ। ଓପନର କାମାଜିତ୍ ୟୁମନାମ ସର୍ବାଧିକ ୪୮, ଆଶିଷ ଥାପ୍ପା ୩୫ ରନ୍‌ର ଉଲ୍ଲେଖନୀୟ ସ୍କୋର କରିଥିଲେ। କେନ୍ଦ୍ରାଞ୍ଚଳ ପକ୍ଷରୁ ଆଦିତ୍ୟ ଠାକ୍‌ରେ ୩ଟି ଓ ହର୍ଷ ଦୁବେ ୨ଟି ୱିକେଟ ଅକ୍ତିଆର କରିଥିଲେ।

# ୧୩ରେ ରୋହିତଙ୍କ ଫିଟ୍‌ନେସ୍ ପରୀକ୍ଷା

ମୁମ୍ବଇ,୨୯।୮ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ରୋହିତ ଶର୍ମାଙ୍କର ଫିଟନେସ୍ ଟେଷ୍ଟ ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ସେପ୍ଟେମ୍ବର ୧୩ରେ ହେବ। ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ପୂର୍ବରୁ ସେ ଓ ବିରାଟ କୋହଲି ଦଳକୁ ଫେରିବେ ବୋଲି ଆଶା କରାଯାଉଛି। ଏଣୁ ୧୩ରେ ତାଙ୍କର ନିୟମିତ ହେଉଥିବା ୟୋ ୟୋ ଏବଂ ଏବେ ବ୍ରୋଙ୍କୋ ଟେଷ୍ଟ ଦେବେ ବୋଲି ଜଣାଯାଇଛି। ଉଭୟ ଖେଳାଳି ଅଷ୍ଟ୍ରେଲିଆ-ଏ' ସହ କାନପୁରର ଗ୍ରୀନ୍ ପାର୍କ ଷ୍ଟାଡିୟମ୍‌ରେ ସେପ୍ଟେମ୍ବର ୩୦, ଅକ୍ଟୋବର ୩ ଓ ୫ରେ ଖେଳାଯିବାକୁ ଥିବା ଦିନିକିଆ ମ୍ୟାଚ୍‌ରେ ଖେଳିବେ। ଏହା ପରେ ଅଷ୍ଟ୍ରେଲିଆ ସିନିୟର ଦଳ ସହ ଭାରତ ସୀମିତ ଓଭର ସିରିଜ୍ ଖେଳିବାକୁ ଯିବ। ଏହା ପୂର୍ବରୁ ଦୁଇ ବରିଷ୍ଠ ଖେଳାଳିଙ୍କୁ ଫିଟ୍ କରାଇବା ଏବଂ ଅଭ୍ୟାସ କରିବାକୁ ପର୍ଯ୍ୟାପ୍ତ ସୁଯୋଗ ଦେବାକୁ ଏଭଳି ନିଷ୍ପତ୍ତି ହୋଇଛି। ଅକ୍ଟୋବରରେ ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଓ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।

# ଶୁକ୍ଲା ବିସିସିଆଇର କାମଚଳା ସଭାପତି

ମୁମ୍ବଇ,୨୯।୮ (ଏଜେନ୍ସି): ବରିଷ୍ଠ ଉପସଭାପତି ରାଜୀବ ଶୁକ୍ଲାଙ୍କୁ ବିସିସିଆଇର କାମଚଳା ସଭାପତି ଭାବେ ନିଯୁକ୍ତ କରାଯାଇଛି। ବର୍ତ୍ତମାନର କ୍ରୀଡ଼ା ନିୟମ ଅନୁଯାୟୀ ସଭାପତି ଥିବା ରୋଜର ବିନ୍ନିଙ୍କୁ ୭୦ ବର୍ଷ ପୁରିଯିବାରୁ ସଭାପତି ପଦ ଛାଡ଼ିବାକୁ ବାଧ ହୋଇଛନ୍ତି। ଶୁକ୍ଲା ଏହି ପଦରେ ବିସିସିଆଇର ପରବର୍ତ୍ତୀ ନିର୍ବାଚନ ଯାଏ ବା ଆସନ୍ତା ସେପ୍ଟେମ୍ବର ମାସଯାଏ ରହିପାରିବେ। ଏବେ ସରକାର ଆଣିଥିବା କ୍ରୀଡ଼ାନୀତି ଅନୁଯାୟୀ ବିନ୍ନିଙ୍କୁ ୭୦ ବର୍ଷ ପୁରିଯାଇଥିଲେ ମଧ୍ୟ ସଭାପତି ହୋଇପାରିବେ। କିନ୍ତୁ ନିର୍ବାଚନ ବେଳକୁ ନୂଆ କ୍ରୀଡ଼ାନୀତି ପ୍ରଣୟନ ହୋଇଥିବା ଆବଶ୍ୟକ।

**ଏସିଆ କପ୍ ପୁରୁଷ ହକି**

# ଚୀନ୍‌କୁ ହରାଇ ଭାରତ ବିଜୟୀ

ରାଜଗିର,୨୯।୮ (ଏଜେନ୍ସି)

ଅଧିନାୟକ ତଥା ଡ୍ରାଗ୍ ଫ୍ଲିକର ହରମନପ୍ରୀତ୍ ସିଂହଙ୍କ ହ୍ୟାଟ୍ରିକ ଗୋଲ ବଳରେ ଜାତୀୟ କ୍ରୀଡ଼ା ଦିବସରେ ଆରମ୍ଭ ହୋଇଥିବା ଏସିଆ କପ୍ ହକିରେ ଚୀନ୍‌କୁ ୪-୩ ଗୋଲରେ ପରାସ୍ତ କରି ଭାରତ ବିଜୟ ଅଭିଯାନ ଆରମ୍ଭ କରିଛି। ବିହାର ସ୍ପୋର୍ଟ୍ସ ୟୁନିଭର୍ସିଟି ହକି ଷ୍ଟାଡିୟମ୍‌ରେ ଶୁକ୍ରବାର ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ହରମନପ୍ରୀତ୍ ୩ଟି ଗୋଲ ଦେଇଥିଲେ। ଅନ୍ୟ ଗୋଲଟି ଜୁଗରାଜ ସିଂହଙ୍କ ଷ୍ଟିକ୍‌ରୁ ଆସିଥିଲା। ଚୀନ୍ ପକ୍ଷରୁ ଶେଷ ମୁହୂର୍ତ୍ତରେ ଲଢୁଆ ପ୍ରତ୍ୟାବର୍ତ୍ତନ ହୋଇଥିଲେ ମଧ୍ୟ ଭାରତର ରକ୍ଷଣଭାଗ ଶେଷ ପର୍ଯ୍ୟନ୍ତ ଆଉ ଗୋଲ ହେବାକୁ ଦେଇ ନ ଥିଲେ। ଭାରତ ତାହାର ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲି ଅପରାହ୍ଣରେ ଜାପାନ ସହ ଖେଳିବ। ଶୁକ୍ରବାର ଖେଳାଯାଇଥିବା ଅନ୍ୟ ୩ଟି ମ୍ୟାଚ୍‌ରେ ଜାପାନ ୭-୦ ଗୋଲରେ କାଜାଖସ୍ଥାନକୁ, ମାଲେସିଆ ୪-୧ ଗୋଲରେ ବାଂଲାଦେଶକୁ ଓ ଦକ୍ଷିଣ କୋରିଆ ୭-୦ ଗୋଲରେ ଚାଇନିଜ୍ ତାଇପେଇକୁ ପରାସ୍ତ କରି ପୂରା ପଏଣ୍ଟ ହାସଲ କରିଛି। ଦକ୍ଷିଣ କୋରିଆର ସନ ଡା-ଇନ୍ ହ୍ୟାଟ୍ରିକ ଗୋଲ ସ୍କୋର କରିଛନ୍ତି।

ଅନ୍ତର୍ଜାତୀୟସ୍ତରରେ ପ୍ରଭାବ ବିସ୍ତାର କରି ନ ଥିଲେ ମଧ୍ୟ ଭାରତ ବିପକ୍ଷରେ ସର୍ବଦା ଲଢୁଆ ଖେଳିଛି ଚୀନ୍। ତାହାର ଏକ ଉଦାହରଣ ଏଠାରେ ଆଜି ଆରମ୍ଭ ହୋଇଥିବା ଏସିଆ କପ୍‌ରେ ଦେଖିବାକୁ ମିଳିଛି। ଭାରତର ରକ୍ଷଣଭାଗ ଦୁର୍ବଳତାର ସୁଯୋଗ ନେଇ ଚୀନ୍‌ର ଅଗ୍ରଭାଗ ଖେଳାଳିମାନେ ବାରମ୍ବାର ଆକ୍ରମଣ କରି ଘରୋଇ ଦଳକୁ ଅସ୍ତବ୍ୟସ୍ତ କରିପକାଇଥିଲେ। ଯାହା ଫଳରେ ଖେଳର ୧୨ତମ ମିନିଟ୍‌ରେ ଡୁ ସିଆଓ ପେନାଲ୍ଟି କର୍ଣ୍ଣରରୁ ପ୍ରଥମ ଗୋଲଟି ସ୍କୋର କରିଥିଲେ। ଏହି ଗୋଲ ଖାଇବା ପରେ ଭାରତୀୟ ଶିବିରରେ ଛନକା ପଶିଥିଲା ଓ ୧୮ତମ ମିନିଟ୍‌ରେ ଭାରତ ପାଇଥିବା ପେନାଲ୍ଟି କର୍ଣ୍ଣରରୁ ଗୋଲ ଦେଇ ଖେଳକୁ ୧-୧ରେ ସମାନ ସ୍ଥିତିକୁ ନେଇଯାଇଥିଲେ। ଏହା ପରେ ଦୁଇଟି ପେନାଲଟି କର୍ଣ୍ଣରରୁ ହରମନପ୍ରୀତ୍ ସିଂହ ଦୁଇଟି ଗୋଲ ଦେବା ପରେ ଭାରତ ୩-୧ରେ ଆଗୁଆ ରହିଥିଲା। ପ୍ରଥମାର୍ଦ୍ଧ ଖେଳ ଶେଷବେଳକୁ ଚୀନ ପାଇଥିବା ପେନାଲ୍ଟି କର୍ଣ୍ଣରରୁ ଚେନ୍ ବି ଗୋଲ ଦେଇ ଗୋଲ ବ୍ୟବଧାନକୁ ୩-୨କୁ କମାଇ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଚୀନ୍ ଦଳ ଅଧିକ ଆକ୍ରମଣାତ୍ମକ ହୋଇ ଖେଳିଥିଲା। ଯାହା ଫଳରେ ପୁଣି ଏକ ପେନାଲ୍ଟି କର୍ଣ୍ଣରରୁ ଗାଓ ଜିଶେଙ୍ଗ ଗୋଲ ଦେଇ ଖେଳକୁ ୩-୩ରେ ସମାନ ସ୍ତରକୁ ନେଇଆସିଥିଲେ। ଏହି ସମୟରେ ଭାରତ ମଧ୍ୟ ଗୋଲ ଶୁଝାଇବାକୁ ପ୍ରବଳ ଉଦ୍ୟମ କରିଥିଲେ ମଧ୍ୟ ତୃତୀୟ କ୍ୱାର୍ଟରରେ ସମର୍ଥ ହୋଇ ନ ଥିଲା। ଚତୁର୍ଥ ତଥା ଶେଷ କ୍ୱାର୍ଟରରେ ଚୀନ୍ ରକ୍ଷଣଭାଗର ଏକ ଫାଉଲକୁ ଭାରତକୁ ମିଳିଥିଲା ପେନାଲ୍ଟି କର୍ଣ୍ଣର। ଅଧିନାୟକ ହରମନପ୍ରୀତ୍ ଏହାକୁ ଗୋଲରେ ପରିଣତ କରି ଭାରତକୁ ୪-୩ରେ ଆଗୁଆ କରିଥିଲେ। ଚୀନ୍‌ର ପ୍ରବଳ ଆକ୍ରମଣ ଓ ପେନାଲ୍‌ଟି କର୍ଣ୍ଣରକୁ ପ୍ରତିହତ କରିଥିଲେ ଭାରତୀୟ ଖେଳାଳି। ଏହି ସମୟରେ ବିପଜ୍ଜନକ ଖେଳ ଲାଗି ଜରମନପ୍ରୀତ୍ ସିଂହଙ୍କୁ ହଳଦିଆ କାର୍ଡ ମିଳିଥିଲା। ଏସବୁକୁ ମୁକାବିଲା କରି ଭାରତ ଏହି ମ୍ୟାଚ୍‌କୁ ୪-୩ ଗୋଲରେ ଜିତିନେଇଥିଲା। ଏହି ମ୍ୟାଚ୍‌ରେ ସମସ୍ତ ଗୋଲ ପେନାଲ୍ଟି କର୍ଣ୍ଣରରୁ ସ୍କୋର ହୋଇଥିଲା। ଏହି ଗ୍ରୁପ୍‌ର ଅନ୍ୟ ଏକ ମ୍ୟାଚରେ ଜାପାନ ୭-୦ ଗୋଲରେ କାଜାଖସ୍ଥାନକୁ ସହଜରେ ହରାଇଥିଲା।



**ସନ୍‌ଙ୍କ ହ୍ୟାଟ୍ରିକ, କୋରିଆର ଜିତ୍**

ସକାଳେ ଖେଳାଯାଇଥିବା ଗ୍ରୁପ୍-ବି'ର ପ୍ରଥମ ମ୍ୟାଚ୍‌ରେ ମାଲେସିଆ ୪-୧ ଗୋଲରେ ବାଂଲାଦେଶକୁ ପରାସ୍ତ କରିଥିଲା। ମାଲେସିଆ ଆଗରେ ପ୍ରତିଦ୍ୱନ୍ଦ୍ୱୀ ଦଳ ତିଷ୍ଠି ପାରି ନ ଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ସନ୍‌ଙ୍କ ହ୍ୟାଟ୍ରିକ ଯୋଗୁ ଦକ୍ଷିଣ କୋରିଆ ୭-୦ ଗୋଲରେ ଚାଇନିଜ୍ ତାଇପେକୁ ହରାଇଥିଲା। ଦଳ ପକ୍ଷରୁ ୟାଙ୍ଗ୍ ମଧ୍ୟ ୨ଟି ଗୋଲ ସ୍କୋର କରିଥିଲେ।

**ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ**

# ହୃଦାନନ୍ଦଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର,୨୯।୮ (ସମିସ): ଅହମ୍ମଦାବାଦ୍‌ରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ଭାଗନେଇଥିବା ଏକମାତ୍ର ପୁରୁଷ ଓଡ଼ିଆ ପ୍ରତିଯୋଗୀ ହୃଦାନନ୍ଦ ଦାସ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଆଜି ଅନୁଷ୍ଠିତ କନିଷ୍ଠ ୮୮ କେଜି କାଟାଗୋରୀର ସ୍ନାଚ୍‌ରେ ୧୩୯, କ୍ଲିନ୍ ଆଣ୍ଡ ଜର୍କରେ ୧୭୮ ଓ ମୋଟରେ ୩୧୭ କେଜି ଓଜନ ଉଠାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହା ଫଳରେ ଭାରତକୁ ପ୍ରତିନିଧିତ୍ୱ କରୁଥିବା ୬ଜଣ ଓଡ଼ିଆଙ୍କ ମଧ୍ୟରୁ ୫ଜଣ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଢେଙ୍କାନାଳର ଦୁଇ ଭଉଣୀ ପ୍ରୀତିସ୍ମିତା ଓ ବିଦୁସ୍ମିତା ଭୋଇ ସ୍ୱର୍ଣ୍ଣପଦକ, ମିନା ସାନ୍ତା-ଏ' ସ୍ୱର୍ଣ୍ଣପଦକ ଓ ସ୍ନେହା ସୋରେନ୍ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଏହା ଫଳରେ ଓଡ଼ିଆ ଭାରୋତ୍ତୋଳକମାନେ ବିଭିନ୍ନ କାଟାଗୋରୀରେ ୩ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ଭାରତ ଖାତାରେ ଯୋଡିବାରେ ସମର୍ଥ ହୋଇଛନ୍ତି। ଏମାନେ ସମସ୍ତେ ଭାରୋତ୍ତୋଳନ ହାଇ ପରଫର୍ମାନ୍ସ ସେଣ୍ଟରରେ କୋଚ୍ ଗୋପାଳକୃଷ୍ଣ ଦାସଙ୍କ ଠାରୁ ପ୍ରଶିକ୍ଷଣ ନେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଭାରୋତ୍ତୋଳନ ସଂଘର ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।



**ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍**

# ତୃତୀୟ ରାଉଣ୍ଡରେ ସିନ୍ନର, ସ୍ୱିଆଟେକ୍

ନ୍ୟୁୟର୍କ,୨୯।୮ (ଏଜେନ୍ସି): ଏଠାରେ ଚାଲିଥିବା ୟୁଏସ୍ ଓପନ ଟେନିସ ପ୍ରତିଯୋଗିତାର ୫ମ ଦିନ ସୁଦ୍ଧା ସମସ୍ତ ଦ୍ୱିତୀୟ ରାଉଣ୍ଡ ଖେଳ ଶେଷ ହୋଇଛି। ଏହା ପରେ ତୃତୀୟ ରାଉଣ୍ଡରେ ଟପ୍ ସିଡ୍ ଜାନିକ ସିନ୍ନରଙ୍କ ସହ ୨୭ ନମ୍ବର ସିଡ ଡିନିଲ ସାପୋଭାଲୋଭଙ୍କର ମୁକାବିଲା ହେବ। ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ଇଟାଲୀର ସିନ୍ନର ୬-୩, ୬-୨, ୬-୨ରେ ଅଷ୍ଟ୍ରେଲିଆର ଆଲେକ୍ସେଇ ପପିରିନ୍‌ଙ୍କୁ ପରାସ୍ତ କରିଥିଲେ। ଚଳିତବର୍ଷ ଶେଷ ହୋଇଥିବା ସମସ୍ତ ୩ଟି ଯାକ ଗ୍ରାଣ୍ଡସ୍ଲାମ୍ ଫାଇନାଲରେ ପ୍ରବେଶ କରିଥିବା ସିନ୍ନର ଏହାକୁ ମିଶାଇ ୨୩ତମ ବିଜୟ ହାସଲ କରିଛନ୍ତି। ଅଷ୍ଟ୍ରେଲିଆନ ଓପନ ଓ ୱିମ୍ବଲଡନରେ ଚାମ୍ପିଅନ ହୋଇଥିବା ସିନ୍ନର ଫ୍ରେଞ୍ଚ ଓପନ ଫାଇନାଲରେ କାର୍ଲୋସ ଆଲକାରାଜଙ୍କଠାରୁ ପରାଜିତ ହୋଇଥିଲେ। ଏବେ ତୃତୀୟ ରାଉଣ୍ଡରେ ସେ କାନାଡାର ସାପୋଭାଲୋଭଙ୍କୁ ଭେଟିବେ। ସେହିପରି ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇଥିବା ଖେଳାଳିଙ୍କ ମଧ୍ୟରେ ତୃତୀୟ ସିଡ୍ ଆଲେକଜାଣ୍ଡର ଜ୍ୱେରେଭ୍, ଷଷ୍ଠ ସିଡ୍ ବେନ୍ ଶେଲଟନ, ୮ମ ସିଡ୍ ଆଲେକ୍ସ ଡି ମିନାଉର, ୧୦ମ ସିଡ୍ ଲୋରେଞ୍ଜୋ ମୁସେଟୀ, ୧୪ତମ ସିଡ୍ ଟମି ପଲ ଓ ୧୫ତମ ସିଡ୍ ଆନ୍ଦ୍ରେ ରୁବ୍‌ଲେଭ୍ ପ୍ରମୁଖ ବିଜୟ ହାସଲ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କିନ୍ତୁ ୯ମ ସିଡ୍ କାରେନ ଖାଚାନୋଭ୍ ଓ ୫ମ ସିଡ୍ ଜେକ୍ ଡ୍ରେପର ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ତୃତୀୟ ରାଉଣ୍ଡରେ ରୁବଲେଭଙ୍କ ସହ ୨୫ତମ ସିଡ୍ ଫେଲିକ୍ସ ଅଗର-ଆଲିସିଆମେ, ନୋଭାକ ଜୋକୋଭିଚ୍‌ଙ୍କ ସହ କାମେରନ ନୋରୀ, ଫ୍ରିଜ୍‌ଙ୍କ ସହ ଜେରୋମ କିମ୍, ଡି ମିନାଉରଙ୍କ ସହ ଡାନିଏଲ ଅଲଟମାଏର ପ୍ରି-କ୍ୱାର୍ଟର ଫାଇନାଲ ଲାଗି ମୁକାବିଲା କରିବେ।



ଜାନିକ ସିନ୍ନର

## ପେଗୁଲା, ପାଓଲିନ୍ ତୃତୀୟ ରାଉଣ୍ଡରେ

ମହିଳା ବିଭାଗ ଏକକରେ ଦୁଇ ଟପ୍ ସିଡ ଆରିନା ସାବାଲେଙ୍କା ଓ ଇଗା ସ୍ୱିଆଟେକ୍ କିଛିଟା ସଂଘର୍ଷ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତୃତୀୟ ରାଉଣ୍ଡରେ ସାବାଲେଙ୍କାଙ୍କ ସହ ଲିଲା ଫର୍ଣ୍ଣାଣ୍ଡିଜ୍, ଦ୍ୱିତୀୟ ସିଡ ଇଗା ସ୍ୱିଆଟେକଙ୍କ ସହ ଆନ୍ନା କଲିନସ୍କାୟା, ତୃତୀୟ ସିଡ କୋକୋ ଗଫ୍‌ଙ୍କ ସହ ୨୮ ନମ୍ବର ସିଡ୍ ମାଗଡାଲେନା ଫ୍ରେକ୍, ଚତୁର୍ଥ ସିଡ୍ ଜେସିକା ପେଗୁଲାଙ୍କ ସହ ଭେଟେରାନ ଭିକ୍ଟୋରିଆ ଆଜରେଙ୍କାଙ୍କର ମୁକାବିଲା ହେବ। ଅନ୍ୟ ପ୍ରମୁଖ ସିଡେଡ ଖେଳାଳିଙ୍କ ମଧ୍ୟରେ ନାଓମି ଓସାକା, କାରୋଲିନା ମୁଚୋଭା, ୮ମ ସିଡ ଆମାଣ୍ଡେ ଆନିସିମୋଭା, ୧୫ତମ ସିଡ୍ ଡାରିଆ କାସତକିନା, ୭ମ ସିଡ୍ ଜଷ୍ଟିନ୍ ପାଓଲିନ୍, ୯ମ ସିଡ୍ ଏଲେନା ରିବାକିନା ମଧ୍ୟ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ଗତକାଲିଠାରୁ ମହିଳା ଯୁଗଳ ବିଭାଗରେ ଖେଳ ଆରମ୍ଭ ହୋଇଛି। ପ୍ରଥମ ରାଉଣ୍ଡ ଖେଳରେ ଟପ୍ ସିଡ୍ କାଟେରିନା ସିନିଆକୋଭା ଓ ଟେଲର ଟାଉନସେଣ୍ଡ, ଦ୍ୱିତୀୟ ସିଡ୍ ଜସ୍ମିନ ପାଓଲିନ୍ ଓ ସାରା ଏରାନି, ତୃତୀୟ ସିଡ୍ ଗାବ୍ରିଏଲା ଡାବ୍ରୋୱସ୍କି ଓ ଏରିନ୍ ରୁଟଲାଇଫ୍, ଚତୁର୍ଥ ସିଡ୍ ଏଲିସେ ମେର୍ଟେନ୍ସ ଓ ଭେରୋନିକା କୁଦରମେଟୋଭା ପ୍ରଥମ ରାଉଣ୍ଡରେ ସହଜ ବିଜୟ ହାସଲ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଆଜିଠାରୁ ପୁରୁଷ ଯୁଗଳ ବିଭାଗରେ ମ୍ୟାଚ୍ ଖେଳାଯିବ। ଏଥିରେ ଭାରତୀୟ ଯୋଡି ଏନ୍ ବାଲାଜୀ ଓ ଆର୍ ବୋଲିପାଲି, ରୋହନ ବୋପନ୍ନା, ୟୁକି ଭାମ୍ବ୍ରୀ ଓ ଅର୍ଜୁନ ଖାଡେ ସେମାନଙ୍କ ଭାଗ୍ୟ ପରୀକ୍ଷା କରିବେ।



ଇଗା ସ୍ୱିଆଟେକ୍

**ଜାତୀୟ କ୍ରୀଡ଼ା ଦିବସ**

# ଅନିମେଶ, ରାଖାଲଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର

ଭୁବନେଶ୍ୱର, ୨୯।୮ (ସମିସ)

ହକି ଯାଦୁଗର ମେଜର ଧ୍ୟାନ ଚାନ୍ଦଙ୍କ ୧୨୦ତମ ଜନ୍ମ ବାର୍ଷିକୀ ଅବସରରେ ଶୁକ୍ରବାର ସାରା ଦେଶରେ ପାଳିତ ହୋଇଯାଇଛି 'ଜାତୀୟ କ୍ରୀଡ଼ା ଦିବସ'। ଏହି ଅବସରରେ ପ୍ରତିବର୍ଷ ଭଳି ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ରାଜ୍ୟର ସର୍ବଶ୍ରେଷ୍ଠ କ୍ରୀଡ଼ା ସମ୍ମାନ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ ଏକ ଉତ୍ସବରେ ୮ଜଣ ବ୍ୟକ୍ତି ବିଶେଷଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥିଲା। ବର୍ଷ ୨୦୨୪ ଲାଗି କ୍ରୀଡ଼ାର ବିଭିନ୍ନ କ୍ଷେତ୍ରରେ ଏସମସ୍ତେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିଜେତାଙ୍କୁ ସମ୍ମାନିତ କରିଥିଲେ।

ଦେଶର ଦ୍ରୁତତମ ଧାବକ ଅନିମେଶ କୁଜୁରଙ୍କୁ ଉଲ୍ଲେଖନୀୟ ସଫଳତା ଲାଗି ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦକୁ ଟ୍ରଫି ଓ ମାନପତ୍ର ସହ ତାଙ୍କୁ ୩ ଲକ୍ଷ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ଦିଆଯାଇଥିଲା। ଅନିମେଶ ୧୦୦ ଓ ୨୦୦ ମିଟରରେ ଜାତୀୟ ରେକର୍ଡର ଅଧିକାରୀ ରହିଛନ୍ତି। ଗତ ଦୁଇବର୍ଷ ଧରି ସେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଏକାଧିକ ପଦକ ଜିତି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି। ଛତିଶଗଡ଼ର ଏହି ଉଦୀୟମାନ ଧାବକ ବେଶ୍ କିଛି ବର୍ଷ ଧରି କଳିଙ୍ଗ ଷ୍ଟାଡିୟମରେ ପ୍ରଶିକ୍ଷଣ ନେଉଛନ୍ତି। ସେହିଭଳି ବର୍ଷର ଶ୍ରେଷ୍ଠ କନିଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି ସାତ୍ତ୍ୱିକ ସ୍ୱାଇଁ। ଗତ ଜୁନରେ ଅନୁଷ୍ଠିତ ୩୮ତମ ଜାତୀୟ ୯ ବର୍ଷରୁ କମ୍ ଚେସ୍ ଚାମ୍ପିଅନସିପ୍‌ରେ ସାତ୍ତ୍ୱିକ ଚାମ୍ପିଅନ ହୋଇ ଇତିହାସ ରଚିଥିଲେ। ରାଖାଲ କୁମାର ସେଠୀ ବର୍ଷର 'ଶ୍ରେଷ୍ଠ ପାରା କ୍ରୀଡ଼ାବିତ୍' ପୁରସ୍କାର ହାସଲ କରିଥିଲେ।







## ବିଜୟ ଶତପଥୀଙ୍କୁ ଆଜୀବନ ସାଧନା ସମ୍ମାନ

କ୍ରୀଡ଼ା କ୍ଷେତ୍ରରେ ଆଜୀବନ ସାଧନା ଲାଗି ବିଜୟ ଶତପଥୀଙ୍କୁ ପୁରସ୍କୃତ କରାଯାଇଛି। ଅସୁସ୍ଥତା ଯୋଗୁ ତାଙ୍କ ପୁଅ ସୋମନାଥ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। ସେହିଭଳି ବର୍ଷର ଶ୍ରେଷ୍ଠ କ୍ରୀଡ଼ା ପ୍ରଶିକ୍ଷକ ପୁରସ୍କାର ସୁଷମା ନନ୍ଦଙ୍କୁ ମିଳିଥିଲା। ଦୀର୍ଘ ବର୍ଷ ଧରି ସେ କଳିଙ୍ଗ ଷ୍ଟାଡିୟମସ୍ଥିତ ଛାତ୍ରାବାସରେ ଭଲିବଲ୍ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଅପରପକ୍ଷରେ କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଗି 'ପ୍ରମେୟ'ର ବିମଳ କୁମାର ରାଉଳଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ାର ପ୍ରଚାର ଓ ପ୍ରସାର ଲାଗି ପ୍ରଦ୍ୟୁମ୍ନ ମିଶ୍ର ଓ ଶ୍ରେଷ୍ଠ ବୈଷୟିକ କ୍ରୀଡ଼ା ଅଧିକାରୀ ଭାବେ ଡାକ୍ତର ସୁଦୀପ ଶତପଥୀଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନ ଦିଆଯାଇଥିଲା। ପ୍ରଦ୍ୟୁମ୍ନ ବର୍ତ୍ତମାନ ରାଜ୍ୟ ଖୋ ଖୋ ସଭାପତି ଭାବେ କାର୍ଯ୍ୟ କରୁଛନ୍ତି। ଏହାବାଦ୍ ଦୁଇଜଣଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା। କଟକର ଜୀବନ କୁମାର ବେହେରା ଓ ନୟାଗଡ଼ର ଚିତ୍ତରଞ୍ଜନ ପ୍ରଧାନ ଯୁଗ୍ମ ଭାବେ ଏହି ପୁରସ୍କାର ପାଇଥିଲେ।

**ବିମଳ ଶ୍ରେଷ୍ଠ କ୍ରୀଡ଼ା ସାମ୍ବାଦିକ**

# ନିରାଶ କଲେ ନୀରଜ



ଜୁରିଚ, ୨୯।୮ (ଏଜେନ୍ସି): ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତା ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଡାଏମଣ୍ଡ ଲିଗ୍ ଫାଇନାଲ ଗୁରୁବାରଠାରୁ ସୁଇଜରଲାଣ୍ଡର ଜୁରିକରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ହୋଇଥିବା ଇଭେଣ୍ଟ ଗୁଡ଼ିକ ମଧ୍ୟରେ ପୁରୁଷ ଜାଭେଲିନ ଥ୍ରୋ ରହିଥିଲା। ଏଥିରେ ଦୁଇଥରର ଅଲିମ୍ପିକ ପଦକ ବିଜେତା ଭାରତୀୟ ତାରକା ନୀରଜ ଚୋପ୍ରା ନିରାଶ କରିଛନ୍ତି। ଛ' ରାଉଣ୍ଡ ବିଶିଷ୍ଟ ଥ୍ରୋ'ରେ ସେ ୮୫.୦୧ ମିଟର ଥ୍ରୋ ସହ ୨ୟ ସ୍ଥାନରେ ରହିଛନ୍ତି। ନୀରଜ ତାଙ୍କ ଶେଷ ତଥା ୬ଷ୍ଠ ପ୍ରୟାସରେ ଏହି ଦୂରତା ହାସଲ କରିଥିଲେ। ସେ ବାରମ୍ବାର ଫାଉଲ କରିଥିଲେ। ଏଥିରେ ଜର୍ମାନୀର ତାରକା ଥ୍ରୋୟର ଜୁଲିଏନ ୱେବର ୯୧.୫୧ ମିଟର ଜାଭେଲିନ ଫିଙ୍ଗି ପ୍ରଥମ ସ୍ଥାନରେ ରହିବା ସହ ଡାଏମଣ୍ଡ ଟ୍ରଫି ଜିତିଥିଲେ। ତ୍ରିନିଦାଦ ଓ ଟବାଗୋର କେଶି ୱାଲକଟ୍ଟ ୮୪.୯୫ ମିଟର ସହ ତୃତୀୟ ସ୍ଥାନ ହାସଲ କରିଥିଲେ। ଉଲ୍ଲେଖଯୋଗ୍ୟ, ନୀରଜ ଏଠାରେ ୨୦୨୨ରେ ପ୍ରଥମ ସ୍ଥାନରେ ରହି ଡାଏମଣ୍ଡ ଟ୍ରଫି ହାସଲ କରିଥିଲେ।

REQUIREMENT OF VOCATIONAL TRAINERS IN ODISHA
BNSS
**Bhagini Nivedita Shiksha Samiti**

**Bhagini Nivedita Shiksha Samiti, Bhopal** Partner of NSDC, invites application for the role of **Vocational Trainer & Vocational Coordinator on Contractual basis** under **CSS-VHSE Program (NSQF)** in Odisha. **Candidates must be Odisha domicile.**

| Sector & Post | Qualification for Vocational Trainer |
|---|---|
| Apparel (14) | PG in Textile and Clothing or Relevant Area. **With** 1 year work/teaching experience in Textile and Clothing. |
| Beauty & Wellness (12) | Diploma in Cosmetology/Beauty Therapy/ Beauty Culture from a recognized Institution **with** Minimum 1 Year Experience in the profession. |
| Organised Retail (39) | Graduate or Diploma in Retail Management, P.G. Diploma in Marketing with at least 50% marks **with** 1 year work/teaching experience. |
| Tourism & Hospitality (37) | Diploma/Degree in Hotel Management from a recognized Institute /University **with** 5 yrs work/teaching experience in Food and Beverage service including one year as supervisory capacity in a classified Hotel. |
| Power (01) | B. Tech/Diploma in Electrical Engineering from a recognized Institute/University **with** 1-3 year work/teaching experience |

**Qualification for Vocational Coordinator:-** PG (Master's Degree in Related Domain / Rural Development / Management / MSW / Sociology. **With** 3 Year Experience in Skill/Education Sector

**Age Limit:** 18 to 45 Years (Age relaxation to be provided as per Govt. rules)

**Gross salary 20000/- per month for Vocational Trainers and Rs. 30000/- per month for Vocational Coordinator inclusive of all applicable deduction**

**How to apply :- Eligible candidates can submit applications by scanning QR code or given Google Form Link https://forms.gle/PwMBNmRGRK6iffBk9 from 29-08-2025 to 04-09-2025 till 6 PM. Application accepted on link or QR Code only.**
**For Queries call between 11 AM to 05 PM - +917974047935, +919352849238**

Scan QR for Apply

*Short listed candidates will be intimated within short notice for Interview through email. For more information contact above given number.*
**This is not a Govt. Job Management reserve the rights to accept or reject any application.**

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS